# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୩/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 3/2023 Page 16 ₹ 7.00

୪୯ଶ ଭାଗ ୧୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 188 ମୂଲ୍ୟ₹୭/-



DSPL-63

5 | ଓଡ଼ିଶା ସରକାର





# ଭୁବନେଶ୍ୱର

# ସିଙ୍ଗାପୁର • ବ୍ୟାଙ୍କକ୍

## ସିଧାସଳଖ ବିମାନ ସେବା



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

**ଶୁଭାରମ୍ଭ**

୩ ଜୁନ୍ ୨୦୨୩

ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର

OIPR-38001/13/0012/2324

- ଏହି ଆନ୍ତର୍ଜାତୀୟ ବିମାନ ସେବା ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପ୍ରାୟୋଜିତ ।
- ଇଣ୍ଡିଗୋ ଏୟାରଲାଇନ୍ସ ୩ ଜୁନ୍ ୨୦୨୩ରୁ ଭୁବନେଶ୍ୱରରୁ ସିଙ୍ଗାପୁର ଏବଂ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ଆରମ୍ଭ କରିବ ।
- ଓଡ଼ିଶା ସରକାର ମାନ୍ୟବର ପ୍ରଧାନମନ୍ତ୍ରୀ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଙ୍କ ନିକଟରେ ସମସ୍ତ ସହଯୋଗ ପାଇଁ କୃତଜ୍ଞ ।
- ଏହି ସେବା ଓଡ଼ିଶାକୁ ଦକ୍ଷିଣ-ପୂର୍ବ ଏସୀୟ ଦେଶସମୂହ ତଥା ବିଶ୍ୱ ସହିତ ସଂଯୋଗ କରିବ ।
- ପ୍ରାରମ୍ଭିକ ଉପହାର ସ୍ୱରୂପ ଯିବା କିମ୍ବା ଆସିବା ପାଇଁ ଟିକେଟର ମୂଲ୍ୟ ୭ ହଜାର ୫ ଶହ ଟଙ୍କା ଏବଂ ଉଭୟ ଯିବା ଏବଂ ଆସିବା ପାଇଁ ୧୫ ହଜାର ଟଙ୍କା ରଖାଯାଇଛି ।

| | | | | |
|---|---|---|---|---|
| ସିଙ୍ଗାପୁର | ସ୍ଥାନୀୟ ସମୟ :୧୪:୧୦ | ଭୁବନେଶ୍ୱର | ସ୍ଥାନୀୟ ସମୟ :୧୮:୨୦ | ମଙ୍ଗଳବାର |
| ଭୁବନେଶ୍ୱର | ସ୍ଥାନୀୟ ସମୟ :୦୬:୨୫ | ସିଙ୍ଗାପୁର | ସ୍ଥାନୀୟ ସମୟ :୧୦:୩୫ | ଶନିବାର |

| | | | | |
|---|---|---|---|---|
| ବ୍ୟାଙ୍କକ୍ | ସ୍ଥାନୀୟ ସମୟ :୦୫:୩୫ | ଭୁବନେଶ୍ୱର | ସ୍ଥାନୀୟ ସମୟ :୦୮:୨୫ | ମଙ୍ଗଳବାର |
| ଭୁବନେଶ୍ୱର | ସ୍ଥାନୀୟ ସମୟ :୧୬:୫୦ | ବ୍ୟାଙ୍କକ୍ | ସ୍ଥାନୀୟ ସମୟ :୧୯:୪୦ | ଶନିବାର |



ବାଣିଜ୍ୟ ଓ ପରିବହନ ବିଭାଗ IndiGo

## ସଂକ୍ଷେପରେ

### ୟୁକ୍ରେନ୍ ଯୁଦ୍ଧକୁ ବିରୋଧକରି ଭାଟିକାନ୍ ଚର୍ଚ୍ଚରେ ଉଲଗ୍ନ ହେଲେ

**ଭାଟିକାନ୍ ସିଟି, ୨।୬:** ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ବିରୋଧକରି ଗୁରୁବାର ସେଣ୍ଟ ପିଟର୍ସ ବାସିଲିଆରେ ଜଣେ ବ୍ୟକ୍ତି ନିଜ ଦେହରୁ ପୋଷାକ କାଢ଼ିଦେଇଥିଲେ। ସେ ଉଲଗ୍ନ ହୋଇ ଚର୍ଚ୍ଚ ସମ୍ମୁଖରେ ଛିଡ଼ା ହୋଇଥିଲେ। ବ୍ୟକ୍ତି ଜଣକ ନିଜ ନଖରେ ଦେହକୁ ରାମ୍ପୁଡ଼ି କ୍ଷତ ସୃଷ୍ଟି କରିଥିଲେ। ତାଙ୍କ ପଛପଟେ ପେଣ୍ଟିଂରେ ଲେଖାଯାଇଥିଲା, ୟୁକ୍ରେନୀୟ ଶିଶୁମାନଙ୍କୁ ରକ୍ଷାକର। ଭାଟିକାନ୍ ସୁରକ୍ଷା କର୍ମୀମାନେ ତାଙ୍କୁ ଇଟାଲୀୟ ପୋଲିସକୁ ଜିମା ଦେଇଛନ୍ତି। ବ୍ୟକ୍ତିଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ।

### ଅସୁସ୍ଥ ସ୍ତ୍ରୀଙ୍କୁ ଭେଟିବା ଲାଗି ସିସୋଡିଆଙ୍କୁ ଅନୁମତି


ମନୀଷ ସିସୋଡ଼ିଆ

**ନୂଆଦିଲ୍ଲୀ, ୨।୬:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ମନୀଷ ସିସୋଡ଼ିଆଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ୩ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ସେ ତାଙ୍କ ଅସୁସ୍ଥ ସ୍ତ୍ରୀଙ୍କୁ ଘରେ ଭେଟିପାରିବେ। ଏଥିପାଇଁ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଏହି ସମୟ ମଧ୍ୟରେ ସେ ପରିବାର ସଦସ୍ୟଙ୍କ ବ୍ୟତୀତ ଅନ୍ୟ କାହାକୁ ଭେଟିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି। ସେ ଇଣ୍ଟରନେଟ ବ୍ୟବହାର କରିବେ ନାହିଁ କିମ୍ବା ଗଣମାଧ୍ୟମ ସହ କଥା ହେବେ ନାହିଁ। ଶନିବାର ସୁଦ୍ଧା ସ୍ତ୍ରୀଙ୍କ ଅସୁସ୍ଥତା ସମ୍ପର୍କିତ ମେଡିକାଲ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିସୋଡ଼ିଆଙ୍କ ସ୍ତ୍ରୀ ସ୍କେଲରୋସିସ୍ ରୋଗରେ ଆକ୍ରାନ୍ତ, ଯାହା ମସ୍ତିଷ୍କ ଏବଂ କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥାକୁ ଅକାମୀ କରିଦିଏ।

### ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ଆମେରିକା କୋର୍ଟରେ ତାହାଉର ରାଣାଙ୍କ ଆବେଦନ



**ୱାଶିଂଟନ, ୨।୬(ପି.ଟି.):** ୨୬/୧୧ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ପାକିସ୍ତାନୀ ବଂଶୋଦ୍ଭବ କାନାଡୀୟ ତାହାଉର ରାଣା ଭାରତକୁ ପ୍ରତ୍ୟର୍ପଣ ନିର୍ଦ୍ଦେଶ ବିରୋଧରେ ଆମେରିକା କୋର୍ଟରେ ପିଟିଶନ ଦାଏର କରିଛନ୍ତି। ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ଗତ ମାସରେ ଆମେରିକା କାଲିଫର୍ନିଆର ଡିଷ୍ଟ୍ରିକ୍ଟ କୋର୍ଟ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ ଅନୁମୋଦନ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ୬୨ ବର୍ଷୀୟ ରାଣା ଆଟର୍ନିଙ୍କ ଜରିଆରେ ରିଟ୍ ପିଟିଶନ ଦାଏର କରିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ କରାଯିବା ଦ୍ୱାରା ଆମେରିକା-ଭାରତ ପ୍ରତ୍ୟର୍ପଣ ଚୁକ୍ତିନାମାର ଉଲ୍ଲଂଘନ ହେବ ବୋଲି ଆଟର୍ନି ଯୁକ୍ତି ଦର୍ଶାଇଛନ୍ତି।

### ଆମେରିକା ସ୍ପେଲିଂ ବି ଜିତିଲେ ଭାରତୀୟ ବଂଶୋଦ୍ଭବ ଦେବ ଶାହା




**ୱାଶିଂଟନ, ୨।୬:** ଭାରତୀୟ ବଂଶୋଦ୍ଭବ ୧୪ ବର୍ଷୀୟ ଦେବ ଶାହା ଗୁରୁବାର ରାତିରେ ଆମେରିକାର ସମ୍ମାନଜନକ ୨୦୨୨୩ ସ୍କ୍ରିପ୍ସ ନ୍ୟାଶନାଲ ସ୍ପେଲିଂ ବି ଜିତି ୫୦,୦୦୦ ଡଲାର ନଗଦ ରାଶି ପୁରସ୍କାର ପାଇଛନ୍ତି। ୧୧ ଅକ୍ଷର ବିଶିଷ୍ଟ ଶବ୍ଦ 'ସେମୋଫାଇଲ୍'ର ଠିକ୍ ଉଚ୍ଚାରଣ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଫ୍ଲୋରିଡ଼ାର ଏହି ଅଷ୍ଟମ ଶ୍ରେଣୀ ଛାତ୍ର ୨୦୧୯ ଏବଂ ୨୦୨୧ରେ ମଧ୍ୟ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସ୍ପେଲିଂ ବି'ର ଗତ ୨୪ ବର୍ଷର ଇତିହାସରେ ସେ ଦକ୍ଷିଣ ଏସୀୟ ଐତିହ୍ୟ ଥିବା ୨୨ତମ ଚାମ୍ପିୟନ୍। ଭର୍ଜିନିଆର ୧୪ ବର୍ଷୀୟ ଚାର୍ଲୋଟ୍ ୱାଲ୍ସ ଏହି ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଛନ୍ତି।






## ଚାଇନାର ଶେଷ ସମ୍ରାଟଙ୍କ ଘଣ୍ଟା ୬ ନିୟୁତ ଡଲାର

**ହଂକଂ:** ଚାଇନାର ଶେଷ ସମ୍ରାଟ ଆସିନ୍-ଗିଓରୋ ପୁୟିଙ୍କ ହାତଘଣ୍ଟା ହଂକଂରେ ୬ ନିୟୁତ ଡଲାରରେ ନିଲାମ ହୋଇଛି। ଐତିହାସିକ ଦୃଷ୍ଟିକୋଣରୁ ମହତ୍ତ୍ୱପୂର୍ଣ୍ଣ ରେଫ୍ ୯୬ କ୍ୱାଣ୍ଟିମେ ଲ୍ୟୁନ୍ ଟାଇମ୍‌ପିସ୍ ଘଣ୍ଟାରେ ମୁକୁଟ ସଦୃଶ ଏକ ଚନ୍ଦ୍ର ରହିଛି।

୧୯୦୮ରେ ପୁୟିଙ୍କୁ ମାତ୍ର ୨ ବର୍ଷ ହୋଇଥିବାବେଳେ ତାଙ୍କର ରାଜ୍ୟାଭିଷେକ ହୋଇଥିଲା। କିନ୍ତୁ ୧୯୧୨ରେ ଶିନ୍‌ହାଇ ବିପ୍ଳବ ବେଳେ ରାଜଭାର ତ୍ୟାଗ କରିବାକୁ ସେ ବାଧ୍ୟ ହୋଇଥିଲେ। ୧୯୩୦ ଦଶକରେ ସେ ଜାପାନ ଅଧିକୃତ ମାନୁଚୁକୁଓରେ ନେତା ପାଲଟିଥିଲେ। ୧୯୪୫ରେ ଜାପାନର ପତନ ପୂର୍ବରୁ ତାଙ୍କୁ ବନ୍ଦୀ କରି ସୋଭିଏଟ୍ ପ୍ରିଜନ୍ କ୍ୟାମ୍ପକୁ ନିଆଯାଇଥିଲା। କ୍ୱିଙ୍ଗ୍ ରାଜବଂଶର ଅନ୍ତିମ ଶାସକ ପୁୟି ଏହାକୁ ପିନ୍ଧି ଉକ୍ତ ଶିବିରକୁ ଯାଇଥିଲେ। ଏହାକୁ ୩ ନିୟୁତ ଡଲାରରେ ନିଲାମ ପାଇଁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ମାତ୍ର ୫ ମିନିଟ୍ ମଧ୍ୟରେ ୫.୧ ନିୟୁତ ଡଲାରର ବିଡିଂ ହୋଇଥିଲା। କ୍ରେତାଙ୍କ ପ୍ରିମିୟମ୍ ଫିକୁ ମିଶାଇଲେ ମୋଟ ମୂଲ୍ୟ ୬.୨ ନିୟୁତ ଡଲାର ହେଉଛି ବୋଲି ବ୍ରିଟିଶ୍ ଅକ୍ସନ ହାଉସ୍ ଫିଲିପ୍ସ ପକ୍ଷରୁ କୁହାଯାଇଛି।


ଜୋର୍ଡାନ୍ ରାଜା ଅବ୍‌ଦୁଲ୍ଲାଙ୍କ ବଡ଼ପୁଅ କ୍ରାଉନ୍ ପ୍ରିନ୍ସ ହୁସେନ ସାଉଦି ବ୍ୟବସାୟୀ ଖାଲେଦ୍ ଅଲ୍-ସୈଫ୍‌ଙ୍କ ସାନଝିଅ ତଥା ସ୍ଥପତି ରାଜୱା ଅଲ୍-ସୈଫ୍‌ଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

# ଅଯୋଧ୍ୟାରେ ରାଲି କରିପାରିବେନି ବ୍ରିଜ୍‌ଭୂଷଣ

**ଅଯୋଧ୍ୟା, ୨।୬**

### ଅନୁମତି ଦେଲାନାହିଁ ଜିଲା ପ୍ରଶାସନ

ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଚର୍ଚ୍ଚିତ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ଜୁନ୍ ୫ରେ ରାଲି କରିବାକୁ ଶୁକ୍ରବାର ଅଯୋଧ୍ୟା ଜିଲା ପ୍ରଶାସନ ବାରଣ କରିଛି। ଅନୁମତି ନ ମିଳିବା ପରେ ତାଙ୍କ ବିରୋଧରେ ପୋଲିସ ତଦନ୍ତ ଚାଲିଥିବାରୁ ରାମକଥା ପାର୍କରେ ହେବାକୁ ଥିବା 'ଜନଚେତନା ମହାରାଲି'କୁ କିଛିଦିନ ପାଇଁ ସ୍ଥଗିତ ରଖିଥିବା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ସଫେଇ ଦେଇଛନ୍ତି।


ବ୍ରିଜ୍‌ଭୂଷଣ ଶରଣ ସିଂ

ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୭ ଜଣ ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆନ୍ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି ତାଙ୍କୁ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ପଦରୁ ହଟାଇବା ସହ ଗିରଫ କରିବା ଦାବିରେ ଅଡ଼ିବସିଛନ୍ତି। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ ହୋଇଥିଲେ ହେଁ ତାଙ୍କୁ ଗିରଫ କରାଯାଉ ନାହିଁ। ଏହାର ପ୍ରତିବାଦରେ ଗତ ୨୮ ତାରିଖରେ କୁସ୍ତିଯୋଦ୍ଧାମାନେ ଦିଲ୍ଲୀର ଯନ୍ତରମନ୍ତରରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ନୂଆ ସଂସଦ ଭବନକୁ ଯିବାବେଳେ ପୋଲିସ ସେମାନଙ୍କୁ ମାଡ଼ମାରି ବସ୍‌ରେ ଉଠାଇନେଇଥିଲା। ଏହାର ଦୁଇଦିନ ପରେ ରେସଲର୍ ସାକ୍ଷୀ ମଲିକ, ଭିନେଶ ଫୋଗଟ୍ ଓ ବଜରଙ୍ଗ ପୁନିଆ ହରିଦ୍ୱାର ଗଙ୍ଗାନଦୀରେ ନିଜ ପଦକ ବିସର୍ଜନ ପାଇଁ ଯାଇଥିଲେ। କିନ୍ତୁ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ଅଧ୍ୟକ୍ଷ ନରେଶ ଟିକାଏତ୍ ମେଡାଲ ନ ଭସାଇବାକୁ ବୁଝାଇଥିଲେ। ଏଥିସହ ୫ ଦିନ ମଧ୍ୟରେ ବ୍ରିଜ୍‌ଭୂଷଣଙ୍କୁ ଗିରଫ କରିବାକୁ ମହଲତ ଦେଇଥିଲେ। ଅନ୍ୟପକ୍ଷେ ପ୍ରଭାବଶାଳୀ ଭାଜପା ନେତା ବ୍ରିଜ୍‌ଭୂଷଣ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ସାଧୁସନ୍ଥଙ୍କୁ ନେଇ ଅଯୋଧ୍ୟାର ରାମକଥା ପାର୍କରେ ବିଶାଳ ସମାବେଶ ଆୟୋଜନ କରିବାକୁ ସ୍ଥିର କରିଥିଲେ। ଏନେଇ ଅଯୋଧ୍ୟା ସର୍କଲ ଅଫିସର ଏସ୍.ପି. ଗୌତମ କହିଛନ୍ତି, ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜୁନ୍ ୫ରେ ଅନ୍ୟ କାର୍ଯ୍ୟକ୍ରମ ଥିବାରୁ ବ୍ରିଜ୍‌ଭୂଷଣଙ୍କ ତରଫରୁ ଭାଜପା କାଉନ୍‌ସିଲର ଚମେଲା ଦେବୀଙ୍କ ଅନୁରୋଧକୁ ଗ୍ରହଣ କରାଯାଇ ନାହିଁ। ବ୍ରିଜ୍‌ଭୂଷଣ ନିଜ ହିତାକାଂକ୍ଷୀମାନଙ୍କ ଉଦ୍ଦେଶ୍ୟରେ ଏକ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ଆପଣମାନଙ୍କ ସମର୍ଥନରେ ମୁଁ ଲୋକ ସଭାରେ ୨୮ ବର୍ଷ ପ୍ରତିନିଧିତ୍ୱ କଲିଣି। ଶାସକ ଦଳରେ ରହି ସବୁ ବର୍ଗର ଲୋକଙ୍କୁ ଏକାଠି କରିଛି। ଏଥିଲାଗି ମୋ ରାଜନୈତିକ ବିରୋଧୀ ଓ ସେମାନଙ୍କ ଦଳଗୁଡ଼ିକ ମୋ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ସମାଜରେ ବିସ୍ତାର ଲାଭ କରୁଥିବା ଖରାପ କାର୍ଯ୍ୟ ବନ୍ଦ କରିବା ପାଇଁ ସନ୍ଥ ସମ୍ମିଳନୀ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଦିଲ୍ଲୀ ପୋଲିସ ମୋ ବିରୋଧରେ ତଦନ୍ତ କରୁଥିବାରୁ ଏହାକୁ ସ୍ଥଗିତ ରଖାଯାଇଛି।

### ରହସ୍ୟଜନକ ଶବ୍ଦ: ଲୋକେ ଆତଙ୍କିତ

**କୋଟ୍ଟାୟାମ୍, ୨।୬**

କେରଳର କୋଟ୍ଟାୟାମ୍ ଜିଲା ଚେନ୍ନାପଲ୍ଲି ଗ୍ରାମରେ ଶୁକ୍ରବାର ସକାଳେ ଦୁଇଥର ରହସ୍ୟଜନକ ଭୂତଳ ଶବ୍ଦ ଶୁଣିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇଯାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ କିଛିଦିନ ପୂର୍ବେ ମଧ୍ୟ ଅନୁରୂପ ଶବ୍ଦ ଶୁଣିବାକୁ ମିଳିଥିଲା। ତେବେ ଏହି ଶବ୍ଦ ଯୋଗୁ ପାରିପାର୍ଶ୍ୱିକ ସ୍ଥିତିରେ କିଛି ପରିବର୍ତ୍ତନ ଆସିନାହିଁ। କେବଳ ଏକ ବୈଜ୍ଞାନିକ ଅନୁଧ୍ୟାନ ହିଁ ଏହି ଭୂତଳ ଶବ୍ଦର କାରଣ ଖୋଜିପାରିବ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଥମ ଥର ଶବ୍ଦ ଶୁଣାଯିବା ପରେ କେରଳର ମାଇନିଂ ଓ ଜିଓଲୋଜି ବିଭାଗ ଅଧିକାରୀମାନଙ୍କ ବିଶେଷଜ୍ଞ ଟିମ୍ ସେହି ସ୍ଥାନକୁ ଯାଇ ଯାଞ୍ଚ କରିଥିଲା। ସେଣ୍ଟର ଫର୍ ଆର୍ଥ ସାଇନ୍ସେସ୍ (ସିଇଏସ୍)ର ଏକ ଟିମ୍ ଖୁବ୍‌ଶୀଘ୍ର ସେଠାରେ ବିସ୍ତୃତ ଅଧ୍ୟୟନ କରିବ ବୋଲି ଜଣାପଡ଼ିଛି।

## ଯୌନ ଅନୁଗ୍ରହ ମାଗୁଥିଲେ ବ୍ରିଜ୍‌ଭୂଷଣ

**ନୂଆଦିଲ୍ଲୀ/କୁରୁକ୍ଷେତ୍ର, ୨।୬**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ବ୍ରିଜ୍‌ଭୂଷଣ ଶରଣ ସିଂ ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଅଣ୍ଡାଳୁଥିଲେ। ସେମାନଙ୍କୁ ଅନୁପଯୁକ୍ତ ବ୍ୟକ୍ତିଗତ ପ୍ରଶ୍ନ ପଚାରୁଥିଲେ। କ୍ୟାରିୟର ପାଇଁ ସୁଯୋଗ ଦେବା ବଦଳରେ ଯୌନ ଅନୁଗ୍ରହ ଦାବି କରୁଥିଲେ। ଏପରି କି ଜଣେ ନାବାଳିକା କୁସ୍ତିଯୋଦ୍ଧାଙ୍କ ବକ୍ଷକୁ ସେ ସ୍ପର୍ଶ କରୁଥିଲେ। ସେ ତାଙ୍କ ପିଛା ମଧ୍ୟ କରୁଥିଲେ ବୋଲି ବ୍ରିଜ୍‌ଭୂଷଣଙ୍କ ବିରୋଧରେ ହୋଇଥିବା ଦୁଇଟି ଏଫ୍‌ଆଇଆର୍‌ରେ ଉଲ୍ଲେଖ କରାଯାଇଛି। ଯେଉଁମାନେ ଯୌନ ସୁବିଧା ଦେବାକୁ ମନା କରୁଥିଲେ ସେମାନଙ୍କୁ ବୃତ୍ତିଗତ ସୁଯୋଗରୁ ବଞ୍ଚିତ କରାଯାଉଥିଲା। ୭ ମହିଳା କୁସ୍ତିଯୋଦ୍ଧାଙ୍କ ଏହି ଅଭିଯୋଗ ଆଧାରରେ ଦିଲ୍ଲୀର କନ୍ନଟ ପ୍ଲେସ୍ ଥାନାରେ ୨ଟି ଏଫ୍‌ଆଇଆର୍ ହୋଇଛି। ଗୋଟିଏ ଏଫ୍‌ଆଇଆର୍ ୬ ବୟସ୍କା ରେସଲରଙ୍କ ଅଭିଯୋଗ ଆଧାରରେ ହୋଇଥିବାବେଳେ ଅନ୍ୟଟି ଜଣେ ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ହୋଇଛି। ୨୦୧୨ରୁ ୨୦୨୨ ମଧ୍ୟରେ ଭାରତ ଓ ବିଦେଶରେ ବ୍ରିଜ୍‌ଭୂଷଣଙ୍କ ଏହି କୁକାର୍ଯ୍ୟକୁ ନେଇ ଗତ ଏପ୍ରିଲ ୨୧ରେ ଅଭିଯୋଗ ହୋଇଥିବାବେଳେ ୨୮ ତାରିଖରେ ପୋଲିସ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ବ୍ରିଜ୍‌ଭୂଷଣ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

> ଦେଶ ପାଇଁ ପଦକ ଆଣିଥିବା ଝିଅମାନେ ନ୍ୟାୟ ପାଇଁ ରାସ୍ତାରେ ଗୁହାରି କରୁଥିବାବେଳେ ଅପରାଧ ଅଭିଯୁକ୍ତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁରକ୍ଷା ଦେଉଛନ୍ତି।
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> ଅଭିଯୁକ୍ତ ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ସରକାରଙ୍କ ବ୍ୟବସ୍ଥା ସୁରକ୍ଷା ଦେଉଛି। ପ୍ରଧାନମନ୍ତ୍ରୀଙ୍କ ନୀରବତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।
> **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

> କୁସ୍ତିଯୋଦ୍ଧାମାନେ ନ୍ୟାୟ ପାଆନ୍ତୁ ବୋଲି ଆମେ ଚାହୁଁଛୁ। କିନ୍ତୁ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ହେବ।
> **-ଅନୁରାଗ ଠାକୁର, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ**

## ଧାର୍ଯ୍ୟ ତାରିଖ ପୂର୍ବରୁ ଗିରଫ କର: ଖାପ୍ ମହାପଞ୍ଚାୟତ


ରାକେଶ ଟିକାଏତ୍

ହରିୟାଣାର କୁରୁକ୍ଷେତ୍ରରେ କୁସ୍ତିଯୋଦ୍ଧାଙ୍କ ସମର୍ଥନରେ ଶୁକ୍ରବାର ଖାପ୍ ମହାପଞ୍ଚାୟତ ଅନୁଷ୍ଠିତ ହୋଇଯାଇଛି। ବ୍ରିଜ୍‌ଭୂଷଣଙ୍କୁ ଗିରଫ କରା ନ ଗଲେ କୃଷକମାନେ ଜୁନ୍ ୯ରେ ବିକ୍ଷୋଭରତ କୁସ୍ତିଯୋଦ୍ଧାଙ୍କୁ ଦିଲ୍ଲୀର ଯନ୍ତରମନ୍ତରକୁ ପୁଣି ନେଇଯିବେ। ଏଥିପାଇଁ ସରକାରଙ୍କୁ ମହଲତ ଦିଆଯାଇଛି। ଧାର୍ଯ୍ୟ ତାରିଖ ପୂର୍ବରୁ ବ୍ରିଜ୍‌ଭୂଷଣଙ୍କୁ ଗିରଫ କରାଯାଉ। ଅନ୍ୟଥା ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଖାପ୍ ମହାପଞ୍ଚାୟତ ଶେଷ ହେବା ପରେ ଭାରତୀୟ କିଷାନ୍ ୟୁନିୟନ୍ (ବିକେୟୁ) ନେତା ରାକେଶ ଟିକାଏତ୍ ଖବରଦାତାମାନଙ୍କୁ କହିଛନ୍ତି। ଏଥିସହ କୁସ୍ତିଯୋଦ୍ଧାଙ୍କ ବିରୋଧରେ ଦିଲ୍ଲୀ ପୋଲିସ ରୁଜୁ କରିଥିବା ମାମଲାଗୁଡ଼ିକୁ ପ୍ରତ୍ୟାହାର କରିବାକୁ ଟିକାଏତ୍ ଦାବି କରିଛନ୍ତି। ୧୯୮୩ରେ ଭାରତ ପାଇଁ ବିଶ୍ୱକପ୍ ଆଣିଦେଇଥିବା କ୍ୟାପ୍ଟେନ୍ କପିଲ ଦେବଙ୍କ କ୍ରିକେଟ ଟିମ୍ ମଧ୍ୟ କୁସ୍ତିଯୋଦ୍ଧାଙ୍କ ସମର୍ଥନରେ ବାହାରି ଦିଲ୍ଲୀ ପୋଲିସର ବର୍ବରତାକୁ ନିନ୍ଦା କରିଛି।

### ୨୨ରେ ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ମୋଦି



**ୱାଶିଂଟନ, ୨।୬**

ଆମେରିକା ଗସ୍ତରେ ଯିବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୨୨ରେ ୟୁଏସ୍ କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଭାରତର ଭବିଷ୍ୟତ ସମ୍ପର୍କରେ ମୋଦି ତାଙ୍କର ଦୂରଦୃଷ୍ଟି ଶେୟାର କରିବା ସହ ଦୁଇ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ବୈଶ୍ୱିକ ଚ୍ୟାଲେଞ୍ଜ ସମ୍ପର୍କରେ କହିବେ ବୋଲି ଶୁକ୍ରବାର କଂଗ୍ରେସ ସଦସ୍ୟମାନଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଉକ୍ତ ବିବୃତିରେ ହାଉସ୍ ସ୍ପିକର କେଭିନ୍ ମାକ୍କାର୍ଥୀ, ସିନେଟର ସଂଖ୍ୟାଗରିଷ୍ଠ ନେତା ଚୁକ୍ ସ୍କୁମର, ସିନେଟ୍ ରିପବ୍ଲିକାନ ନେତା ମିଚ୍ ମାକୋନେଲ୍ ଏବଂ ହାଉସ୍ ଡେମୋକ୍ରାଟିକ୍ ନେତା ହାକିମ୍ ଜେଫ୍ରିସ୍ ସ୍ୱାକ୍ଷର କରିଛନ୍ତି।

## ଦେଶଦ୍ରୋହ ଆଇନକୁ ନ୍ୟାୟିକ କମିଶନଙ୍କ ସମର୍ଥନ

**ନୂଆଦିଲ୍ଲୀ, ୨।୬**

### ଜେଲଦଣ୍ଡ ବଢ଼ାଇବାକୁ ପ୍ରସ୍ତାବ

ଦେଶଦ୍ରୋହ ଉପରେ ଉପନିବେଶୀୟ ଆଇନକୁ ବଜାୟ ରଖିବା ଲାଗି ଭାରତର ନ୍ୟାୟିକ କମିଶନ ସୁପାରିସ କରିଛନ୍ତି। ଦେଶର ଏକତା, ସଂହତିର ସୁରକ୍ଷା ପାଇଁ ଏହି ଆଇନ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ନ୍ୟାୟିକ କମିଶନ କହିଛନ୍ତି। ଆତଙ୍କବାଦ ମାମଲାଗୁଡ଼ିକର ବିଚାର ପାଇଁ ଯଦିଓ କେନ୍ଦ୍ର ଓ ରାଜ୍ୟ ଆଇନ ରହିଛି, ଭାରତର ଏକତା ଓ ସଂହତିର ସୁରକ୍ଷା ପାଇଁ ଆଇପିସିର ଧାରା ୧୨୪ଏ ଏକ ପାରମ୍ପରିକ ଦଣ୍ଡ ବ୍ୟବସ୍ଥା ଭାବେ କାର୍ଯ୍ୟ କରିଥାଏ। ଦେଶକୁ ଭାଗ ଭାଗ କରିବା ପ୍ରବୃତ୍ତିକୁ ତୁରନ୍ତ ଓ ପ୍ରଭାବଶାଳୀ ଭାବେ ଦମନ କରିବା ପାଇଁ ଏହି ଆଇନ ଦ୍ରୁତ ଜାତୀୟ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ। ଉକ୍ତ ଆଇନରେ ସଂଶୋଧନ କରି ଏହାକୁ ଅଧିକ ସ୍ପଷ୍ଟ କରାଯିବା ସହ ଜେଲଦଣ୍ଡ ବ୍ୟବସ୍ଥାକୁ ୩ରୁ ୭ ବର୍ଷକୁ ବୃଦ୍ଧି କରିବାକୁ କମିଶନ ପ୍ରସ୍ତାବ ଦେଇଛନ୍ତି।


କଲୋରାଡୋ ସ୍ପ୍ରିଙ୍ଗସ୍ଥିତ ଆମେରିକା ଏୟାରଫୋର୍ସ ଏକାଡେମୀର ଫାଲକନ୍ ଷ୍ଟାଡିୟମରେ ଆୟୋଜିତ ୨୦୨୩ ବାୟୁସେନା ଏକାଡେମୀ ଗ୍ରାଜୁଏଶନ ଉତ୍ସବ ବେଳେ ରାଷ୍ଟ୍ରପତି ଜୋ ବାଇଡେନ୍ ମଞ୍ଚ ଉପରେ ପଡ଼ିଯାଇଛନ୍ତି।

## ଶାହାଙ୍କ ଅପିଲ୍ ପରେ ୧୪୦ ଅସ୍ତ୍ର ସମର୍ପଣ

**ନୂଆଦିଲ୍ଲୀ, ୨।୬**

### ମଣିପୁରର ୫ ଜିଲାରୁ କର୍ଫ୍ୟୁ ଉଠିଲା

ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆହ୍ୱାନ ଦେବାର ଦିନକ ପରେ ୫ ଜିଲାରୁ କର୍ଫ୍ୟୁ ପ୍ରତ୍ୟାହାର ହୋଇଥିବାବେଳେ ଅନ୍ୟ ଅଞ୍ଚଳଗୁଡ଼ିକରେ କୋହଳ କରାଯାଇଛି। ହିଂସାକାଣ୍ଡ ବେଳେ ପୋଲିସ ଅସ୍ତ୍ରାଗାରରୁ ୨,୦୦୦ ଅସ୍ତ୍ରଶସ୍ତ୍ର ଲୁଟ୍ ହୋଇଥିଲା। ଶାହାଙ୍କ ଚେତାବନୀ ପରେ ୧୪୦ ଅସ୍ତ୍ର ସମର୍ପଣ କରାଯାଇଥିବା ପୋଲିସ କହିଛି। ସେହି ଅସ୍ତ୍ର ମଧ୍ୟରେ ଏକେ-୪୭, ଇନ୍‌ସାସ ରାଇଫଲ, ଟିଅରଗ୍ୟାସ୍, ଷ୍ଟେନ୍ ଗନ୍, ଗ୍ରେନେଡ୍ ଲଞ୍ଚର ଓ ପିସ୍ତଲ ରହିଛି।

ଶାହା ତାଙ୍କର ୪ ଦିନିଆ ଗସ୍ତ ଅବସରରେ ବିଭିନ୍ନ ସଂଗଠନକୁ ଭେଟିଥିଲେ। ଯେଉଁମାନେ ଅସ୍ତ୍ର ସମର୍ପଣ ନ କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଚେତାବନୀ ଦେଇଥିଲେ। ହିଂସାର ବିଚାରବିଭାଗୀୟ ତଦନ୍ତ ସାଙ୍ଗକୁ ଶାନ୍ତି ଫେରାଇ ଆଣିବା ଲାଗି ଏକ ଶାନ୍ତି କମିଟି ଗଠନ କରାଯିବ ବୋଲି ସେ ଘୋଷଣା କରିଥିଲେ। ମଣିପୁରରେ ଗତମାସରେ ସାମ୍ପ୍ରଦାୟିକ ସଂଘର୍ଷରେ ୯୮ ଜଣଙ୍କ ଜୀବନ ଯିବା ସହ ୩୧୦ ଜଣ ଆହତ ହୋଇଥିଲେ। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତାକୁ ବିରୋଧ କରି ମେ' ୩ରେ ୧୦ ଜିଲାରେ ଆଦିବାସୀ ଏକତା ଶୋଭାଯାତ୍ରା ବେଳେ ସଂଘର୍ଷ ଘଟିଥିଲା।

## ଭାରତୀୟ ଗଣତନ୍ତ୍ର ଭୁଶୁଡ଼ିଲେ ବିଶ୍ୱ ପ୍ରଭାବିତ ହେବ: ରାହୁଲ

**ୱାଶିଂଟନ, ୨।୬ (ପି.ଟି.)**

ଭାରତୀୟ ଗଣତନ୍ତ୍ର ସାରା ବିଶ୍ୱର ହିତ ପାଇଁ ଉଦ୍ଦିଷ୍ଟ। ଗଣତନ୍ତ୍ର ଭୁଶୁଡ଼ିଲେ, ବିଶ୍ୱ ଉପରେ ଏହାର ପ୍ରଭାବ ପଡ଼ିବ ଏବଂ ଏହା ଆମେରିକାର ଜାତୀୟ ସ୍ୱାର୍ଥ ନୁହେଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଗଣତନ୍ତ୍ର ପ୍ରସଙ୍ଗ ଦେଶର ଆଭ୍ୟନ୍ତରୀଣ ବ୍ୟାପାର। ଗଣତନ୍ତ୍ର ପ୍ରତି ଦେଖାଦେଇଥିବା ସଙ୍କଟ ବିରୋଧରେ ଲଢ଼େଇ ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ଭାରତର ଗଣତନ୍ତ୍ର ପାଇଁ ଲଢ଼େଇ କରିବା ଆମର କାମ ବୋଲି ଗୁରୁବାର ନ୍ୟାଶନାଲ ପ୍ରେସ୍ କ୍ଲବ୍‌ଠାରେ ରାହୁଲ ଏକ ଖବରଦାତା ସମ୍ମିଳନୀକୁ କହିଛନ୍ତି। ସେହିପରି ଖ୍ୟାତନାମା ଭାରତୀୟ



ଆମେରିକୀୟ ଫ୍ରାଙ୍କ୍ ଇସ୍‌ଲାମଙ୍କ ଦ୍ୱାରା ରାହୁଲଙ୍କ ପାଇଁ ଆୟୋଜିତ ଏକ ଅଭ୍ୟର୍ଥନା କାର୍ଯ୍ୟକ୍ରମରେ ସେ ଗଣତନ୍ତ୍ର ଉପରେ ଏକ ପ୍ରଶ୍ନର ସମାନ ଉତ୍ତର ଦେଇଥିଲେ। ଭାରତ-ଆମେରିକା ସମ୍ପର୍କକୁ ଅଧିକ ପ୍ରଶସ୍ତ କରିବା ଆବଶ୍ୟକ ରହିଛି। ଏହା କେବଳ ପ୍ରତିରକ୍ଷା ସମ୍ପର୍କରେ ସୀମିତ ରହିବା ଉଚିତ ନୁହେଁ ବୋଲି ରାହୁଲ କହିଥିଲେ।

'ମୁସଲିମ୍ ଲିଗ୍ ସମ୍ପୂର୍ଣ୍ଣ ଧର୍ମନିରପେକ୍ଷ ଦଳ ବୋଲି ନ୍ୟାଶନାଲ ପ୍ରେସ୍ କ୍ଲବ୍‌ରେ ଖବରଦାତାମାନଙ୍କ ସହ ଆଲୋଚନା ବେଳେ ରାହୁଲ ଦାବି କରିଥିଲେ। କେରଳରେ ମୁସ୍‌ଲିମ୍ ଲିଗ୍ ସହ କଂଗ୍ରେସର ମେଣ୍ଟକୁ ନେଇ ପ୍ରଶ୍ନ ହେବାରୁ ରାହୁଲ ଉପରୋକ୍ତ ଉତ୍ତର ଦେଇଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ କଂଗ୍ରେସ ଏବଂ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ମହମ୍ମଦ ଅଲି ଜିନ୍ନାଙ୍କ 'ମୁସ୍‌ଲିମ୍ ଲିଗ୍' ପାଇଁ ଦେଶ ଧର୍ମ ଆଧାରରେ ଭାଗ ଭାଗ ହୋଇଥିଲା। ଉକ୍ତ ଦଳକୁ ଧର୍ମନିରପେକ୍ଷ କହିବା ଦୁର୍ଭାଗ୍ୟଜନକ ବୋଲି କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ରାହୁଲଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦାୟକ। ବିଦେଶ ମାଟିରେ ରାଷ୍ଟ୍ରକୁ ଅପମାନିତ କରିବାକୁ ଦେଶବାସୀ କଦାପି ଗ୍ରହଣ କରିବେ ନାହିଁ ବୋଲି ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି। ଏହାର ଜବାବରେ କଂଗ୍ରେସ ନେତା ପୱନ ଖେରା କହିଛନ୍ତି, ଜିନ୍ନାଙ୍କ ମୁସ୍‌ଲିମ୍ ଲିଗ୍ ଏବଂ ଇଣ୍ଡିଆନ୍ ୟୁନିୟନ ମୁସଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍) ଦୁଇଟି ଅଲଗା ଦଳ। କେରଳରେ ଆଇୟୁଏମ୍‌ଏଲ୍ ସହ କଂଗ୍ରେସର ମେଣ୍ଟ ରହିଛି। ରାହୁଲ ଉକ୍ତ ମୁସଲିମ୍ ଲିଗ୍ ସମ୍ପର୍କରେ କହିଥିବା ଖେରା ସଫେଇ ଦେଇଛନ୍ତି।

DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୩/୨୦୨୩ | Bhubaneswar, Saturday, June 3/2023 | ପୃଷ୍ଠା-୧



**ପ୍ରଥମ ଫିଲ୍ମ ପାଇଁ ଓଜନ କମାଇଥିଲେ ସୋନାକ୍ଷୀ**

ବଲିଉଡର ଦବଙ୍ଗଗର୍ଲ ଭାବେ ପରିଚିତ ସୋନାକ୍ଷୀ ସିହ୍ନା ତାଙ୍କର ପ୍ରଥମ ଫିଲ୍ମ 'ଦବଙ୍ଗ' ପାଇଁ ନିଜର ୩୦ କିଲୋ ଓଜନ କମାଇଥିଲେ।

୧୧

୧୪

**ପେଗୁଲାଙ୍କୁ ହରାଇଲେ ମେର୍ଟେନ୍ସ**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ୩ୟ ର୍ୟାଙ୍କପ୍ରାପ୍ତ ଜେସିକା ପେଗୁଲାଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଏଲିସ ମେର୍ଟେନ୍ସ ।



# ଭୟଙ୍କର ଟ୍ରେନ୍ ଦୁର୍ଘଟଣା: ୫୦ ମୃତ

- **ବାହାନଗାରେ ମାଲବାହୀକୁ ଧକ୍କା ଦେଲା କରମଣ୍ଡଳ**
- **କରମଣ୍ଡଳ ବଗି ସହ ପିଟିହେଲା ଯଶୱନ୍ତପୁର-ହାଓଡା**

ବାଲେଶ୍ୱର ଅଫିସ/ବାହାନଗା, ୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନର ୧୦୦ ମିଟର ପୂର୍ବରୁ ଥିବା ମୁଖ୍ୟ ଫାଟକଠାରେ ଶୁକ୍ରବାର ସନ୍ଧ୍ୟାରେ ଭୟଙ୍କର ଟ୍ରେନ ଦୁର୍ଘଟଣା ଘଟିଛି। କରମଣ୍ଡଳ ଓ ଯଶୱନ୍ତପୁର-ହାୱଡା ଏକ୍ସପ୍ରେସ ଧକ୍କା ହେବାରୁ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆହତ ହୋଇଥିବା ସୂଚନା ମିଳିଛି। ବଗି ତଳେ ଅନେକ ଯାତ୍ରୀ ଚାପି ହୋଇ ରହିଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଜିଲା ପ୍ରଶାସନ, ରେଳ କର୍ମଚାରୀ, ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ରେଲୱେ ରେସ୍କ୍ୟୁ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜୋରଦାର କରିଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଘଟଣାସ୍ଥଳରେ ପହଞ୍ଚି ପୋଲିସ ସହାୟତାରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି। ଆହତ ଓ ଗୁରୁତରଙ୍କୁ ନିକଟସ୍ଥ ଗୋପାଳପୁର, ବାହାନଗା, ଖନ୍ତାପଡ଼ା, ସୋର ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ☞ପୃଷ୍ଠା-୨



ବାଲେଶ୍ୱର ଜିଲା ବାହାନଗା ନିକଟରେ ଶୁକ୍ରବାର କରମଣ୍ଡଳ-ଯଶୋବନ୍ତପୁର ହାୱଡା- ମାଲବାହୀ ଟ୍ରେନ୍ ମଧ୍ୟରେ ଭୟଙ୍କର ଦୁର୍ଘଟଣା ପରର ଦୃଶ୍ୟ। **(ଅଧିକ ରିପୋର୍ଟ ଓ ଫଟୋ: ପୃଷ୍ଠା-୧୦)**

## ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଘୋଷଣା

ଭୁବନେଶ୍ୱର, ୨।୬(ବ୍ୟୁରୋ): ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଲାଗି ୧୦ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କ ଲାଗି ୨ ଲକ୍ଷ ଏବଂ ସାମାନ୍ୟ ଆହତଙ୍କ ଲାଗି ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଆହତଙ୍କ ଆରୋଗ୍ୟ କାମନା ସହ ମୃତକଙ୍କ ପରିବାର ବର୍ଗଙ୍କ ନିକଟରେ ସେ ସମବେଦନା ଜଣାଇଛନ୍ତି। ମନ୍ତ୍ରୀ ବୈଷ୍ଣବ ଶନିବାର ଘଟଣାସ୍ଥଳରେ ପହଞ୍ଚିବେ ବୋଲି ସୂଚନା ମିଳିଛି।

## ଆଜି ଘଟଣାସ୍ଥଳ ଯିବେ ମୁଖ୍ୟମନ୍ତ୍ରୀ

### କଣ୍ଟ୍ରୋଲ୍ ରୁମ୍‌ରୁ ତଦାରଖ କଲେ

ଭୁବନେଶ୍ୱର, ୨।୬(ବ୍ୟୁରୋ)

ବାହାନଗା ଷ୍ଟେଶନ ନିକଟରେ ଟ୍ରେନ୍ ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଭୁବନେଶ୍ୱରସ୍ଥିତ ଏସ୍‌ଆରସିଙ୍କ କଣ୍ଟ୍ରୋଲ୍ ରୁମ୍‌ରେ ପହଞ୍ଚି ଘଟଣାର ତଦାରଖ କରିଛନ୍ତି। ଏଥିସହ ସେ ନିଜେ ଶନିବାର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି। ମଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଏସ୍‌ଆର୍‌ସି ସତ୍ୟବ୍ରତ ସାହୁ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଏବଂ ରେଲୱେ ଏଡିଜି ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଘଟଣା ସମ୍ପର୍କରେ ☞ପୃଷ୍ଠା-୨

## ଓଜେଇଇ: ୪୮,୭୮୩ ପରୀକ୍ଷାର୍ଥୀଙ୍କୁ ର୍ୟାଙ୍କ

ଭୁବନେଶ୍ୱର,୨।୬(ବ୍ୟୁରୋ)

ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଫଳ ଶୁକ୍ରବାର ପ୍ରକାଶ ପାଇଛି। ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ପୂର୍ବାହ୍ନ ୧୧ଟାରେ ଫଳ ଘୋଷଣା କରିବା ସହ ଫଳାଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଚଳିତବର୍ଷ ଓଜେଇଇ ପାଇଁ ମୋଟ୍ ୫୫,୯୭୯ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୪୮,୮୧୫ ପରୀକ୍ଷାର୍ଥୀ (୮୭%) ପରୀକ୍ଷା ଦେଇଥିଲେ। ତେବେ ଏମାନଙ୍କ ମଧ୍ୟରୁ ୪୮,୭୮୩ ପରୀକ୍ଷାର୍ଥୀଙ୍କୁ ଅନୁରୂପ ପାଠ୍ୟକ୍ରମରେ ର୍ୟାଙ୍କ ପ୍ରଦାନ କରାଯାଇଛି। ବିଭିନ୍ନ ପାଠ୍ୟକ୍ରମର ପରୀକ୍ଷାର୍ଥୀମାନେ www.ojee.nic.inରୁ ନିଜ ର୍ୟାଙ୍କ କାର୍ଡ ପାଇପାରିବେ। ପ୍ରଦର୍ଶନ ଅନୁସାରେ ରାଜ୍ୟର ବିଭିନ୍ନ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ବିଭିନ୍ନ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ କାଉନସେଲିଂରେ ଅଂଶଗ୍ରହଣ କରିପାରିବେ। ସୂଚନାଥାଉ କି, ଚଳିତ ବର୍ଷ ମେ ୮ରୁ ୧୫ ତାରିଖ ମଧ୍ୟରେ ଓଜେଇଇ ଅନୁଷ୍ଠିତ ହୋଇଥିଲା। ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳିତ ୧୨ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମ ଯଥା ବି କ୍ୟାଟ୍, ଲାଟେରାଲ ଏଣ୍ଟ୍ରି-ଟେକ୍ (ଡିପ୍ଲୋମା), ଲାଟେରାଲ ଏଣ୍ଟ୍ରି-ଟେକ୍ (ବିଏସ୍‌ସି), ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପଦବୀ ଖାଲି ପଡ଼ିଛି



## ବିଶାଖାପାଟଣା ରୋଗୀ ସହାୟତା କେନ୍ଦ୍ରକୁ ୧୦ ଲକ୍ଷ ସହାୟତା

ଭୁବନେଶ୍ୱର,୨।୬(ବ୍ୟୁରୋ)-ବିଶାଖାପାଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲା ଯାଇଥିବା 'ରୋଗୀ ସହାୟତା କେନ୍ଦ୍ର'ର ଅବଧିକୁ ଆଉ ବର୍ଷେ ପାଇଁ ବୃଦ୍ଧି କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଦିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ମାଲକାନଗିରିରୁ ବିଶାଖାପାଟଣାକୁ ଯାଉଥିବା ଗରିବ ଆଦିବାସୀଙ୍କ ଚିକିତ୍ସା ସୁବିଧା ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ବିଶାଖାପାଟଣାରେ ରାଜ୍ୟ ସରକାର ୨୦୧୬ରୁ ଏକ ରୋଗୀ ସହାୟତା କେନ୍ଦ୍ର ସ୍ଥାପନ କରିଛନ୍ତି। ଅଦ୍ୟାବଧି ଏହି ସହାୟତା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କହୁଥିବ ଜଗି
ଚାଷକୁ ଥିବଟି ସଙ୍ଗୀ
କେବେ ନୋହିବାର ରୋଗୀ
ସଖୀ ଭଲ ହେ।**

ଜଗି ରଖି କଥା କହିବା ଉଚିତ। କଥା କହିବାରେ ସାବଧାନତା ଅବଲମ୍ବନ କଲେ ଅସୁବିଧା ହୁଏ ନାହିଁ। ଘରଲୋକଙ୍କୁ ନେଇ ଚାଷବାସ କଲେ ଚାଷରେ ସଫଳତା ମିଳିବା ସୁନିଶ୍ଚିତ। ସେହିପରି ଶାରୀରିକ ପରିଶ୍ରମ କଲେ ସହଜରେ ବ୍ୟକ୍ତି ରୋଗାକ୍ରାନ୍ତ ହେଉ ନ ଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାନ ଥିଲେ ସୁନା ନାହିଁ
ସୁନା ଥିଲେ କାନ ନାହିଁ।**

ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରି ଦେଇ ନ ଥାନ୍ତି। କାହାର ବହୁ କୁଟୁମ୍ବ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟ କରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ୬ ମୃତକଙ୍କ ପରିବାରକୁ ସହାୟତା

ଭୁବନେଶ୍ୱର,୨।୬(ବ୍ୟୁରୋ)

ମାଲକାନଗିରି ଜିଲାରେ ଗତ ଗୁରୁବାର କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଡଙ୍ଗା ବୁଡ଼ିଯାଇ ୨ ଜଣ ଏବଂ ଏୟାରଷ୍ଟ୍ରିପ୍ ପାଚେରି ଭୁଶୁଡ଼ି ୨ ଜଣଙ୍କ ଜୀବନ ଯାଇଛି। ସେହିପରି ଗଞ୍ଜାମ ଜିଲା ଛତ୍ରପୁର ବ୍ଲକର ଆର୍ଯ୍ୟପଲ୍ଲୀ ସମୁଦ୍ରରେ ଗାଧୋଇବା ବେଳେ ୨ଜଣ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ସହାୟତା ପ୍ରଦାନ କରିବା ପାଇଁ ସେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆହତଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇଦେବାକୁ ପରାମର୍ଶ ଦେଇଛନ୍ତି।

# ଆଜି ଆନ୍ଦୋଳନରୁ ଓହରିପାରନ୍ତି ଅମଲା

## ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା

ଭୁବନେଶ୍ୱର, ୨।୬(ବ୍ୟୁରୋ)

ଶିକ୍ଷାଗତ ଯୋଗ୍ୟତା ଆଧାରରେ ଦରମା ଦାବି କରି ଗୁରୁବାରଠାରୁ ସାମୂହିକ ଛୁଟିରେ ରହି ବ୍ଲକ, ତହସିଲ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ଜିଲାସ୍ତରରେ କାର୍ଯ୍ୟରତ ଅମଲା। ଏହାପରେ ଜିଲାସ୍ତରରେ ସରକାରୀ କାର୍ଯ୍ୟ ଅଚଳ ହୋଇପଡ଼ିଛି। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଲୋକସେବା ଭବନ କାର୍ଯ୍ୟାଳୟରେ ଜିଲାସ୍ତରୀୟ ବିଭିନ୍ନ ଅମଲା ସଂଘର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲାସ୍ତରରେ କାର୍ଯ୍ୟରତ ଅମଲାମାନେ ପାଉଥିବା ଦରମାର ଅସଙ୍ଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅବଗତ ହେବା ସହ ଏ ସମ୍ପର୍କରେ ସବିଶେଷ ତଥ୍ୟକୁ ଅନୁଶୀଳନ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଅମଲାମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ସେମାନଙ୍କ ମୂଲ୍ୟବାନ ଯୋଗଦାନ ରହିଆସିଛି। ତେଣୁ ସମୂହ ଛୁଟି ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗଦାନ ପାଇଁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ଜିଲାସ୍ତରରେ ଆଲୋଚନା କରିବା ପରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ତେବେ ଶନିବାର ଅମଲାମାନେ ଆନ୍ଦୋଳନରୁ ଓହରିପାରନ୍ତି ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଆଲୋଚନାରେ ମିଳିତ ମଞ୍ଚର ଅଧ୍ୟକ୍ଷ ନାରାୟଣ ଦାସଙ୍କ ସମେତ ଓଡ଼ିଶା ଅମଲା ସଂଘର ସଭାପତି ଜ୍ଞାନରଞ୍ଜନ ଦାସ, ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ଗଣମାଧ୍ୟମ ସମ୍ପାଦକ ଗୁରୁ ଗୋବିନ୍ଦ ଦଳାଇ, ଓଡ଼ିଶା ରାଜସ୍ୱ ଅମଲା ସଂଘ ସାଧାରଣ ସମ୍ପାଦକ ନରେଶ କୁମାର ମହାପାତ୍ର, ଉପସଭାପତି ପ୍ରକାଶ କୁମାର ମାଳିଆ, ଟ୍ରେଜେରି ଅମଲା ସଂଘର ସଭାପତି ସମୀର କୁମାର କାନୁନ୍‌ଗୋ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ରାଉତରାଏ ପ୍ରମୁଖ ଉପସ୍ଥିତ ଥିଲେ।



ତେଲଙ୍ଗାନାର ପ୍ରତିଷ୍ଠା ଦିବସ ଓ ୧୦ମ ପୂର୍ତ୍ତି ଉତ୍ସବ ଶୁକ୍ରବାର ହାଇଦ୍ରାବାଦସ୍ଥିତ ରାଜ୍ୟ ସଚିବାଳୟଠାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ମାସାଧିକକାଳ ଆୟୋଜିତ ହେବାକୁ ଥିବା ସମାରୋହ ଉତ୍ସବକୁ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ସରକାରଙ୍କର ବହୁ ବରିଷ୍ଠ ମନ୍ତ୍ରୀ, ପଦାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବୁଧାଦିତ୍ୟ ଯୋଗଜନିତ ଆଜି ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭପୂର୍ବକ ସମ୍ମାନିତ ହେବେ। ଶିଳ୍ପ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସଫଳ ହେବେ। ନିର୍ମାଣ, ପ୍ରକାଶନ, ଗଣ ଯୋଗାଯୋଗ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ** ପ୍ରତ୍ୟେକ ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଭାସମିତି, ସାମ୍ବାଦିକତା, ଏଜେନ୍ସିପ୍ରୁ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କଠାରୁ ଅଯାଚିତ ସାହାଯ୍ୟ, ସହଯୋଗ ପ୍ରାପ୍ତ ହେବ।

**ମିଥୁନ** ଧନାଧିପତି ଷଷ୍ଠଭାବସ୍ଥ ଯୋଗୁ ଅର୍ଥସମ୍ପର୍କକୁ କେନ୍ଦ୍ରକରି ସମସ୍ୟାର ସମ୍ମୁଖୀନ ହେବେ। ଭୁଲ୍ ବୁଝାମଣାଜନିତ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ବଦଳି ହେତୁ ଆକସ୍ମିକ ସ୍ଥାନ ପରିବର୍ତ୍ତନଜନିତ କେତେକ ସମସ୍ୟା ଆସିପାରେ। ବିଭିନ୍ନ ଦୁଶ୍ଚିନ୍ତାରେ ନିଜ ଲୋକଙ୍କୁ ଭୁଲ୍ ବୁଝି ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଆଜି କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନସନ୍ ଦୂର ହେବ।

**ସିଂହ** ପଦାଧିକାରୀଙ୍କ ଆଦେଶରେ ଯାତ୍ରା କରିବାକୁ ବାଧ ହେବେ। ମନ ବିଚଳିତ ରହିବା କାରଣରୁ କେତେକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ମୁସ୍କିଲ୍ ହୋଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**କନ୍ୟା** ଘରୋଇ ସମସ୍ୟାର ସମାଧାନ ସକାଶେ ଆତ୍ମୀୟଙ୍କ ସାହାଯ୍ୟ ଭିକ୍ଷା କରିବେ। କର୍ମକ୍ଷେତ୍ରରେ କେତେକ ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କଷ୍ଟ ହେବ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** କର୍ମକ୍ଷେତ୍ରରେ କିଛି ନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ପ୍ରଚଣ୍ଡ ଖରାରେ ଦୀର୍ଘପଥ ଅତିକ୍ରମ କରିବା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ପରିଲକ୍ଷିତ ହେବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ସାହିତ୍ୟ, ରାଜନୀତି, ସାମ୍ବାଦିକତା, ଆଇନ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** ଜନ୍ମଚନ୍ଦ୍ର ହେତୁ ଦୂର ସ୍ଥାନକୁ ଯିବା ସମୟରେ ଅନ୍ୟମନସ୍କ ହେଲେ ଅସୁବିଧା ଭୋଗିବେ। ପ୍ରତ୍ୟେକ ସ୍ତରରେ ସହମତି ଭିତ୍ତିରେ କାମ କରିବା ହିତକର ହୋଇପାରେ। ସଂଗଠନ, ଆନୁଷ୍ଠାନିକ କାମ, ରାଜନୀତି, ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ପାରିବାରିକ ସମସ୍ୟା କେତେକାଂଶରେ କମି ଯାଇଥିବା କାରଣରୁ ମାନସିକ ସ୍ଥିତି ଏକପ୍ରକାର ଭଲ ରହିବ। ଶତ୍ରୁତାଜନିତ ପ୍ରତିରୋଧ କାମକୁ କେତେକାଂଶରେ ବିଶୃଙ୍ଖଳିତ କରିପାରେ। ଶିଳ୍ପ, ବ୍ୟବସାୟ, ପରିବହନରେ ସମସ୍ୟା ସମାଧାନ ହେବ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର** ଆଜି ଯେଉଁ କାମ ଆରମ୍ଭ କରିବେ ସେଥିରେ ସଫଳ ହେବେ। କାହା ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ଣରେ ପାଇବେ। ଅତି ଭଲ ସମ୍ପର୍କ ରଖିଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ସମୟରେ କୌଣସି ସମସ୍ୟା ଉପୁଜିପାରେ।

**କୁମ୍ଭ** ଭଲ ସମ୍ପର୍କ ନ ଥିବା କାରଣରୁ ପଡ଼ୋଶୀମାନେ ସାଧାରଣ କଥାରୁ କଳହ କରିପାରନ୍ତି। ସାଧାରଣ ମନେ ନକରି ପିଲାମାନଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରିବା ଭଲ ହେବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି।

**ମୀନ** ଶୁଭଚନ୍ଦ୍ର ପ୍ରଭାବରୁ ଆନୁଷ୍ଠାନିକ କାମରେ ବନ୍ଧୁ, ବୁଦ୍ଧିଜୀବୀ କିମ୍ବା ଆତ୍ମୀୟଙ୍କ ଦ୍ୱାରା ପ୍ରଶଂସାଭାଜନ ହୋଇପାରନ୍ତି। ଘରୋଇ କ୍ଷେତ୍ରରେ ବାଦବିବାଦ କିମ୍ବା ଜମିଜମା ବିଷୟ ଜଟିଳ ହୋଇପାରେ। ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଏକ ଭିନ୍ନ ପରିବେଶରେ ପୁଣି ଯୋଡ଼ି ହୋଇଯିବ। ଜମିଜମା କାରବାର, କାରଖାନା, ହୋଟେଲ, ତେଜରାତି ଦୋକାନ ପ୍ରଭୃତିରୁ ବିଶେଷ ଲାଭବାନ୍ ହେବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା, ଶନିବାର, ଶ୍ରୀଜୀଉଙ୍କର ଚତୁର୍ଥୀ ହୋମ ଓ ସେନାପଟାଲାଗି, ଜୁନ୍ ୩ ତାରିଖ, ପୂର୍ଣ୍ଣିମା ବିହିତ ଚନ୍ଦ୍ରପୂଜା ଓ ଉପବାସ, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶ୍ରାଦ୍ଧଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୧୨।୧୧ ମଧ୍ୟେ, ଘ.୦୩।୦୧ ଗତେ ଘ.୦୩।୪୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୭ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ ॥

## ପ୍ରଥମ ପୃଷ୍ଠାରୁ...

### ଭୟଙ୍କର ଟ୍ରେନ୍ ...

ନିଆଯାଇଥିବାବେଳେ ଗୁରୁତରଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ସମସ୍ତ ହସ୍‌ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଡାକ୍ତରମାନଙ୍କୁ ଆଲର୍ଟ ରହିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ବାହାନଗା ଷ୍ଟେଶନର ୧୦୦ ମିଟର ପୂର୍ବରୁ ଥିବା ମୁଖ୍ୟ ଫାଟକ ନିକଟ ୧ ନମ୍ବର ଲାଇନରେ ଏକ ମାଲବାହୀ ଟ୍ରେନ ଛିଡ଼ା ହୋଇଥିବା ବେଳେ ପଛରୁ ହାଓଡାରୁ ଆସୁଥିବା କରମଣ୍ଡଳ ଏକ୍ସପ୍ରେସ ଲାଇନ ବଦଳାଇ ୨ ନମ୍ବର ଲାଇନ୍‌କୁ ଯିବା ପରିବର୍ତ୍ତେ ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା। ଫଳରେ କରମଣ୍ଡଳ ଏକ୍ସପ୍ରେସର ୧୨ଟି ବଗି ଓଲଟିପଡ଼ିଥିଲା। ଏହି ସମୟରେ ୩ ନମ୍ବର ଲାଇନ୍‌ରେ ଯଶୱନ୍ତପୁର-ହାଓଡା ଏକ୍ସପ୍ରେସ ଅତିକ୍ରମ କରୁଥିବାବେଳେ କରମଣ୍ଡଳ ଏକ୍ସପ୍ରେସର ଦୁର୍ଘଟଣାଗ୍ରସ୍ତ ବଗି ସହ ଧକ୍କା ହୋଇଥିଲା। ଏଥିଯୋଗୁ ଯଶୱନ୍ତପୁର-ହାଓଡା ଏକ୍ସପ୍ରେସ୍‌ର ୪ଟି ବଗି ଓଲଟି ପଡିଥିଲା।

ଦୁର୍ଘଟଣାସ୍ଥଳକୁ ୩ଟି ଏନ୍‌ଡିଆରଏଫ ଟିମ୍, ୪ଟି ଓଡ୍ରାଫ ଟିମ୍ ବାଲେଶ୍ୱରରୁ ପଠାଯାଇଥିବାବେଳେ ବହୁସଂଖ୍ୟକ ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ଟି ଆମ୍ବୁଲାନ୍ସ, ଆସକା ଲାଇଟ ମଧ୍ୟ ଦୁର୍ଘଟଣାସ୍ଥଳକୁ ପଠାଯାଇଛି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଆହତଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଆହତମାନଙ୍କୁ ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରେ ଚିକିତ୍ସା ସେବା ଯୋଗାଇଦେବାକୁ ବ୍ୟବସ୍ଥା କରାଯାଉଛି। ୨୦ଜଣ ଡାକ୍ତରୀ ଛାତ୍ର ଓ ଅନ୍ୟ ୨୪ଜଣ ଡାକ୍ତରଙ୍କୁ ଜିଲା ଓ ଅନ୍ୟ ହସ୍ପିଟାଲରୁ ତୁରନ୍ତ ବାଲେଶ୍ୱର ମେଡିକାଲ କଲେଜରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ, ବାଲେଶ୍ୱରସ୍ଥିତ ମେଡିକାଲ କଲେଜ ଓ ବାରିପଦାସ୍ଥିତ ମେଡିକାଲ କଲେଜକୁ ପ୍ରସ୍ତୁତ ରହିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀକାଳୀନ ଫୋନ୍ ନଂ.-୬୭୮୨୨୬୨୨୮୬, ହାୱଡା ହେଲ୍‌ପଲାଇନ୍ ନଂ.-୦୩୩୨୬୩୮୨୨୧୭, ଖଡ଼ଗପୁର ହେଲ୍‌ପଲାଇନ୍ ନଂ.-୮୯୭୨୦୭୩୯୨୫ ଓ ୯୩୩୨୩୯୨୩୩୯, ବାଲେଶ୍ୱର ହେଲ୍‌ପଲାଇନ୍ ନଂ.-୮୨୪୯୫୯୧୫୫୯ ଓ ୭୯୭୮୪୧୮୩୨, ସାଲିମାର ହେଲ୍‌ପଲାଇନ୍ ନଂ.- ୯୯୦୩୩୭୦୭୪୬ ଜାରି କରାଯାଇଛି।

### ଆଜି ଘଟଣାସ୍ଥଳ ...

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି ଯେ, ଉଦ୍ଧାର କାର୍ଯ୍ୟରେ ସାମିଲ ହେବା ଲାଗି ୩ଟି ଏନ୍‌ଡିଆର୍‌ଏଫ ଟିମ୍, ୪ଟି ଓଡ୍ରାଫ୍ ଟିମ୍, ୧୫ରୁ ଅଧିକ ଅଗ୍ନିଶମ ବାହିନୀ, ୫୦ରୁ ଅଧିକ ଆମ୍ବୁଲାନ୍ସ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆହତମାନଙ୍କୁ ଚିକିତ୍ସା କରିବା ଲାଗି ସମସ୍ତ ପ୍ରକାର ଡାକ୍ତରୀ ସୁବିଧାର ମଧ୍ୟ ବ୍ୟବସ୍ଥା କରାଯାଉଛି। ଭୁବନେଶ୍ୱରରୁ ଯାଇଥିବା ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ରହି ଉଦ୍ଧାର କାର୍ଯ୍ୟକୁ ତଦାରଖ କରୁଛନ୍ତି। ଯାତ୍ରୀ ଓ ସେମାନଙ୍କ ସମ୍ପର୍କୀୟ ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ୦୬୭୪-୨୫୩୪୧୭୭ ନମ୍ବରରେ ଯୋଗାଯୋଗ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ଏସ୍‌ଆରସିଙ୍କ କଣ୍ଟ୍ରୋଲ ରୁମ୍‌ରେ ପରିବହନ ସଚିବ ଉଷା ପାଢ଼ୀ ଏବଂ ଓଏସ୍‌ଡିଏମ୍‌ଏ ଏମ୍‌ଡି ଜ୍ଞାନରଞ୍ଜନ ଦାସ ରହି କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ୍ ମହାନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ଏବଂ ଉନ୍ନୟନ କମିଶନରଙ୍କ ସମେତ ସେ ନିଜେ କାର୍ଯ୍ୟାଳୟରେ ଉପସ୍ଥିତ ରହି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତଦାରଖ କରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଆଇନଶୃଙ୍ଖଳା ସ୍ଥିତି ରକ୍ଷା କରିବା ସହ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ଲାଗି ଅତିରିକ୍ତ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ରାତିରେ ଯେପରି ଉଦ୍ଧାର କାର୍ଯ୍ୟ ଜାରି ରହିପାରିବ ସେନେଇ ମଧ୍ୟ ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି।

### ଓଜେଇଇ: ୪୮,୭୮୩ ...

ବି. ଫାର୍ମ, ଏମ୍‌ବିଏ, ଏମ୍‌ସିଏ/ଏମଏସ୍‌ସି.(କମ୍ପ୍ୟୁଟର ସାଇନ୍ସ), ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଲାଟେରାଲ ଏଣ୍ଟ୍ରି-ଫାର୍ମ, ଏମ୍.ଫାର୍ମ, ଏମ୍.ଆର୍କ, ଏମ୍.ପ୍ଲାନ୍ ଓ ଏମ୍.ଟେକ୍ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ ପରୀକ୍ଷା କରାଯାଇଥିଲା। ରାଜ୍ୟର ସମସ୍ତ ୩୦ଟି ଜିଲାର ୪୪ କେନ୍ଦ୍ର ସହିତ ରାଜ୍ୟ ବାହାରେ ୩ଟି ସହର ଯଥା କୋଲକାତା, ପାଟନା ଏବଂ ରାଞ୍ଚିରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ରାଜଭବନ ନିକଟ ସରକାରୀ ଆଇଟିଆଇ ପରିସର ବିଭାଗର ସମ୍ମିଳନୀ କକ୍ଷରେ ଫଳ ଘୋଷଣା ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ, ଓଜେଇଇ ଅଧ୍ୟକ୍ଷ ଓ ସଚିବ ଉପସ୍ଥିତ ଥିଲେ।

| ପାଠ୍ୟକ୍ରମ | ଟପ୍ପରଙ୍କ ନାମ |
|---|---|
| ବି.ଫାର୍ମ | ସୌରଭ କୁମାର ପତି |
| ଲାଟେରାଲ ଏଣ୍ଟ୍ରି-ଟେକ୍(ଡିପ୍ଲୋମା) | ରଜତ ଶତ୍ରୁସାଲ |
| ଲାଟେରାଲ ଏଣ୍ଟ୍ରି-ଟେକ୍(ବିଏସ୍‌ସି) | ରକ୍ଷିତ ରାଜ ଗୁପ୍ତା |
| ଲାଟେରାଲ ଏଣ୍ଟ୍ରି-ଫାର୍ମ | ଶୁଭଶ୍ରୀ ମହାନ୍ତି |
| ଏମ୍‌ବିଏ | ସତ୍ୟଜିତ ସାହୁ |
| ଏମ୍‌ସିଏ/ଏମଏସ୍‌ସି.(କମ୍ପ୍ୟୁଟର ସାଇନ୍ସ) | ଅପୂର୍ବ ସୁନ୍ଦର ନାୟକ |
| ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ | ପ୍ରିୟଙ୍କା ଦେ |
| ବି.କ୍ୟାଟ୍ (ସିନେମାଟୋଗ୍ରାଫି) | ପ୍ରିୟଙ୍କା ଦେ |
| ବି.କ୍ୟାଟ୍(ଫିଲ୍ମ ଏଡିଟିଙ୍ଗ୍) | ସଞ୍ଜାଳି ଗୁପ୍ତା |
| ଏମ୍.ଫାର୍ମ | ରଶ୍ମିରଞ୍ଜନ ପାଣିଗ୍ରାହୀ |
| ଏମ୍. ଆର୍କ | ପ୍ରିୟଙ୍କା କେଡ଼ିଆ |
| ଏମ୍. ପ୍ଲାନ୍ | ରୂପାଲୀ ରତ୍ନ ପ୍ରିୟା |
| ସିଭିଲ୍ ଇଞ୍ଜିନିୟରିଂ | ସୁବାସ ଚନ୍ଦ୍ର ପୃଷ୍ଟି |
| ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ | ସତ୍ୟଜିତ ମହାନ୍ତି |
| ମେକାନିକାଲ ଇଞ୍ଜିନିୟରିଂ | ସୁମିତ ପରିଡ଼ା |
| କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ/ଆଇଟି | ଦୀପକ କୁମାର ସ୍ୱାଇଁ |
| ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂ | ଏମ୍. ଭାର୍ଗବୀ |
| କେମିକାଲ ଇଞ୍ଜିନିୟରିଂ | ସଂଗ୍ରାମ ପାତ୍ର |
| ମେଟାଲୁର୍ଜିକାଲ ଇଞ୍ଜିନିୟରିଂ | ଶତ୍ରୁଘ୍ନ ନାୟକ |
| ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ | ଶ୍ରୀରାମ ଦିୱାନା |
| ବାୟୋଟେକ୍ନୋଲୋଜି | ରାହୁଲ ନାୟକ |
| ପ୍ଲାଷ୍ଟିକ ଇଞ୍ଜିନିୟରିଂ | ବ୍ୟୋମକେଶ କାମିଲା |
| ଟେକ୍ସଟାଇଲ୍ ଇଞ୍ଜିନିୟରିଂ | ଅଙ୍କିତ ସାମଲ |

# ବିମଳେନ୍ଦୁ ସୋନପୁର ଜିଲାପାଳ

**ଭୁବନେଶ୍ୱର,୨।୬(ବ୍ୟୁରୋ):** ରାଜ୍ୟ ସରକାର ବିମଳେନ୍ଦୁ ରାୟଙ୍କୁ ସୋନପୁର ଜିଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିମଳେନ୍ଦୁ ଏବେ ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଅଛନ୍ତି। ସୋନପୁର ଜିଲାପାଳ ଆବୋଲି ସୁନୀଲ ନରଓ୍ୱଣେଙ୍କୁ ଝାରସୁଗୁଡ଼ାକୁ ବଦଳି କରାଯାଇଥିଲା। ଉପନିର୍ବାଚନ ପୂର୍ବରୁ ନରଓ୍ୱଣେ ଝାରସୁଗୁଡ଼ା ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେବେଠାରୁ ସୋନପୁରରେ ଜିଲାପାଳ ପଦବୀ ଖାଲିପଡ଼ିଥିଲା। ବରିଷ୍ଠ ଓଏଏସ୍ ଅଧିକାରୀ ତଥା ସୋନପୁର ଜିଲାର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସେହିଦିନଠାରୁ ଜିଲାପାଳ ଦାୟିତ୍ୱରେ ଥିଲେ।

# ୩୦ ସୁଦ୍ଧା ସ୍କୁଲପିଲାଙ୍କୁ ମିଳିବ ୟୁନିଫର୍ମ

**ଭୁବନେଶ୍ୱର,୨।୬(ବ୍ୟୁରୋ):** ଚଳିତବର୍ଷ ଜୁନ୍ ୩୦ ସୁଦ୍ଧା ସରକାରୀ ଓ ସରକରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣା ୟୁନିଫର୍ମ ପୋଷାକ ବଣ୍ଟନ କରିବ ଗଣଶିକ୍ଷା ବିଭାଗ। ଏଥିଲାଗି ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ମାସ ଶେଷ ସୁଦ୍ଧା ବଣ୍ଟନ ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ସମସ୍ତ ଜିଲା ଅଧିକାରୀଙ୍କୁ ଓସେପା ନିର୍ଦ୍ଦେଶକ ଚିଠି ଲେଖି ଜଣାଇଛନ୍ତି। ପ୍ରତ୍ୟକ ଛାତ୍ରୀଛାତ୍ରଙ୍କୁ ୫୦୦ ଟଙ୍କା ମୂଲ୍ୟରେ ୨ ହଳ ସ୍କୁଲ ୟୁନିଫର୍ମ ପୋଷାକ, ୨୦୦ ଟଙ୍କା ମୂଲ୍ୟରେ ୧ ହଳ ଜୋତା ଓ ୨ ହଳ ମୋଜା ପ୍ରଦାନ କରାଯିବ। ସେହିପରି ୧୨୫ ଟଙ୍କା ମୂଲ୍ୟରେ ଗୋଟିଏ ଟି-ଶାର୍ଟ ଓ ୧୨୫ ଟଙ୍କାରେ ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ୩୦ ଟଙ୍କାରେ ଗୋଟିଏ ଟୋପି ଓ ୨୦ ଟଙ୍କା ମୂଲ୍ୟରେ ଗୋଟିଏ ପରିଚୟ ପତ୍ର ପ୍ରଦାନ କରାଯିବ। ପିଲାଙ୍କ ପିଛା ଖର୍ଚ୍ଚ ହେଉଥିବା ୧ ହଜାର ଟଙ୍କା ମଧ୍ୟରୁ ୬୦୦ ଟଙ୍କା ସମଗ୍ର ଶିକ୍ଷା ଯୋଜନାରୁ ଓ ୪୦୦ ଟଙ୍କା ରାଜ୍ୟ ସରକାରଙ୍କ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରୁ ଖର୍ଚ୍ଚ କରାଯିବ। ଅନ୍ୟପକ୍ଷରେ ଚଳିତ ୨୦୨୩-୨୪ ଶିକ୍ଷାବର୍ଷରୁ ଗଣଶିକ୍ଷା ବିଭାଗ ଦ୍ୱାରା ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶିକ୍ଷକ ପରିଧାନ ଯୋଜନା ଆରମ୍ଭ ହେବାକୁ ଯାଉଛି। ସେହିଭଳି ଚଳିତ ବର୍ଷଠାରୁ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ଛାତ୍ରୀଛାତ୍ରଙ୍କୁ ସାଇକେଲ ଆବଣ୍ଟନ ଅର୍ଥରାଶି ମଧ ବୃଦ୍ଧି କରାଯାଇଛି। ପୂର୍ବରୁ ସାଇକେଲ ବାବଦକୁ ଛାତ୍ରୀଛାତ୍ରଙ୍କୁ ୨୬୦୦ ଟଙ୍କା ମିଳୁଥିବାବେଳେ ଏବେ ୩୫୦୦ ଟଙ୍କା ଦିଆଯିବ। ୨୦୨୩ ସୁଦ୍ଧା ସମସ୍ତ ସ୍କୁଲରେ ଆଇଟି ଲାବ ପ୍ରତିଷ୍ଠା କରାଯିବ। ଏଥିସହ ଖୁବ୍‌ଶୀଘ୍ର ପ୍ରାଥମିକ ସ୍କୁଲ ପିଲାଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିଠାରୁ ଭୁବନେଶ୍ୱରରୁ ସିଙ୍ଗାପୁର, ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ଉଡ଼ିବ

**ଭୁବନେଶ୍ୱର, ୨।୬ (ବ୍ୟୁରୋ)**

ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବା ପରେ ୩ ତାରିଖ ଶନିବାରଠାରୁ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ସକାଳ ୬ଟା ୨୫ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପ୍ରଥମ ବିମାନ ସିଙ୍ଗାପୁର ଅଭିମୁଖେ ଉଡ଼ାଣ ଭରିବ। ଏହାକୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ପତାକା ଦେଖାଇ ଉଦ୍‌ଘାଟନ କରିବେ। ଏହି ବିମାନଟି ୪ ଘଣ୍ଟାରେ ସିଙ୍ଗାପୁରରେ ପହଞ୍ଚିବ। ସେହିପରି ଅପରାହ୍ନ ୪ଟା ୫୦ରେ ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନ ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ଉଭୟ ରୁଟ୍‌ରେ ଇଣ୍ଡିଗୋ ଏୟାର ଲାଇନ୍ସ ପକ୍ଷରୁ ସପ୍ତାହରେ ଦୁଇଥର ମଙ୍ଗଳବାର ଓ ଶନିବାର ଏହି ବିମାନ ସେବା ଯୋଗାଇ ଦିଆଯିବ। ଭୁବନେଶ୍ୱରରୁ ସିଙ୍ଗାପୁରକୁ ସିଧାସଳଖ ବିମାନ ଯାତ୍ରାରେ ଅନେକ ଅତିଥି ରହିଥିବାବେଳେ ଏମାନଙ୍କ ମଧ୍ୟରେ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ମେୟର ରହିଛନ୍ତି। ଏହି ପଦକ୍ଷେପ ଓଡିଶାର ଯୁବକଙ୍କ ପାଇଁ ଚାକିରି ସୁଯୋଗକୁ ପ୍ରୋତ୍ସାହିତ କରିବ। ସେହିଭଳି ରାଜ୍ୟର ପର୍ଯ୍ୟଟନ ସମ୍ଭାବନାକୁ ବିକଶିତ କରିବା ସହ ଆଇଟି ଏବଂ ଆଇଟିଏସ କ୍ଷେତ୍ରକୁ ମଧ ସମୃଦ୍ଧି କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଏହି ନ୍ତର୍ଜାତୀୟ ବିମାନଗୁଡ଼ିକ ପର୍ଯ୍ୟଟକମାନଙ୍କୁ ଅଧିକ ସୁବିଧା ତଥା ସୁଲଭ ଯାତ୍ରା ବିକଳ୍ପ ଯୋଗାଇଦେବା ସହିତ ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ରକୁ ବ୍ୟାପକ ଭାବେ ଉତ୍ସାହିତ କରିବ ବୋଲି ସୂଚନା ଦିଆଯାଇଛି।

# ୪୦ ଡିଗ୍ରୀ ଉପରେ ୨୧ ସହର



## ଅସହ୍ୟାଳ ତାତି

- **ସମ୍ବଲପୁର ୪୪.୪ ଡିଗ୍ରୀ**
- **ଆହୁରି ୮ ଦିନ ନିସ୍ତାର ନାହିଁ**

**ଭୁବନେଶ୍ୱର,୨।୬(ବ୍ୟୁରୋ)**

ସକାଳ ହେବା ମାତ୍ରେ ମାଡ଼ିଆସୁଛି ପ୍ରଚଣ୍ଡ ଗ୍ରୀଷ୍ମ। ଦିନ ବଢ଼ିବା ସାଙ୍ଗକୁ ତାତି ଅସହ୍ୟ ହେଉଛି। ସକାଳ ୮ଟାରୁ ପାରଦ ୩୩ ଡିଗ୍ରୀ ଟପିଯାଉଛି। ମଧ୍ୟାହ୍ନକୁ ୪୦ ଡିଗ୍ରୀ ପାରହୋଇ ଯାଉଛି। ଗରମ ସାଙ୍ଗକୁ ଗୁଳୁଗୁଳି ଅଣନିଃଶ୍ୱାସୀ କରିଦେଉଛି। ଚାରିଆଡ଼େ ସତେଯେମିତି ଅଗ୍ନିବର୍ଷା ହେଉଛି। ଘରେ କିମ୍ବା ବାହାରେ ନିସ୍ତାର ନାହିଁ। ମଣିଷ, ପଶୁ ପକ୍ଷୀ ଗରମରେ ସିଝୁଛନ୍ତି। ପାଣିମୁନ୍ଦାଏ ପାଇଁ ଜୀବଜନ୍ତୁ ଡହଳବିକଳ ହେଉଛନ୍ତି। ସନ୍ଧ୍ୟା ଯାଏ ମଧ ତାତିର ପ୍ରକୋପ କମୁନାହିଁ। ଶୁକ୍ରବାର ତାତି ଆହୁରି ଅସହ୍ୟ ହୋଇଛି। ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସକୁ ଟପି ଯାଇଛି। ୩ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରହିଥିବା ବେଳେ ୫ଟି ସ୍ଥାନରେ ୪୩ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୪୪.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୪୪, ବୌଦ୍ଧ ୪୪, ଝାରସୁଗୁଡ଼ା ୪୩.୮, ହୀରାକୁଦ ୪୩.୬, ବଲାଙ୍ଗୀର ୪୩.୩, ରାଉରକେଲା ୪୩.୨, ସୁନ୍ଦରଗଡ଼ ୪୩, ଭବାନୀପାଟଣା ୪୨.୬, ଫୁଲବାଣୀ ୪୨.୫, ଟିଟିଲାଗଡ଼ ୪୨.୩, ଅନୁଗୋଳ ୪୨.୧, ବରଗଡ଼ ୪୨, ଭବାନୀପାଟଣା ୪୧.୬, ମାଲକାନଗିରି ୪୧.୫, ନୂଆପଡ଼ା ୪୧.୫, ତାଳଚେର ୪୧.୪, ଚାନ୍ଦବାଲି ୪୦.୭, ବାରିପଦା ୪୦.୨, କଟକ ୪୦.୧ ଏବଂ ଭଦ୍ରକରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଏଭଳି ଉତ୍ତପ୍ତ ପରିବେଶ ଆହୁରି ୮ ଦିନ ଯାଏ ବଳବତ୍ତର ରହିବ। ୬ରୁ ୧୦ ତାରିଖରେ ଅସହ୍ୟ ଗରମ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ମଧ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ ଏବଂ ଢେଙ୍କାନାଳ ଜିଲାରେ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

# ଆଜି ଅପରାହ୍ନ ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ



**ପୁରୀ ଅଫିସ, ୨।୬**

ଆସନ୍ତା ୪ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ଏହି ଦିନ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନବେଦିରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେବେ। ଠାକୁରମାନେ ଗୋଟି ପହଣ୍ଡିରେ ସ୍ନାନବେଦିକୁ ଆସବେ। ସ୍ନାନଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଗୁପ୍ତ ନୀତି ସମ୍ପାଦନ କରିବେ। ତେଣୁ ପରମ୍ପରା ଅନୁଯାୟୀ ନୀତି ନିମନ୍ତେ ଶୁକ୍ରବାର ଦଇତାପତି ସେବକମାନେ ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି। ସ୍ନାନଯାତ୍ରା ଉଦ୍ଦେଶ୍ୟରେ ଚାରମାଳ ବନ୍ଧା ଓ ସେନାପଟା ଲାଗି ସମେତ ମହାପ୍ରଭୁଙ୍କ ଗୁପ୍ତ ନୀତି ସମ୍ପନ୍ନ ପାଇଁ ୨ତାରିଖ ଶୁକ୍ରବାର ରାତି ୧୦ଟାରୁ ୩ତାରିଖ ଶନିବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରୀମନ୍ଦିରକୁ ଦଇତାପତି ସେବକଙ୍କ ପ୍ରବେଶ

**ପୁରୀ ଅଫିସ, ୨।୬**

## ସ୍ନାନଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କଲେ

ଆସନ୍ତା ୪ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ତଥା ସ୍ନାନଯାତ୍ରା। ଏହିଦିନ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ମହାପ୍ରଭୁଙ୍କ ଅଣସର ନୀତି ଆରମ୍ଭ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ଗୁପ୍ତ ନୀତି ସମ୍ପାଦନ କରିବେ। ଶୁକ୍ରବାର ଶୁକ୍ଳ ତ୍ରୟୋଦଶୀ ତିଥି ଅବସରରେ ଦଇତାପତି ସେବକମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ସ୍ନାନଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେମାନେ ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବା କରିବେ।

ଶୁକ୍ରବାର ରାତ୍ର ବଡ଼ସିଂହାର ସରି ଶ୍ରୀମୁଖ ଖଣ୍ଡୁଆ ପଡ଼ିବା ପରେ ଦଇତାପତି ସେବକମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟ କଣ୍ଟ ନୀତି ସମ୍ପନ୍ନ କରିଛନ୍ତି। ସେନାପଟା ଲାଗି ଓ ବାହୁଟ କଣ୍ଟ ପାଇଁ ସାକ୍ଷୀଗୋପାଳରୁ ଆସିଥିବା ବଉଳକାଠରେ ସେନାପଟା ଓ ବାହୁଟ ନିର୍ମାଣ କରାଯିବ। ପହଣ୍ଡି ସମୟରେ ଏହି ସେନାପଟା ଓ ବାହୁଟ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ। କୋଠ ସୁଆଁସିଆ ସେବକମାନେ ରତ୍ନସିଂହାସନରେ ଚାରମାଳ ବାନ୍ଧି ବାହାରିବା ପରେ ଦଇତାପତି ସେବକମାନେ ଶନିବାର ସକାଳେ ଶ୍ରୀମନ୍ଦିର ଗର୍ଭଗୃହକୁ ଯାଇ ମହାପ୍ରଭୁଙ୍କୁ ସେନାପଟା ଲାଗିକରିବେ।






# ପଦବୀ ଖାଲି ପଡ଼ିଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପାଖାପାଖି ୨ ମାସ ହେଲା ଦୋହାରେ ଭାରତୀୟ ରାଷ୍ଟ୍ରଦୂତ ପଦବୀ ଖାଲି ରହିବା ଯୋଗୁ କାତାରରେ ଭାରତର କୂଟନୈତିକ ପ୍ରତିନିଧିତ୍ୱରେ ବଡ଼ ଶୂନ୍ୟସ୍ଥାନ ଦେଖାଯାଇଛି । ପୂର୍ବରୁ ଦୋହାରେ ଥିବା ଭାରତର ରାଷ୍ଟ୍ରଦୂତ ଦୀପକ ମିତ୍ତଲ ସ୍ୱଦେଶକୁ ଫେରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ରେ ଯୋଗଦେଇଛନ୍ତି । ଯୁଗ୍ମ ସଚିବ (ଗଲ୍ଫ) ଭିପୁଲ ସେହି ପଦବୀରେ ଅବସ୍ଥାପିତ ହେବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଉଛି । କିନ୍ତୁ ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଔପଚାରିକ ଭାବେ ଏ ସମ୍ପର୍କରେ ଘୋଷଣା କରିନାହିଁ । ଦୋହାରେ ଭାରତୀୟ ରାଷ୍ଟ୍ରଦୂତଙ୍କ ଅନୁପସ୍ଥିତି କେବଳ ଏକ ଅମଲାତାନ୍ତ୍ରିକ ବିଷୟ ନୁହେଁ, ବରଂ ସିଧାସଳଖ ପ୍ରଭାବିତ ହେଉଥିବା ବ୍ୟକ୍ତିମାନଙ୍କ ଉପରେ ଏହାର ଗମ୍ଭୀର ପରିଣାମ ରହିଛି । ବିଶେଷକରି ଗତ ବର୍ଷ ଅଗଷ୍ଟରୁ ଦୋହାରେ ଏକାନ୍ତ କାରାବାସରେ ଥିବା ୮ ଜଣ ପୂର୍ବତନ ନୌସେନା ଅଧିକାରୀ ଅସହାୟ ଅନୁଭବ କରୁଛନ୍ତି । ଭାରତୀୟ ରାଷ୍ଟ୍ରଦୂତ ନ ଥିବାରୁ ସେମାନଙ୍କ ସମ୍ପର୍କୀୟଙ୍କ ଭଲମନ୍ଦ ଓ ମାମଲାର ନ୍ୟାୟିକ ସ୍ଥିତି ସମ୍ପର୍କରେ ସେମାନେ କିଛି ଜାଣିପାରୁନାହାନ୍ତି । ଏହି ନୌସେନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ ହୋଇ କାତାର ଆଇନ ଅନୁଯାୟୀ ବିଚାର ପ୍ରକ୍ରିୟା ଚାଲିଛି । ଏଣୁ ଅଧିକାରୀମାନଙ୍କ ପରିବାରବର୍ଗ ସେମାନଙ୍କ ସ୍ଥିତିକୁ ନେଇ ଅଧିକ ଚିନ୍ତିତ ରହିଛନ୍ତି । ରାଷ୍ଟ୍ରଦୂତ ନିଯୁକ୍ତ ହୋଇ ନ ଥିବାରୁ ଯୋଗାଯୋଗ କରିବା ପାଇଁ ସୁଯୋଗ ନାହିଁ କିମ୍ବା ଆଗକୁ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ମାର୍ଗଦର୍ଶନ କରିବାକୁ କେହି ନାହାନ୍ତି । ଏଭଳି ଅନିଶ୍ଚିତତା ମଧ୍ୟରେ ଏମ୍ଇଏ ତୁରନ୍ତ ଜଣେ ଦକ୍ଷ ଓ ସକ୍ଷମ ରାଷ୍ଟ୍ରଦୂତଙ୍କୁ ଦୋହାରେ ନିଯୁକ୍ତ କରିବା ଆବଶ୍ୟକ ।

### ସିଭିଲ ସର୍ଭିସ୍‌ରେ ମହିଳାଙ୍କ ପ୍ରଭାବ

ଭାରତୀୟ ଅମଲାତାନ୍ତ୍ରିକ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ହେଉଛି । ନିକଟରେ ୟୁପିଏସ୍‌ସି ସିଭିଲ ସର୍ଭିସ୍ ପରୀକ୍ଷାଫଳ ପ୍ରକାଶ ପାଇଛି ଓ ଏଥିରେ ଏକ ଅଭୂତପୂର୍ବ ଉନ୍ନତି ସାମ୍ନାକୁ ଆସିଛି । ଯୋଗ୍ୟ ତାଲିକାର ଶୀର୍ଷ ୪ଟି ସ୍ଥାନ ମହିଳାମାନେ ଦଖଲ କରିଛନ୍ତି । ଇଶିତା କିଶୋର ପ୍ରଥମ, ଗରିମା ଲୋହିଆ ଦ୍ୱିତୀୟ, ଉମା ହରଥି ତୃତୀୟ ଏବଂ ସ୍ମୃତି ମିଶ୍ର ଚତୁର୍ଥ ସ୍ଥାନରେ ରହିଛନ୍ତି । ଶୀର୍ଷ ୨୫ ଜଣ ସଫଳ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ୧୪ ଜଣ ମହିଳା । ଲଗାତର ୨ ବର୍ଷ ହେଲା ସିଭିଲ ସର୍ଭିସ୍‌ର ଶୀର୍ଷତମ ର୍‍ୟାଙ୍କରେ ମହିଳାମାନଙ୍କ ପ୍ରାଧାନ୍ୟ ରହିଛି । ଏଭଳି ପରିବର୍ତ୍ତନର ଧାରା ସିଭିଲ ସର୍ଭିସ୍‌ରେ ମହିଳାମାନଙ୍କ ଉଲ୍ଲେଖନୀୟ ପ୍ରଗତିର ଗୁରୁତ୍ୱକୁ ପ୍ରକାଶ କରିଛି । ସିଭିଲ ସର୍ଭିସ୍‌ରେ ସେମାନଙ୍କ ପ୍ରତିନିଧିତ୍ୱ ବି ସମୟକ୍ରମେ ବଢ଼ିବାରେ ଲାଗିଛି ଓ ମହିଳାମାନଙ୍କ କ୍ରମୋନ୍ନତିର ଯାତ୍ରା ଅତ୍ୟନ୍ତ କଠିନ ରହିଆସିଛି । ୧୯୫୧ରେ ପ୍ରଥମ ମହିଳା ଆନ୍ନା ଜର୍ଜ ମାଲହୋତ୍ରା ଆଇଏଏସ୍ ଅଫିସର ଭାବେ ଯୋଗଦେବାଠାରୁ ଆରମ୍ଭ କରି ଏବକାର ପ୍ରାର୍ଥୀମାନଙ୍କର ଲହର ଯାଏ, ମହିଳାମାନେ ସଂଘର୍ଷପୂର୍ଣ୍ଣ ଆହ୍ୱାନର ସାମ୍ନା କରିଆସିଛନ୍ତି । ପରିସଂଖ୍ୟାନରୁ ଜଣାପଡେ , ଚଳିତ ବର୍ଷ ସ୍ୱୀକୃତ ତଥା ସଫଳ ୯୩୩ ପ୍ରାର୍ଥୀମାନଙ୍କର ଏକ ତୃତୀୟାଂଶରୁ ଅଧିକ ହେଉଛନ୍ତି ମହିଳା । ଦୁଇ ଦଶକ ପୂର୍ବରୁ ଏହା ଥିଲା ପ୍ରାୟ ୨୦ ପ୍ରତିଶତ ଏବଂ ତା'ତୁଳନାରେ ଏବକାର ସଫଳତାରେ ଆଖିଦୃଶିଆ ବୃଦ୍ଧି ଘଟିଛି । ସିଭିଲ ସର୍ଭିସ୍‌ରେ ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ସୂଚାଉଛି ଯେ, ପାରମ୍ପରିକ ପୁରୁଷପ୍ରାଧାନ୍ୟ ଅମଲାତାନ୍ତ୍ରିକ ଦୃଶ୍ୟପଟରେ ଏକ ବଡ଼ ପରିବର୍ତ୍ତନ ଘଟିଛି । ସେମାନଙ୍କ ଯୋଗଦାନ ଏକ ଅଧିକ ସମ୍ମିଳିତ ଓ ବ୍ୟାପକ ଶାସକୀୟ ଢାଞ୍ଚା ପାଇଁ ବାଟ ଦେଖାଇବାର ସମ୍ଭାବନା ସୃଷ୍ଟି ହୋଇଛି ।

### ମଦ ସମସ୍ୟା

ତାମିଲନାଡୁ ପୋଲିସର ପ୍ରୋହିବିଶନ ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ (ପିଇଡବ୍ଲ୍ୟୁ) କର୍ମଚାରୀମାନଙ୍କୁ ଡିଜିପିଙ୍କ ତରଫରୁ ନିଆଯାଇଥିବା ଏକ ପଦକ୍ଷେପ ରକ୍ଷା କରିଦେଇ ପାରେ । ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସି. ଶୈଳେନ୍ଦ୍ର ବାବୁ ପୋଲିସ ଅଧିକାରୀମାନଙ୍କୁ ଏକ ଲିଖିତ ବାର୍ତ୍ତା ପଠାଇ ଅନ୍ୟ କୌଣସି ଡ୍ୟୁଟିରେ ମୁତୟନ ହେବା ଲୋଭରୁ ବିରତ ହେବାକୁ କହିଛନ୍ତି । ଏହି ନିର୍ଦ୍ଦେଶନାମା ରାଜ୍ୟର ସବୁ କମିଶନର ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପଠାଇ ଦିଆଯାଇଛି । ସ୍ପଷ୍ଟତଃ, ପିଇଡବ୍ଲ୍ୟୁ ଅଧିକାରୀମାନଙ୍କୁ ଅନ୍ୟସବୁ କ୍ଷେତ୍ରକୁ ନିଆଯିବା ସହ ଦାୟିତ୍ୱ ଦିଆଯାଇଛି, ଯେଉଁଥିରେ ସେମାନଙ୍କ ମୂଳ ଉଦ୍ଦେଶ୍ୟ ସହ କୌଣସି ସମ୍ପର୍କ ନାହିଁ । ସୂତ୍ରରୁ ଜଣାପଡ଼ିଛି , ପିଇଡବ୍ଲ୍ୟୁ ୟୁନିଟ୍ ଅଧିକାରୀମାନଙ୍କୁ ବ୍ୟକ୍ତି, ବିଲ୍ଡିଂ ଓ ସଂସ୍ଥା ସୁରକ୍ଷା ଦାୟିତ୍ୱରେ ଲଗାଯାଉଛି , ଯାହା ସେମାନଙ୍କ କାମ ନୁହେଁ । ତାମିଲନାଡୁରେ ବେଆଇନ ମଦ ବିକ୍ରି ବିରୋଧରେ ଲଢେଇ କରିବା ବଦଳରେ ଅନେକ ସମୟରେ ସେମାନଙ୍କୁ ଅତିରିକ୍ତ କାର୍ଯ୍ୟ କରିବାକୁ ବାଧ କରାଯାଉଛି । ତେବେ ଡିଜିପି ଏବେ ସେମାନଙ୍କୁ ରକ୍ଷା କରିବାକୁ ଆଗେଇ ଆସିଛନ୍ତି ଓ ପିଇଡବ୍ଲ୍ୟୁ ବିଭାଗକୁ ତା'ର ପ୍ରକୃତ ଦାୟିତ୍ୱ ଓ ମଦ ଉପଦ୍ରବୀଙ୍କ ଉପରେ ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବେଆଇନ ମଦ କାରବାରକୁ ନେଇ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଚାଲିଛି । ଭିଲୁପୁରମ୍ ଏବଂ ଚେଙ୍ଗଲାପାଟ୍ଟୁ ଜିଲାରେ ଗୋଟିଏ ପରେ ଗୋଟିଏ ବିପର୍ଯ୍ୟୟ ଘଟି ମିଥାନଲ ମିଶ୍ରିତ ମଦ ପିଇ ୨୪ ଜଣଙ୍କ ମୃତ୍ୟୁ ହୋଇଛି । ଖୁବ୍ ନିକଟରେ ଥାଞ୍ଜାଭୁର ଜିଲାରେ ବିଷାକ୍ତ ମଦ ଯୋଗୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଫୋରେନ୍‌ସିକ ଅନୁଧ୍ୟାନରୁ ଜଣାପଡ଼ିଛି । ସାୟାନାଇଡଯୁକ୍ତ ମଦ ପିଇବା ଯୋଗୁ ଏଭଳି ଘଟିଛି । ଏଣୁ ସଂଯମ ଓ ସୁରକ୍ଷା ଭାବନା ଦୃଷ୍ଟିରୁ ଆଶା କରାଯାଏ ଯେ, ଡିଜିପିଙ୍କ ନିର୍ଦ୍ଦେଶ ପରେ ପିଇଡବ୍ଲ୍ୟୁର ମୁଖ୍ୟ ଦାୟିତ୍ୱ ପ୍ରତି ଏହାର ଅଧିକାରୀମାନେ ଅଧିକ ଧ୍ୟାନଦେବା ଦରକାର ।

Email: dilipcherian@gmail.com

# ଆଇନ ତା' ବାଟରେ ଯାଏ ତ



ସହଦେବ ସାହୁ

କୌଣସି ଅଭିଯୋଗର ସମାଧାନରେ ବା ସେବାପ୍ରାପ୍ତିରେ ବିଳମ୍ବ ଯୋଗୁ ସରକାରଙ୍କ ଉପରେ ଅଙ୍ଗୁଳି ଉଠିଲେ ଶାସକ ଦଳର ପ୍ରବକ୍ତା କହନ୍ତି ଆଇନ ତା' ବାଟରେ ଯାଉଛି, ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି? 'ବାଟ'ରେ ଯେ କେତେ 'ଡାଇଭର୍ସନ' (ବିଳମ୍ବ ବା ଅବହେଳା ଭଳି) ହେଉଛି ତାହା ସରକାରୀ ଦଳ ମାନେନାହିଁ । ଆଇନକୁ କେହି ବାଟ କଢ଼ାଉଛି ତାହା ସାଧାରଣ ଲୋକେ ଦେଖିପାରନ୍ତିନାହିଁ । ଗଣତନ୍ତ୍ର ସରକାରରେ ତ୍ରିଶାଖା ମଧ୍ୟରୁ ବିଧାୟିକା ଶାଖା ଆଇନ ତିଆରି କରେ, ତାହା କ୍ଳୀବ ଓ ନିର୍ଜୀବ ; ତା'ର ଜୀବନ୍ୟାସ ଦିଅନ୍ତି କାର୍ଯ୍ୟପାଳିକା(ପ୍ରଶାସନ)ର କର୍ମଚାରୀ ଓ ଅଧିକାରୀମାନେ ଏବଂ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇଛି କି ନାହିଁ ତା'ର ବିଚାର କରନ୍ତି ନ୍ୟାୟପାଳିକାର ଅଧିକାରୀମାନେ । ନ୍ୟାୟିକ ରାୟକୁ କାର୍ଯ୍ୟକାରୀ କରନ୍ତି ପ୍ରଶାସନିକ ଅଧିକାରୀମାନେ, ସେଠି ବି ଆଇନର ବାଟରେ ଖାଲ ଢିପ ଦେଖାଯାଏ ଶାସକ ଦଳର ଇଙ୍ଗିତରେ । ଚାର୍ଲସ୍ ଡିକେନ୍ସ କ'ଣ ବୃଥାରେ କହିଥିଲେ, 'ଦ ଲ ଇଜ୍ ଆନ୍ ଆସ୍'– ଆଇନ ଗୋଟିଏ ଗଧ ! ଆଇନଟି କିପରି କାର୍ଯ୍ୟକାରୀ ହେବ, ତାକୁ ସ୍ପଷ୍ଟ କରିବା (ବାଟ ଦେଖାଇବା) ପାଇଁ ରୁଲ୍‌ସ ବି ତିଆରି କରନ୍ତି ପ୍ରଶାସନିକ ଅଧିକାରୀମାନେ, ଯଦିଓ ବିଧାୟକ ସଭାର ସମ୍ମତି ନିଆଯାଏ । କେତେକ ନେତା ତ କହନ୍ତି 'ଶୋ' ମି ଦ ମ୍ୟାନ୍, ଆଇ ଉଇଲ୍ ଶୋ' ୟୁ ଦି ଲ' ଅର୍ଥାତ୍ ଲୋକ ଦେଖି ଆଇନ ଲାଗୁ କରାଯାଇପାରେ । ପୋଲିସ ହାତରେ ଗରିବ ବା ଦଳିତଟିଏ ନିର୍ଯ୍ୟାତିତ ହେଉଥିବା ବେଳେ ପ୍ରଭାବୀ ବ୍ୟକ୍ତିକୁ ସେମାନେ ଗାଡ଼ିରେ ବସାଇ ତା' ଘରେ ଛାଡ଼ିଦେଇ ଆସିଥା'ନ୍ତି । ବିରୋଧୀ ଦଳର କେହି ଅଭିଯୁକ୍ତ ହେଲେ ଆଇନର ବାଟ ଏକ ଚିକ୍କଣ ରାଜପଥ ଭଳି । ଓଡ଼ିଶାର ଉଦାହରଣ ଦେଲେ ମାନହାନି ମକଦ୍ଦମାର ଶିକାର ହେବାକୁ ପଡ଼ିପାରେ, ତେଣୁ ଦିଲ୍ଲୀର ଯନ୍ତରମନ୍ତରଠାରେ କୁସ୍ତିଯୋଦ୍ଧାମାନଙ୍କ ଅଭିଯୋଗର ଉଦାହରଣ ଦେବି । ସେମାନେ ଭାରତୀୟ କୁସ୍ତି ସଂଘ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନଗତ ଅଶାଳୀନ ବ୍ୟବହାରର ଅଭିଯୋଗ ଆଣିଥିଲେ ବି ପୋଲିସ୍ ଚୁପ୍ ଥିଲା । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଏତଲା ଗ୍ରହଣ କଲା, ତଥାପି ବ୍ରିଜ୍‌ଭୂଷଣଙ୍କୁ ଗିରଫ ତ ଦୂରର କଥା, ପଚରାଉଚରା ବି କରିନାହିଁ । କାରଣ ଦିଲ୍ଲୀ ପୋଲିସକୁ କଣ୍ଟ୍ରୋଲ କରୁଥିବା କେନ୍ଦ୍ର ସରକାର ଚଳାଉଥିବା ଦଳର ସାଂସଦ, ବରଂ ପୋଲିସ ଆନ୍ଦୋଳନକାରୀଙ୍କୁ ଟାଣିଘୋଷାରି ଅନ୍ୟତ୍ର ନେଇଛି । ଅଥଚ ସମରୂପ ଅଭିଯୋଗରେ ତେହଲ୍‌କା ସମ୍ପାଦକ ଗିରଫ ହେଲେ ଓ ଜେଲ୍ ଗଲେ !

ଏ ତ ଫୌଜଦାରି ଆଇନର 'ବାଟ' କଥା । ଅଣଫୌଜଦାରି ମାମଲାରେ ବି ଆଇନ ତା ବାଟରେ ଯାଉନାହିଁ, ନାଗରିକ–ଅଧିକାର ଆଇନ କ୍ଷେତ୍ରରେ ତ ବାଟଯାକ ଗାତ! କର୍ମଚାରୀ/ଅଧିକାରୀ ନ ଚାହିଁଲେ ବାଟ ବନ୍ଦ! ଗୋଟିଏ ଉଦାହରଣ ହେଉଛି ସରକାରୀ ସେବା ପାଇବାର ଅଧିକାର ଆଇନ: ଦି ଓଡିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସେସ୍ (ଓଆର୍‌ଟିପିଏସ୍) ଆକ୍ଟ । ୨୦୧୨ରୁ ତିଆରି ଏହି ଆଇନ ଲୋକଙ୍କୁ ଯଥା ସମୟରେ ସେବା ଯୋଗାଇବା ପାଇଁ ବାଟ ବତାଉଛି । ଏ ଆଇନ ଟାଉଟର ସଂଖ୍ୟା ବଢ଼ାଉଛି । ଲୋକଙ୍କୁ ଏତେ ହଇରାଣ କରୁଛି ଯେ ଲୋକେ ଏହାକୁ ଭୁଲି ଘୁଷ୍ ଦେଇ କାମ କରିନେବା ଶସ୍ତା ପଡ଼ିବ ବୋଲି ଭାବିଲେଣି । ଓଡ଼ିଶାର ଅଡିଟର ଜେନେରାଲ ତାଙ୍କର ଏକ ରିପୋର୍ଟରେ ଜଣାଇଛନ୍ତି କିପରି ଓଆର୍‌ଟିପିଏସ୍ ଆକ୍ଟ ଓ ରୁଲ୍‌ସ ଏକ ରାସ୍ତାରେ ଗାଡ଼ିକୁ ସ୍ଲୋ କରୁଥିବା ରମ୍ବଲଷ୍ଟ୍ରିପ୍ ଭଳି କାମ କରୁଛି ତ କେଉଁଠି ଗଡ଼ାରେ ପଡ଼ି ଭାଙ୍ଗିଯାଉଛି । ତେଣୁ ଘୁଷ୍ ଏକ ଇକୋନୋମିକ୍ ଆକ୍ଟିଭିଟି ହୋଇଛି । ତାହା ଉପଭୋକ୍ତାର ସମୟ ବଞ୍ଚାଏ ଓ ବ୍ୟୟଭାର କମାଏ (ବାରମ୍ବାର ଦଉଡ଼ିବା ଖର୍ଚ୍ଚ, ଅଫିସ୍ ପାଖରେ ରହିବାର ଖର୍ଚ୍ଚ ଏବଂ ଦେହ ତଥା ମନର ପୀଡ଼ାରୁ ବଞ୍ଚାଏ) ଓ ଅଧିକାରୀର ଲାଭ ହୁଏ, ଦରମା ଉପରେ ଅତିରିକ୍ତ କିଛି ମିଳିଯାଏ । ଏ ସବୁର କାରଣ ଆଇନର ବାଟ ଓଗାଳିବା ଅଧିକାରୀମାନଙ୍କ ଉପରେ ଆକ୍ସନ୍ ନିଆହେଉନାହିଁ, ଯାହାର କାରଣ ଉପରିସ୍ଥ ଅଧିକାରୀମାନେ ଅଧସ୍ତନ କର୍ମଚାରୀର କାର୍ଯ୍ୟ–ସମ୍ପାଦନ ସମୀକ୍ଷା କରୁନାହାନ୍ତି, କାରଣ ସେପରି କରୁନାହାନ୍ତି ବୋଲି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । କିନ୍ତୁ ନାଗରିକର ପ୍ରାପ୍ୟରୁ କିଛି କମିଯାଏ ତ ଉଦ୍ଦିଷ୍ଟ ଉପକାର ମିଳେନାହିଁ, ତେଣୁ ସରକାରଙ୍କ ଲକ୍ଷ୍ୟ ଭ୍ରଷ୍ଟ ହେବାରେ ଅଧିକାରୀମାନେ ଦାୟୀ । ଅଧିକାରୀମାନେ ଭ୍ରଷ୍ଟ ହେବାରେ ମନ୍ତ୍ରୀମାନେ ଦାୟୀ । ଶେଷରେ ମନ୍ତ୍ରୀମାନେ ଭ୍ରଷ୍ଟ ହେବାରେ ସେମାନଙ୍କୁ ଜିତାଉଥିବା ଭୋଟରମାନେ ଦାୟୀ ।



ଓଡ଼ିଶା ଅଡିଟର ଜେନେରାଲ ବିଭିନ୍ନ ବିଭାଗରେ କିପରି ଓଆର୍‌ଟିପିଏସ୍ ଆକ୍ଟ ୨୦୧୨ ଓ ରୁଲ୍‌ସ କାମ କରୁଛି ତା' ସମୀକ୍ଷା କରି ଯାହା ଲେଖିଛନ୍ତି ତାହାକୁ ସଂକ୍ଷିପ୍ତ ଆକାରରେ ଏଠାରେ ଉଲ୍ଲେଖ କରିବା ଉଚିତ । ଏ ଆଇନର କାର୍ଯ୍ୟକାରିତା ନିରୀକ୍ଷଣ ବା ସମୀକ୍ଷା କରିବା ଦାୟିତ୍ୱ ପ୍ରତ୍ୟେକ ଡିପାର୍ଟମେଣ୍ଟ ଉପରେ ନ୍ୟସ୍ତ କରାଯାଇଛି, ଯାହାର ସର୍ବୋଚ୍ଚ ନିୟନ୍ତ୍ରକ ହେଉଛି ଜେନେରାଲ ଆଡ୍‌ମିନିଷ୍ଟ୍ରେଶନ ବିଭାଗ ଅଧୀନସ୍ଥ ଆଡ୍‌ମିନିଷ୍ଟ୍ରେଟିଭ୍ ରିଫର୍ମ ଶାଖା । ସାଧାରଣ ପ୍ରଶାସନ(ପ୍ରଶାସନିକ ସଂସ୍କାର) ବିଭାଗ ୨୦୧୩ ଡିସେମ୍ବରରେ ରୁଲ୍‌ସ ତିଆରିକରି ଓଆରଟିପିଏସ୍ ଆକ୍ଟ ଅଧୀନରେ ବିଭିନ୍ନ ସେବା କେମିତି ମିଳୁଛି ତା'ର ମନିଟରିଂ କରିବା ଓ ସେବା ପାଇବାର ସୁବିଧା ପାଇଁ ସେଣ୍ଟ୍ରାଲ ମନିଟରିଂ ସିଷ୍ଟମ୍ (ସିଏମ୍‌ଏସ୍) ଚାଲୁ କଲେ, କିନ୍ତୁ କେହି ତା' ବ୍ୟବହାର କରୁନାହିଁ ବୋଲି ଅଡିଟର ଜେନେରାଲ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ତେଣୁ ଏ ଆଇନଟି ତା' ବାଟରେ ଯାଉନାହିଁ । ସମ୍ପୃକ୍ତ ଅଫିସ୍ ଆବେଦନ ପତ୍ର ପାଇଲା କ୍ଷଣି ସିଏମ୍‌ଏସ୍‌ରେ ଏକ କ୍ରମିକ ନମ୍ବର ଦେଇ ପ୍ରାପ୍ତି ସ୍ୱୀକାର କରିବ, ଏଥିରେ ଜଣାଇବ ଆବେଦନକାରୀ କ'ଣ କ'ଣ କାଗଜ/ଦଲିଲ ଦେବା ଦରକାର, କ'ଣ କ'ଣ ଅଭାବ ରହିଛି ଯାହା ସେ ପୂରଣ କରିବ । କେଉଁ ତାରିଖ ସୁଦ୍ଧା ସମାଧାନ ହେବ ଜଣାଇ ତାକୁ ଗୋଟିଏ ଏସ୍‌ଏମ୍‌ଏସ୍ ଯିବ । ଏଥିଲାଗି ପ୍ରତି ଅଫିସ୍‌ରେ ଜଣେ ଅଫିସର ଉଦ୍ଦିଷ୍ଟ 'ଡେଜିଗ୍‌ନେଟେଡ୍ ଅଫିସର' (ଡିଓ) ରହିବ, ତାଙ୍କ ନିଷ୍ପତ୍ତି ଉପରେ ଅସନ୍ତୁଷ୍ଟ ହେଲେ ଆବେଦନକାରୀ ଅପିଲ କରିପାରେ, ପ୍ରତି ବିଭାଗରେ ଜଣେ ଆପିଲେଟ୍ ଅଥରିଟି(ଏଏ) ଓ ତାଙ୍କ ଉପରେ ଜଣେ ରିଭିଜନାଲ୍ ଅଥରିଟି (ଆର୍‌ଏ) ରହିବ । ଅଡିଟ୍ କେତେଗୁଡ଼ିଏ ନଥି ତନଖି କରି ଦେଖିଛନ୍ତି, (୧) କମ୍ପ୍ୟୁଟର ବ୍ୟବହାର ହେଉନାହିଁ, (୨) ଡାଟା ବା ତଥ୍ୟ ଭରଣା ହେଉନାହିଁ, (୩) କଟକ ଜିଲା ସବ୍‌ରେଜିଷ୍ଟ୍ରାର୍ ମେ' ୨୦୧୭ରୁ ଓ ସମ୍ବଲପୁର ଡିଏସ୍‌ଆର୍ ଜାନୁୟାରୀ ୨୦୧୬ରୁ କାମ କରୁଛି, ଆଇନଟି ୪ ଓ ୫ ବର୍ଷ ଚାଲୁ ହେଲାପରେ, (୪) ଟ୍ରାନ୍ସପୋର୍ଟ ବିଭାଗରେ ଆବେଦନର କାମ ସରିଗଲା ପରେ ହିଁ ତା'ର ଡାଟା ପୂରଣ କରାଯାଇଛି, ତା' ମାନେ ମନିଟରିଂ ହେଉନାହିଁ, କାମ କରି ନ ଥିଲେ ନାଗରିକର ଦରଖାସ୍ତ କ'ଣ ଓ କିପରି ଅଛି ତା'ର ତଥ୍ୟ ନାହିଁ, ତେଣୁ ସିଏମ୍‌ଏସ୍‌ର ଉଦ୍ଦେଶ୍ୟ ବିଫଳ । ପୁଣି ଆବେଦନକାରୀକୁ ପ୍ରାପ୍ତିସ୍ୱୀକାର ପଠାଯାଉନାହିଁ । ଡିପାର୍ଟମେଣ୍ଟ ବି ଜାଣିନାହିଁ ଦରଖାସ୍ତକାରୀ ତା' ଆବେଦନର ଜବାବ ପାଇଛି କି ନାହିଁ । କୌଣସି ଡିପାର୍ଟମେଣ୍ଟ ଏହି ଆକ୍ଟ ଅଧୀନରେ କିପରି କାମ ହେଉଛି ତାହା ସମୀକ୍ଷା କରୁନାହିଁ, କୌଣସି ଅଫିସ୍ କମ୍ପ୍ୟୁଟରରୁ ମାସିକ ପ୍ରୋଗ୍ରେସ୍ ରିପୋର୍ଟ ଦେଉନାହିଁ, ସବୁ ସାଧାରଣ ଟାଇପ୍‌କରା ବା ହାତଲେଖା । ଆଇନ କିପରି ତା' ବାଟରେ ଯାଉଛି ଦେଖିଲେ ତ!

ଗଣତନ୍ତ୍ର ଶାସନର ନିୟମ ମଧ୍ୟ ତା' ବାଟରେ ଯାଉନାହିଁ । ଅମଲାତନ୍ତ୍ର ଆନିମସ୍ ଅର୍ଥାତ୍ ଅଜ୍ଞାତ ରହିବା କଥା । ମନ୍ତ୍ରୀମାନେ ତାଙ୍କ ବିଭାଗ କଥା ଓ ଯୋଜନା ବା ପ୍ରସ୍ତାବ ଜଣାଇବେ । ଜଣେ ସଚିବ ମନ୍ତ୍ରୀ ଭଳି ଆଚରଣ ଦେଖାଇବା କୋଉ ଆଇନର କୋଉ ବାଟରେ ଅଛି?

sahadevas@yahoo.com

## ଏଇ ଭାରତରେ

କିଛି ନୂତନତ୍ୱ ନିଶାରେ କଲ୍ୟାଣ କୁମାର କଲେଜ ପଢ଼ାରେ ଡୋରି ବାନ୍ଧିଦେଲେ । ପରେ ତାଙ୍କ ପିତାଙ୍କ କମ୍ପାନୀରେ ଏକ ମେଶିନ ତିଆରି କରି ସେଥିରେ ଶସ୍ୟଜାତ ବର୍ଜ୍ୟରୁ କପ୍, ଗିନା ଓ ଚାମଚ ଆଦି ତିଆରି କରୁଛନ୍ତି । ତାମିଲନାଡୁ କୋଏମ୍ବାଟୁର ନିବାସୀ କଲ୍ୟାଣ ଏଥିରେ ଭଲ ଆୟ କରିବା ସହ ପରିବେଶ ସୁରକ୍ଷା ମଧ୍ୟ କରିପାରୁଛନ୍ତି । କୁଣ୍ଡା ଓ ଗହମ ଚୋପା, କଇଁଆ ମଞ୍ଜି, କଦଳୀ ପତ୍ରରୁ ସେ ଏହିସବୁ ଉତ୍ପାଦ ତିଆରି କରୁଛନ୍ତି । କଲ୍ୟାଣ ବିବିଏ କୋର୍ସ ଛାଡ଼ି ପ୍ରଥମେ ତାଙ୍କ ପିତାଙ୍କ କମ୍ପାନୀରେ ୨୦୧୭ରେ ପ୍ଲାଷ୍ଟିକ ବିକଳ୍ପ ଉତ୍ପାଦ ପାଇଁ ମେଶିନ ତିଆରି କରିବା ଆରମ୍ଭ କରିଥିଲେ । ପ୍ରଥମେ ଗୁଆପତ୍ର ଖୋଳପାରୁ ପ୍ଲେଟ୍ ପାଇଁ ଓ ପରେ ଶସ୍ୟ ବର୍ଜ୍ୟରୁ କପ୍ ତିଆରି ଲାଗି ମେଶିନ ନିର୍ମାଣ କରିଥିଲେ । ସେ ତିଆରି କରୁଥିବା ଛୋଟ ମେଶିନର ଦାମ୍ ୩ ଲକ୍ଷ ଓ ବଡ଼ ମେଶିନ ୩୦ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଛି । ସେ ଏବେ ଯେଉଁ ମେଶିନ ବ୍ୟବହାର କରୁଛନ୍ତି ତାହା ଏକାଥରକେ ୧୦୦୦ କପ୍ ତିଆରି କରୁଛି ଓ ବଡ଼ ମେଶିନରେ ଦିନକୁ ୧୦,୦୦୦ କପ୍ ତିଆରି ହେଉଛି । ମୋଟିଏ ମାସରେ ସେ ୧୦ ଲକ୍ଷ କପ୍ ବିକ୍ରି କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୩ ଜୁନ୍ ୧୯୯୮

- ଅଂଶୁଘାତରେ ୪୧୦ ଜଣ ମୃତ୍ୟୁବରଣ କରିଥିବା ନେଇ ରାଜ୍ୟ ସରକାରଙ୍କ ସ୍ୱୀକାରୋକ୍ତି ।
- ପ୍ରବଳ ଘୂର୍ଣ୍ଣିବାତ୍ୟା ଯୋଗୁ ତାଳଚେର–ଭଞ୍ଜନଗର ନୟାଗଡ଼ ଦେଇ ଭୁବନେଶ୍ୱରକୁ ଆସୁଥିବା ୨୨୦ କେଭି ଡବଲ ସର୍କିଟ ଲାଇନର ତିନୋଟି ଟାୱାର ଭୁଶୁଡ଼ି ପଡ଼ିବାରୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ।
- ଆସାମର ବୋଡୋ ଲିବରେସନ ଟାଇଗର ଉଗ୍ରପନ୍ଥୀମାନେ ରାଜ୍ୟର ଉତ୍ତର ପୂର୍ବାଞ୍ଚଳରେ ଏକ ବଡ଼ ଧରଣର ବୋମା ବିସ୍ଫୋରଣ ଘଟାଇ ୩ଟି ପୋଲକୁ ଭାଙ୍ଗିଦେବା ସହିତ ଯୋଗାଯୋଗ ବ୍ୟବସ୍ଥାକୁ ବିଚ୍ଛିନ୍ନ କରିଦେଇଛନ୍ତି ।

# ଚମ୍ପାବତୀ ଉପାଖ୍ୟାନ



ଜୟଶ୍ରୀ ପଟ୍ଟନାୟକ

ସକାଳୁ ସକାଳୁ ମାଲିକ ଘର ଆଗରେ ଭିଡ଼ ଦେଖି ମୁଁ ଟିକେ ଭୟଭୀତ ହୋଇପଡ଼ିଲି । ଯେତେବେଳେ ଘଟଣା କ'ଣ ଘଟିଛି ତାହା ବୁଝିବାକୁ ଗଲି ଜଣାପଡ଼ିଲା ଯେ, ଚମ୍ପାବତୀ ନାମ୍ନୀ ଯେଉଁ ଭଦ୍ରମହିଳା ଜଣକ ପ୍ରତିଦିନ କାଳିଅନ୍ଧାରରୁ ଉଠି ମାଲିକ ଘର ଗଛରୁ ଫୁଲ ଚୋରାଏ ସେ ଆଜି ନାଳ ଉପରେ ପଡ଼ିଥିବା ସ୍ଲାବ୍ ଖଣ୍ଡେ ଭାଙ୍ଗିଯିବାରୁ ନାଳରେ ଗଳିପଡ଼ିଛି । ଅଣ୍ଟାରୁ ଗୋଡ଼ ନାଳ ଭିତରେ ଆଉ ଅଣ୍ଟାରୁ ମୁଣ୍ଡ ନାଳ ଉପରେ । ଓଜନ ଆନୁମାନିକ ଅଶୀ ସରିକି ହେବ । ତାକୁ ପୁଣି ନାଳରୁ କିଏ ଉଠେଇବ ଲୋ ମା' ! ନାଳକୁ ଲାଗି ପିଚୁରାସ୍ତା ଲମ୍ବିଯାଇଛି । ରାତିଦିନ ଗାଡ଼ିମୋଟର ଓ ଆମ୍ବୁଲାନ୍ସ ଶବ୍ଦରେ କାନଅତଡ଼ା ଫାଟିଯାଉଛି । ଖୁବ୍ ଚଳଚଞ୍ଚଳ ହୋଇପଡ଼େ ରାଜଧାନୀ ପାହାନ୍ତିପ୍ରହରୁ । ଏହି ସମୟରେ ଚମ୍ପାବତୀଙ୍କ ଡାକ କାହା କାନରେ ପଡୁ ନ ଥାଏ । ନାଳ ଭିତରେ ପଡ଼ିଯାଇଥିବାରୁ ନାଳର ଗଙ୍ଗାପାଣିରେ ଗୋଡ଼ ଦୁଇଟି ଓଦା ହୋଇ ଥରୁଥାଏ । ସବୁ ହେଲା ଯେ ତାକୁ ନାଳରୁ ଉଠେଇବ କିଏ ସେନେଇ ବିଚାରବିମର୍ଶ ଚାଲିଲା । ଏହି ସମୟରେ କାଉ କା ନ ବୋଲୁଣୁ କାମରେ ଆସି ଯୋଗଦେଇଥିବା ସଫେଇ କର୍ମଚାରୀ ତଥାକଥିତ ଢଙ୍ଗରେ ପହଞ୍ଚିଗଲେ ମାଲିକ ଘର ଆଗରେ । ଆରେ ସ୍ତ୍ରୀ ଲୋକଟି ନାଳରେ ପଡ଼ିଯାଇଛି ବୋଧେ କହି ଡାକିଲା ସାଥୀ କର୍ମଚାରୀମାନଙ୍କୁ, ଆସ ସମସ୍ତେ ମିଶି ସ୍ତ୍ରୀ ଲୋକଟାକୁ ନାଳରୁ ଉଠାଇବା । ଦୁଇପଟ ଦୁଇଜଣ ଲେଖାଏଁ ଚାରିଜଣ ସଫେଇବାଲା ତା' ବାହୁକୁ ଧରି ଉପରକୁ ଉଠେଇବାକୁ ଚେଷ୍ଟା କଲାବେଳକୁ ମହିଳା ଜଣକ କହିଲେ– ତୁମେମାନେ ମୋତେ ଛୁଇଁଲେ ମୋ ଦେହ ଅପବିତ୍ର ହେଇଯିବ । ଆରେ ଯେ କି କଥା ! ନାଳ ଭିତରେ ପଡ଼ିଥିବା ମଣିଷ କେମିତି ଜୀବନ ବଞ୍ଚାଇବ ସେ କଥା ସିନା ଚିନ୍ତା କରିବ ଯେ ଓଲଟି କହୁଛି ମୋତେ ଛୁଅଁନାହିଁ ମୋ ଦେହ ଅପବିତ୍ର ହେବ । ମୋତେ ଗଙ୍ଗାପାଣିରେ ଗାଧୋଇ ତୁଳସୀ ଖାଇବାକୁ ହେବ । ସେମାନେ ତ ସହଜେ ସଫେଇବାଲା, ସେମାନେ କୋଉ କହିବା ଛାଡ଼ିଦେବେ ଯେ? ସେମାନଙ୍କ ଭିତରୁ ଜଣେ କହିଲା ମାଉସୀ ଲୋ ! ତୁ ତ ନାଳ ଭିତରେ ପଶି ଅଧା ଓଦା ହେଲୁଣୁ । ପାଦ ଦୁଇଟି ନଳାପାଣିରେ ବୁଡ଼ିରହିଛି ପୁଣି ପବିତ୍ର ଅପବିତ୍ର କଥା କାହିଁକି ତୁଣ୍ଡରେ ଧରୁଛୁ କହିଲୁ ? ଆଉ ଜଣେ କହିଲା ମାଉସୀ ! ତୋ ଦେହ ରକ୍ତ ଆଉ ମୋ ଦେହ ରକ୍ତ କ'ଣ ଅଲଗା ? ତୃତୀୟ ଜଣକ କହିଲା ତୋ ଦେହ ତ ନଳାପାଣିରେ ଗନ୍ଧଉଛି । ଚତୁର୍ଥ ଜଣକ କହିଲା ଏଡ଼େ ମୋଟୀ ହେଇଛୁ ଯେ ତୋତେ ଉଠେଇବ କିଏ ନାଳରୁ? ମୁଁ ଯଦି ଉଠେଇବି ତା'ହେଲେ କେତେ ଟଙ୍କା ମଦପାଣିକୁ ଦେବୁ ଆମକୁ କହିଲେ ଯାଇ ଉଠେଇବୁ । ନ ହେଲେ ସେମିତି ଛିଡ଼ା ହୋଇଥା' । ଏତିକି କହି ଚାରିଜଣ ଯାକ ସେ ଠାବରୁ ଚାଲିଗଲେ ସେମାନଙ୍କ କାମରେ ହାଜିରା ଦେବାଲାଗି ।

ଧୀରେ ଧୀରେ ରାସ୍ତାରେ ଯାଉଥିବା ଲୋକମାନଙ୍କ ନଜରରେ ପଡ଼ିଲା ଚମ୍ପାବତୀ । ହାତରେ ଥିବା ଫୁଲଜରିରେ ଟଗର ଆଉ ପର ବାଡ଼ିରୁ ଲଗି ଲଗେଇ ଆଣିଥିବା କନିଅର ଓ



ମନ୍ଦାର ଫୁଲ ରହିଛି । କିଛି ସମୟ ପରେ ପାଖରେ ଘର କାମରେ ବ୍ୟବହୃତ ହେଉଥିବା ନିଶୁଣିକୁ ଆଣି ନାଳରେ ଥୁଆହେଲା ଆଉ ମାଉସୀ ଜଣକ ଉପରକୁ ଉଠିଲେ ଶିଡ଼ି ସାହାଯ୍ୟରେ । ପାଖ ପାଇପ୍‌ରେ ଧୁଆଧୋଇ ହୋଇ ଫୁଲଜରିକୁ ସାଙ୍ଗରେ ନ ନେଇ ଅଳିଆ ଗଦାରେ ଫିଙ୍ଗିଦେଲା । ଘରେ ପହଞ୍ଚି ଯାହା ଘଟିଥିଲା ସେ ସମ୍ପର୍କରେ ଘରଲୋକଙ୍କୁ ଜଣାଇବା ପରେ ଘରଲୋକ ଆସି ସକାଳୁ ସକାଳୁ ମାଲିକ ଘର ଉପରେ ତୁମ୍ବିତୋଫାନ । କ'ଣ ନା, କି ଘର ତିଆରି କରିଛ ଯେ ନାଳ ଉପରେ ସ୍ଲାବ୍ ଖଣ୍ଡେ ଭଲରେ ପକାଇପାରୁନାହଁ? ମାଲିକ ମଉସା କହିଲେ, ତୁମେ କି ଘର ବନେଇଛ ଯେ ଫୁଲଗଛ ପାଇଁ ଜାଗା ଟିକେ ନ ରଖି ୟା ବାଡ଼ିକୁ ତା ବାଡ଼ି କାଳିଅନ୍ଧାରରେ ପଶି ସବୁ ଫୁଲ ଚୋରିକରି ନେଉଛ । ଆସିଲ ବୋଲି ତ ନାଳରେ ପଡ଼ି ଖଣ୍ଡିଆ ଖାବରା ହେଲ ଆଉ ଫୁଲ ପ୍ରତିଦିନ ନେଉଛ ବୋଲି ଧରା ବି ପଡ଼ିଲ । ବଜାରରୁ ପରିବା, ସଉଦା, ନଡ଼ିଆ, କଦଳୀ ଆଣୁଛ ଆଉ ଫୁଲ ଟିକେ କିଣି ଆଣିବାକୁ କ'ଣ ଠାକୁର ମନା କରିଛନ୍ତି ଆଉ କହିଛନ୍ତି ଯେ, ପରବାଡ଼ିରୁ ଚୋରିକରି ଆଣି ପୂଜାକଲେ ମୁଁ ସନ୍ତୁଷ୍ଟ ହେବି ବୋଲି ? ଆମ ଘରେ ଗଛ ଥାଇ ଆମେ ବଜାରରୁ କିଣିକି ପୂଜା କରୁଛୁ ଅଥଚ ତୁମେ ଆମ ଗଛରୁ ଫୁଲ ନେଇ ପୂଜା କରିବ । ଚୋରି କରିବ ପୁଣି କୁଆଡୁ ଆସି ଝଗଡ଼ା କରିବ? କି ଓଲଟା ଜମାନା ହୋ । ରୁଣ୍ଡ ହୋଇଥିବା ଲୋକମାନେ ମାଲିକ ମଉସାଙ୍କ କଥାର ସପକ୍ଷ ନେଲାରୁ ଚମ୍ପାବତୀ ଘର ଲୋକେ ସେଠାରୁ ପଳାଇଲେ । କଥା ହେଉଛି ଏମିତି ଅନେକ ପୁରୁଷ ଓ ମହିଳା କାଳିଅନ୍ଧାରରୁ ବାଡ଼ି ଖଣ୍ଡେ ଧରି ଚାଲିବା ବାହାନାରେ କାହା ବାଡ଼ିରୁ ନା କାହା ବାଡ଼ିରୁ ଫୁଲ ଚୋରି କରିବାରେ ଅଭ୍ୟସ୍ତ ହୋଇଗଲେଣି । କାହାର ସୁନାହାର ଛିଣ୍ଡେଇ କିଏ ନେଲାଣି ତ କାହା ଘରେ ଚୋର ପଶିଲାଣି, କିଏ ଷ୍ଟ୍ରିଟ୍ କୁକୁର ହାବୁଡ଼ରେ ପଡ଼ି ସାଙ୍ଗରେ ଆଣିଥିବା ବାଡ଼ିରେ ହୁରୁଡ଼ାଇ ପ୍ରାଣ ବଞ୍ଚାଉଛନ୍ତି । ତଥାପି ଏ ଗୁଣ ଲାଗେ ତାଙ୍କର ପ୍ରକୃତିଗତ ଗୁଣ । ଆଉ ଯେତେବେଳେ ଦୁର୍ଘଟଣା ଘଟୁଛି ସେତେବେଳେ ରାସ୍ତାର ଦୋଷ । ସୁନା ଚୋରି ହେଲେ ପୋଲିସର ଦୋଷ ଏମିତି ଏମିତି କେତେ କଥା ବାହାରେ । ବାସ୍ତବରେ ଆମେ ଆମ ଗୁଣକୁ କେତେ ସଜାଡୁଛେ ? ବହୁତ ପଇସା ଦେଇ ଜାଗା କିଣି ଘର କରୁଛେ, ଆପାର୍ଟମେଣ୍ଟରେ ରହୁଛେ କିନ୍ତୁ ରହୁଥିବା ସ୍ଥାନର ଚାରିପଟେ ଇଞ୍ଚେ ବି ଜାଗା ରଖୁନାହୁଁ । ପର ଦୁଆରୁ ଫୁଲ ଚୋରି କରିବା ଆମର ସାନପଣ ନୁହଁ ବରଂ ଘର ଚାରିପାଖେ ଫୁଲଗଛ ଲଗାଇବା ଓ ମାଟିହାତ ହେବାକୁ ସାନପଣ ମଣୁଛୁ । ପ୍ରଚଣ୍ଡ ନିଦାଘରେ ଘରେ ଏସି ବା କୁଲର ତଳେ ଜୀବନ କାଟିବାକୁ ପସନ୍ଦ କରୁଛୁ ହେଲେ ଘର ଚାରିପାଖରେ ଗଛ ଲଗାଇ ଫୁଲ ସହିତ ପ୍ରାକୃତିକ ପରିବେଶରେ ପବନ ଖାଇ ଘଡ଼ିଏ ସକାଳ ଓ ସଞ୍ଜର ଶାନ୍ତ ପରିବେଶରେ ପରିବାର ସହିତ କଟେଇବା ପାଇଁ ଶ୍ରେୟ ମଣୁନାହୁଁ । ଗାଡ଼ି ରଖିବାକୁ ଗ୍ୟାରେଜ କରିବା ହେଲେ ଯେଉଁ ଦେବଦେବୀଙ୍କ ପାଇଁ ଇଞ୍ଚେ ମାଟି ବି ନାହିଁ ଫୁଲଗଛଟିଏ ପୋତି ଘରୁ ବାହାରୁଥିବା ପରିବା ଚୋପାକୁ ଜୈବିକ ଖତ କରି ପକାଇ ପରିବେଶକୁ ସୁସ୍ଥ ରଖିବା କଥା ଚିନ୍ତା କରିବାକୁ । ଏସବୁ କଥା ହେଜିବା କେବେ? ଏସବୁ କରିବା ଦ୍ୱାରା ଜଗତେ କେବଳ ଜନେ ହସିବେ । ସୁଧିଜନେ ଯାହା ଭଲ ବୋଲି ବିଚାର କରୁଛନ୍ତି ସେଇୟା କରନ୍ତୁ । କାରଣ କଥାରେ ଅଛି ପରା–''ଘୁଷୁରି ପ୍ରକୃତି ପଙ୍କରେ ଲୋଟେ ମଣିଷ ପ୍ରକୃତି ମଳେ ତୁଟେ ।''

ଭୁବନେଶ୍ୱର, ମୋ:୭୯୭୮୧୧୦୪୭୪

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 5 | | 8 | | | 4 | 3 | |
| 3 | 4 | 1 | | 2 | | | | 9 |
| | | | | | | 7 | | |
| | | | | 9 | | | 2 | |
| | | | | | | 9 | | 4 |
| 6 | | | | | 8 | 1 | | |
| | | | | | | 2 | | 5 |
| | | 4 | | | | | | |
| | | | 2 | 5 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 2 | 5 | 4 | 9 | 8 | 1 | 7 |
| 5 | 9 | 8 | 7 | 1 | 6 | 2 | 3 | 4 |
| 1 | 7 | 4 | 8 | 3 | 2 | 5 | 6 | 9 |
| 9 | 2 | 1 | 3 | 6 | 8 | 7 | 4 | 5 |
| 4 | 8 | 3 | 1 | 5 | 7 | 6 | 9 | 2 |
| 7 | 5 | 6 | 9 | 2 | 4 | 1 | 8 | 3 |
| 3 | 1 | 7 | 4 | 8 | 5 | 9 | 2 | 6 |
| 8 | 6 | 9 | 2 | 7 | 3 | 4 | 5 | 1 |
| 2 | 4 | 5 | 6 | 9 | 1 | 3 | 7 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଫୁଲନଖରା–ନିଆଳି ରାସ୍ତା ଓସାରିଆ ହେଉ

ମହାଶୟ,

କଟକ ଉପକଣ୍ଠ ଫୁଲନଖରା ଛକରୁ ନିଆଳି ରାସ୍ତାର ସମ୍ପ୍ରସାରଣ କରାଯାଉ । ଏହି ରାସ୍ତା ଉପରେ ବହୁ ସଂଖ୍ୟକ ଲୋକ ନିର୍ଭର କରୁଥିବାରୁ ଯାତାୟାତରେ ସୁଧାର ଆଣିବା ଆବଶ୍ୟକତା ରହିଛି । ଏହି ରାସ୍ତାରେ ଚାରିଚକିଆ, ତିନିଚକିଆ ଏବଂ ଦୁଇ ଚକିଆ ଗାଡ଼ି ଯାଇଥାଏ । ତା'ଛଡା ନିର୍‌ତାର, ଜାତୀୟ ଅଙ୍ଗ ପ୍ରତିରୋପଣ ଚିକିତ୍ସାଳୟ ରହିଛି । ଡିପିଏସ୍ (ପବ୍ଲିକ୍ ସ୍କୁଲ) ଏବଂ ଇଞ୍ଜିନିୟରିଂ କଲେଜ ଥିବାରୁ ରାସ୍ତାର ରକ୍ଷଣାବେକ୍ଷଣ କରାଯାଉ । କୃଷିଭିତ୍ତିକ ମାଲ୍ ପରିବହନରେ ରାସ୍ତାଟି ଅଣଓସାରିଆ ଥିବାରୁ ସମସ୍ୟା ଦେଖାଦେଉଛି । ଗୁରୁତ୍ୱ ଦୃଷ୍ଟିରୁ ଗମନାଗମନ ସୁଗମ କରାଯାଉ ।

–ରମେଶ ଚନ୍ଦ୍ର ବେହେରା,ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କି ଉଦ୍ଦେଶ୍ୟେ ଏ ସୃଷ୍ଟିର
କି ସନ୍ଦେଶ କିବା ତା'ର ବାଣୀ
କି ଅମୂଲ୍ୟ ନିଧି ତୁଳେ
ଅବିଶ୍ରାମ ଧାଇଁଚାଲେ ପ୍ରାଣୀ ।
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶାଳୀଙ୍କ ପ୍ରେମିକଙ୍କୁ ହତ୍ୟାକଲେ ଭିଣୋଇ

**ପାରାଦୀପ,୨।୬(ସ୍ୱ.ପ୍ର.)**

ସମ୍ପର୍କୀୟ ଶାଳୀଙ୍କୁ ପ୍ରେମ କରିବାରୁ ଭିଣୋଇ ପ୍ରତିକ୍ରିୟାଶୀଳ ହୋଇ ଜଣେ ଯୁବକଙ୍କୁ କୋଦାଳରେ ହାଣି ହତ୍ୟା କରିଛନ୍ତି। ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶ ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଶୁକ୍ରବାର ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଟୁବୁଲା ଜେନା (୨୫)। ସେ କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅନ୍ତର୍ଗତ ସଂସାରଫଳ ନିକଟସ୍ଥ ଲୋକନାଥପୁର ଗ୍ରାମର ଶ୍ରୀଚରଣ ଜେନାଙ୍କ ସାନପୁଅ। ଅଭିଯୁକ୍ତ ଜଣକ ହେଲେ ଉକ୍ତ ଗାଁର ରମେଶ ଜେନା। ସେ ଟୁବୁଲାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

ଅଭିଯୁକ୍ତ ରମେଶ ଟୁବୁଲାଙ୍କ ସମ୍ପର୍କୀୟ ଥିଲେ। ଟୁବୁଲା ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ପଡ଼ିଆସ୍ଥିତ ରେବିକା ହୋଟେଲରେ ମାତ୍ର ୨୫ ଦିନ ହେବ କାମ କରୁଥିଲେ। ହୋଟେଲ ପଛପଟରେ ଏକ ପିଣ୍ଡି ଅଛି। ଗୁରୁବାର ରାତିରେ ଟୁବୁଲାଙ୍କ ସମେତ ଅନ୍ୟ ହୋଟେଲ କର୍ମଚାରୀମାନେ ସେଠାରେ ଶୋଇଥିଲେ। ସେମାନଙ୍କ ମଧ୍ୟରେ ଟୁବୁଲାଙ୍କ ଗାଁର ସମ୍ପର୍କୀୟ ତଥା ଅଭିଯୁକ୍ତ ରମେଶ ଜେନା ମଧ୍ୟ ଥିଲେ। ପ୍ରତ୍ୟୁଷ ପ୍ରାୟ ୪ଟାରେ ରମେଶ ଏକ କୋଦାଳରେ ପ୍ରଥମେ ଟୁବୁଲାଙ୍କ ବେକରେ ଆଘାତ କରିଥିଲେ। କାଳେବଞ୍ଚି ଯାଇଥିବେ ଭାବି ପୁଣି ଏକ ଧାରୁଆ ଛୁରିରେ କାନ ପାଖରେ ଭୁସି ଦେଇଥିଲେ। ପରେ ରକ୍ତ ଭିଜା ପୋଷାକ ବଦଳାଇ ହୋଟେଲ ଭିତରକୁ ଯାଇ ଶୋଇପଡ଼ିଥିଲେ। ଶୁକ୍ରବାର ସକାଳେ ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ିବା ପରେ ହୋଟେଲ ମ୍ୟାନେଜର ସୁଶାନ୍ତ ପାରାଦୀପ ଆଦର୍ଶ ଥାନାକୁ ସୂଚନା ଦେବାସହ ଟୁବୁଲାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ଏହି ଘଟଣାକୁ ନେଇ ସଭିଏଁ ଚଳଚଞ୍ଚଳ ଥିବାବେଳେ ଅଭିଯୁକ୍ତ ରମେଶଙ୍କ ହାବଭାବ ଅଲଗା ରହିଥିଲା। ଏନେଇ ପୋଲିସର ସନ୍ଦେହ ହେବାରୁ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବାରେ ସେ ସବୁ ମାନି ଯାଇଥିଲେ। ରମେଶଙ୍କ କହିବାନୁଯାୟୀ, ତାଙ୍କର ଜଣେ ସମ୍ପର୍କୀୟ ଶାଳୀଙ୍କୁ ଟୁବୁଲା ପ୍ରେମ କରୁଥିଲେ। ରମେଶ ଏନେଇ ବାରମ୍ବାର ବାରଣ କରିବା ସତ୍ତ୍ୱେ ଟୁବୁଲା କିଛି ଶୁଣୁ ନ ଥିଲେ। ଏଥିରେ ସେ ରାଗିଯାଇ ପ୍ରତିଶୋଧ ନେବାକୁ ସ୍ଥିର କରିଥିଲେ ବୋଲି କହିଛନ୍ତି। ପୋଲିସ ରମେଶଙ୍କୁ ଗିରଫ କରିବା ପରେ ଘଟଣାସ୍ଥଳକୁ ନେଇଛି। ସେଠାରେ ରମେଶ କିପରି ହତ୍ୟା କରିଥିଲେ ସେନେଇ ଡେମୋ ଦେଖାଇଥିଲେ। ଅପରାହ୍ନରେ ଟୁବୁଲାଙ୍କ ମୃତଦେହକୁ ଘଟଣାସ୍ଥଳରୁ ଜବତ କରାଯାଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଏନେଇ ଥାନାରେ ମାମଲା (ନଂ.୨୪୨/୨୩)ରୁଜୁ ହୋଇଛି।



ଅଭିଯୁକ୍ତ ରମେଶ ପୋଲିସକୁ ହତ୍ୟାକାଣ୍ଡ ସମ୍ପର୍କରେ କହୁଛନ୍ତି।

### ପାରାଦୀପ ଆଦର୍ଶ ଥାନା ପାଖରେ ବିଭତ୍ସ ହତ୍ୟାକାଣ୍ଡ

### କୋଦାଳରେ ହାଣି ଛୁରି ଭୁସିଲେ

# ରାଜଭବନରେ ତେଲଙ୍ଗାନା ଦିବସ ପାଳିତ

**ଭୁବନେଶ୍ୱର,୨।୬(ବ୍ୟୁରୋ)**

ରାଜଭବନରେ ଶୁକ୍ରବାର ତେଲଙ୍ଗାନା ଦିବସ ପାଳିତ ହୋଇଛି। ତେଲଙ୍ଗାନା ଦିବସ ଉତ୍ସବ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି, ଭାରତ ସମଗ୍ର ବିଶ୍ୱକୁ ଆଲୋକିତ କରୁଛି। ଭାରତୀୟତାରେ ଅଛି ବିଶ୍ୱଜନୀନତା। ଏହା ଅସୀମ ଓ ଅନନ୍ତ ଆନନ୍ଦର ଉତ୍ସ। ଭାରତ ବିଶ୍ୱଗୁରୁର ମର୍ଯ୍ୟାଦା ହାସଲ କରିବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ନିବାସୀ ତେଲଙ୍ଗାନାର ବ୍ୟକ୍ତିବିଶେଷ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ପ୍ରକାଶ କରିଥିଲେ। ଓଡ଼ିଶା ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଓ ଏହାର ଆତିଥ୍ୟ ଅନନ୍ୟ ବୋଲି ସେମାନେ ପ୍ରକାଶ କରିବା ସହିତ ତେଲଙ୍ଗାନା ଏବଂ ଓଡ଼ିଶାର ସାଂସ୍କୃତିକ ଓ ଭାବଗତ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଉତ୍ସବରେ ରାଜଭବନର ବରିଷ୍ଠ ଅଧିକାରୀମାନଙ୍କ ସମେତ ତେଲଙ୍ଗାନା ସମାଜର ବିଭିନ୍ନ ବ୍ୟକ୍ତି ଯୋଗ ଦେଇଥିଲେ।



ତେଲଙ୍ଗାନା ଦିବସ ପାଳନ ଅବସରରେ ରାଜଭବନରେ ଉପସ୍ଥିତ ରାଜ୍ୟପାଳ ଓ ଅନ୍ୟ ଅତିଥିଗଣ।

# ପ୍ୟାଲେସ୍ ଯିବି, ସୁରକ୍ଷା ଦିଅ

### ବଲାଙ୍ଗୀରର ଏସ୍‌ପିଙ୍କୁ ଇ-ମେଲ କଲେ ଅଦ୍ରିଜା ମଞ୍ଜରୀ

**ବଲାଙ୍ଗୀର ଅଫିସ, ୨।୬**

ବଲାଙ୍ଗୀର ରାଜପରିବାର ସଦସ୍ୟ ତଥା ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଓ ତାଙ୍କ ସ୍ତ୍ରୀ ଅଦ୍ରିଜା ମଞ୍ଜରୀ ସିଂଦେଓଙ୍କ ବିବାଦ ଦିନକୁ ଦିନ ତେଜିବାରେ ଲାଗିଛି। ଏବେ ଅଦ୍ରିଜା ମଞ୍ଜରୀ ବଲାଙ୍ଗୀର ଏସପିଙ୍କୁ ଦେଇଥିବା ଏକ ଇ-ମେଲକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଥିରେ ଅଦ୍ରିଜା ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସକୁ ଆସିବା ପାଇଁ ଏସ୍‌ପିଙ୍କୁ ଲିଖିତ ଜଣାଇ ସୁରକ୍ଷା ଲୋଡିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ମେ ୧ ତାରିଖରେ ସେ ବଲାଙ୍ଗୀର ଏସ୍‌ପିଙ୍କୁ ଇ-ମେଲ କରି ସୁରକ୍ଷା ଲୋଡିଥିଲେ। ଶୈଳଶ୍ରୀ ପ୍ୟାଲେସ ତାଙ୍କ ବୈବାହିକ ଘର ହୋଇଥିବାରୁ ସେଠାରେ ତାଙ୍କର ବ୍ୟକ୍ତିଗତ ସାମଗ୍ରୀ ରହିଛି। ତାକୁ ସେ ସେଠାରୁ ନେବାକୁ ଚାହୁଁଛନ୍ତି। ଉକ୍ତ ଇ-ମେଲରେ ସେ ଆହରି ଉଲ୍ଲେଖ କରିଛନ୍ତି ଯେ, ତାଙ୍କୁ ତାଙ୍କ ସ୍ୱାମୀ ଓ ତାଙ୍କ ଷ୍ଟାଫ୍ ଶାରୀରିକ ଆକ୍ରମଣ କରିଥିବାରୁ ଏବଂ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ଆବଶ୍ୟକ। ଗତ ମେ ୧ ତାରିଖର ଇ-ମେଲକୁ ନେଇ ବଲାଙ୍ଗୀର ଏସପିଙ୍କ ଠାରୁ କୌଣସି ପ୍ରତିକ୍ରିୟା ପାଇନଥିବାରୁ ୩୧ ମେ'ରେ ପୁଣି ଥରେ ଚିଠି ଲେଖିଥିବା ଦର୍ଶାଇଛନ୍ତି। ସେ ବଲାଙ୍ଗୀର ଆସି ତାଙ୍କ ସାମଗ୍ରୀ ନେବାବେଳେ ତାଙ୍କ ଶ୍ୱଶୁର ଘର ଲୋକଙ୍କଠାରୁ ଯେଭଳି କୌଣସି କ୍ଷତି ହେବନାହିଁ ସେଦିଗରେ ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଏସପିଙ୍କୁ ଇ-ମେଲ କରିଥିବା ଉଲ୍ଲେଖ କରିଛନ୍ତି। ଗତ ମେ ୧ ତାରିଖରେ ପ୍ରଥମ ଇ-ମେଲ କରିଥିବାବେଳେ ବଲାଙ୍ଗୀରରେ ଏସ୍‌ପି ଦାୟିତ୍ୱରେ ନୀତିନି କୁଶଲକର ଥିଲେ। ଇତିମଧ୍ୟରେ ତାଙ୍କର ବଦଳି ହୋଇଯାଇ ନୂଆ ଏସ୍‌ପି ଭାବେ ଋଷିକେଶ ଖିଲାରି ଯୋଗଦାନ କରିଛନ୍ତି। ୩୧ ତାରିଖରେ ଅଦ୍ରିଜା ପୁଣି ଥରେ ଇ-ମେଲ କରି ସୁରକ୍ଷା ଲୋଡିଥିବାବେଳେ ନୂଆ ଏସ୍‌ପି ଏବେ ଛୁଟିରେ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏନେଇ ଭାରପ୍ରାପ୍ତ ଏସପି ଦାୟିତ୍ୱରେ ଥିବା ଆଡିସ୍‌ନାଲ ଏସ୍‌ପି ସୁରେଶ ନାଏକଙ୍କୁ ଅଦ୍ରିଜାଙ୍କ ଇ-ମେଲ ସମ୍ପର୍କରେ ପଚରାଯିବାରୁ ଏସମ୍ପର୍କରେ ତାଙ୍କ ପାଖରେ ସୂଚନା ନାହିଁ ବୋଲି କହିଛନ୍ତି।

ଅର୍କେଶ-ଅଦ୍ରିଜା ବିବାଦକୁ ନେଇ ଉତ୍ତରାଖଣ୍ଡ ସ୍ଥିତ ଡେରାଡୁନର ରାଜପୁର ଥାନାରେ ମାମଲା ରୁଜୁ ହୋଇଛି। ଅଦ୍ରିଜା ରାଜପୁର ଥାନାରେ ସ୍ୱାମୀ ଅର୍କେଶ ନାରାୟଣ, ଶ୍ୱଶୁର ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଶାଶୁ, ଦେଢ଼ଶୁର ପୂର୍ବତନ ଏମ୍‌ପି ତଥା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଓ ବଡ ଯା'ଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପାରିବାରିକ ହିଂସା ଓ ନିର୍ଯାତନାକୁ ନେଇ ସେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ବଲାଙ୍ଗୀର ରାଜପରିବାରଙ୍କ ଡେରାଡୁନ୍ ସ୍ଥିତ ଘରେ କାମ କରୁଥିବା ଜଣ କର୍ମଚାରୀ ରବିତା ଝା ଅଦ୍ରିଜା, ତାଙ୍କ ବଡ ଭଉଣୀ ଋଚା ମଞ୍ଜରୀ ସିଂ, ବାପା ଅଜୟ ସିଂ ଏବଂ ଡ୍ରାଇଭର ସୋନୁଙ୍କ ବିରୋଧରେ ଡେରାଡୁନ୍ ସ୍ଥିତ ରାଜପୁର ଥାନାରେ ଜାତିଗତ ପ୍ରସଙ୍ଗ ଓ ନିର୍ଯାତନକୁ ନେଇ ଅଭିଯୋଗ କରିଛନ୍ତି। ଏହି ବିବାଦ ଥମିବାର ନାଁ ନେଉ ନ ଥିବାବେଳେ ଅଦ୍ରିଜା ନିଜ ଶ୍ୱଶୁରାଳୟ ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସକୁ ଆସିବା ପାଇଁ ଏସ୍‌ପିଙ୍କ ସୁରକ୍ଷା ଲୋଡିବା ପ୍ରସଙ୍ଗ ବିବାଦକୁ ଘନୀଭୂତ କରିବା ସହ ଚର୍ଚ୍ଚା ଓ ଆଲୋଚନାକୁ ସରଗରମ କରିଛି।



ଅର୍କେଶ-ଅଦ୍ରିଜାଙ୍କ ଫାଇଲ ଫଟୋ।

# ଡମ୍ଫଯୋଡ଼ି ଗ୍ରାମରେ ଆନ୍ଥ୍ରାକ୍ସ



ଡମ୍ଫଯୋଡ଼ି ଗ୍ରାମରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ବିଭାଗର ଟିମ୍।

**ଦଶମନ୍ତପୁର,୨।୬(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତର ଡମ୍ଫଯୋଡ଼ି ଗ୍ରାମରେ ଆନ୍ଥ୍ରାକ୍ସ ରୋଗ ଦେଖିବାକୁ ମିଳିଛି। ଏଥିରେ ୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ସଂକ୍ରମିତ ହୋଇଥିବା ୭ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ଗତ କିଛିଦିନ ତଳେ ଉକ୍ତ ଗ୍ରାମର କେତେଜଣ ଲୋକ ମୃତ ଗୋରୁର ମାଂସ ଖାଇବା ଦ୍ୱାରା ଆନ୍ଥ୍ରାକ୍ସ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି। ଏନେଇ ଖବର ପାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୁଣ ପାଢ଼ୀଙ୍କ ନିର୍ଦ୍ଦେଶରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍, ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟିମ୍ ଏବଂ ପ୍ରାଣୀ ଚିକିତ୍ସା ବିଭାଗର ଏକ ଟିମ୍ ଶୁକ୍ରବାର ଡମ୍ଫଯୋଡି ଗ୍ରାମରେ ପହଞ୍ଚିଛନ୍ତି। ଆକ୍ରାନ୍ତଙ୍କ ନମୁନା ସଂଗ୍ରହ କରିବା ସହ ଗ୍ରାମବାସୀଙ୍କୁ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଛି। ମୃତ ଗୋରୁର ମାଂସ ନ ଖାଇବାକୁ ଟିମ୍ ସ୍ୱାସ୍ଥ୍ୟ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି। ମୃତ ଗୋରୁଙ୍କୁ ଏକ ଗାତ ଖୋଳି ପୋତିଦେବାକୁ ଗ୍ରାମବାସୀଙ୍କୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିପାଇଁ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରାଣୀଚିକିତ୍ସା ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି।

### ୨ ଆକ୍ରାନ୍ତଙ୍କ ସହ ୭ ଚିହ୍ନଟ

# ସାମ୍ନାକୁ ଆସିଲା ସତ, ଗୁଳିର ଜବାବ ଗୁଳି

**ବାରିପଦା ଅଫିସ,୨।୬**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ଚହଲା ରେଞ୍ଜ ଅଞ୍ଚଳରେ ଶିକାରୀ-ବନ କର୍ମଚାରୀ ମୁହାଁମୁହିଁ ଘଟଣାର ସତ ସାମ୍ନାକୁ ଆସିଛି। ଶିକାରୀଙ୍କ ଆକ୍ରମଣ ପରେ ଆତ୍ମରକ୍ଷା ଲାଗି ବନ କର୍ମଚାରୀ ଗୁଳି ଚଳାଇବାରୁ ଶିକାରୀ ଜଗନ୍ନାଥ ହେମ୍ବ୍ରମଙ୍କ ମୃତ୍ୟୁ ହୋଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗନେନି କହିଛନ୍ତି। ଶିକାରୀଙ୍କ ଗୁଳିରେ ଫରେଷ୍ଟ ଗାର୍ଡ ବିମଳ ଜେନାଙ୍କ ମୃତ୍ୟୁ ପରେ ବନ କର୍ମଚାରୀମାନେ ପ୍ରତିଶୋଧପରାୟଣ ହୋଇ ଗୁଳିର ଜବାବ ଗୁଳିରେ ଦେଇଥିବା କୁହାଯାଉଛି।

ଗୁରୁବାର ରାତିରେ ତାଳବନ୍ଧ ଓ ଚହଲା ରେଞ୍ଜର କୋର୍ ଅଞ୍ଚଳରେ ବନ କର୍ମଚାରୀମାନେ କୋମ୍ବିଂ ଅପରେଶନ ଜାରି ରଖିଥିଲେ। ୧୦ରୁ ଊର୍ଦ୍ଧ୍ୱ ଶିକାରୀ ଧନୁତୀର, ବନ୍ଧୁକ, ଶିକାର ସରଞ୍ଜାମ ସମେତ କୁକୁର ସାଙ୍ଗରେ ଧରି ଅଭୟାରଣ୍ୟରେ ପ୍ରବେଶ କରୁଥିବା ସମୟରେ ବନ କର୍ମଚାରୀଙ୍କ ହାବୁଡରେ ପଡ଼ିଥିଲେ। ବନ କର୍ମଚାରୀମାନେ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଶିକାରୀମାନେ ଧନୁତୀର ସହ ଗୁଳି ଚଳାଇଥିଲେ। ସୁରକ୍ଷା ପାଇଁ ବନ କର୍ମଚାରୀ ଗୁଳି ଚଳାଇବାରୁ ଶିକାରୀ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିଲା। ପରେ ଅନ୍ୟ ଶିକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ ବନ କର୍ମଚାରୀମାନେ ଶିକାର ସାମଗ୍ରୀ ସମେତ ୨ ବନ୍ଧୁକ ଜବତ କରିଛନ୍ତି। ତେବେ ଗୋରୁ ଚରାଇବାକୁ ଯାଇଥିବା ବେଳେ ବନ କର୍ମଚାରୀମାନେ ଶିକାରୀ ଭାବି ଗୁଳି କରିବାରୁ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ଲୋକେ ଯେଉଁ ଅଭିଯୋଗ କରିଛନ୍ତି ତାହାକୁ କ୍ଷେତ୍ର ନିର୍ଦ୍ଦେଶକ ଗୋଗନେନି ଖଣ୍ଡନ କରିଛନ୍ତି। ଶିମିଳିପାଳର କୋର ଅଞ୍ଚଳରେ ଗୋରୁ ଚରାଇବା ନେଇ କୌଣସି ଅନୁମତି ନ ଥିବା ବେଳେ ଜଗନ୍ନାଥ ଶିକାର ଉଦ୍ଦେଶ୍ୟରେ ଯାଇଥିବା ନେଇ ବନ ବିଭାଗ ପାଖରେ ଯଥେଷ୍ଟ ପ୍ରମାଣ ରହିଛି ବୋଲି ଗୋଗନେନି କହିଛନ୍ତି।




# ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା, ଚାଳ ଛପର ଉଡ଼ିଲା





କାଳବୈଶାଖୀ ପ୍ରଭାବରେ ଗଛ ଉପୁଡ଼ି ବାଇକ୍ ଚାରିଚକିଆ ଯାନ ଉପରେ ପଡିଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି।

## ମହାକାଳପଡ଼ାରେ କାଳବୈଶାଖୀ
■ ଯାତାୟାତ ପ୍ରଭାବିତ

**ମହାକାଳପଡ଼ା,୨।୬(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। ବଜ୍ରପାତ ସହ ପବନରେ ବହୁ ସ୍ଥାନରେ ଛାଳ ଘର ଛପର ଉଡ଼ି ଯାଇଥିବା ବେଳେ ଗଛ ଉପୁଡ଼ି ପଡିଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। ଫଳରେ ଯାତାୟାତ ପ୍ରଭାବିତ ହୋଇଛି। ମିଳିଥିବା ସୂଚନା ଅନୁସାରେ, ବ୍ଲକର ତିଖିରୀ ଗ୍ରାମର କେତେକ ସ୍ଥାନରେ ଗଛ ଉପୁଡ଼ିବା ସହ ଆଜବେଷ୍ଟସ, ଚାଳ ଛପର ଉଡିଯାଇଛି। କ୍ୟାବିନ୍‌ରେ ଥିବା ଦୋକାନ ପଡିଯାଇଛି। ସେହିପରି ମହାକାଳପଡା ପଞ୍ଚାୟତର ଶିଖର, ଚଡାଇଗୁଆଁ, ଜାଲକଣା ଆଦି ଗ୍ରାମରେ ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡିବା ଯୋଗୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଗୁଳିଗୁଳିରେ ଲୋକମାନେ ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷରେ ଗଛ ଡାଳ ପଡ଼ି ବିଭିନ୍ନ ଅଞ୍ଚଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛ। କେଉଁଠି ବାଇକ୍ ଉପରେ ଗଛ ଡାଳ ପଡ଼ିଲାଣି ତ କେଉଁଠାରେ ୪ ଚକିଆ ଗାଡ଼ି ଉପରେ ଗଛ ଡାଳ ପଡ଼ିଛି। କୌଣସି ଲୋକଙ୍କ କ୍ଷତି ହୋଇ ନ ଥିବା କୁହାଯାଇଛି। ଏହି କାଳବୈଶାଖୀ ଏକ ଘଣ୍ଟା ଧରି ତାଣ୍ଡବ ରଚିଥିଲା। ମହାକାଳପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ରେସକ୍ୟୁ ଅପରେଶନ୍ ଚଳାଇ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ବାଟ ସଫା କରୁଛନ୍ତି।

# ଗଛ ପଡ଼ି ଘର ଭାଙ୍ଗିଲା

**ଆଳି,୨।୬ (ଡି.ଏନ.ଏ.)**

ଆଳି ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। କାଳବୈଶାଖୀ ଯୋଗୁ ଆଳି ତହସିଲ ଅନ୍ତର୍ଗତ ତଅଁଳାଡ଼ିହା ଗ୍ରାମର ଦଣ୍ଡହରି ମହାନ୍ତିଙ୍କ ଘର ଉପରେ ଚାକୁଣ୍ଡା ଗଛ ପଡିବାରୁ ତାଙ୍କ ଘର ଭାଙ୍ଗି ଯାଇଛି। ଘର ଉପରେ ଗଛ ଭାଙ୍ଗି ପଡିବାରୁ ପରିବାର ଲୋକ ଭୟରେ ଘରୁ ବାହାରକୁ ପଳାଇ ଆସିଥିଲେ। ଏହି ଖବରପାଇ ଘଟଣାସ୍ଥଳରେ ଆଳି ଦମକଳ କର୍ମଚାରୀମାନେ ପହଞ୍ଚି ଗଛ କାଟି ସଫା କରିଥିଲେ। ଆଳି ତହସିଲ ପକ୍ଷରୁ ଆତିରିକ୍ତ ତହସିଲଦାର ମାନସ ନାୟକ, କୋଳିଡ଼ିହ ସରପଞ୍ଚ ହେମନ୍ତ ଧଳ ପହଞ୍ଚି ଥିଲେ। କ୍ଷତିଗ୍ରସ୍ତ ପରିବାରକୁ ତହସିଲ ପକ୍ଷରୁ ପାଲ ଯୋଗାଇ ଦିଆଯାଇଛି।

# ମୁକ୍ତା ଯୋଜନା: ୫-ଟି ସଚିବଙ୍କ ସମୀକ୍ଷା



ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଭିଡିଓ କନଫରେନ୍ସ ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ପଟ୍ଟାମୁଣ୍ଡାଇ ପୌର ପରିଷଦ

**ପଟ୍ଟାମୁଣ୍ଡାଇ,୨।୬(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌର ପରିଷଦର ବିକାଶ ପାଇଁ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସରକାର ପଟ୍ଟାମୁଣ୍ଡାଇ ପୌର ପରିଷଦର ମୁକ୍ତା ଯୋଜନା ପାଇଁ ୫ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ୪ ଟି କଲ୍ୟାଣ ମଣ୍ଡପ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଶୁକ୍ରବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ଭିଡିଓ କନଫରେନ୍ସ ଯୋଗେ ପୌର ପରିଷଦ ମୁକ୍ତା ଯୋଜନା ସମେତ ଅନ୍ୟ ଜନକଲ୍ୟାଣ ଯୋଜନାର ସମୀକ୍ଷା କରିଥିଲେ। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଭିଡିଓ କନଫରେନ୍ସ ବୈଠକରେ ୫-ଟି ସଚିବ ପାଣ୍ଡିଆନ ଯୋଜନାଗୁଡ଼ିକର ସମୀକ୍ଷା କରିବା ସହ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କଠାରୁ ପୌର ପରିଷଦର ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ। ପୌର ପରିଷଦର ସମସ୍ତ ରାସ୍ତା, ୱାର୍ଡ ସାହିବସ୍ତି ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ସମସ୍ତ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ଓ ସମସ୍ତ ୱାର୍ଡରେ ଉତମ ଡ୍ରେନେଜ ବ୍ୟବସ୍ଥା ଉପରେ ଗୁରୁତ୍ୱଆରୋପ କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦର ୨୩ ୱାକିଂ ଟ୍ରାକ, ୧୯ ଜଳାଶୟ, ୧୬ ପାର୍କ , ୩ ଖେଳପଡ଼ିଆ ଓ ୧ ଶୌଚାଳୟ ପାଇଁ ୪ କୋଟି ୯୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ବାଲିପଡ଼ା ହନୁମାନ ମନ୍ଦିର ନିକଟରେ କଲ୍ୟାଣ ମଣ୍ଡପ,ବକ୍ତାରପୁର ପ୍ଲମ୍ବିଙ୍ଗ ଇନ୍‌ଷ୍ଟିଚ୍ୟୁଟ ନିକଟରେ କଲ୍ୟାଣ ମଣ୍ଡପ, ପୋଖରୀଆପଡ଼ା ଭଗିମଠ ନିକଟରେ କଲ୍ୟାଣ ମଣ୍ଡପ ଓ ତାତନା ସ୍ମାର୍ଟ ପାର୍କ ନିକଟରେ କଲ୍ୟାଣ ମଣ୍ଡପ ଲାଗି ୩ କୋଟି ଲେଖାଏ ୧୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଆଗାମୀ ପୌର ପରିଷଦର ବିଭିନ୍ନ ୱାର୍ଡର ବିକାଶ ପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦିଆଯିବ ବୋଲି ୫-ଟି ସଚିବ ପାଣ୍ଡିଆନ ପ୍ରତିଶ୍ରୁତି ଦେବା ସହ ସମସ୍ତ ପ୍ରକଳ୍ପର ଗୁଣବତା ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏହି ଭିଡିଓ କନଫରେନ୍ସ ବୈଠକରେ ରାଜନଗର ବିଧାୟକ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, କନିଷ୍ଠଯନ୍ତ୍ରୀ କତ୍ତୃଶେଷ ବ୍ରହ୍ମା ଓ ସୁବ୍ରତ ବେହେରା, ସିଏମଏମ ମାମିନି ପଣ୍ଡା, ସିଓ ତପସ୍ୱିନୀ ଦାଶ, କାଉନସିଲର ପ୍ରଶାନ୍ତ ବାରିକ, ଲକ୍ଷ୍ମୀପ୍ରିୟା ସାହୁ, ସାନିଆ ପରମିନ, ପ୍ରିୟଙ୍କା ସେଠୀ, ରୀନାରାଣୀ ମଲ୍ଲିକ, ଝରଣା ବେହେରା ଓ ମଧୁସ୍ମିତା ମଲ୍ଲିକ, ସ୍ୱଚ୍ଛ ଭାରତ ସୁପରଭାଇଜର ପୁଷ୍ପାଳୀ ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଓଡ଼ିଶାରେ ଆଜିଠୁ ୧୪ ଦିନିଆ ଜାତୀୟ ଥିଏଟର ନାଟକ

■ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଆୟୋଜନ ହେଉଛି
■ ପାରାଦୀପ, ରାଉରକେଲା, ପୁରୀରେ ମଞ୍ଚସ୍ଥ ହେବ

**ପାରାଦୀପ,୨।୬ (ସ୍ୱ.ପ୍ର.)**

ଜାତୀୟ ନାଟକ ବିଦ୍ୟାଳୟ ପକ୍ଷରୁ ଓଡ଼ିଶାର ୩ ସହରରେ ୧୪ ଦିନିଆ ଗ୍ରୀଷ୍ମକାଳୀନ ଥିଏଟର ନାଟକ ଶନିବାରଠାରୁ ଆରମ୍ଭ ହେବ। ପାରାଦୀପର ଜୟଦେବ ଭବନରେ ୩ରୁ ୫, ରାଉରକେଲାରେ ୭ରୁ ୧୧ ଏବଂ ପୁରୀରେ ୧୩ରୁ ୧୬ ପର୍ଯ୍ୟନ୍ତ ଏହି ନାଟକ ଅନୁଷ୍ଠିତ ହେବ। ଏଥିରେ ସହଭାଗିତାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ପାରାଦୀପ ବନ୍ଦର, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓ କାନମାସ ନାଟ୍ୟ ଅନୁଷ୍ଠାନ ରହିଛି। ଶୁକ୍ରବାର ସନ୍ଧ୍ୟାରେ ଏ ନେଇ ଜାତୀୟ ନାଟକ ବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ମଧୁବନ ଅଫିସର୍ସ କ୍ଲବ ପରିସରରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତ ଅନୁଷ୍ଠାନର ରେଜିଷ୍ଟ୍ରାର ପ୍ରଦୀପ କୁମାର ମହାନ୍ତି ଉପସ୍ଥିତ ରହି କହିଥିଲେ, ଏହି ଜାତୀୟ ନାଟକ ବିଦ୍ୟାଳୟ ୧୯୫୯ରୁ ହେଲାଣି। ସବୁବେଳେ ଜାତୀୟ ନାଟକ କେବଳ ଦିଲ୍ଲୀରେ ହୁଏ। ଚଳିତବର୍ଷ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅର୍ଥାତ୍ ଓଡ଼ିଶାରେ ହେବ। ୧୪ ଦିନ ଧରି ଆୟୋଜିତ ହେଉଥିବା ଏହି ନାଟକରେ ବିଭିନ୍ନ ସୃଜନଶୀଳ ନାଟକ ସ୍ଥାନ ପାଇବ। ଉଦ୍‌ଘାଟନୀ ନାଟକରେ ପଦ୍ମଶ୍ରୀ ରାମଗୋପାଳ ବାଜାଜଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଅନ୍ଧଯୁଗ' ରହିଛି। ପରେ ସଙ୍ଗୀତ ସଂଯୋଜନା ନାଟକ 'ମଇରୀ ମୁକେ' ଓ ବ୍ୟଙ୍ଗାତ୍ମକ ନାଟକ 'ତାଜମହଲ କା ଟେଣ୍ଡର' ପ୍ରଦର୍ଶିତ ହେବ। ସମ୍ପ୍ରତି ଯୁବଗୋଷ୍ଠୀ ସୋସିଆଲ ମିଡିଆ ଯୁଗରେ ଚଞ୍ଚଳତା ହୋଇଗଲେଣି। କିନ୍ତୁ ଥିଏଟର ନାଟକ ଦେଖିଲେ ସୃଜନଶୀଳ ଆସିବ ବୋଲି ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ନାଟକ ବିଦ୍ୟାଳୟର ରାଜେଶ ସିଂହ, ପାରାଦୀପ କାନମାସ ନାଟ୍ୟ ଅନୁଷ୍ଠାନର ଉପଦେଷ୍ଟା ଅଲେଖ ଚନ୍ଦ୍ର ସାହୁ, ସମ୍ପାଦକ ଶ୍ରୀମନ ମିଶ୍ର ଉପସ୍ଥିତ ଥିଲେ।

# ମା' ତାରିଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

**ରାଜକନିକା,୨।୬ (ଡି.ଏନ୍.ଏ.)**

ରାଜକନିକା ବ୍ଲକର ବାରାହା-ଦୋମଣ୍ଡା ଗ୍ରାମର ମା' ତାରିଣୀଙ୍କ ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ୧୦୮ ମଙ୍ଗଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଏହି ଉତ୍ସବରେ ଭଜନ ସନ୍ଧ୍ୟା, ନାମ ସଂକୀର୍ତ୍ତନ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ପୂର୍ବତନ ସରପଞ୍ଚ ପ୍ରଦୀପ ବେହୁରିଆ, ଅନୁଷ୍ଠାନର ସଭାପତି ସଞ୍ଜୟ ନାୟକ, ସମ୍ପାଦକ ପ୍ରମୋଦ ନାୟକ, କୋଷାଧ୍ୟକ୍ଷ ଆଶିଷ ବେହୁରିଆ, ମୁଖ୍ୟ ପରିଚାଳକ ମନୋରଞ୍ଜନ ମହାପାତ୍ର, ବୀରେନ୍ଦ୍ର ବେହୁରିଆ, ଭାଗ୍ୟଧର, ପ୍ରମୁଖଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନେ ସମ୍ପାଦନ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସ୍ମୃତି



@ ମୃତ୍ୟୁଞ୍ଜୟ



@ ବର୍ଷା



@ ଶକ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅତିରିକ୍ତ ତହସିଲଦାରଙ୍କୁ ହତ୍ୟା ଧମକ

## ମାଟି ଚାଲାଣ ବେଳେ ଟ୍ରାକ୍ଟର ଜବତ

**ଡେରାବିଶ,୨।୬ (ସ୍ୱ.ପ୍ର.)**

ଡେରାବିଶ ତହସିଲ ଅଧୀନରେ ଥିବା ବିଭିନ୍ନ ଆର୍‌ଆଇ ସର୍କଲରେ ବେଆଇନ ମାଟି ଚାଲାଣ ବୃଦ୍ଧି ପାଉଛି। ଗୁରୁବାର ମଧ୍ୟାହ୍ନରେ ବେଆଇନ ଭାବେ ଚାଲାଣ ହେଉଥିବା ଏକ ମାଟି ବୋଝେଇ ଟ୍ରାକ୍ଟରକୁ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ଅଟକାଇଥିଲେ। ଟ୍ରାକ୍ଟର ଚାଳକ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ଓ ଜୀବନରୁ ମାରିଦେବା ଭଳି ଧମକ ଦେଇଥିବା ନେଇ ତହସିଲଦାର ଅକ୍ଷୟ ପରିଡ଼ା ଡେରାବିଶ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଏଥିସହ ମାଟି ବୋଝେଇ ଟ୍ରାକ୍ଟରକୁ ଜବତ କରାଯିବା ସହ ଚାଳକ ହୃଷୀକେଶ ବେହେରାଙ୍କୁ ପୋଲିସ ଗିରଫ କରିଥିଲା। ତହସିଲଦାରଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୧୮୬/୨୩ରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ହୃଷୀକେଶଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ଆଇ ବିଜୟ କୁମାର ଖଟୁଆ ସୂଚନା ଦେଇଛନ୍ତି। ତେବେ ଏହି ମାଟି ଚାଲାଣକୁ ବନ୍ଦ କରାଯିବା ପାଇଁ କଡ଼ାକଡ଼ି ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପରିଡ଼ା ସୂଚନା ଦେଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟକୁ ଏଡ଼ାଇବ ଲୁଣା ଜଙ୍ଗଲ



ଲୁଣା ଜଙ୍ଗଲ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

**ଏରସମା,୨।୬(ସ୍ୱ.ପ୍ର.)**

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମିରେ ଥିବା ଓଟିଡିସି ଗୃହ ପରିସରରେ ଲୁଣା ଜଙ୍ଗଲ ସୁରକ୍ଷା ପାଇଁ ଏକ କର୍ମଶାଳା ରିଲିଆନ୍ସ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଦୋଳଗୋବିନ୍ଦ ୟୁଥ୍ କ୍ଲବ ଆନୁକୂଲ୍ୟରେ ପୂର୍ବାହ୍ନ ୯ଟାରେ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁଣା ଜଙ୍ଗଲର ଉପକାରିତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଦୋଳଗୋବିନ୍ଦ ୟୁଥ କ୍ଲବର ସମ୍ପାଦକ ସୁକାନ୍ତ କୁମାର ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ରାଜନଗର ଲୁଣା ଜଙ୍ଗଲ ବନଖଣ୍ଡର ଗବେଷକ ପ୍ରସନ୍ନ କୁମାର ନାୟକ ଯୋଗ ଦେଇ କହିଥିଲେ, ରାଜ୍ୟର ଉପକୂଳବର୍ତ୍ତୀ ଜନବସତିକୁ ସୁରକ୍ଷା ପ୍ରଦାନ ପାଇଁ ଲୁଣା ଜଙ୍ଗଲ ସୃଷ୍ଟି କରିବା ଅପରିହାର୍ଯ୍ୟ ହୋଇପଡିଛି । ହେନ୍ତାଳ, ରୁଅଁ ଚାରା ରୋପଣ କରିବା କ୍ଷେତ୍ରରେ ଉଭୟ ବିଭାଗୀୟ ଅଧିକାରୀ ଓ ଜନସାଧାରଣଙ୍କ ଆନ୍ତରିକତା ଆବଶ୍ୟକ । ଏହା ଦ୍ୱାରା ମୃତ୍ତିକା ସଂରକ୍ଷଣ, ପ୍ରାକୃତିକ ବିପର୍ଯ୍ୟୟର ଦୂରୀକରଣ ହେବା ସହ ପରିବେଶ ପ୍ରଦୂଷଣ ମୁକ୍ତ ହୋଇପାରିବ ବୋଲି କହିଥିଲେ । ଏଥିରେ ହାୱାଖାନାର ଫରେଷ୍ଟର ସଞ୍ଜୀବ କୁମାର ଦାସ, କେନ୍ଦ୍ରାପଡାର ପରିବେଶବିତ୍ ଗୌତମ ଗାୟନ, ରିଲିଆନ୍ସ ଫାଉଣ୍ଡେଶନର କର୍ମକର୍ତ୍ତା ଦିବ୍ୟକାନ୍ତ ନାୟକ, ପ୍ରଶାନ୍ତ ପଣ୍ଡା, ୟୁଥ କ୍ଲବର ସଭାପତି ରବୀନ୍ଦ୍ର ପାତ୍ର, ସେହି ପଞ୍ଚାୟତର ପୂର୍ବତନ ସରପଞ୍ଚ କେଶବ ପାତ୍ର, ସାମାଜିକ କର୍ମୀ ଉପେନ୍ଦ୍ର ସାମନ୍ତ, ଅରୁଣ ବେହେରା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ଜାନା,ଅମଲେଶ ପାଲ, ନିର୍ମଳେନ୍ଦୁ ମଣ୍ଡଳ, ପ୍ରଫୁଲ୍ଲ ମାଇତି ପ୍ରମୁଖ ରାମତରା, ମଠସାହି, ପଦ୍ମପୁର ପ୍ରଭୃତି ଗ୍ରାମର ଯୁବକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସଠାରୁ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଏହି ଅବସରରେ ନିଷ୍ପତ୍ତି ହୋଇଥିଲା।

# ଅମଲାଙ୍କ ସମୂହ ଛୁଟି: କାମ ଠପ୍

**ରଘୁନାଥପୁର,୨।୬(ଡି.ଏନ୍.ଏ.)**

ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ନିଷ୍ପତ୍ତି କ୍ରମେ ଗୁରୁବାରଠାରୁ ରଘୁନାଥପୁର ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଅଫିସର ଅମଲା ଓ କିରାଣିମାନେ ସାମୂହିକ ଛୁଟିରେ ଯାଇଛନ୍ତି। ଫଳରେ ସରକାରୀ କାମ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। କର୍ମଚାରୀମାନେ ଛୁଟିରେ ଥିବାରୁ ବିଭିନ୍ନ ଅଫିସକୁ ଆସୁଥିବା ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କଲେଜ ଓ ବୈଷୟିକ ତାଲିମ ସଂସ୍ଥାରେ ନାମ ଲେଖାଇବା ପାଇଁ ୧୦ମ ପାସ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆବାସିକ, ଜାତିଗତ ଓ ଆୟ ପ୍ରମାଣପତ୍ର ଆବଶ୍ୟକ। ତହସିଲ କାର୍ଯ୍ୟାଳୟରେ ଚାରି ଜଣ କର୍ମଚାରୀ ଛୁଟିରେ ଥିବାରୁ ଛାତ୍ରୀଛାତ୍ରମାନେ ସେମାନଙ୍କ ସାର୍ଟିଫିକେଟ ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସବ୍‌ରେଜିଷ୍ଟ୍ରାର ଅଫିସରେ ୩, ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ୨ ଜଣଙ୍କ ସମେତ ମେଡିକାଲ ଓ ସ୍କୁଲ ଓ କଲେଜର କିରାଣିମାନେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଛୁଟିରେ ଥିବାରୁ ସାଧାରଣଜନତା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ମିଳିତ ଅମଲା ମଞ୍ଚର ନିଷ୍ପତ୍ତି କ୍ରମେ କନିଷ୍ଠ ସହାୟକଙ୍କ ବେତନ ଲେଭଲ ୪ ରୁ ୯ କୁ ବୃଦ୍ଧି ଦାବିକରି ଗତ ମେ ୨୨ରୁ କିରାଣିମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିଲେ। ଏହାସତ୍ତ୍ୱେ ସରକାର ସେମାନଙ୍କ ଦାବି ପୂରଣ କରି ନ ଥିଲେ।

# ପୁଷ୍ପମାଲ୍ୟରେ ସୀମିତ ପ୍ରାଣକୃଷ୍ଣ ପରିଜାଙ୍କ ସ୍ମୃତି

**ଜଗତ୍‌ସିଂହପୁର ଅଫିସ, ୨।୬**



ପ୍ରାଣକୃଷ୍ଣ ପରିଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଜିଲାପାଳ ଓ ଅନ୍ୟମାନେ।

ଓଡ଼ିଶାର ବୈଜ୍ଞାନିକ କହିଲେ ଯଦି ପ୍ରଥମେ କାହା ନାଁ ଆସେ ତେବେ ସେ ହେଉଛନ୍ତି ସ୍ୱର୍ଗତ ପ୍ରାଣକୃଷ୍ଣ ପରିଜା । ସେତେବେଳେ ସେ ପରିଜା ସାହେବ ଭାବେ ସର୍ବତ୍ର ପରିଚିତ ଥିଲେ । ଆଜକୁ ଏକ ଶହ ବର୍ଷ ପୂର୍ବରୁ ସେ ବିଶ୍ୱପ୍ରସିଦ୍ଧ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ପତ୍ରର ଶ୍ୱାସକ୍ରିୟା ସମ୍ବନ୍ଧରେ ଗବେଷଣା କରି ବିଶ୍ୱ ପ୍ରସିଦ୍ଧି ଲାଭ କରିପାରିଥିଲେ। ତାଙ୍କ ଉଚ୍ଚକୋଟୀର ଗବେଷଣାତ୍ମକ ସନ୍ଦର୍ଭ ପାଇଁ ସେ କେବଳ ଜଗତ୍‌ସିଂହପୁର ଜିଲା କି ଓଡ଼ିଶା ନୁହେଁ, ଭାରତ ପାଇଁ ଗୌରବ ଆଣିଥିଲେ। କେବଳ ବିଜ୍ଞାନ ନୁହେଁ ସେ ଏକାଧାରରେ ଜଣେ ଗବେଷକ, ପ୍ରଶାସକ ଓ ରାଜନୈତିଜ୍ଞ ଭାବେ ନୂତନ ଓଡ଼ିଶା ଗଠନରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଏଥିଯୋଗୁ ସେ ଡକ୍ଟରେଟ୍ ଲାଭ ସହ ୧୯୬୧ରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମ ଭୂଷଣ ଉପାଧିରେ ସମ୍ମାନିତ ହୋଇଛନ୍ତି। ଏହି ମହାନ୍ ବୈଜ୍ଞାନିକଙ୍କ ଗବେଷଣାକୁ ନେଇ ଆଜି ବି ଉଦ୍ଭିଦ ବିଜ୍ଞାନୀମାନେ ଶିକ୍ଷା ଲାଭ କରି ଚାଲିଛନ୍ତି । କିନ୍ତୁ ପରିଜା ସାହେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଶେଷକରି ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ବାର୍ଷିକୀରେ ଯେଉଁଭଳି କାର୍ଯ୍ୟକ୍ରମ କରାଯିବା କଥା ତାହା ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଶୁକ୍ରବାର ସ୍ୱର୍ଗତ ପରିଜାଙ୍କ ଶ୍ରାଦ୍ଧ ବାର୍ଷିକୀରେ ଜିଲା ପ୍ରଶାସନ ପକ୍ଷରୁ କେବଳ ଔପଚାରିକତା ପୂରଣ ପାଇଁ ସ୍ଥାନୀୟ ବଙ୍ଗଳା ଛକ ନିକଟ ସ୍ୱର୍ଗତ ପରିଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ନେଇ ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇଛି ।

ବାଲିକୁଦା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମରେ ୧।୪।୧୮୯୧ରେ ପରିଜା ସାହେବ ଜନ୍ମଗ୍ରହଣ କରିଥିଲେ। କଟକସ୍ଥିତ ରେଭେନ୍ସା କଲଜିଏଟ୍ ସ୍କୁଲରୁ ଶିକ୍ଷା ଲାଭ କରି କଲିକତା ବିଶ୍ୱବିଦ୍ୟାଳୟରେ ବିଏସ୍‌ସି (ଗଣିତ), କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଏମ୍‌ଏସ୍‌ସି କରିଥିଲେ। ୧୯୧୮ରୁ ୨୧ ମଧ୍ୟରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ପତ୍ରର ଶ୍ୱାସକ୍ରିୟା ସମ୍ବନ୍ଧରେ ଗବେଷଣା କରି ସଫଳତା ପାଇଥିଲେ। ତା'ପରେ ରେଭେନ୍ସା କଲେଜରେ ଗବେଷଣା ତତ୍ତ୍ୱାବଧାରକ ଉଦ୍ଭିଦ ବିଜ୍ଞାନ ବିଭାଗରେ ପ୍ରଫେସର ଭାବେ ଯୋଗ ଦେଇଥିଲେ। ୧୯୩୮ରେ ରେଭେନ୍ସା କଲେଜ ଅଧ୍ୟକ୍ଷ ଓ ୧୯୪୫ରେ କୃଷି ବିଭାଗ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ୧୯୪୩ରେ ଉତ୍କଳ ବିଶ୍ୱବିଦ୍ୟାଳୟର ମନୋନୀତ କୁଳପତି ଓ ୧୯୪୪ରୁ ୪୮ ପର୍ଯ୍ୟନ୍ତ ଏହି ବିଶ୍ୱବିଦ୍ୟାଳୟ ନିର୍ବାଚିତ କୁଳପତି ଭାବେ ଯୋଗ ଦେଇଥିଲେ। ୧୯୪୮ରୁ ୫୧ ପର୍ଯ୍ୟନ୍ତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ହୋଇଥିଲେ। ୧୯୫୨ରେ ଓଡ଼ିଶା ବିଧାନସଭାର ସଦସ୍ୟ ହୋଇ ପାରିଥିଲେ। ତା'ପରେ ୧୯୫୬ରୁ ୬୬ ପର୍ଯ୍ୟନ୍ତ ପୁଣି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ହୋଇଥିଲେ। ତାଙ୍କ କ୍ୟାରିୟର ଭିତରେ ସେ ଅନେକ ସମ୍ମାନର ଅଧିକାରୀ ହୋଇ ପାରିଥିଲେ। କିନ୍ତୁ ଶୁକ୍ରବାର ଏହି ମହାନ ବୈଜ୍ଞାନିକଙ୍କ ଶ୍ରାଦ୍ଧବାର୍ଷିକୀରେ ଜିଲା ପ୍ରଶାସନ ପକ୍ଷରୁ ହାତଗଣତି କେତେଜଣଙ୍କ ଉପସ୍ଥିତିରେ କେବଳ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି । ଏହି ଅବସରରେ ଜିଲାପାଳ ପାରୁଲ ପଟୱାରୀ, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଓ ବରିଷ୍ଠ ସହାୟକ ଦୀପକ ପଟ୍ଟନାୟକ ଯୋଗ ଦେଇଥିଲେ।

# ପୁରୁଣା କାନ୍ଥରେ ନୂଆ ପ୍ଲାଷ୍ଟର

ନୟାଗଡ଼ ଅଫିସ/ରଣପୁର,୨।୬(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନରେ ଆସିଥିବା ଅନୁଦାନରେ ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ବିଜ୍ଞାନାଗାର, ଇ-ଲାଇବ୍ରେରି, ଖେଳପଡିଆ, ସୁଦୃଶ୍ୟ ତୋରଣ, ଶୌଚାଳୟ, ଆସବାବପତ୍ର, ପ୍ରାଚୀର ଆଦି ନିର୍ମାଣ କରାଯାଇଛି । ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ସାଇନ୍ସ ଲ୍ୟାବ୍, ସ୍କୋର୍ଟ ରୁମ୍‌ର ବ୍ୟବସ୍ଥା ଅଛି । ତେବେ ମିଳିମିଶି ଲୁଟୁଥିବାରୁ ୫-ଟି ସ୍କୁଲ ନିର୍ମାଣରେ ସ୍ୱଚ୍ଛତା ରହୁନି ବୋଲି ଅଭିଯୋଗ ହୋଇଛି । ପୁରୁଣା କାନ୍ଥ ପ୍ଲାଷ୍ଟରକୁ ଛଡାଇ ନୂଆ ପ୍ଲାଷ୍ଟର କରାଯାଇ ନୂଆ ଘର ଦର୍ଶାଯାଉଛି । ସ୍ଥାନେ ସ୍ଥାନେ ପୁରୁଣା କାନ୍ଥରେ ବି ରଙ୍ଗ ଲେପି ଦିଆଯାଉଛି । ଦାମୀ ରଙ୍ଗର ବିଲ୍ ହେଉଥିବାବେଳେ ନିମ୍ନମାନର ରଙ୍ଗ ବ୍ୟବହାର ଯୋଗୁ ସ୍ୱଳ୍ପ ଦିନରେ ତାହା ଉଡିଯାଉଛି । କିଛି ସ୍କୁଲରେ ନୂଆ ଛାତର ସିଲିଂ ଖସି ଯାଉଥିବାବେଳେ ତାଜା ଭାଙ୍ଗି ଯାଉଛି । କେଉଁଠି ମଧ୍ୟ କାନ୍ଥ ଫାଟି ଆଁ କରି ରହିଛି । ଏଥିପାଇଁ ଏକ ର୍ୟାକେଟ କାମ କରୁଥିବାରୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନି ।

ଓଡ଼ଗାଁ ବ୍ଲକ ପାଣ୍ଡେରିପଡା ହାଇସ୍କୁଲର ସିଲିଂ ଖସି ଯାଇଥିଲା। ତାଜା ଭାଙ୍ଗି ଯାଇଥିଲା । ଏନେଇ ଖବର ପ୍ରକାଶ ପରେ ପରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଥିଲା। ନୟାଗଡ଼ ଏନଏସି ହାଇସ୍କୁଲର ଏକ କାନ୍ଥ ଫାଟି ଆଁ କରି ରହିଛି । ଗୋଡିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠର କାମ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ନୂଆଗାଁ ବ୍ଲକ ଡିମିରିଝରି ହାଇସ୍କୁଲର କାନ୍ଥ ଫାଟି ଆଁ କରି ରହିଥିବାବେଳେ ସିଲିଂ ଖସି ପଡିଲାଣି । ଏହାର ମରାମତି ବି କରାଯାଉନି । ପୁଣି ଏହି ସ୍କୁଲର ପୁରୁଣା ଆଜବେଷ୍ଟସ ଓ ଏହା ତଳେ ଥିବା କାଠକଡିକୁ ପରିବର୍ତ୍ତନ କରାଯାଇନି। ଏଥିଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ୫-ଟି ସ୍କୁଲର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି।

ପ୍ରଥମ ପର୍ଯ୍ୟାୟରେ ୫-ଟି ହାଇସ୍କୁଲ ୮ଟିଓ ୨ୟ ପର୍ଯ୍ୟାୟରେ ୬୦ଟି ଲୋକାର୍ପିତ ହୋଇସାରିଛି । ତୃତୀୟ ପର୍ଯ୍ୟାୟରେ ଭାପୁର ବ୍ଲକର ୯, ଦଶପଲ୍ଲା ବ୍ଲକର ୭, ଗଣିଆ ବ୍ଲକର ୨, ଖଣ୍ଡପଡା ବ୍ଲକର ୧୦, ନୟାଗଡ଼ ବ୍ଲକର ୧୨, ନୂଆଗାଁ ବ୍ଲକର ୨, ଓଡ଼ଗାଁ ବ୍ଲକର ୯, ରଣପୁର ବ୍ଲକ୍‌ର ୧୩ ସ୍କୁଲ ଏପରି ୬୪ ସ୍କୁଲ ଲୋକାର୍ପିତ ହୋଇଛି । ପ୍ରଥମ ଓ ୨ୟ ପର୍ଯ୍ୟାୟରେ ୩୫ ଲକ୍ଷ, ତୃତୀୟ ପର୍ଯ୍ୟାୟରେ ୪୦ ଲକ୍ଷ ୫୦ ହଜାର ଅନୁଦାନ ମିଳୁଛି । ବ୍ଲକ ପକ୍ଷରୁ ଅଧିକ ଅନୁଦାନ ମଧ୍ୟ ମିଶାଯାଉଛି । ବିଡିଓମାନେ ଉତ୍ତରଦାୟୀ ରହୁଥିଲେ ମଧ୍ୟ କାମ ଭଲ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ରଣପୁର ବ୍ଲକ ଚମ୍ପାଗଡ ପଞ୍ଚାୟତ ଚମ୍ପାଗଡ଼ ୫-ଟି ହାଇସ୍କୁଲ ନିର୍ମାଣରେ ଅନିୟମିତତା, ସରକାରୀ ଅନୁଦାନ ଆତ୍ମସାତ କରି ଦୁର୍ନୀତି କରିବା ନେଇ ସ୍ଥାନୀୟ ବାସିନ୍ଦା ପ୍ରମୁଖ ଶାସନ ସଚିବ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ଦୁର୍ନୀତି ନିର୍ବାରଣ ବିଭାଗର ଆରକ୍ଷୀ ମହାନିର୍ଦ୍ଦେଶକ, ଜିଲାପାଳ, ଜିଲା ପରିଷଦ ନିର୍ବାହୀ ଅଧିକାରୀ, ରଣପୁର ବ୍ଲକ ଅଧ୍ୟକ୍ଷା, ରଣପୁର ବିଡିଓଙ୍କୁ ଫେରାଦ୍ ହୋଇଛନ୍ତି । ୫-ଟି ସ୍କୁଲର କାର୍ଯ୍ୟ କିପରି ଚାଲିଛି ତା'ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି । ଅଭିଯୋଗ ଅନୁସାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପଞ୍ଚାୟତ ସମିତି ରଣପୁରରୁ ୭୦ ଲକ୍ଷ ଟଙ୍କା ଅନୁଦାନରେ ଚମ୍ପାଗଡ ୫-ଟି ସ୍କୁଲର ନିର୍ମାଣ ଚାଲୁ ରହିଛି । ଏଠାରେ ପୁରୁଣା କାନ୍ଥରୁ ପ୍ଲାଷ୍ଟର ଛଡାଯାଇ ନୂଆ ପ୍ଲାଷ୍ଟର କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି । ପଟୁ ବାଲି, ସ୍ୱଳ୍ପ ଦାମର ସିମେଣ୍ଟ, ପୁରୁଣା ଲୁହାଛଡ଼ ବ୍ୟବହାର କରାଯାଇ ନିର୍ମାଣ କାମ ଚାଲିଛି । ଅଦରକାରୀ ମାଙ୍କଡା ପଥର ବ୍ୟବହାର ହେଉଛି। ନିଅଁ ଖୋଳା ନ ଯାଇ ନିମ୍ନମାନର କାମ ହେଉଛି । ପ୍ରଧାନଶିକ୍ଷକ, ଠିକାଦାର, ଯନ୍ତ୍ରୀ ସ୍କୁଲ କାମରେ ଭଲ ରୋଜଗାର କରୁଛନ୍ତି ବୋଲି ଦର୍ଶାଯାଇଛି ।


ଏକ ସ୍କୁଲ ଘରର ପ୍ଲାଷ୍ଟର ଛଡ଼ାଯାଇଛି।


ବ୍ୟବହାର ହୋଇଥିବା ନିମ୍ନମାନର ମାଙ୍କଡ଼ା ପଥର।

- ■୫-ଟି ସ୍କୁଲ ନିର୍ମାଣରେ ରହୁନି ସ୍ୱଚ୍ଛତା
- ■ବ୍ୟବହାର ହେଉଛି ନିମ୍ନମାନର ସାମଗ୍ରୀ
- ■ସ୍ୱଳ୍ପ ଦିନରେ ଉଡ଼ିଯାଉଛି କାନ୍ଥରୁ ରଙ୍ଗ
- ■ସିଲିଂ ଖସି ପଡୁଛି, କାନ୍ଥ ଫାଟି ଆଁ କରି ରହିଛି

## ତଦନ୍ତ କରିବ ଜିଲା ପରିଷଦ କମିଟି

ଜିଲାର ବିଭିନ୍ନ ବ୍ଲକରେ ନିର୍ମାଣ ହୋଇଥିବା ୫-ଟି ସ୍କୁଲର ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ ଆସିବା ପରେ ଜିଲା ପରିଷଦ କମିଟି ଏହାର ତଦନ୍ତ କରିବ ବୋଲି ଜଣାପଡିଛି । ଏନେଇ ଜିଲା ପରିଷଦର ୭ ନଂ. କମିଟି ଚେୟାରମ୍ୟାନ୍ ରାମେଶ୍ୱର ଶତପଥୀ କୁହନ୍ତି, ୫-ଟି ସ୍କୁଲ ନିର୍ମାଣରେ ଅନିୟମିତତା ଅଭିଯୋଗ ଆସୁଥିବାରୁ ଏହାର ଯାଞ୍ଚ କରାଯିବ । ଖୁବ୍‌ଶୀଘ୍ର ଏହାର ତଦନ୍ତ ହେବ ବୋଲି କହିଛନ୍ତି । ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ କୁହନ୍ତି, ଚମ୍ପାଗଡ଼ ୫-ଟି ସ୍କୁଲ ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଛି । ତେବେ ଏନେଇ ଲିଖିତ ଅଭିଯୋଗ ପାଇ ନ ଥିଲେ ମଧ୍ୟ 'ଧରିତ୍ରୀ'ରୁ ସୂଚନା ପାଇଛି । ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ । ଅନ୍ୟପକ୍ଷେ ୫-ଟି ହାଇସ୍କୁଲ ନିର୍ମାଣରେ ଅନିୟମିତତା ହେଉଥିଲେ ମଧ୍ୟ ମୋ ନିକଟରେ ଅଭିଯୋଗ ଆସୁନାହିଁ କହି ସେ କ୍ଷୋଭ ପ୍ରକାଶ କରିଛନ୍ତି ।


@ ସ୍ମୃତି


@ ମୃତ୍ୟୁଞ୍ଜୟ


@ ଚନ୍ଦନ


@ ବିନୁ


@ ଶକ୍ତି


@ ବର୍ଷା

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୋ ଘର ଯୋଜନା କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଜିଲାପାଳ ଓ ଅନ୍ୟମାନେ।

ନୟାଗଡ଼ ଅଫିସ,୨।୬

- ■ଆବେଦନକାରୀଙ୍କୁ ହଇରାଣ ନ କରିବାକୁ ନିର୍ଦ୍ଦେଶ
- ■ଖବରଦାତାଙ୍କୁ ନ ଜଣାଇ ସଚେତନତା

ଗ୍ରାମାଞ୍ଚଳର ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ପାଇଁ ସରକାର ଗତ ମେ' ୨୯ରେ ଲୋକାର୍ପଣ କରିଥିବା ମୋ ଘର ଯୋଜନା ଉପରେ ଏକ ଜିଲାସ୍ତରୀୟ କର୍ମଶାଳା ନୟାଗଡ଼ର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାକୁ ଖବରଦାତାଙ୍କୁ ନ ଡାକି ଯୋଜନାର ସଚେତନତା କରିବାକୁ ହ୍ୱାଟ୍ସଆପ୍ ଗ୍ରୁପରେ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । କର୍ମଶାଳାରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗଦେଇ ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ସଫଳ ରୂପାୟନ ଉପରେ ବ୍ଲକ, ବ୍ୟାଙ୍କ ଓ ରାଜସ୍ୱ ଅଧିକାରୀଙ୍କ ଭୂମିକା ବିଷୟରେ କହିଥିଲେ । ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଯୋଜନାରେ ଅଂଶୀଦାର ହେବାକୁ ଥିବା ପରିବାରବର୍ଗଙ୍କୁ ରାଜସ୍ୱ ବିଭାଗର ସହାୟତା ଉପରେ ବୁଝାଇଥିଲେ । ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଯୋଗ ଦେଇ ୧ ଲକ୍ଷ, ୧.୫ ଲକ୍ଷ, ୨ ଲକ୍ଷ ଓ ୩ ଲକ୍ଷ ଟଙ୍କା ଋଣରେ ନୂତନ ଗୃହର ନିର୍ମାଣ, ସମ୍ପ୍ରସାରଣ, ସମ୍ପୂର୍ଣ୍ଣୀକରଣ, ଉନ୍ନତୀକରଣ ଉପରେ ସୂଚନା ଦେଇଥିଲେ । ଋଣରେ ସବ୍‌ସିଡି ୩୦ରୁ ୭୦ ହଜାର ଟଙ୍କା ମିଳୁଥିବା ଦର୍ଶାଇଥିଲେ । ଅନ୍ୟପକ୍ଷେ ଏହି ଯୋଜନାରେ ଋଣ କଲେ ମଧ୍ୟ ହିତାଧିକାରୀ ଅନ୍ୟ ଯୋଜନାରୁ ଲାଭାଂଶ ନେବାରେ ଅସୁବିଧା ହେବ ନାହିଁ । ଉପଜିଲାପାଳ ଶକ୍ତିକାନ୍ତ ରାୟ ଯୋଗ ଦେଇ କହିଲେ, ଯୋଜନାରେ ମାନଦଣ୍ଡ ପୂରଣ କରୁଥିବା ବ୍ୟକ୍ତି ଚଳିତ ମାସ ୧୬ରୁ ରାଜ୍ୟ ସରକାରଙ୍କ ୱେବ ସାଇଟ୍‌ରେ ଆବେଦନ କରିପାରିବେ । ଋଣ ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ କରି ଋଣ ମଞ୍ଜୁର କରିବାରେ ବ୍ୟବସ୍ଥା କରିବାକୁ କହିଥିଲେ । ଏହି କର୍ମଶାଳାରେ ବିଡିଓ, ତହସିଲଦାର, ସବ୍‌ରେଜିଷ୍ଟ୍ରାର, ଆରଆଇ, ବ୍ଲକ ଓ ତହସିଲ କର୍ମଚାରୀମାନେ ଅଂଶ ଗ୍ରହଣ କରି ତାଲିମ ନେଇଥିଲେ ।

# ଭାଜପା ଗଡ଼ରେ ବିଜେଡିର ମିଶ୍ରଣ ପର୍ବ

ଓଡ଼ଗାଁ, ୨।୬ (ସ୍ୱ.ପ୍ର.)

### ଶତାଧିକ ପରିବାର ବିଜେଡିରେ ସାମିଲ ହେଲେ

ନୟାଗଡ଼ ନିର୍ବାଚନମଣ୍ଡଳୀ ଓ ଓଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଦଳ ବଦଳକୁ ନେଇ ଘଡିକେ ଘୋଡା ଛୁଟୁଛି । ନିର୍ବାଚନ ପାଖେଇ ଆସୁଥିବା କାରଣରୁ ମୁଖ୍ୟତଃ ଭାଜପା ଓ ବିଜେଡିର ନେତୃବୃନ୍ଦ ଗାଁକୁ ଗାଁ ଓ ଘରକୁ ଘର ବୁଲି ଲୋକ ସମ୍ପର୍କ ଜୁଟାଉଥିବା ଦେଖିବାକୁ ମିଳିଛି । ଶୁକ୍ରବାର ଉକ୍ତ ବ୍ଲକ ଅଧୀନ ତଥା ଭାଜପା ସମର୍ଥିତ ସରପଞ୍ଚ ରହିଥିବା ଗୌଡପୁଟ ପଞ୍ଚାୟତ ବୁଢାବୁଢିଆଣି ଠାକୁରାଣୀ ପଡିଆରେ ବିଜେଡିର ଏକ କର୍ମୀ ସମ୍ମିଳନୀ ତଥା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ କହିଥିଲେ । ଏହି ଅବସରରେ ଶତାଧିକ ପରିବାର ବିଜେଡିରେ ମିଶିଥିବା ଦଳ ତରଫରୁ ଦାବି କରାଯାଇଛି । ଏପରି କି କେତେଜଣ ଭାଜପା ସମର୍ଥିତଙ୍କ ନାମ ଘୋଷଣା କରାଯିବା ପରେ ସେମାନେ ମଞ୍ଚରେ ପହଞ୍ଚି ବିଜେଡି ଉତ୍ତରୀୟ ଗ୍ରହଣ କରୁଥିବା ଦେଖିବାକୁ ମିଳିଥିଲା । ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀ, ଜିଲା ବିଜେଡି ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, ଜିଲା ବିଜେଡି ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଜିଲା ପରିଷଦ ସଦସ୍ୟା ଝିଲି ପ୍ରଧାନ, ଯୁବ ବିଜେଡି ଉପସଭାପତି ମାନସ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ମୋ ଘର ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ । ଜିଲା ବିଜେଡି ଉପସଭାପତି ନିତ୍ୟାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ବିଜେଡିରେ ସାମିଲ ପରିବାର ସଦସ୍ୟଙ୍କୁ ବିଧାୟକ ଅରୁଣ ସାହୁ ସ୍ୱାଗତ କରୁଛନ୍ତି।

## ଡେପୁଟି ବନାଞ୍ଚଳ ଅଧିକାରୀଙ୍କୁ ଖଣ୍ଡପଡ଼ା ଦାୟିତ୍ୱ

ଖଣ୍ଡପଡ଼ା,୨।୬(ସ୍ୱ.ପ୍ର.)

ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀଙ୍କ ପୁରୀ ଜିଲା ଅଧୀନ ଅସ୍ତରଙ୍ଗ ରେଞ୍ଜକୁ ସଂପ୍ରତି ବଦଳି ହୋଇ ଯାଇଛି । ତାଙ୍କ ସ୍ଥାନରେ ଡେପୁଟି ରେଞ୍ଜର ଭାବେ କାର୍ଯ୍ୟରତ ଶ୍ରୀନିବାସ ଦାଶ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାଶ ଦାୟିତ୍ୱ ଗ୍ରହଣ କରିବା ପରେ ବନ ବିଭାଗ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି । ଜଙ୍ଗଲ ସହ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସେ ପ୍ରାଥମିକତା ଦେବେ ବୋଲି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଦାଶ କହିଛନ୍ତି ।


ନୟାଗଡ଼ ଡିମିଶର ରାସ୍ତାର ଡିମିଶର ଗାଁ ନିକଟରେ ରାସ୍ତା ଉପରେ ଭାଙ୍ଗି ପଡିଥିବା ଏକ ଗଛ ଡାଳକୁ ସଫା କରାଯାଉ ନାହିଁ।


କାଳବୈଶାଖୀରେ ଘରର ଆଜବେଷ୍ଟସ ଉଡାଇ ନେବା ପରେ ନୟାଗଡ଼ ବ୍ଲକ ନୂଆ ବିଜିପୁର ଗାଁର ଜଣେ ମହିଳା ଚିନ୍ତାରେ ବସିଛନ୍ତି।


ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ନୟାଗଡ଼ ଜିଲା ସୀମାନ୍ତ ବିଜିପୁର ଗାଁ ନିକଟସ୍ଥ ରାଜପଥ ପାର୍ଶ୍ୱରେ ବନୀକରଣ ହୋଇଥିଲା । ପତ୍ରପୋଡ଼ା ରୋଗ ଯୋଗୁ ଗଛର ପତ୍ରଗୁଡ଼ିକ ପୋଡ଼ିଯାଇଛି ।

# ନିର୍ମାଣର ମାସକ ପରେ ୧୫ ସ୍ଥାନରେ ତାଳି ପଡ଼ିଲା

ଚଣ୍ଡିଖୋଲ,୨।୬(ଡି.ଏନ୍.ଏ.)

କଟକ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନ ବଡ଼ଚଣା ଉପଖଣ୍ଡରେ ରହିଛି ବାଲିଚନ୍ଦ୍ରପୁର-ବେଣିପୁର ରାସ୍ତା। ଏହି ରାସ୍ତା ୧୦ କି.ମି. ୨ ମିଟର ନିର୍ମାଣ ପାଇଁ ଖର୍ଚ୍ଚ ହୋଇଛି ୨୨ କୋଟି ଟଙ୍କା। କେବଳ ରାସ୍ତାର ଉନ୍ନତୀକରଣ ନିମନ୍ତେ ପିଚୁକାର୍ଯ୍ୟ କରିବାକୁ ଏତେ ପରିମାଣର ଟଙ୍କା ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଇଛି, ଯାହାକି ୧ କିଲୋମିଟର ପିଛା ୨ କୋଟିରୁ ଊର୍ଦ୍ଧ୍ୱ ହେବ। ହେଲେ ରସ୍ତା ନିର୍ମାଣ ଶେଷ ହେବାର ମାସକ ପରେ ତାହା ଭାଙ୍ଗିବା ଓ ଦବିବା ଆରମ୍ଭ ହୋଇଛି। ସେଥିପାଇଁ ରାସ୍ତାର ଟିଗିରିଆ, ଖଡ଼ଗପୁର, ଗଜେନ୍ଦ୍ରପୁର ଓ କଳାଶ୍ରୀ ନିକଟରେ ପାଖାପାଖି ୧୫ଟି ସ୍ଥାନରେ ତାଳି ପଡ଼ିବା କାର୍ଯ୍ୟ ଚାଲିଛି। ଫଳରେ ଏହାକୁ ନେଇ ରାସ୍ତା କାର୍ଯ୍ୟରେ ହୋଇଥିବା ବ୍ୟାପକ ଅନିୟମିତତା ସମ୍ପର୍କରେ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ରାସ୍ତାକୁ ୨ ଭାଗରେ ବିଭକ୍ତ କରାଯାଇ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ୍ ଟେଣ୍ଡର କରିଥିଲା।

ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ୫ କି.ମି. ୫୦୦ ମିଟର ରାସ୍ତା ପାଇଁ ୯ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ କଳାଶ୍ରୀଠାରୁ ବେଣୀପୁର ପର୍ଯ୍ୟନ୍ତ ୫ କି.ମି. ୫୦୦ ମିଟର ପାଇଁ ୧୨ କୋଟି ୮୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨ ଠିକା କମ୍ପାନୀ ଏହି ରାସ୍ତା ନବୀକରଣ ଦାୟିତ୍ୱ ନେଇଥିଲେ। ସେଥିମଧ୍ୟରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ୫ କି.ମି. ୫୦୦ ମିଟର ରାସ୍ତା ନିର୍ମାଣ ସରିଥିବାବେଳେ ୨ୟ ପର୍ଯ୍ୟାୟରେ କଳାଶ୍ରୀଠାରୁ ବେଣିପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ଏବେ କଳାଶ୍ରୀଠାରୁ ବେଣିପୁର ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ରାସ୍ତା ବାରମ୍ବାର ଭାଙ୍ଗିବା ସହିତ ତାଳିପଡ଼ିବା ଆରମ୍ଭ ହୋଇଛି। ୨୦୧୯ରେ ଏହି ରାସ୍ତା କେନ୍ଦ୍ରାପଡ଼ା ଜଳ ସମ୍ପଦ ଡିଭିଜନ ଅଧୀନରେ ଥିଲା। ରାସ୍ତାର ଲମ୍ବ ୧୦ କି.ମି. ୨୦୦ ମିଟର ଥିବାବେଳେ ପୂର୍ତ୍ତ ବିଭାଗ ଏହାକୁ ୧୧ କି.ମି. ୨୦୦ ମିଟର କରି ଟେଣ୍ଡର କରିଛି, ଯାହାକି ଗୋଟିଏ କିଲୋମିଟର ରାସ୍ତାର ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି।


ରାସ୍ତାରେ ତାଳି ପକାଯାଇଛି।

## ପୂର୍ତ୍ତ ବିଭାଗ ରାସ୍ତା

■ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଅଞ୍ଚଳବାସୀ

ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବାର ଆବଶ୍ୟକତା ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ରାସ୍ତାରେ ମାଟି ପକାଇବାରେ କିଛି ଦୋଷ ରହିଯାଇଛି, ଯେଉଁଥି ପାଇଁ ବାରମ୍ବାର ରାସ୍ତା ଦବୁଛି।

# ରାଜମିସ୍ତ୍ରିଙ୍କ ଆତ୍ମହତ୍ୟା

ରସୁଲପୁର,୨।୬(ଡି.ଏନ୍.ଏ.)

କୁଆଖିଆ ଥାନା ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମର ରାଜମିସ୍ତ୍ରି ଶ୍ୟାମସୁନ୍ଦର ନାୟକ(୨୮) ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ପଠାଇଛି। ଶ୍ୟାମସୁନ୍ଦର କିଛିଦିନ ହେବ ମାନସିକ ଚିନ୍ତାଗ୍ରସ୍ତ ଥିଲେ। ଫଳରେ ଶୁକ୍ରବାର ମାନସିକ ଭାରସାମ୍ୟ ହରାଇ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଥିଲେ। ମୃତ ଯୁବକଙ୍କ ୨ ଛୋଟ ଝିଅ ଅଛନ୍ତି।


IndianOil Adani Ventures

**ନକଲି ନିଯୁକ୍ତି ଠକାମୀ ରୁ ସାବଧାନ !**

ଏହା ଆମ ନଜରକୁ ଆସିଛି ଯେ **ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ** (ଆନୁଷ୍ଠାନିକ ଭାବରେ ଇଣ୍ଡିଆନ୍ ଓଏଲ୍ ଟାଙ୍କିଙ୍ଗ୍ ଲିମିଟେଡ୍ ଭାବରେ ଜଣାଶୁଣା) ନାମରେ କିଛି ନକଲି ନିଯୁକ୍ତି ସଂସ୍ଥା କାର୍ଯ୍ୟକରୁଅଛି। ଏହି ସଂସ୍ଥାରେ କାର୍ଯ୍ୟକରୁଥିବା ବ୍ୟକ୍ତିମାନେ, ଚାକିରି ସୁରକ୍ଷା ଓ ନିଯୁକ୍ତି ପ୍ରକ୍ରିୟା ନାମରେ ପ୍ରାର୍ଥୀଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି।

ଆମେ ଏହା ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ କୌଣସି ନିଯୁକ୍ତି ପ୍ରକ୍ରିୟାକୁ ଅନୁମତି ଦେଇ ନାହିଁ ଏବଂ ଆମେ ପ୍ରାର୍ଥୀଙ୍କଠାରୁ କୌଣସି ଟଙ୍କା ଦାବି କରୁନାହୁଁ। କିଛି ଠକ ବ୍ୟକ୍ତି, ପ୍ରାର୍ଥୀଙ୍କୁ ବିଭ୍ରାନ୍ତ କରିବା ଏବଂ ସେମାନଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ଆମ କମ୍ପାନୀର ନାମ ଏବଂ ଲୋଗୋ ବ୍ୟବହାର କରୁଛନ୍ତି।

ଉଭୟ ପାର୍ଥୀ ଓ ସେମାନଙ୍କର ପରିଜନ ମାନଙ୍କୁ ଅନୁରୋଧ ସେମାନେ ଏହିଭଳି ନକଲି ନିଯୁକ୍ତି ପ୍ରକ୍ରିୟାରେ ପ୍ରଲୋଭିତ ନ ହୋଇ ନିଜକୁ ଠକାମୀରୁ ଦୁରେଇ ରଖନ୍ତୁ। ଯଦି ଆପଣଙ୍କର ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ ଲିମିଟେଡ୍ ରେ ନିଯୁକ୍ତି ପ୍ରକ୍ରିୟା ସମ୍ବନ୍ଧରେ କୌଣସି ସନ୍ଦେହ କିମ୍ବା ପ୍ରଶ୍ନ ଅଛି, ଦୟାକରି ଆମର ମାନବସମ୍ବଳ ବିଭାଗର ଅଫିସିଆଲ୍ ଇ-ମେଲ୍ **CorporateHR@iotl.com** ରେ ଯୋଗାଯୋଗ କରନ୍ତୁ।

ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ ପରିଚାଳନା କର୍ତ୍ତୃପକ୍ଷ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

TVS
WANTED
WORKSHOP MANAGER & SERVICE ADVISOR FOR JAJPUR ROAD AND JAJPUR TOWN.
SUBAS TVS (P) LTD.
Contact: 8093096858

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ଅଞ୍ଚଳରେ OFFICIAL JOB କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary : (8,000 - 25,000)
ଯୋଗ୍ୟତା : 9th to Graduate
9124128389

WE ARE HIRING
Anchor, Reporter, Cameraman, Copy Editor, Visual Editor, Social Media Executive, Marketing Executive & Reporter for all District & Blocks.
Submit your CV:
hrdinanka@gmail.com


# ବିଶ୍ୱଭାରତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତପ୍ରତିଶତ ସଫଳତା


ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

କୋରେଇ,୨।୬(ଡି.ଏନ୍.ଏ.)

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ

ଯାଜପୁର ଜିଲା କୋରେଇ ବ୍ଲକ ସନ୍ତରାସ୍ଥିତ ବିଶ୍ୱଭାରତୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଶତପ୍ରତିଶତ ସଫଳତା ମିଳିଛି। ଚଳିତବର୍ଷ ବିଦ୍ୟାଳୟର ମୋଟ୍ ୩୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ଛାତ୍ରୀ ରୋଜାଲିନ ବେହେରା ୫୧୬ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସଂଗ୍ରାମ କେଶରୀ ଜେନା ୫୧୪ ନମ୍ବର ରଖି ଦ୍ୱିତୀୟ ଓ ଅମିତ୍ ଅଂଶୁମାନ ରାଉଳ ୫୦୩ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମାନସ ଖଣ୍ଡାଇ, ଚନ୍ଦ୍ରଶେଖର ପଣ୍ଡା, ବାଦଲ ସ୍ୱାଇଁ, ବିଶ୍ୱରଞ୍ଜନ ଜେନା, ପ୍ରତ୍ୟାଶା ସାହୁ, ଉଷାରାଣୀ ସାହୁ, ସୌମ୍ୟଦର୍ଶନ ମଲ୍ଲିକ, ଜ୍ଞାନେଶ କୁମାର ସାହୁ ଓ ସୁଭଦ୍ରା ସାହୁ ପ୍ରମୁଖ ୨୬ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୪ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସର୍ବାଧିକ ପିଲା ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେମାନେ ମାଟ୍ରିକ ନମ୍ବର ଅପେକ୍ଷା ୧୦ରୁ ୧୫ପ୍ରତିଶତ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ପଣ୍ଡା, ସମ୍ପାଦକ ଦୀପକ ନାୟକ, ସଭାପତି ପ୍ରଭାତି ମହାପାତ୍ର, ଅଧ୍ୟକ୍ଷ ଅନନ୍ଦା ମହାପାତ୍ର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ବିପିନକାନ୍ତ ବିଶ୍ୱାଳ, କୈଳାସଚନ୍ଦ୍ର ନାୟକ ଓ ସୋମନାଥ ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତବର୍ଷଠାରୁ ସବୁ ପିଲାଙ୍କ ପାଇଁ ଜେଇ, ମେଡିକାଲ ଓ ଆଇଆଇଟି ଆଦି ସ୍ୱତନ୍ତ୍ରଭାବେ କୋଚିଂ ଦେବାର ବ୍ୟବସ୍ଥା କରାଯାଇଥିବା ବିଦ୍ୟାଳୟର ସମ୍ପାଦକ ନାୟକ ସୂଚନା ଦେଇଥିଲେ।

# କ୍ଷେତ୍ରଶନାରୀ ଦୋକାନରୁ ଚୋରି

ଦଶରଥପୁର,୨।୬(ଡି.ଏନ.ଏ.)

ଦଶରଥପୁର ବ୍ଲକ୍ ମଙ୍ଗଳପୁର ଥାନା ଅଧୀନ ମଙ୍ଗଳପୁର ବଜାରରେ ଥିବା ବିଜୟ ପୃଷ୍ଟିଙ୍କ କ୍ଷେତ୍ରଶନାରୀ ଦୋକାନରୁ ଗୁରୁବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଦୋକାନ ପଛପଟ ଟିଣ କାଟି ଦୋକାନରେ ପଶି ୨୦ ହଜାର ଟଙ୍କା ସହ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ଏନେଇ ଶୁକ୍ରବାର ବିଜୟ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରତିଦିନ ପରି ସକାଳେ ବିଜୟ ଦୋକାନ ଖୋଲି ଦେଖିବାକୁ ପାଇଲେ ତାଙ୍କ କ୍ୟାସ୍ ଡ୍ରରେ ଟଙ୍କା ନାହିଁ ଏବଂ ଦୋକାନର ପଛପଟ ଟିଣ କଟାଯାଇଛି। ତେଣୁ ଚୋରିହୋଇଥିବାଜାଣି ସେ ଥାନାରେ ଏତାଲା କରିଥିଲେ। ମଙ୍ଗଳପୁର ଥାନା ଏସ୍ଆଇ ସଂଯୁକ୍ତା ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ କୁକୁର ସାହାଯ୍ୟରେ ଦୁର୍ବୃତ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଛି। ମାତ୍ର କୁକୁର ଅଳ୍ପ ବାଟ ଯାଇ ଫେରିବାରୁ ଦୋକାନୀ ଏବଂ ପୋଲିସ୍‌କୁ ନିରାଶ ହେବାକୁ ପଡ଼ିଛି।

# ଚଳଚ୍ଚିତ୍ର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା

ସିଂହପୁର,୨।୬(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ମା'ଦରିଆ ନାହାକାଣୀ ପୀଠରେ ସାରସ୍ୱତ ତଥା ନିର୍ବନ୍ଧ ଉତ୍ସବରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ପ୍ରଧାନ ଶିକ୍ଷୟିତ୍ରୀ ଟିଙ୍କିଲତା ବେହେରା, ଗାୟକ ପଣ୍ଡିତ ପ୍ରତାପ ରଥ, ଶିକ୍ଷକ ସଞ୍ଜୟ କୁମାର ସାମଲ, ପଣ୍ଡିତ ବଟକୃଷ୍ଣ ପଣ୍ଡା, ମଞ୍ଚ ନିର୍ଦ୍ଦେଶକ ସୁଶାନ୍ତ ନାୟକ, ଶିକ୍ଷାବିତ୍ ସରୋଜ ମଲ୍ଲିକ, ଦେବବ୍ରତ ନାୟକ, ପ୍ରାଚୀ ସାମଲ, ଗଗନ ବିହାରୀ ଦାଶ, ଅକ୍ଷୟ ଦାସ, ବୃତି ସୁନ୍ଦର ଦାସ ଓ ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକ, ପଦ୍ମଲୋଚନ ସାମଲ, ଦଧିବାମନ ନାୟକ ଓ କଳା ଶିକ୍ଷୟିତ୍ରୀ ଅରୁପମା ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଲିସିୟମ ଶିକ୍ଷାନୁଷ୍ଠାନର ଶତପ୍ରତିଶତ ସଫଳତା

ଯାଜପୁର ଟାଉନ,୧।୬(ଡି.ଏନ.ଏ.)

ଚଳିତ ବର୍ଷ ପ୍ରକାଶ ପାଇଥିବା ଯୁକ୍ତ୨ ବିଜ୍ଞାନ ଫଳାଫଳରେ ଯାଜପୁର ସହରର ଲିସିୟମ ଶିକ୍ଷାନୁଷ୍ଠାନ ପ୍ରତିବର୍ଷ ପରି ଶତପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ୧୫୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲାବେଳେ ସେଥିରୁ ୧୧୨ଜଣ ପ୍ରଥମ ଶ୍ରେଣୀ, ୩୪ଜଣ ଦ୍ୱିତୀୟ ଏବଂ ୪ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଅଲିଭା ସାହୁ ୫୪୬ ଓ ସୁମିତ୍ରା ବଳ ୫୩୪ ନମ୍ବର ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଅଧିକାଂଶ ଛାତ୍ରୀଛାତ୍ର ମାଟ୍ରିକରେ ରଖିଥିବା ନମ୍ବର ଅପେକ୍ଷା ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଚାରିଟେବଲ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫେସର ମୋହନ ଚରଣ ଦାସ ଏବଂ ଲିସିୟମ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଶିକ୍ଷାବିତ୍ ନିତ୍ୟାନନ୍ଦ ମିଶ୍ର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇବା ସହ ଅନୁଷ୍ଠାନର ସମସ୍ତ ଶିକ୍ଷକଙ୍କୁ ସାଧୁବାଦ ଜଣାଇଛନ୍ତି।


ଅଲିଭା ସାହୁ

# ମିଶ୍ରିଲାଲ କାରଖାନା ସମ୍ମୁଖରେ ଶ୍ରମିକ ଆନ୍ଦୋଳନ

କଳିଙ୍ଗନଗର,୨।୬(ଡି.ଏନ.ଏ.)

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ମିଶ୍ରିଲାଲ କାରଖାନାରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। କାରଖାନାର ଉତ୍ତପ୍ତ କ୍ଷେତ୍ରରେ ନିର୍ଦ୍ଦିଷ୍ଟ କେତେଜଣ ଶ୍ରମିକଙ୍କୁ ବାରମ୍ବାର କାମ କରାଇବା ଏବଂ ସେ ବାବଦରେ ଭତ୍ତା ଦେବାକୁ କମ୍ପାନୀ ମନା କରିବା ପ୍ରତିବାଦରେ ଶ୍ରମିକମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଗୁରୁବାରଠାରୁ ସେମାନେ କାମ ବନ୍ଦ କରି ଆନ୍ଦୋଳନ ଚଳାଇ ଆସୁଥିଲେ। ଶୁକ୍ରବାର ଫାଟକ ସମ୍ମୁଖରେ ଧାରଣା ଦେଇ କର୍ମଚାରୀଙ୍କୁ ଭିତରକୁ ଛାଡି ନ ଥିଲେ। ଶ୍ରମିକଙ୍କ ଅଭିଯୋଗ ମୁତାବକ, କମ୍ପାନୀ ଶ୍ରମିକଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଦେଉନାହିଁ। ଉତ୍ତାପରୁ ରକ୍ଷା ପାଇବା ପାଇଁ ଜ୍ୟାକେଟ ଓ ସୁରକ୍ଷା ସାମଗ୍ରୀ ଦେଉ ନ ଥିବାରୁ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାରଠାରୁ ଶ୍ରମିକ ଆନ୍ଦୋଳନ କରିଥିବାବେଳେ ଶୁକ୍ରବାର କମ୍ପାନୀ ପକ୍ଷରୁ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରି ନ ଥିଲା। ଡ୍ୟୁଟି ସିଫ୍ଟକୁ ନେଇ ଶ୍ରମିକଙ୍କ ଅଭିଯୋଗ ରହିଛି। ଏ ବାବଦରେ ଆଲୋଚନା ଜାରି ରହିଥିବାରୁ ଶନିବାର ସୁଦ୍ଧା ପରିସ୍ଥିତି ସ୍ୱାଭାବିକ ହେବ ବୋଲି କାରଖାନାର ମହାପ୍ରବନ୍ଧକ ସରୋଜ କୁମାର ରଥ ସୂଚନା ଦେଇଛନ୍ତି।

# ମୋ ଘର ପାଇଁ ଜିଲାସ୍ତରୀୟ ପ୍ରଶିକ୍ଷଣ



ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଯାଜପୁର ଟାଉନ,୨।୬(ଡି.ଏନ.ଏ.)

ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅଧ୍ୟକ୍ଷତାରେ ଶୁକବାର ମୋ ଘର ଯୋଜନାର ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ ଓ ଉପଜିଲାପାଳ ଗୋପୀନାଥ କୁଅଁର ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ରାଠୋର ରାଜ୍ୟ ସରକାରଙ୍କ ଏହି ଅଗ୍ରଣୀ ଯୋଜନାରେ ପ୍ରକୃତ ଗ୍ରାମୀଣ ହିତାଧିକାରୀ ଯେଭଳି ଏହାର ଫାଇଦା ନେଇପାରିବେ ସେଥିପ୍ରତି ବିଡିଓ ଏବଂ ତହସିଲଦାରଙ୍କ ସହ ଉପନିବନ୍ଧକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସମାଜମଙ୍ଗଳ ଅଧିକାରୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଉରିଆ ରାଜ୍ୟ ସରକାରଙ୍କ ଗ୍ରାମୀଣ ଗୃହ ନିର୍ମାଣ ସହାୟତା ସମ୍ବନ୍ଧୀୟ ବିସ୍ତୃତ ନିୟମାବଳୀ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ନାୟକ ଏବଂ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ମିଶ୍ର ଆବେଦନକାରୀ ଚୟନରେ ଯେଭଳି କୌଣସି ପାତର ଅନ୍ତର ନ ହୁଏ ସେଥିପ୍ରତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀ ତନଖି କରିବା ସହ ଜିଲାରେ ଏହି ଯୋଜନାକୁ ସମଗ୍ର ରାଜ୍ୟରେ ଏକ ନମ୍ବର ଭାବେ ସ୍ଥାନୀତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ (ପ୍ରଶାସନ), ପ୍ରକଳ୍ପ ପରିଚାଳକ, ଗ୍ରାମୀଣ ଗୃହ ନିର୍ମାଣ, ସହକାରୀ ସାଧାରଣ ପରିଚାଳକ ଓ ନାବାର୍ଡର ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ବିଡିଓ, ତହସିଲଦାର ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


**Tender Notice**

BAIF Institute for Sustainable Livelihoods and Development
Invites sealed quotations from reputed vendors for Supply of Liquid Nitrogen at Sambalpur and Cuttack, Odisha.
For more details you may visit to the website : www.baif.org.in
Saraswati Enclave, Dhankauda
Sambalpur-768006, Ph 7894418530

**Tender Notice**

BAIF Institute for Sustainable Livelihoods and Development
Invites sealed quotations from reputed vendors for Transportation of Liquid Nitrogen and other materials from Sambalpur to all 30 districts of Odisha.
For more details you may visit to the website : www.baif.org.in
Saraswati Enclave, Dhankauda
Sambalpur-768006, Ph 7894418530

**ପୂର୍ବ ତଟ ରେଳପଥ**

ସଂ.MCS/Stores/E-Procure/Tender Notice/89, ତା.26.05.2023ରିଖ
ଟେଣ୍ଡର ସଂ. 92235397

ବିବରଣୀ : RDSO ବିନିର୍ଦ୍ଦେଶ ସଂ.RDSO/PE/SPEC/AC/0203-2020(Rev-0) ଅନୁଯାୟୀ LHB ଟାଇପ୍ AC କୋଚ୍‌ଗୁଡ଼ିକର ସୁଇଚ୍ ବୋର୍ଡ଼ କ୍ୟାବିନେଟ୍ ନିମନ୍ତେ ଉପଯୁକ୍ତ, କମ୍ପ୍ଲିଟ୍ ଫ୍ୟୁଜ୍‌ଗୁଡ଼ିକ ସହିତ 750/415V, ଟାଇପ୍-II, 50Hz, ସିଙ୍ଗିଲ୍ ଫେଜ୍ "H" ଶ୍ରେଣୀ ଇନ୍‌ସୁଲେସନ, ଡ୍ରାଇ ଟାଇପ୍ ଏବଂ ଏୟାର କୁଲ୍‌ଡ (Air Cooled) 200VA କଣ୍ଟ୍ରୋଲ ଟ୍ରାନ୍ସଫର୍ମର। (ପରିମାଣ: 360 ଗୋଟି)। ୱାରେଣ୍ଟି ଅବଧି : ବିତରଣ ହେବା ତାରିଖ ପରେ 30 ମାସ।
EMD (ଟଙ୍କାରେ) : 64,140.00।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.06.2023 ରିଖ 1500 ଘଟିକାରେ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର, ଭୁବନେଶ୍ୱର
PR-232/O/23-24

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/31, ତା.23.05.2023ରିଖ
(1) ଟେଣ୍ଡର ସଂ.eTender-East-KUR-91-2023, ତା.23.05.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଘରବାଟିଆ (CBT), କପିଳାସ ରୋଡ୍ (KIS) ଏବଂ ହରିଦାସପୁର (HDS) ଠାରେ ଜୁନିୟର ଇଂଜିନିୟର(JE)/ସିନିୟର ସେକ୍ସନ ଇଂଜିନିୟର (P.Way) ନିମନ୍ତେ 03 ଗୋଟି ଟାଇପ୍-III କ୍ୱାର୍ଟର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ (ଟଙ୍କାରେ): 62.71 ଲକ୍ଷ, EMD (ଟଙ୍କାରେ) : 1,25,400/-।
(2) ଟେଣ୍ଡର ସଂ. eTender-East-KUR-92-2023, ତା.23.05.2023ରିଖ
ବିବରଣୀ : ପୂର୍ବ ତଟ ରେଳପଥର କଟକ-ପାରାଦ୍ୱୀପ ସେକ୍ସନରେ ଅଟୋମେଟିକ୍ ବ୍ଲକ୍ ସିଗ୍‌ନାଲିଙ୍ଗ୍ ସିଷ୍ଟମ୍ ସମ୍ବନ୍ଧୀୟ ପ୍ରଚଳିତ ଗେଟ୍ ଗୁମଟିଗୁଡ଼ିକର ସଂପ୍ରସାରଣ।
କାର୍ଯ୍ୟର ଆନୁମାନିକ (ଟଙ୍କାରେ): 248.42 ଲକ୍ଷ, EMD (ଟଙ୍କାରେ) : 2,74,200/-।
ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.06.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ୍
PR-231/O/23-24

IBPS
इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to Visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - XII**

ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର ୨୦୨୩ରେ ସଞ୍ଚାଳନ କରାଯିବ।
ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୩ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବି - XII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ ଇଣ୍ଟିମେଶନ ଦେୟ ପୈଠ | ୦୧।୦୬।୨୦୨୩ରୁ ୨୧।୦୬।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି)* ସଞ୍ଚାଳନ | ୧୭।୦୭।୨୦୨୩ରୁ ୨୨।୦୭।୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ / ସେପ୍ଟେମ୍ବର, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର, ୨୦୨୩ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୧।୦୬।୨୦୨୩ — ନିର୍ଦ୍ଦେଶକ

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ, କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଫ୍ୟାକ୍ସ: 022-22820411

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଏବଂ ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଏବଂ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଖାଲି ପଦବୀ |
|---|---|---|
| | CRPD/SCO-CS/2023-24/03 | |
| 1 | କମ୍ପାନୀ ସେକ୍ରେଟାରୀ ଏମ୍‌ଏମ୍‌ଜିଏସ୍-III | 02 |
| 2 | କମ୍ପାନୀ ସେକ୍ରେଟାରୀ ଏମ୍‌ଏମ୍‌ଜିଏସ୍-II | 02 |
| | CRPD/SCO/2023-24/04 | |
| 3 | ଡେପୁଟି ଚିଫ୍ ଟେକ୍ନୋଲୋଜି ଅଫିସର (ଇନଫ୍ରା) | 01 |
| 4 | ଡେପୁଟି ଚିଫ୍ ଟେକ୍ନୋଲୋଜି ଅଫିସର (ଡିଜିଟାଲ୍) | 01 |
| | CRPD/SCO/2023-24/05 | |
| 5 | ଉପାଧ୍ୟକ୍ଷ (ଏଣ୍ଟରପ୍ରାଇଜ୍ ଏବଂ ଟେକ୍ନୋଲୋଜି ସ୍ଥାପତ୍ୟ) | 01 |
| | CRPD/SCO/2023-24/07 | |
| 6 | ସହକାରୀ ଜେନେରାଲ୍ ମ୍ୟାନେଜର (ସଲ୍ୟୁସନ୍ ଆର୍କିଟେକ୍ଟ ଲିଡ୍) | 01 |
| 7 | ମୁଖ୍ୟ ପରିଚାଳକ (ପିଏମ୍‌ଓ - ଲିଡ୍) | 02 |
| 8 | ମୁଖ୍ୟ ପରିଚାଳକ (ଟେକ୍ ଆର୍କିଟେକ୍ଟ) | 03 |
| 9 | ପ୍ରକଳ୍ପ ପ୍ରବନ୍ଧକ | 06 |
| 10 | ପରିଚାଳକ (ଟେକ୍ ଆର୍କିଟେକ୍ଟ) | 03 |
| 11 | ପରିଚାଳକ (ଡାଟା ଆର୍କିଟେକ୍ଟ) | 03 |
| 12 | ପରିଚାଳକ (ଡେଭଅପ୍‌ସ ଇଞ୍ଜିନିୟର) | 04 |
| 13 | ପରିଚାଳକ (ପର୍ଯ୍ୟବେକ୍ଷଣ ଏବଂ ମନିଟରିଂ ବିଶେଷଜ୍ଞ) | 03 |
| 14 | ପରିଚାଳକ (ଇନଫ୍ରା / କ୍ଲାଉଡ୍ ବିଶେଷଜ୍ଞ) | 03 |
| 15 | ପରିଚାଳକ (ଏକୀକରଣ ଲିଡ୍) | 01 |
| 16 | ପରିଚାଳକ (ଏକୀକରଣ ବିଶେଷଜ୍ଞ) | 04 |
| 17 | ପରିଚାଳକ (ଆଇଟି ସୁରକ୍ଷା ବିଶେଷଜ୍ଞ) | 04 |
| 18 | ପରିଚାଳକ (ଏସ୍‌ଆଇଟି ପରୀକ୍ଷଣ ଲିଡ୍) | 02 |
| 19 | ପରିଚାଳକ (ପ୍ରଦର୍ଶନ ପରୀକ୍ଷଣ ଲିଡ୍) | 02 |
| 20 | ପରିଚାଳକ (ଏମ୍‌ଆଇଏସ୍ ଏବଂ ରିପୋର୍ଟିଂ ଆନାଲିଷ୍ଟ) | 01 |
| 21 | ଡେପୁଟି ମ୍ୟାନେଜର୍ (ଅଟୋମେସନ୍ ଟେଷ୍ଟ ଲିଡ୍) | 04 |
| 22 | ଡେପୁଟି ମ୍ୟାନେଜର (ପରୀକ୍ଷା ବିଶ୍ଳେଷଣକାରୀ) | 04 |

ନିୟମିତ ପଦବୀ: କ୍ର. ନଂ. 1 ଠାରୁ 2 ଏବଂ 6 ଠାରୁ 22 ଚୁକ୍ତିଭିତ୍ତିକ ପଦବୀ: କ୍ର. ନଂ. 3 ଠାରୁ 5
ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।
• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.05.2023 ରୁ 05.06.2023 ପର୍ଯ୍ୟନ୍ତ।
ସ୍ଥାନ: ମୁମ୍ବାଇ
ତାରିଖ: 16.05.2023 — ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

# ଡାକ୍ତରଖାନା ସମ୍ପ୍ରସାରଣ କାର୍ଯ୍ୟ ଦେଖିଲେ ପ୍ରତିନିଧି ଦଳ

ହିଂଜିଳିକାଟୁ,୨।୬(ଡ଼ି.ଏନ୍.ଏ):

ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟର ସଂପ୍ରସାରଣ ଓ ୫ଟି ଉପକ୍ରମରେ 'ଆମ ହସପିଟାଲ' ଯୋଜନାରେ ପ୍ରାୟ ୪.୮୮କୋଟି ଟଙ୍କାରେ ସଂପ୍ରସରଣ ଓ ଆଧୁନିକ ସୁବିଧା ନିମନ୍ତେ ଶୁକ୍ରବାର ଏକ ପ୍ରତିନିଧି ଦଳ ଡ଼ାକ୍ତରଖାନା ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଆଇଏଏସ୍ ପ୍ରୋବେସନାରୀ କୁମାରୀ ଧାନୀ ଦସ୍ତାଗିରଙ୍କ ନେତୃତ୍ୱରେ ଏନ୍ଏଚ୍ଏମ୍ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ୟାମସୁନ୍ଦର ତ୍ରିପାଠି, ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉମାଚରଣ ପାଢ଼ୀ, ଯନ୍ତ୍ରୀ ସୁଦର୍ଶନ ବେହେରା, ଡ଼ା. ଦୁର୍ଗା ମାଧବ ପଣ୍ଡା, ଡ଼ା ମାଧବ ସାହୁ, ଆରଏମସି ସମ୍ପାଦକ ବିନାୟକ ବିଶ୍ୱାଳ ପ୍ରମୁଖ ଡ଼ାକ୍ତରଖାନା ଓ ଏହାର ଆଖପାଖ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଡ଼ାକ୍ତରଖାନାର ସୌନ୍ଦର୍ଯ୍ୟକରଣ, ମୁଖ୍ୟ ଫାଟକ ନିର୍ମାଣ, ଓପିଡି-ଆଇପିଡ଼ି ସଂଯୋଗୀକରଣ, ଫିଜିଓଥେରାପି ସେଣ୍ଟର, ପାଚେରି ନିର୍ମାଣ, ଗାଡ଼ି ପାର୍କିଂ, ଶୌଚାଳୟ, ପାର୍କ ଇତ୍ୟାଦି ନିର୍ମାଣ ହେବ। ଏଥି ପାଇଁ ନିକଟବର୍ତ୍ତୀ ଆରଏମସି ଅଧୀନରେ ଥିବା ଜାଗା ଅଧିଗ୍ରହଣ କରାଯିବ। ଫଳରେ ଜନସାଧାରଣଙ୍କୁ ଉଚ୍ଚ ଧରଣର ଚିକିତ୍ସା ସୁବିଧା ମିଳିବା ସହ ୫ଟି ଉପକ୍ରମରେ ଡ଼ାକ୍ତରଖାନାର ସୌନ୍ଦର୍ଯ୍ୟ ବୃଦ୍ଧି ହେବ। ତେବେ ଡ଼ାକ୍ତରଖାନାକୁ ଲାଗି ରହିଥିବା ଆରଏମ୍‌ସିର ରହିଥିବା ଜମିକୁ ହସ୍ତାନ୍ତର ଲାଗି ପଦକ୍ଷେପ ନେବାକୁ ଦସ୍ତାଗିରି ଆରଏମ୍‌ସି ସମ୍ପାଦକ ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି ହେଲେ ଡ଼ାକ୍ତରଖାନା ପରିସରରେ ଆରଏମସି ନିର୍ମାଣ କରୁଥିବା ଦୋକାନ ଘର ଉଚ୍ଛେଦ କରିବାକୁ ପଡ଼ିବ। ଏଥି ନିମନ୍ତେ ଉଚ୍ଚ ସ୍ତରରେ ଆଲୋଚନା କରି ତୁରନ୍ତ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।



ଡ଼ାକ୍ତରଖାନା ସମ୍ପ୍ରସାରଣ ନିମନ୍ତେ ପ୍ରତିନିଧି ଦଳ ବୁଲି ଦେଖୁଛନ୍ତି।

# ମୁକ୍ତା ଯୋଜନାରେ ୬ କୋଟି ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦନ

ନୟାଗଡ଼ ଅଫିସ,୨।୬

ମୁକ୍ତା ଯୋଜନାରେ ସହର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୟାଗଡ଼ ପୌର ପରିଷଦ ଓ ଓଡ଼ଗାଁ ଏନଏସି ପାଇଁ ୬ କୋଟି ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦନ ହୋଇଛି । ଏ ଅବସରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଆଭାସି ମାଧ୍ୟମରେ ସମୀକ୍ଷା କରିଥିଲେ । ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଜିଲାପାଳ ରବିନ୍ଦ୍ର ନାଥ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ରହିଥିଲେ । ନୟାଗଡ଼ ସହର ବିକାଶ ପାଇଁ ଶିଶୁ କ୍ରୀଡ଼ା ଉଦ୍ୟାନ, ସହର ସୌନ୍ଦର୍ଯ୍ୟକରଣ, ଡ୍ରେନ, ପରିଶ୍ରାଗାର, ପାର୍କ, କମ୍ୟୁନିଟ ସେଣ୍ଟର, ଖେଳପଡ଼ିଆ, ପବ୍ଲିକ ଜିମ, ଭେଣ୍ଡିଂ ଜୋନ ବାବଦରେ ୫୮ଟି ପ୍ରକଳ୍ପ ପାଇଁ ୩ କୋଟି ୬୭ ଲକ୍ଷ ମଞ୍ଜୁର ହୋଇଛି। ସେହିଭଳି ଭାବେ ଓଡ଼ଗାଁ ଏନଏସି ସୌନ୍ଦର୍ଯ୍ୟକରଣ କାମ ପାଇଁ ୨୬ ପ୍ରକଳ୍ପ ପାଇଁ ୨ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟ ପାଇଁ ଅନୁମୋଦନ ମିଳିଛି ।

IndianOil Adani Ventures
ନକଲି ନିଯୁକ୍ତି ଠକାମୀ ରୁ ସାବଧାନ !
ଏହା ଆମ ନଜରକୁ ଆସିଛି ଯେ ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ (ଆନୁଷ୍ଠାନିକ ଭାବରେ ଇଣ୍ଡିଆନ୍ ଓଏଲ୍ ଟାଙ୍କିଙ୍ଗ୍ ଲିମିଟେଡ୍ ଭାବରେ ଜଣାଶୁଣା) ନାମରେ କିଛି ନକଲି ନିଯୁକ୍ତି ସଂସ୍ଥା କାର୍ଯ୍ୟକରୁଅଛି। ଏହି ସଂସ୍ଥାରେ କାର୍ଯ୍ୟକରୁଥିବା ବ୍ୟକ୍ତିମାନେ, ଚାକିରି ସୁରକ୍ଷା ଓ ନିଯୁକ୍ତି ପ୍ରକ୍ରିୟା ନାମରେ ପ୍ରାର୍ଥୀଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି ।
ଆମେ ଏହା ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ କୌଣସି ନିଯୁକ୍ତି ପ୍ରକ୍ରିୟାକୁ ଅନୁମତି ଦେଇ ନାହିଁ ଏବଂ ଆମେ ପ୍ରାର୍ଥୀଙ୍କଠାରୁ କୌଣସି ଟଙ୍କା ଦାବି କରୁନାହୁଁ। କିଛି ଠକ ବ୍ୟକ୍ତି, ପ୍ରାର୍ଥୀଙ୍କୁ ବିଭ୍ରାନ୍ତ କରିବା ଏବଂ ସେମାନଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ଆମ କମ୍ପାନୀର ନାମ ଏବଂ ଲୋଗୋ ବ୍ୟବହାର କରୁଛନ୍ତି।
ଉଭୟ ପାର୍ଥୀ ଓ ସେମାନଙ୍କର ପରିଜନ ମାନଙ୍କୁ ଅନୁରୋଧ ସେମାନେ ଏହିଭଳି ନକଲି ନିଯୁକ୍ତି ପ୍ରକ୍ରିୟାରେ ପ୍ରଲୋଭିତ ନ ହୋଇ ନିଜକୁ ଠକାମୀରୁ ଦୁରେଇ ରଖନ୍ତୁ। ଯଦି ଆପଣଙ୍କର ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ ଲିମିଟେଡ୍ ରେ ନିଯୁକ୍ତି ପ୍ରକ୍ରିୟା ସମ୍ବନ୍ଧରେ କୌଣସି ସନ୍ଦେହ କିମ୍ବା ପ୍ରଶ୍ନ ଅଛି, ଦୟାକରି ଆମର ମାନବସମ୍ବଳ ବିଭାଗର ଅଫିସିଆଲ୍ ଇ-ମେଲ୍ CorporateHR@iotl.com ରେ ଯୋଗାଯୋଗ କରନ୍ତୁ।
ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ ପରିଚାଳନା କର୍ତ୍ତୃପକ୍ଷ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ଅଞ୍ଚଳରେ OFFICIAL JOB କରିବାକୁ ପ୍ରାର୍ଥୀ ଆବଶ୍ୟକ ।
Salary : (8,000 - 25,000)
ଯୋଗ୍ୟତା : 9th to Graduate
9124128389

WE ARE HIRING
Anchor, Reporter, Cameraman, Copy Editor, Visual Editor, Social Media Executive, Marketing Executive & Reporter for all District & Blocks.
Submit your CV:
hrdinanka@gmail.com

## ସଂକ୍ଷେପରେ

### ଶ୍ରମିକଙ୍କ କାମ କରୁଛି ଯନ୍ତ୍ର

**କ୍ଷେତ୍ର ପରିଦର୍ଶନ କରି ଅସନ୍ତୋଷ ବ୍ୟକ୍ତ କଲା କଂଗ୍ରେସ**

**ନୟାଗଡ଼ ଅଫିସ,୨।୬:** ନୟାଗଡ଼ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନ୍ଆରଇଜିଏସ୍) ଓ ଅମୃତ ସରୋବର ଖନନ କାର୍ଯ୍ୟରେ ଶ୍ରମିକ ବଦଳରେ ଯନ୍ତ୍ର କାମ କରୁଛି । ଏଭଳି ଅଭିଯୋଗ ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ପଣ୍ଡୁସର, ଘଡୁଆଳ, ସରପଡ଼ା ଓ ପାଣ୍ଡେରପଡ଼ା ଗାଁର କ୍ଷେତ୍ର ପରିଦର୍ଶନ କରି ଭିଡିଓ ଓ ଫଟୋ ସଂଗ୍ରହ କରାଯାଇ ଅଭିଯୋଗ କରାଯାଇଛି । ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଫଟୋ ସହ ଭିଜୁଆଲ ଥାଇ ଅଭିଯୋଗ କରାଯିବ । ଘଟଣାର ତଦନ୍ତ ପାଇଁ ଅନୁରୋଧ କରାଯିବ । କଂଗ୍ରେସର ଅଭିଯୋଗ ଅନୁସାରେ ଉଭୟ ଯୋଜନାରେ ଶ୍ରମିକଙ୍କ ନାଁରେ ଯନ୍ତ୍ର କାମ କରୁଛି । କାମ ତରବରିଆ ଭାବେ ନ କରି ବର୍ଷା ହେବାକୁ ଅପେକ୍ଷା କରାଯାଇଛି । ବର୍ଷା ହେଲେ ପୋଖରୀରେ ପାଣି ଭର୍ତ୍ତି ହୋଇଗଲେ ବିଲ୍ କରିବା ସୁବିଧା ହେବ ଭାବି କାମ ଡେରିରେ କରାଯାଉଛି । ନୟାଗଡ଼ ବ୍ଲକ ପଣ୍ଡୁସର ଦେଉଳ ପୋଖରୀ ଅମୃତ ସରୋବର ଯୋଜନାରେ ୯ ଲକ୍ଷ ୫୦ ହଜାର ଓ ଏମଜିଏନ୍ଆରଇଜିଏସ୍‌ରେ ୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି । ଯନ୍ତ୍ର ଯୋଗେ ପୋଖରୀର ପୂର୍ବପଟ କିଛି ଅଂଶ ଖୋଳାଯାଇ ହାତଗଣତି ପାହାଚ ମରାମତି କାମ ଚାଲିଛି । ଯନ୍ତ୍ରୀ କି ଜିଆରଏସ୍ ଉପସ୍ଥିତ ରହୁ ନାହାନ୍ତି । ପୁଣି କାମ ବିଳମ୍ବ କରାଯାଉଛି । ସେହିପରି ସରପଡା ପୋଖରୀ ପୁନରୁଦ୍ଧାର ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏଥିରେ କେବଳ ଯନ୍ତ୍ର ଯୋଗେ ପୋଖରୀ ହୁଡାକୁ ଛଞ୍ଚା ଯାଇଛି । ଘଡୁଆଳ ପୋଖରୀ ପୁରୁଦ୍ଧାର ପାଇଁ୧୨ ଲକ୍ଷ ଟଙ୍କା ଅମୃତ ସରୋବର ଯୋଜନାରେ ମଞ୍ଜୁର ହୋଇ କାମ ଚାଲୁ ରହିଛି । ଓଡଗାଁ ବ୍ଲକ ପାଣ୍ଡେରୀପଡା ପୋଖରୀ ପୁନରୁଦ୍ଧାର କାର୍ଯ୍ଯ କେବଳ ହୁଡା ସଫା କରି ବଡ ବଡ ଗଛ କଟା ଯାଇଛି । ଏଠାରେ ସୂଚନାଫଳକ ନାହିଁ ।

### ଖଣ୍ଡପଡ଼ା ରାସ୍ତା ମରଣଯନ୍ତା



**ନୟାଗଡ଼ ଅଫିସ,୨।୬:** ନୟାଗଡ଼-ଖଣ୍ଡପଡ଼ା ରାସ୍ତାର ଯଦୁପୁର ଗାଁ ନିକଟସ୍ଥ ସଡ଼କ ମରଣଯନ୍ତା ପାଲଟିଛି । ଏଠାରେ ରାସ୍ତା ଖାଲଖମା ହୋଇ ପାଣି ଜମୁଥିବାବେଳେ ମରାମତି ହେଉନି । ଏପରି କି ଏଠାରେ ମାଟି ପଡି ରହିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ହେଉଛି । ଗତ ୭ ଦିନ ମଧ୍ୟରେ ୧୫ଟି ଦୁର୍ଘଟଣା ଘଟି ସାରିଲାଣି । ପୂର୍ତ୍ତ ବିଭାଗ ରାସ୍ତା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଚୋରି ସାମଗ୍ରୀର ସୁରକ୍ଷାସ୍ଥଳ କବାଡ଼ିଆ ଗୋଦାମ



ଶରଣକୁଳରେ ଥିବା ଏକ କବାଡ଼ିଆ ଗୋଦାମ।

ଶରଣକୁଳ,୨।୬(ଡ଼ି.ଏନ୍.ଏ.)

ମୋଟରସାଇକେଲ, ସାଇକେଲ, ଟ୍ରାକ୍ଟର, ଲଙ୍ଗଳ, ଟ୍ୟୁବ୍‌ୱେଲ, ଟ୍ରାକ୍ଟର ଡାଲା, ଉଠା ଜଳସେଚନ ପାଇଁ ବ୍ୟବହୃତ ହେଉଥିବା ମୋଟର, ତାର ଆଦି ଚୋରି ସାମଗ୍ରୀର ସୁରକ୍ଷା ସ୍ଥଳ ପାଲଟିଛି କବାଡ଼ିଆ ଗୋଦାମ। ସେମାନେ ଛୋଟ ବଡ଼ ବେପାରୀଙ୍କଠାରୁ ଚୋରି ସାମଗ୍ରୀ ସଂଗ୍ରହ କରି ଟ୍ରକରେ ଉପରୋକ୍ତ ସାମଗ୍ରୀକୁ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ଖାଲି ଏତିକି ନୁହେଁ, ଚୋରି ୪ ଚକିଆ ଗାଡ଼ି, ଲୁହା ପ୍ଲେଟକୁ ବି କାଟିବାକୁ ପଛାଉନାହାନ୍ତି କବାଡ଼ିଆ ଗୋଦାମ ମାଲିକ। ମେଶିନ ଲଗାଇ ଖଣ୍ଡଖଣ୍ଡ କରି ଚାଲାଣ କରୁଛନ୍ତି। ଶରଣକୁଳ ଥାନା ଅଧୀନ ବିଭିନ୍ନ ସ୍ଥାନରେ କବାଡ଼ିଆ ଗୋଦାମ ଖୋଲାଯାଇଛି। ଗୋଦାମ ମାଲିକ ଛୋଟ ଛୋଟ କବାଡ଼ିଆଙ୍କଠାରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରୁଛନ୍ତି। କେତେକ ଚୋରା ସାମଗ୍ରୀକୁ ମଧ୍ୟ ରାତିଅଧିଆ ମହଜୁଦ ରଖୁଛନ୍ତି। ସମୟ ସୁବିଧା ଦେଖି ଏହାକୁ ବାହାରକୁ ଚାଲାଣ କରୁଛନ୍ତି। ନିକଟରେ ଶରଣକୁଳ ଅନ୍ତର୍ଗତ ଗୋଡ଼ିପଲ୍ଲୀ ଗ୍ରାମର ସ୍କୁଲ ପିଲାମାନେ କୋଚିଂ ସେଣ୍ଟର ବାହାରେ ସାଇକେଲ ରଖିଥିଲେ । ସେଥିରୁ ୪ଟି ସାଇକେଲ ଚୋରି ହୋଇଥିଲା। ଏ ସମ୍ପର୍କରେ ଛାତ୍ରୀଛାତ୍ର, ଅଭିଭାବକ ଓ କୋଚିଂ ସେଣ୍ଟରର ଶିକ୍ଷକମାନେ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କିଛି ଦିନ ପରେ ଶୁଣିବାକୁ ମିଳିଥିଲା ନିଶା ଖାଉଥିବା ଯୁବକମାନେ ସାଇକେଲ ଚୋରି କରି କବାଡ଼ିଆ ଗୋଦାମରେ ବିକ୍ରି କରିଛନ୍ତି । ସେହିପରି ପାଣି ପମ୍ପ ତଥା ମୋଟରସାଇକେଲ ସହ ଗାଡ଼ିର ବିଭିନ୍ନ ଉପକରଣ ଚୋରି ହୋଇଥିବା ଚଢ଼େୟାପଲ୍ଲୀ, ଅସୁରଢ଼ିପା, ହରିହରପୁର, ପାଟୁଳିସାହି, ଶିଖରପୁର ଓ ଶରଣକୁଳ ବଜାରର ଲୋକେ ଶରଣକୁଳ ଥାନାରେ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଚୋରି ଜିନିଷର ଠାବ ପାଇଁ ପୋଲିସ ବ୍ୟଗ୍ରତା ପ୍ରଦର୍ଶନ କରି ନ ଥିଲା। ଶରଣକୁଳ ଅଞ୍ଚଳରେ ଖୋଲାଯାଇଥିବା ସବୁ କବାଡ଼ିଆ ଗୋଦାମ ଉପରେ ଚଢ଼ଉ କରାଯାଇଥିଲେ ଚୋରିର ସୁରାକ ମିଳିପାରିଥାଆନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା । ହେଲେ ପୋଲିସ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

# ଜାତୀୟ ଯକ୍ଷ୍ମା ନିରାକରଣ ତାଲିମ



ଯକ୍ଷ୍ମା ନିରାକରଣ ପାଇଁ ଆୟୋଜିତ ତାଲିମ ଶିବିର।

ନୟାଗଡ଼ ଅଫିସ,୨।୬

ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଫାର୍ମାସିଷ୍ଟଙ୍କୁ ନେଇ ଏକ ଯକ୍ଷ୍ମା ତାଲିମ କାର୍ଯ୍ୟକ୍ରମ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ଶରତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। । ଜିଲା ସଂଯୋଜକ ରୁଦ୍ର ପ୍ରସାଦ ଜେନା ଓ ବରିଷ୍ଠ ଚିକିତ୍ସା ତଦାରଖକାରୀ ଶଶିକାନ୍ତ ସାମଲ, ଦୀପକ ଦଳବେହେରା ମୁଖ୍ୟ ପ୍ରଶିକ୍ଷକ ଭାବେ ତାଲିମ ଦେଇଥିଲେ। ଫାର୍ମାସିଷ୍ଟମାନଙ୍କୁ ଯକ୍ଷ୍ମା ଔଷଧ ସେବନ ପ୍ରଣାଳୀ ଏବଂ ବିତରଣ ସମ୍ବନ୍ଧୀୟ ଅନ୍‌ଲାଇନ୍ ଡାଟା ଠିକ୍ ଭାବେ ସୁପରିଚାଳନା କରିବା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ତାଲିମ ପ୍ରଦାନ କରାଯାଇଥିଲା। ଶରତ କୁମାର ଓଝା, ଦିଲୀପ କୁମାର ପ୍ରଧାନ, ଆଶୁତୋଷ ସାମନ୍ତସିଂହାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅମଳା ସଂଘର ଧାରଣା ଅବ୍ୟାହତ

ଖଣ୍ଡପଡ଼ା,୨।୬(ସ୍ୱ.ପ୍ର.)

କିରାଣିମାନଙ୍କ ବେତନରେ ରହିଥିବା ଗ୍ରେଡ୍ ପେ'ର କାଳକ୍ଷେପଣ ନୀତିକୁ ବିରୋଧ କରି ରାଜ୍ୟ ଅମଳା ସଂଘର ଆହ୍ୱାନ କ୍ରମେ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ନ୍ୟାଯ୍ୟ ଦାବି ହାସଲ ନେଇ ଧାରଣା ଦେଇଛନ୍ତି । ଫଳରେ ବ୍ଲକ, ତହସିଲ କାର୍ଯ୍ୟାଳୟ ସମେତ ଅନ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଯୋଗ୍ୟତାଭିତ୍ତିରେ ବେତନ ପ୍ରାପ୍ୟ ପ୍ରଦାନ ଦାବି ନେଇ ଅମଳାମାନେ ଗତ ୧୦ ଦିନ ଧରି କଳାବ୍ୟାଜ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଚଳାଇଥିଲେ । ମାତ୍ର କୌଣସି ସୁଫଳ ନ ମିଳିବାରୁ ଗୁରୁବାରଠାରୁ ଅମଳାମାନେ ସମୂହ ଛୁଟି ନେଇ ଧାରଣାରେ ସାମିଲ ହୋଇଛନ୍ତି । ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଧାରଣାରତ ଅମଳାମାନେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଆଗରେ ପ୍ରକାଶ କରିଛନ୍ତି ।



ଅମଳାମାନେ ଧାରଣାରେ ବସିଛନ୍ତି।

# ଜବରଦଖଲ ଯୋଗୁ ନିର୍ମାଣ ହୋଇପାରୁନି ଆଦର୍ଶ ବିଦ୍ୟାଳୟ ପାଚେରି

ଖଣ୍ଡପଡ଼ା,୨।୬(ସ୍ୱ.ପ୍ର.)

ଜବର ଦଖଲକାରୀଙ୍କ କବ୍‌ଜାରେ ଆଦର୍ଶ ବିଦ୍ୟାଳୟ ଜାଗା । ସଂପୃକ୍ତ ବିଦ୍ୟାଳୟ ପାଚେରି ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଜବରଦଖଲ ଯୋଗୁ ନିର୍ମାଣ କାର୍ଯ୍ୟ ହୋଇ ପାରୁନି । ଫଳରେ ମଞ୍ଜୁର ଅନୁଦାନ ଅର୍ଥ ଫେରିଯିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଖଣ୍ଡପଡା ବାଇପାସ୍ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଛପାଖ ପାଚେରି ନିର୍ମାଣ ନିମନ୍ତେ ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଗତ ବର୍ଷକ ତଳେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ଜଣେ ଠିକାଦାରଙ୍କୁ ପ୍ରାଚୀର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଛି । ମାତ୍ର ପ୍ରାଚୀର ନିର୍ମାଣ ସ୍ଥାନରେ ଜବର ଦଖଲକାରୀମାନେ ସ୍ଥାୟୀ ବାସଗୃହ ନିର୍ମାଣ କରି ରହୁଥିବାରୁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ପାଚେରି ନିର୍ମାଣ କରି ନ ପାରି



ରାସ୍ତା ପାର୍ଶ୍ୱରେ ଥିବା ଆଦର୍ଶ ବିଦ୍ୟାଳୟ।

**ମଞ୍ଜୁର ଅର୍ଥ ଫେରିଯିବା ଆଶଙ୍କା**

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ତହସିଲ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ପାଚେରି ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପାଇବାର ବର୍ଷେ ପରେ ବି ପ୍ରାଚୀର ନିର୍ମାଣ ହୋଇ ନ ପାରିବାରୁ ଅନୁଦାନ ଅର୍ଥ ଫେରିଯିବାର ଆଶଙ୍କା ପ୍ରକାଶ ପାଇଛି । ପ୍ରଶାସନିକ ଉଦାସୀନତା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଏଥିପ୍ରତି ଜିଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

TVS WANTED
WORKSHOP MANAGER & SERVICE ADVISOR FOR JAJPUR ROAD AND JAJPUR TOWN.
SUBAS TVS (P) LTD.
Contact: 8093096858

Tender Notice
BAIF Institute for Sustainable Livelihoods and Development
Invites sealed quotations from reputed vendors for Supply of Liquid Nitrogen at Sambalpur and Cuttack, Odisha.
For more details you may visit to the website : www.baif.org.in
Saraswati Enclave, Dhankauda Sambalpur-768006, Ph 7894418530

Tender Notice
BAIF Institute for Sustainable Livelihoods and Development
Invites sealed quotations from reputed vendors for Transportation of Liquid Nitrogen and other materials from Sambalpur to all 30 districts of Odisha.
For more details you may visit to the website : www.baif.org.in
Saraswati Enclave, Dhankauda Sambalpur-768006, Ph 7894418530

ପୂର୍ବ ତଟ ରେଳପଥ
ସଂ.MCS/Stores/E-Procure/Tender Notice/89, ତା.26.05.2023ରିଖ
ଟେଣ୍ଡର ସଂ. 92235397
ବିବରଣୀ : RDSO ବିନିର୍ଦ୍ଦେଶ ସଂ.RDSO/PE/SPEC/AC/0203-2020(Rev-0) ଅନୁଯାୟୀ LHB ଟାଇପ୍ AC କୋଚ୍‌ଗୁଡ଼ିକର ସୁଇଚ୍ ବୋର୍ଡ଼ କ୍ୟାବିନେଟ୍ ନିମନ୍ତେ ଉପଯୁକ୍ତ, କମ୍ପ୍ଲିଟ୍ ଫ୍ୟୁଜଗୁଡ଼ିକ ସହିତ 750/415V, ଟାଇପ୍-II, 50Hz, ସିଙ୍ଗିଲ୍ ଫେଜ୍ "H" ଶ୍ରେଣୀ ଇନ୍‌ସୁଲେସନ, ଡ୍ରାଇ ଟାଇପ୍ ଏବଂ ଏୟାର କୁଲ୍‌ଡ (Air Cooled) 200VA କଣ୍ଟ୍ରୋଲ ଟ୍ରାନ୍ସଫର୍ମର । (ପରିମାଣ: 360 ଗୋଟି) । ୱାରେଣ୍ଟି ଅବଧି : ବିତରଣ ହେବା ତାରିଖ ପରେ 30 ମାସ ।
EMD (ଟଙ୍କାରେ) : 64,140.00 ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.06.2023 ରିଖ 1500 ଘଟିକାରେ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର, ଭୁବନେଶ୍ୱର
PR-232/O/23-24

ପୂର୍ବ ତଟ ରେଳପଥ
ଫାଇଲ୍ ନଂ.DRM/Engg/KUR/23-24/E-Tender/31, ତା.23.05.2023ରିଖ
(1) ଟେଣ୍ଡର ସଂ.eTender-East-KUR-91-2023, ତା.23.05.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଘରବାଟିଆ (CBT), କପିଳାସ ରୋଡ଼ (KIS) ଏବଂ ହରିଦାସପୁର (HDS) ଠାରେ ଜୁନିୟର ଇଂଜିନିୟର(JE)/ସିନିୟର ସେକ୍ସନ ଇଂଜିନିୟର (P.Way) ନିମନ୍ତେ 03 ଗୋଟି ଟାଇପ୍-III କ୍ୱାର୍ଟର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ (ଟଙ୍କାରେ): 62.71 ଲକ୍ଷ, EMD (ଟଙ୍କାରେ) : 1,25,400/- ।
(2) ଟେଣ୍ଡର ସଂ. eTender-East-KUR-92-2023, ତା.23.05.2023ରିଖ
ବିବରଣୀ : ପୂର୍ବ ତଟ ରେଳପଥର କଟକ-ପାରାଦ୍ୱୀପ ସେକ୍ସନରେ ଅଟୋମେଟିକ୍ ବ୍ଲକ୍ ସିଗ୍‌ନାଲିଙ୍ଗ୍ ସିଷ୍ଟମ୍ ସମ୍ବନ୍ଧୀୟ ପ୍ରଚଳିତ ଗେଟ୍ ଗୁମଟିଗୁଡ଼ିକର ସଂପ୍ରସାରଣ ।
କାର୍ଯ୍ୟର ଆନୁମାନିକ (ଟଙ୍କାରେ): 248.42 ଲକ୍ଷ, EMD (ଟଙ୍କାରେ) : 2,74,200/- ।
ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.06.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼
PR-231/O/23-24

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
Scan to Visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ
ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - XII
ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର ୨୦୨୩ରେ ସଞ୍ଚାଳନ କରାଯିବ । ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୩ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବି - XII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୧।୦୬।୨୦୨୩ରୁ ୨୧।୦୬।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି)* ସଞ୍ଚାଳନ | ୧୭।୦୭।୨୦୨୩ରୁ ୨୨।୦୭।୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ / ସେପ୍ଟେମ୍ବର, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର, ୨୦୨୩ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୬।୨୦୨୩ ନିର୍ଦ୍ଦେଶକ

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ, କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଫ୍ୟାକ୍ସ: 022-22820411
ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଏବଂ ଚୁକ୍ତିନାମା ଆଧାରରେ
ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଏବଂ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଖାଲି ପଦବୀ |
|---|---|---|
| | CRPD/SCO-CS/2023-24/03 | |
| 1 | କମ୍ପାନୀ ସେକ୍ରେଟାରୀ ଏମ୍‌ଏମ୍‌ଜିଏସ୍-III | 02 |
| 2 | କମ୍ପାନୀ ସେକ୍ରେଟାରୀ ଏମ୍‌ଏମ୍‌ଜିଏସ୍-II | 02 |
| | CRPD/SCO/2023-24/04 | |
| 3 | ଡେପୁଟି ଚିଫ୍ ଟେକ୍ନୋଲୋଜି ଅଫିସର (ଇନଫ୍ରା) | 01 |
| 4 | ଡେପୁଟି ଚିଫ୍ ଟେକ୍ନୋଲୋଜି ଅଫିସର (ଡିଜିଟାଲ୍) | 01 |
| | CRPD/SCO/2023-24/05 | |
| 5 | ଉପାଧ୍ୟକ୍ଷ (ଏଣ୍ଟରପ୍ରାଇଜ୍ ଏବଂ ଟେକ୍ନୋଲୋଜି ସ୍ଥାପତ୍ୟ) | 01 |
| | CRPD/SCO/2023-24/07 | |
| 6 | ସହକାରୀ ଜେନେରାଲ୍ ମ୍ୟାନେଜର (ସଲ୍ୟୁସନ୍ ଆର୍କିଟେକ୍ଟ ଲିଡ୍) | 01 |
| 7 | ମୁଖ୍ୟ ପରିଚାଳକ (ପିଏମ୍‌ଓ - ଲିଡ୍) | 02 |
| 8 | ମୁଖ୍ୟ ପରିଚାଳକ (ଟେକ୍ ଆର୍କିଟେକ୍ଟ) | 03 |
| 9 | ପ୍ରକଳ୍ପ ପ୍ରବନ୍ଧକ | 06 |
| 10 | ପରିଚାଳକ (ଟେକ୍ ଆର୍କିଟେକ୍ଟ) | 03 |
| 11 | ପରିଚାଳକ (ଡାଟା ଆର୍କିଟେକ୍ଟ) | 03 |
| 12 | ପରିଚାଳକ (ଡେଭଅପ୍‌ସ ଇଞ୍ଜିନିୟର) | 04 |
| 13 | ପରିଚାଳକ (ପର୍ଯ୍ୟବେକ୍ଷଣ ଏବଂ ମନିଟରିଂ ବିଶେଷଜ୍ଞ) | 03 |
| 14 | ପରିଚାଳକ (ଇନଫ୍ରା / କ୍ଲାଉଡ୍ ବିଶେଷଜ୍ଞ) | 03 |
| 15 | ପରିଚାଳକ (ଏକୀକରଣ ଲିଡ୍) | 01 |
| 16 | ପରିଚାଳକ (ଏକୀକରଣ ବିଶେଷଜ୍ଞ) | 04 |
| 17 | ପରିଚାଳକ (ଆଇଟି ସୁରକ୍ଷା ବିଶେଷଜ୍ଞ) | 04 |
| 18 | ପରିଚାଳକ (ଏସ୍‌ଆଇଟି ପରୀକ୍ଷଣ ଲିଡ୍) | 02 |
| 19 | ପରିଚାଳକ (ପ୍ରଦର୍ଶନ ପରୀକ୍ଷଣ ଲିଡ୍) | 02 |
| 20 | ପରିଚାଳକ (ଏମ୍‌ଆଇଏସ୍ ଏବଂ ରିପୋର୍ଟିଂ ଆନାଲିଷ୍ଟ) | 01 |
| 21 | ଡେପୁଟି ମ୍ୟାନେଜର୍ (ଅଟୋମେସନ୍ ଟେଷ୍ଟ ଲିଡ୍) | 04 |
| 22 | ଡେପୁଟି ମ୍ୟାନେଜର (ପରୀକ୍ଷା ବିଶ୍ଳେଷଣକାରୀ) | 04 |

ନିୟମିତ ପଦବୀ: କ୍ର. ନଂ. 1 ଠାରୁ 2 ଏବଂ 6 ଠାରୁ 22 ଚୁକ୍ତିଭିତ୍ତିକ ପଦବୀ: କ୍ର. ନଂ. 3 ଠାରୁ 5
ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।
• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.05.2023 ରୁ 05.06.2023 ପର୍ଯ୍ୟନ୍ତ ।
ସ୍ଥାନ: ମୁମ୍ବାଇ
ତାରିଖ: 16.05.2023 ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

## ସଂକ୍ଷେପରେ

### ବେଆଇନ ଖନନ, ଗାଡ଼ି ମାଲିକଙ୍କ ସମେତ ୪ ଗିରଫ

**ଧର୍ମଶାଳା,୨।୬(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅଧୀନ ଆରୁହା କଳାପଥର ଖାଦାନରେ ବେଆଇନ ଖନନ ନେଇ ତହସିଲ ପକ୍ଷରୁ ଗତ ୨୯ ତାରିଖରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବେଆଇନ ଭାବେ କଳାପଥର ପରିବହନ କରୁଥିବା ୩ ଗାଡି ଜବତ କରାଯାଇଥିଲା। ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୩୫୦/୨୩ରେ ଏକ ମାମଲା ରୁଜୁ କରିବା ସହ ଜଣେ ଗାଡ଼ି ମାଲିକ ଓ ୩ ଡ୍ରାଇଭରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗାଡ଼ିମାଲିକ ଏହି ଥାନା ଶଙ୍ଖାରିଡିହ ଗ୍ରାମର ଅମରେଶ୍ୱର ସାମଲ(୨୬), ଡ୍ରାଇଭର କୁମାରୀ ଗ୍ରାମର ଇସୁଫ ଖାଁ (୪୮), ଅଶୋକ କୁମାର ମଲିକ (୪୦) ଓ ତରାପୁର ଗ୍ରାମର ଏସ୍‌କେ ଚାନ୍ଦ ମହମ୍ମଦ (୪୦)। ସମସ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### କଂଗ୍ରେସର ସାଙ୍ଗଠନିକ ବୈଠକ

**ସିଂହପୁର,୨।୬(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତରେ ଗୋବିନ୍ଦ ସାମଲଙ୍କ ନେତୃତ୍ୱରେ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଦେଶ କଂଗ୍ରେସର ଉପସଭାନେତ୍ରୀ କନକଲତା ମଲିକ ଯୋଗଦେଇ ତୃଣମୂଳସ୍ତରରୁ କଂଗ୍ରେସ ସଂଗଠନକୁ ମଜଭୁତ କରିବାକୁ ଉପସ୍ଥିତ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସର୍ବସମ୍ମତିକ୍ରମେ ସଭାପତି ଭାବେ ପରିକ୍ଷିତ ସେଠୀ ଓ ଉପସଭାପତି ଶ୍ରୀକାନ୍ତ ମଲିକଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଅର୍ଜୁନ ସେଠୀ, ସୁଧାକର ମଲିକ, ରବୀନ୍ଦ୍ର ଜେନା, ସୁବାସ ଚନ୍ଦ୍ର ସାମଲ, ବିକାଶ ମଲିକ, ଅଜୟ ସେଠୀ, ଶରତ ସେଠୀ, କପିଳ ସେଠୀ, ଗୋବିନ୍ଦ ସାମଲ, ଶ୍ରୀଧର ସେଠୀ ଓ ବିଷ୍ଣୁ ସେଠୀଙ୍କ ସମେତ ପଞ୍ଚାୟତର ବହୁ କର୍ମୀ ଉପସ୍ଥିତ ଥିଲେ।

### ଧର୍ମଶାଳା ଅମଳା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ



**ଧର୍ମଶାଳା,୨।୬(ଡି.ଏନ.ଏ.):** ରାଜ୍ୟ ମିଳିତ ଅମଳା ସଂଘର ଆହ୍ୱାନକ୍ରମେ ଯାଜପୁର ଜିଲା ମିଳିତ ଅମଳା ସଂଘ ଧର୍ମଶାଳା ଶାଖା ପକ୍ଷରୁ ବ୍ଲକ ଅଞ୍ଚଳରର ଅମଳାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିରେ ବ୍ଲକ ଅନ୍ତର୍ଗତ ଧର୍ମଶାଳା ତହସିଲ, ଉପନିବନ୍ଧକ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ଧର୍ମଶାଳା ମହାବିଦ୍ୟାଳୟ, ଜଗନ୍ନାଥଜୀଉ ମହାବିଦ୍ୟାଳୟ, ବଜ୍ରଗିରି ମହାବିଦ୍ୟାଳୟ ଓ ସମସ୍ତ ଉଚ୍ଚ ବିଦ୍ୟାଳୟର ଅମଳାମାନେ ସାମିଲ ହୋଇଛନ୍ତି। ଦରମା ଲେଭଲ ୪ରୁ୯କୁ ବୃଦ୍ଧି କରିବା ଦାବିରେ ଏହି ଆନ୍ଦୋଳନ କରାଯାଇଛି।

# ଭିନ୍ନକ୍ଷମ ଚାଷୀ ଶୋଷିତ, ନିର୍ଯାତିତ

■ ୩ ମାସ ହେଲା ପ୍ରାପ୍ୟ ପାଇଲେନି ଚାଷୀ

■ ଜବାବ ମାଗିଲେ ଯୁଗ୍ମ ନିବନ୍ଧକ

**ଯାଜପୁର ଅଫିସ,୨।୬**

ଯାଜପୁର ଜିଲାର ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ)ଗୁଡ଼ିକରେ ଧାନ ସଂଗ୍ରହ ତଥା ଚାଷୀଙ୍କ ପ୍ରାପ୍ୟ ପ୍ରଦାନରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି। ପାକ୍ସ ସମ୍ପାଦକମାନେ ଚାଷୀଙ୍କୁ ହଇରାଣ ହରକତ କରୁଥିବା ଭଳି ଅଭିଯୋଗ ହେଉଥିଲେ ହେଁ ବିଭାଗୀୟ ଜିଲା ମୁଖ୍ୟ ଏଆରସିଏସ୍ ହାତ ଟେକି ଦେଉଛନ୍ତି। ଏପରିକି ଭିନ୍ନକ୍ଷମ ଚାଷୀଙ୍କୁ ମଧ୍ୟ ହଇରାଣ କରିବାରେ ସମ୍ପାଦକମାନେ ସଙ୍କୋଚ କରୁନାହାନ୍ତି। ଏଭଳିସ୍ଥିତିରେ ଏଆର୍‌ସିଏସ୍ ଏବଂ ସମ୍ପାଦକମାନଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଥିବା ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଜିଲାର ରେଖିଦେଇପୁର ପାକ୍ସରେ ଭିନ୍ନକ୍ଷମ ଚାଷୀ ରଞ୍ଜନ କୁମାର ପରିଡ଼ା ଋଣ ଟଙ୍କା ପରିଶୋଧ କରିବା ପରେ ବି ତାଙ୍କୁ ଧକ୍କା ମାରି ତଡ଼ି ଦେବା ଭଳି ଅଭିଯୋଗ ହୋଇଛି। ସେହିପରି ଚାଷୀ କପିଳେଶ୍ୱର ପ୍ରଧାନ ଧାନ ଦେଇ ୩ ମାସ ହେବ ତାଙ୍କ ପ୍ରାପ୍ୟ ପାଇନାହାନ୍ତି। ଏହିକ୍ରମରେ ରାଜ୍ୟ ସେବା ସମବାୟ ସମିତିର ଯୁଗ୍ମ ନିବନ୍ଧକ ଏବଂ ଯାଜପୁର ଜିଲା ଯୋଗାଣ ଅଧିକାରୀ ଏଆର୍‌ସିଏସ୍‌ଙ୍କୁ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଅଭାବୀ ବିକ୍ରି ପରିସ୍ଥିତିରେ ସୁଧାର ଆଣିବା ନେଇ ସରକାର ପାକ୍ସରେ ଧାନ ବିକ୍ରି ବ୍ୟବସ୍ଥା କରିଛନ୍ତି। କିନ୍ତୁ ଗତ ପ୍ରାୟ ୮ ବର୍ଷ ହେବ ପାକ୍ସରେ ଚାଷୀ ଧାନ ଦେଇ ପ୍ରାପ୍ୟ ନ ପାଇବା, ଟୋକନ ପାଇ ମଧ୍ୟ ଧାନ ବିକ୍ରି ନ ହେବା, ନକଲି ଚାଷୀ ଓ ଟୋକନ ପ୍ରସ୍ତୁତ କରାଯାଇ ଧାନ ବିକ୍ରି ଭଳି ଗୁରୁତର ଅଭିଯୋଗ ହୋଇଆସୁଛି। ହେଲେ ସରକାରୀ ଅଧିକାରୀମାନେ କୌଣସି ପ୍ରକାର ସନ୍ତୋଷଜନକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସମ୍ପାଦକମାନଙ୍କ ମନମାନି ବୃଦ୍ଧି ପାଉଛି। ସରକାରଙ୍କ ଖାଦ୍ୟ ନୀତି ଅନୁସାରେ ଚାଷୀଙ୍କଠାରୁ ପାକ୍ସ ଜରିଆରେ ଧାନ ସଂଗ୍ରହ ହେବ। ପାକ୍ସରୁ ଧାନ ମିଲର୍ସଙ୍କ ନିକଟକୁ ଯିବ ଏବଂ ସେହି ଅନୁପାତରେ ଚାଉଳ ଦାଖଲ କରିବ। ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ଏବଂ ଧାନ ବିକ୍ରି କରିବାର ୨୪ ଘଣ୍ଟା ମଧ୍ୟରେ ତାଙ୍କ ଆକାଉଣ୍ଟରେ ପ୍ରାପ୍ୟ ପ୍ରଦାନ କରାଯିବ ସେ ନେଇ ସରକାର ନିର୍ଦ୍ଦେଶନାମା କରିଛନ୍ତି। କିନ୍ତୁ ଯାଜପୁର ଜିଲାରେ ଏହାର ଓଲଟା ହେଉଛି। ଅନେକ ପାକ୍ସରେ ଧାନ ସଂଗ୍ରହ ହେଉ ନ ଥିବାବେଳେ ଚାଷୀଙ୍କୁ ସିଧାସଳଖ ମିଲ୍‌ରେ ଧାନ ଦେବାକୁ କୁହାଯାଉଛି। ଅଭିଯୋଗ ଅନୁସାରେ ଧର୍ମଶାଳା ବ୍ଲକ ରାଧାକାନ୍ତପୁର ଗ୍ରାମର ଚାଷୀ କପିଳେଶ୍ୱର ପ୍ରଧାନ ରେଖିଦେଇପୁର ପାକ୍ସରେ ୪୫.୩୯ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ହେଲେ ୩ ମାସ ହେଲା ପରେ ବି ସେ ଧାନର ପ୍ରାପ୍ୟ ୯୨,୫୯୫.୬୦ ଟଙ୍କା ପାଇନାହାନ୍ତି। ଏନେଇ ସେ ବାରମ୍ବାର ପାକ୍ସରେ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ କରାଯାଉନାହିଁ। ଭୁଲ୍ ଆକାଉଣ୍ଟ ନମ୍ବରରେ ଟଙ୍କା ଜମା କରାଯାଇଥିବାରୁ ତାଙ୍କ ଆକାଉଣ୍ଟକୁ ପ୍ରାପ୍ୟ ଆସିଲା ନାହିଁ।

ଅନ୍ୟ ଏକ ଅଭିଯୋଗ ଅନୁସାରେ ରେଖିଦେଇପୁର ପାକ୍ସ ସମ୍ପାଦକ ଅକ୍ଷୟ କୁମାର ବେହେରା ଋଣ ପରିଶୋଧ ପାଇଁ ଭିନ୍ନକ୍ଷମ ଚାଷୀ ରଞ୍ଜନ କୁମାର ପରିଡ଼ାଙ୍କ ସ୍ତ୍ରୀଙ୍କଠାରୁ ୫୦ ହଜାର ଟଙ୍କା ଅସୁଲି କରିଥିଲେ। କିନ୍ତୁ ଏହାର ରସିଦ ମାଗିବାରୁ ସେ ଟଙ୍କା ନେଇ ନ ଥିବା ସମ୍ପାଦକ କହିଥିଲେ। ଏହାସହ ଧାନ ବିକ୍ରି କରିବାକୁ କାଗଜପତ୍ର ଦେଇଥିଲେ ହେଁ ଉଦ୍ଦେଶ୍ୟମୂଳକ ଭାବେ ପଞ୍ଜୀକରଣ କରି ନ ଥିଲେ। ଫଳରେ ସେ ଧାନ ବିକ୍ରି କରିବାରୁ ବଞ୍ଚିତ ହେଲେ। ଏହାପରେ ସେ ଏଆର୍‌ସିଏସ୍‌ଙ୍କ ଦ୍ୱାରସ୍ଥ ହେଲେ। ରେଖିଦେଇପୁର ପାକ୍ସରେ ଏଆରସିଏସ୍‌ଙ୍କ ଉପସ୍ଥିତିରେ ଅଭିଯୋଗର ତଦନ୍ତ ହେଲା। ଚାଷୀ ପରିଡ଼ା ଏବଂ ତାଙ୍କ ସ୍ତ୍ରୀ ଦୁହେଁ ତଦନ୍ତରେ ଭାଗ ନେଇଥିଲେ। କିନ୍ତୁ ତଦନ୍ତ କ'ଣ ହେବ ତାଙ୍କୁ ସେଠାରୁ ଧକ୍କା ମାରି ବାହାର କରି ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ଏହି ଦୁଇଟି କେବଳ ଉଦାହରଣ ମାତ୍ର, ଯାଜପୁର ଜିଲାରେ ଏଭଳି ଏକାଧିକ ଚାଷୀ ଶୋଷଣ ନୀତି ଚାଲିଥିଲେ ହେଁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଏ ସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଭିନ୍ନକ୍ଷମ ଚାଷୀ ମିଥ୍ୟା ଅଭିଯୋଗ କରିଥିଲେ। ଏହାର ତଦନ୍ତ ହୋଇ ସାରିଛି, ଶୀଘ୍ର ରିପୋର୍ଟ ପ୍ରକାଶ ପାଇବ। ଏହାପରେ ରିପୋର୍ଟ ଆଧାରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି କପିଳେଶ୍ୱର ପ୍ରଧାନଙ୍କ ମାମଲା ଉପରେ ବିଚାର କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଗଛ ଉପୁଡ଼ି ରାସ୍ତା ଅବରୋଧ, ୩ ଆହତ



ରାସ୍ତା ଉପରେ ଗଛଡାଳ ଭାଙ୍ଗି ପଡିଛି।

**ବରୀ,୨।୬(ଡି.ଏନ.ଏ.)**

ବରୀ ବ୍ଲକ୍ ଅଞ୍ଚଳରେ ଶୁକ୍ରବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଗଛ ଓ ଡାଳ ଭାଙ୍ଗି ପଡ଼ିବାରୁ ରାସ୍ତା ଅବରୋଧ ହୋଇଛି। ଏଥିଯୋଗୁ ୩ଜଣ ବ୍ୟବସାୟୀ ଆହତ ହୋଇଛନ୍ତି। ଅପରାହ୍ନରେ ହଠାତ୍ କାଳବୈଶାଖୀ ଆସିଥିଲା। ବର୍ଷା କମ୍ ହୋଇଥିଲେ ମଧ୍ୟ ପବନର ବେଗ ଅଧିକ ଥିଲା। ତୁହାକୁ ତୁହା ପବନ ହେବାରୁ ଅଞ୍ଚଳରେ ବଡ଼ବଡ଼ ଗଛଗୁଡିକ ଉପୁଡ଼ି ପଡ଼ିଥିଲା। ଦୈନିକ ହାଟ ରାଜାତୋଟା ଠାରେ ଏକ ଗଛ ଉପୁଡିବା ଯୋଗୁ ପରିବା ବ୍ୟବସାୟ କରିବାକୁ ଆସିଥିବା ୩ ବ୍ୟବସାୟୀ ଆହତ ହୋଇଥିବା ସୂଚନା ମିଳିଛି। ଏତଦ୍‌ବ୍ୟତୀତ ବରୀ-କଳାମାଟିଆ ରାସ୍ତାର ଅନ୍ୟାସୀପୁରଠାରେ ଏକ ଚାରି ଚକିଆ ଯାନ ଯାଉଥିବା ବେଳେ ତା' ଉପରେ ଗଛ ଡାଳ ଭାଙ୍ଗି ପଡ଼ିଥିଲା। ହେଲେ ଏଥିରେ ଥିବା ଯାତ୍ରୀମାନେ ବର୍ତ୍ତିଯାଇଛନ୍ତି। କାଳବୈଶାଖୀ ପରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ରାସ୍ତାରେ ପଡ଼ିଥିବା ଗଛଗୁଡ଼ିକୁ ହଟାଇଥିଲେ। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ସହଯୋଗ କରିଥିଲେ। କୋମଳମତି ଶିଶୁମାନେ ମଧ୍ୟ ରାସ୍ତାରୁ ଗଛ ସଫା କରୁଥିବା ଦେଖିବାକୁ ମିଳିଥିଲା। କାଳବୈଶାଖୀ ଯୋଗୁ କିଛି ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଖବର ମିଳିଛି।

# ୨ୟ ଦିନରେ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ




ଆନ୍ଦୋଳନରେ ସାମିଲ ହୋଇଥିବା ଜିଲାସ୍ତରୀୟ ଅମଲାମାନେ।

**ଯାଜପୁର ଟାଉନ,୨।୬(ଡି.ଏନ.ଏ.)**

ଜିଲାସ୍ତରୀୟ ଅମଲାଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଦ୍ୱିତୀୟ ଦିନରେ ଅମଲାଙ୍କ ଆନ୍ଦୋଳନ ଜାରି ରହିଛି। ମେ' ୧ରେ ଜିଲାସ୍ତରୀୟ ମିଳିତ ମଞ୍ଚ ରାଜ୍ୟ ଶାଖା ପକ୍ଷରୁ ଏକ ପତ୍ର ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ରାଜ୍ୟ ସରକାରଙ୍କୁ ମେ' ୨୧ ସୁଦ୍ଧା ଜିଲାସ୍ତରୀୟ ଅମଲାଙ୍କ ଦାବି ପୂରଣ ପାଇଁ ଅନୁରୋଧ କରାଯାଇଥିଲା। ଯଦି ଧାର୍ଯ୍ୟ ସମୟସୀମା ମଧ୍ୟରେ ସରକାର ଦାବିପୂରଣ ନେଇ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ମେ'୨୨ରୁ ୩୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରାଯିବ ଏବଂ ଏହାସତ୍ତ୍ୱ ଯଦି ସରକାର କୌଣସି ନିଷ୍ପତ୍ତି ଗ୍ରହଣ ନ କରନ୍ତି ତେବେ ଜୁନ୍ ୧ରୁ ସମସ୍ତ ଜିଲାସ୍ତରୀୟ ଅମଲା ଦାବିପୂରଣ ନ ହେବା ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନେଇଥିଲେ। ଜିଲାସ୍ତରୀୟ ଅମଲାଙ୍କ ବେତନରେ ଥିବା ଅସଙ୍ଗତିକୁ ଦୂର କରିବାରେ ରାଜ୍ୟ ସରକାର ଜାଣିଶୁଣି ଅବହେଳା କରିଚାଲିଛନ୍ତି। ଏହାଦ୍ୱାରା ସେମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଫଳସ୍ୱରୂପ ଜିଲାର ସରକାରୀ ଦପ୍ତର ଯଥା ; ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲାର ସମସ୍ତ ସବ୍‌ରେଜିଷ୍ଟ୍ରାର, ଟ୍ରେଜେରି, ସରକାରୀ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ, ବ୍ଲକ୍, ତହସିଲ, ସିଡିପିଓ, ଆର୍‌ଟିଓ, ଶିକ୍ଷା ଅଧିକାରୀ, କୃଷି, ମତ୍ସ୍ୟ ବିଭାଗ ସହ ସମସ୍ତ କାର୍ଯ୍ୟାଳୟର ଅମଲାମାନେ ୧ ତାରିଖରୁ ଛୁଟିରେ ଯାଇ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଦପ୍ତରକୁ ଦୂର ଦୂରାନ୍ତରୁ ଆସୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶଥାଉ କି, ରାଜ୍ୟସରକାର ୨୦୧୭ରୁ ଜିଲାସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ କରିଥିଲେ ମଧ୍ୟ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରିନାହାନ୍ତି। ଏନେଇ ସରକାରଙ୍କ ସହ ବିଭିନ୍ନ ସମୟରେ ବିଭିନ୍ନ ଅମଲା ସଂଘଙ୍କ ପକ୍ଷରୁ ପତ୍ରାଳାପ କରିବା ସହିତ ଆଲୋଚନା ହୋଇସାରିଛି। କିନ୍ତୁ ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ଫଳ ଶୂନ୍ୟ ହୋଇଛି। ତେଣୁ ଏଦିଗରେ ସରକାର ତୁରନ୍ତ ହସ୍ତକ୍ଷେପ ଗ୍ରହଣ କରି କରି ଅମଲାଙ୍କ ଦାବି ପୂରଣ କରିବାକୁ ଦାବି ହୋଇଛି।

# ବସ-ଟ୍ରେଲର ଧକ୍କା, ବର୍ତ୍ତିଲେ ଯାତ୍ରୀ

**ଛତିଆ,୨।୬(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଛତିଆ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ବସ୍ ଓ ଟ୍ରେଲର ମଧ୍ୟରେ ଦୁର୍ଘଟଣା ଘଟିଛି। ମାତ୍ର ବସ୍ ଚାଳକଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ଯାତ୍ରୀମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଏକ ଟ୍ରେଲର ଛତିଆ ପଟୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ସମୟରେ ଜଣେ ବାଇକ୍ ଆରୋହୀ ହଠାତ୍ ଗାଡ଼ି ଆଗକୁ ଚାଲି ଆସିଥିଲେ। ଉକ୍ତ ବାଇକ୍ ଆରୋହୀଙ୍କୁ ବଞ୍ଚାଇବା ପାଇଁ ଟ୍ରେଲର ଡାହାଣ ପଟକୁ ମାଡ଼ି ଯାଇଥିଲା। ଫଳରେ ପଛରୁ କଟକରୁ ଯାଜପୁର ମଙ୍ଗଳପୁରକୁ ଯାଉଥିବା ସାହେବ ବସଟି ଧକ୍କା ହୋଇ ରାସ୍ତା ଡିଭାଇଡର ରହି ଯାଇଥିଲା। ବସରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ବସ୍‌ଟି ଏକ ବଡ଼ ଧରଣର ଦୁର୍ଘଟଣାରୁ ରକ୍ଷା ପାଇଯାଇଛି। ଏହି ଦୁର୍ଘଟଣା ଯୋଗୁ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଛତିଆ ବିଟ ହାଉସ ଅଧିକାରୀ ନାରାୟଣ ବେହେରା ପହଞ୍ଚି ଉଭୟ ଗାଡ଼ିକୁ ରାସ୍ତାରୁ ହଟାଇବା ସହ ଜବତ କରିଥିଲେ। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ବେତଣ୍ଡାରେ ହନୁମାନ ଯଜ୍ଞ ଉତ୍ସବ

**ରସୁଲପୁର,୨।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ତ୍ରି-ଦିବସୀୟ ହନୁମାନ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳସଧାରୀ ବ୍ରାହ୍ମଣୀ ନଦୀରୁ ଜଳପୂର୍ଣ୍ଣ କଳସ ଧାରଣକରି ଗାଁ ପରିକ୍ରମା କରିବା ସମୟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳିରେ ଗାଁଦାଣ୍ଡ ଉତ୍ସବ ମୁଖର ହୋଇଥିଲା। କଳସ ଶୋଭାଯାତ୍ରାକୁ ସ୍ୱାଗତ ଉଦେଶ୍ୟରେ ନିୟୋଜିତ ସଂକୀର୍ତ୍ତନ ମଣ୍ଡଳି, ଘଣ୍ଟୁଆ, ଶଙ୍ଖୁଆ, ଢୋଲବାଜ ଆଦିରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ଶୋଭାଯାତ୍ରାକାରୀ ବାରବାଟୀ, ଚିତ୍ରକୂଳ, ବେତଣ୍ଡା ଆଦି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିଥିଲେ। କଳସଗୁଡିକୁ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ମହାବୀରଙ୍କ ନିକଟରେ ସ୍ୱତନ୍ତ୍ର ପୂଜାପାଠ କରାଯାଇ ଗୋ-ପୂଜା, ସୂର୍ଯ୍ୟପୂଜା, କୁଣ୍ଡମଣ୍ଡଳ ପୂଜା ଆଦି ସମ୍ପନ୍ନ କରାଯାଇ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଯଜ୍ଞକୁଣ୍ଡରେ ୧୦୦୮ ଘୃତ ଆହୁତି ପ୍ରଦାନ କରାଯାଇଥିଲା। ଅଶୋକ କୁମାର ନାୟକ ଓ ସସ୍ତ୍ରିକ ପୂଜାରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡା, ଗୁକୁନା ପଣ୍ଡା, ଅମର ପଣ୍ଡା, ଜଗଜୀବନ ପଣ୍ଡା, ପବିତ୍ର ଦାଶ, ଅଭୟ ଦାଶ, ଜୟପ୍ରକାଶ ପଣ୍ଡା ଓ ସୁମନ ପଣ୍ଡା ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ଯଜ୍ଞ ପୂର୍ଣ୍ଣାହୁତିରେ ଭକ୍ତମାନେ ମାନସିକ ପୂରଣ ନିମିତ୍ତ ଯଜ୍ଞ କୁଣ୍ଡରେ ଅର୍ଘ୍ୟ ଦାନ କରିଥିଲେ। ଏହି ଅବସରରେ ହନୁମାନ ଚାଳିଶା ପଠନ, ଗୀତାଯଜ୍ଞ, ଗାୟତ୍ରୀ ଯଜ୍ଞ, ବେଦପାଠ ଆଦି କର୍ମକାଣ୍ଡକୁ ଯଜ୍ଞ ସାରଣୀରେ ସାମିଲ କରାଯାଇଥିଲା। ଏହାଛଡ଼ା ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଭଜନ ସମାରୋହ, ମେଲୋଡି, ପ୍ରବଚନ ଆଦି ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଯଜ୍ଞକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯାଇଥିଲା।

# ଜିଲା ପରିଷଦ ସଭ୍ୟଙ୍କ ପରଲୋକ

**ଧର୍ମଶାଳା,୨।୬(ଡି.ଏନ.ଏ.)**



ଭାଗ୍ୟଧର ସେଠୀ

ଧର୍ମଶାଳା ବ୍ଲକ୍ ଅଧୀନ ଧର୍ମଶାଳା ନିର୍ବାଚନମଣ୍ଡଳୀର ୧୫ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଗତ ପଞ୍ଚାୟତ ନିର୍ବାଚନରେ ସେ ବିଜେଡିରୁ ଟିକେଟ ପାଇ ବିଜୟ ଲାଭ କରିଥିଲେ। ପୂର୍ବରୁ ସେ ଉତ୍ତର ପ୍ରତାପ ପଞ୍ଚାୟତର ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ଜଣେ ସରଳ, ମିଷ୍ଟଭାଷୀ ଓ ପରୋପକାରୀ ରାଜନେତା ଭାବେ ବେଶ ଜଣାଶୁଣାଥିଲେ। ତାଙ୍କ ବିୟୋଗ ଖବର ପାଇ ଶୁକ୍ରବାର ସକାଳେ ଧର୍ମଶାଳା ଡାକ୍ତରଖାନାରେ ବିଜେଡିର ବହୁ ନେତା, କର୍ମୀ ଓ ଶୁଭେଚ୍ଛୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରାଇ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦସଭ୍ୟ ଜଳଧର ମହାନ୍ତି, ସ୍ମୃତିରେଖା ବେହେରା, ବିଜେଡି ନେତା ଜଳଧର ସାହୁ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାର୍ଲସ ଉଇଙ୍ଗ ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲିକଙ୍କ ସମେତ ବହୁ ଦଳୀୟ କର୍ମୀ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଉତ୍ତରପ୍ରତାପ ନିଆଯାଇ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ପରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଜିଲାପରିଷଦ ସଭ୍ୟଙ୍କ ବିୟୋଗରେ ଶୋକ

**ଧର୍ମଶାଳା,୨।୬(ଡି.ଏନ.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୧୫ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀଙ୍କ ଅକାଳ ବିୟୋଗରେ ଧର୍ମଶାଳାର ପ୍ରାକ୍ତନ ବିଧାୟକ ତଥା ବିଜେଡି ପ୍ରତିଷ୍ଠାତା ସଭ୍ୟ ରବି ଲାବଣ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି। ବିଜେଡି ଜଣେ ଯୁବନେତାକୁ ହରାଇଲା ବୋଲି ସେ କହିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ଜିଲା ବିଜେଡି ମହାଶଚିବ ଡ. ପ୍ରିୟନାଥ ମହାପାତ୍ର, ଭାଜପା ନେତା ସର୍ବେଶ୍ୱର ବେହୁରା ଓ ବିଜେଡି ନେତା ଗୌତମ ସାହୁ ପ୍ରମୁଖ ସେଠୀଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଲକ୍ଷ୍ମୀ ମଣ୍ଡପ ପ୍ରକଳ୍ପ ସ୍ଥାନ ପରିଦର୍ଶନ କଲେ ବିଧାୟକ



ବିଧାୟକ ଓ ଅନ୍ୟମାନେ କ୍ଷେତ୍ର ପରିଦର୍ଶନରେ ଯାଉଛନ୍ତି।

**ଚଣ୍ଡିଖୋଲ,୨।୬(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଠାରେ ନିର୍ମାଣ ହେବାକୁ ଥିବା ଲକ୍ଷ୍ମୀ ମଣ୍ଡପ ଓ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ କେନାଲ କାର୍ଯ୍ୟର ସମୀକ୍ଷା କରିବା ସହ ଶୁକ୍ରବାର କ୍ଷେତ୍ର ପରିଦର୍ଶନ କରିଛନ୍ତି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ। କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ କେନାଲ କାନ୍ଥନୀ ଉଚ୍ଚତା ବୃଦ୍ଧି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି। କେନାଲ ମଧ୍ୟକୁ ମାଟି ପଶି ଯାଉଥିବା ଯୋଗୁ ତାହା ପୋତି ହୋଇଯାଉଛି। ସେଥିପାଇଁ ଉଚ୍ଚତା ବୃଦ୍ଧିର ଆବଶ୍ୟକତା ରହିଛି। ସେହିପରି ସେଠାରେ ହେବାକୁ ଥିବା ଲକ୍ଷ୍ମୀ ମଣ୍ଡପ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ବଜାର କମିଟି କର୍ମକର୍ତ୍ତାଙ୍କ ସହ ବିଧାୟକ ଆଲୋଚନା କରିଛନ୍ତି।

ବିଧାୟକଙ୍କ ଏହି କ୍ଷେତ୍ରପରିଦର୍ଶନ ସମୟରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟ, ସହକାରୀ ଯନ୍ତ୍ରୀ ଗୋରାଶିଷ ସାହୁ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଶ୍ୟାମସୁନ୍ଦର ବଜାର କମିଟି ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି, ସମ୍ପାଦକ ପ୍ରବାସ କୁମାର ଦାଶ, ପ୍ରାକ୍ତନ ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡା, ପ୍ରାକ୍ତନ ସମିତିସଭ୍ୟ ଅମୀୟ କୁମାର ବିଶ୍ୱାଳ, ସେକ୍ ମୋଇନ ଅହମ୍ମଦ, ଅଭିମନ୍ୟୁ ବଳ ଓ ତପନ କୁମାର ରାଉତ ରାୟ ପ୍ରମୁଖ ବହୁ ବ୍ୟକ୍ତି ସାମିଲ ହୋଇ ଆଲୋଚନା କରିଥିଲେ।

# ରାସ୍ତା ଜାମରେ ଫସିଲା ବସ୍, ଅଫିସରଙ୍କ ଗାଡ଼ି

■ ଖଣି କାର୍ଯ୍ୟ ପ୍ରଭାବିତ

■ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିଲେନି ଯାତ୍ରୀ

**କାଳିଆପାଣି,୨।୬(ଡି.ଏନ.ଏ.)**

ଯାଜପୁର ଜିଲାର କ୍ରୋମାଇଟ୍ ଖଣି ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଅସମ୍ଭାଳ ହୋଇପଡ଼ିଛି। ଫଳରେ ଶୁକ୍ରବାର ବସ୍ ଯାତ୍ରୀଙ୍କ ସହ ଖଣି କର୍ମଚାରୀ ଓ ଅଧିକାରୀମାନେ ଠିକ୍ ସମୟରେ କାର୍ଯ୍ୟସ୍ଥଳରେ ପହଞ୍ଚି ପାରିନାହାନ୍ତି। ଏଥିଯୋଗୁ ଖଣି କାର୍ଯ୍ୟ ପ୍ରଭାବିତ ହୋଇଛି। ଯାତ୍ରୀମାନେ ଠିକ୍ ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରି ନ ଥିବାରୁ ସେମାନଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଛି। ଖଣିକୁ କ୍ରୋମାଇଟ୍ ଲୋଡିଂ ପାଇଁ ଗୁରୁବାରଠାରୁ ରାସ୍ତା କଡ଼ରେ ଶତାଧିକ ୧୦/୧୨/୧୪ ଚକିଆ ଟ୍ରକ୍ ପାର୍କିଂ କରାଯାଇଛି। ଫଳରେ ଶୁକ୍ରବାର ୬ ଚକିଆ ଟ୍ରକ୍‌ଗୁଡ଼ିକ ରାସ୍ତାର ଅପର ପାର୍ଶ୍ୱରେ ପାର୍କିଂ କରାଯାଇଥିଲା, ଯଦ୍ୱାରା ଉଭୟ ପଟୁ ଟ୍ରକ୍ ଆସି ମଝିରେ ପସିଯିବାରୁ ରାସ୍ତା ଜାମ୍ ହୋଇଯାଇଥିଲା। ରାତି ୪ଟାରୁ ସୁକୁରୁଙ୍ଗି ଓ କାଳିଆପାଣିରୁ କଟକ, ଭୁବନେଶ୍ୱର, ଯାଜପୁର ଟାଉନ, ଅନୁଗୋଳ, କେନ୍ଦୁଝର ଓ କରଞ୍ଜିଆ ଅଞ୍ଚଳକୁ ବସ ଚଳାଚଳ କରିଥାଏ। ହେଲେ ଶୁକ୍ରବାର ଟ୍ରକ୍‌ଗୁଡ଼ିକ ଦ୍ୱାରା ରାସ୍ତା ଜାମ୍ ହେବାରୁ ବସ୍‌ଗୁଡିକ ନିଜନିଜ ଗନ୍ତବ୍ୟସ୍ଥଳକୁ ଯାଇପାରି ନ ଥିଲେ। ଦିନତମାମ ରାସ୍ତାରେ ବସ୍‌ଗୁଡ଼ିକ ଫସି ରହିଥିବାବେଳେ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା। ଟ୍ରକ୍ ଦ୍ୱାରା ରାସ୍ତା ଏପରି ଅବରୋଧ ହୋଇଥିଲାଯେ, ପଥଚାରୀ ମଧ୍ୟ ଯାତାୟାତ କରି ପାରି ନ ଥିଲେ। କାଳିଆପାଣି, ଓସ୍ତପାଳ, ସୁକୁରୁଙ୍ଗି, ସରୁଆବିଲ, କମର୍ଦା ଖଣି ଅଧିକାରୀମାନେ ସକାଳୁ ଖଣିକୁ ଯିବାକୁ ବାହାରିଥିବାବେଳେ ଜାମରେ ଫସି ରହିଥିଲେ। ସ୍ଥାନୀୟ ପୋଲିସର ଅପାରଗତା ଓ ଟ୍ରକ୍ ମାଲିକଙ୍କ ବେପରୁଆ ଗାଡ଼ି ପାର୍କିଂ ଯୋଗୁ ସ୍ଥାନୀୟ ଅଧିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଟିସ୍କୋ ପାର୍କିଂ ୟାର୍ଡରେ ଟ୍ରକ୍ ଭର୍ତ୍ତି କରିବାକୁ ନେଇ ୨/୩ ଘଣ୍ଟା ରାସ୍ତା ଜାମ ହେଉଥିବା ବେଳେ ଶୁକ୍ରବାର ଏହା ଚରମ ସୀମାରେ ପହଞ୍ଚିଛି। ସକାଳଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖଣି ଅଞ୍ଚଳର ଲାଇଫ ଲାଇନ କୁହାଯାଉଥିବା ଟମକା ମଙ୍ଗଳପୁର ମୁଖ୍ୟ ରାସ୍ତା ଜାମ ରହିଥିଲା। କାଳିଆପାଣି ଓଏମ୍‌ସି ଗେଟ୍‌ଠାରୁ କୋଳିପଶି ଛକ ୭ କିଲୋମିଟର ରାସ୍ତାରେ ୪ ଧାଡ଼ିରେ ଟ୍ରକ୍ ରହିଥିବାରୁ ଆମ୍ବୁଲାନ୍ସ, ଛୋଟ ଗାଡି ଘଣ୍ଟାଘଣ୍ଟା ଧରି ଜାମରେ ଫସି ରହିଥିଲା। ଖରାରେ ଯାତ୍ରୀ ସିଝୁଥିବାବେଳେ ପୋଲିସ ଟ୍ରାଫିକ ସୁଧାରିବା ପାଇଁ ଅସହାୟ ପ୍ରକାଶ କରି ଏପଟ ସେପଟ ହେଉଥିବା ଦେଖିବାକୁ ମିଳିଥିଲା।



ରାସ୍ତାରେ ବସ ଅଟକି ରହିଛି।

## ସଂକ୍ଷେପରେ

### ତ୍ର୍ୟମ୍ବକେଶ୍ୱର ମନ୍ଦିର ପ୍ରତିଷ୍ଠା: ସାଧୁ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୨।୬(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ଗ୍ରାମର ଇଷ୍ଟଦେବ ଶ୍ରୀତ୍ର୍ୟମ୍ବକେଶ୍ୱର ମହାଦେବଙ୍କ ବିଗ୍ରହ ଓ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ପାଇଁ ୫ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଉପଲକ୍ଷେ କଳସ ଶୋଭାଯାତ୍ରା କରାଯିବା ସହିତ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ ପୂଜା, ଶିବାଗ୍ନି ସ୍ଥାପନ, ମଣ୍ଡପସ୍ଥ ଦେବତା ପୂଜନ, ମୂଳମନ୍ତ୍ର ହବନ, ତଣ୍ଡୁଳାଧିବାସ, ପାଲା ପରିବେଷଣ ପୂର୍ଣ୍ଣାହୁତି କରାଯାଇଥିଲା। ଆଳି ରାଜା ସାହେବ ବ୍ରଜ କିଶୋର ଦେବ ଏହି ମନ୍ଦିରର ଉଦ୍‌ଘାଟନ କରିଥିଲେ। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଉପଲକ୍ଷେ ବିଶାଳ ସାଧୁ ସମ୍ମିଳନୀର ଆୟୋଜନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ରାଜନଗର ବିଧାୟକ ସାହୁ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ବୃନ୍ଦାବନର ସାଧୁ ରାଧାଚରଣ ଦାସ, ବୈଷ୍ଣବ ଦାସ, କୃଷ୍ଣ ଦାସ, ଶ୍ୟାମାନନ୍ଦ ଦାସ, ତ୍ୟାଗୀ ରାଘବାନନ୍ଦ, ବନମାଳୀ ଦାସ, ଗିରିଧାରୀ ଦାସ, ଦିନଦୟାଲ ଦାସ, ହରିବଲ୍ଲଭ ଦାସ, ଅନାଦି ଦାସ, ପଣ୍ଡିତ କାଳନ୍ଦୀ ମହାପାତ୍ର, ପଣ୍ଡିତ ବିଶ୍ୱଜିତ ରଥ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବବ୍ରତ ଦେବତା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଯୋଗ ଦେଇଥିଲେ। ଆୟୋଜିତ ସମସ୍ତ କାର୍ଯ୍ୟକ୍ରମକୁ ବାଛରା ଗ୍ରାମବାସୀ ପରିଚାଳନା କରିଥିଲେ।

### ଶ୍ରୀଲଚ୍ଛମନ ଜୀଉଙ୍କ ମନ୍ଦିର ବେଢ଼ାରେ ବିଶ୍ୱଶାନ୍ତି ମହାଯଜ୍ଞ



ଡେରାବିଶ,୨।୬ (ସ୍ୱ.ପ୍ର.)
ଡେରାବିଶ ବ୍ଲକ ଅଞ୍ଚଳର ପରମ ଆରାଧ ଦେବତା ଶ୍ରୀଲଚ୍ଛମନ ଜୀଉଙ୍କ ମନ୍ଦିର ବେଢ଼ାରେ ଶୁକ୍ରବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ୩ ଦିନ ଧରି ହେବାକୁ ଥିବା ଏହି ମହାଯଜ୍ଞ ରବିବାର ଶେଷ ହେବ। ତେବେ ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ଅଙ୍କୁରାରୋପଣ ଓ ଶୁଭାଧିବାସ ହୋଇଥିବା ବେଳେ ଶୁକ୍ରବାର ସ୍ଥାନୀୟ ଗୋବରୀ ନଦୀରେ ପୂଜାର୍ଚ୍ଚନା କରି ମହିଳାମାନେ ୧୦୮ ପୂର୍ଣ୍ଣ କୁମ୍ଭକୁ ଶୋଭାଯାତ୍ରାରେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଛନ୍ତି। ପରେ ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞାଗ୍ନି ସ୍ଥାପନ କରାଯାଇଥିଲା। ଶ୍ରୀଜୀଉଙ୍କ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଯଜ୍ଞାନୁଷ୍ଠାନରେ ପ୍ରାଧାପକ ଅଜୟ କୁମାର ରାଉତ କର୍ତ୍ତା ଓ ସ୍ୱର୍ଣ୍ଣଲତା ନାୟକ କର୍ତ୍ତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି ଯଜ୍ଞାନୁଷ୍ଠାନରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ସନ୍ଧ୍ୟାରେ ଭଜନ ସଂକୀର୍ତ୍ତନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ପ୍ରାର୍ଥୀ ଚୟନକୁ ନେଇ ବିଏଲ୍ଏଫ୍ ମଧ୍ୟରେ ବିବାଦ

**ଡେରାବିଶ ବ୍ଲକ**
- ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର ଚୟନ
- ବିଭାଗୀୟ ନିର୍ଦ୍ଦେଶନାମାକୁ ଅଣଦେଖା

ଡେରାବିଶ,୨।୬ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର ଚୟନ ପାଇଁ ଥିବା ବିଭାଗୀୟ ନିର୍ଦ୍ଦେଶନାମାକୁ ଅଣଦେଖା କରାଯାଉଛି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଚୟନ ପ୍ରକ୍ରିୟାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାକୁ ନେଇ ଶୁକ୍ରବାର ବ୍ଲକ ଫେଡେରେଶନ ମଧ୍ୟରେ ବିବାଦ ଦେଖାଦେଇଛି।

ଚୟନ ପ୍ରକ୍ରିୟାର ଦାୟିତ୍ୱ ବ୍ଲକ ମହିଳା ଫେଡ଼େରେସନ୍ (ବିଏଲ୍‌ଏଫ୍)ର ଥିବାବେଳେ ବିଡିଓ ଏହି କାର୍ଯ୍ୟକୁ ତଦାରଖ କରିବା କଥା। ମାତ୍ର ଚୟନ ହେବାକୁ ଥିବା ସମ୍ପୃକ୍ତ ପଦବୀ ପାଇଁ ପ୍ରାର୍ଥୀମାନେ ଦେଇଥିବା ଜୀବିକା ମିଶନର ପ୍ରମାଣପତ୍ରକୁ ବାଦ ଦେଇ ଯୋଗ୍ୟତା ଭିତ୍ତିରେ ଏହି ପଦ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ତାଲିକା ଶୁକ୍ରବାର ପ୍ରକାଶନ ହେବାକୁ ଥିଲା। ମାତ୍ର ମେ ୧୮ରୁ ଫେଡ଼େରେଶନ୍‌ର ସମ୍ପାଦିକା ମନୋରମା ରାଉତ ଛୁଟିରେ ଥିବାରୁ ତାଙ୍କ ଅନୁପସ୍ଥିତିରେ ଏହି ଚୟନ କାର୍ଯ୍ୟ ବିଳମ୍ବ ହୋଇଥିଲା। ଶୁକ୍ରବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପାଇଁ ହେବାକୁ ଥିବା ବୈଠକରେ ସମ୍ପାଦିକା ରାଉତ ପହଞ୍ଚି ଥିଲେ। ହେଲେ ଆଇସିଆର୍‌ପି ପ୍ରମାଣପତ୍ର ସମ୍ବନ୍ଧୀୟ ରିଜୋଲ୍ୟୁଶନ୍ କରାଯାଇ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ସେ ଜିଦ୍ ଧରିବାରୁ ଏହି ତାଲିକା ପ୍ରକାଶନ ହୋଇ ପାରି ନ ଥିଲା। ତେବେ ଏହାକୁ ନେଇ ଫେଡ଼େରେଶନର କର୍ମକର୍ତ୍ତାଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଅପରପକ୍ଷରେ ବିଭିନ୍ନ ପଞ୍ଚାୟତରେ ଚୟନ ହେବାକୁ ଥିବା ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ରର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସମ୍ପୃକ୍ତ ପଞ୍ଚାୟତ ମହାସଂଘର କର୍ମକର୍ତ୍ତାମାନଙ୍କୁ ବ୍ଲକକୁ ଡକାଯାଇ ଏହି ତାଲିକା ଗ୍ରହଣ କରିବାକୁ ଫେଡ଼େରେଶନ୍ ପକ୍ଷରୁ ଖବର ଦିଆଯାଇଥିଲା। ମାତ୍ର ଅପରାହ୍ଣ ୪ଟା ସୁଦ୍ଧା ତାଲିକା ପ୍ରକାଶନ ନ ହେବାରୁ ନିରାଶ ହୋଇ ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ବିଭିନ୍ନ ପଞ୍ଚାୟତ ମହାସଂଘର କର୍ମକର୍ତ୍ତାମାନେ ଫେରି ଯାଇଥିଲେ। ଏହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ପ୍ରାର୍ଥୀମାନେ ଦୀର୍ଘଦିନ ହେବ ଆଶା ଓ ଆଶଙ୍କାରେ ଦିନ କାଟୁଛନ୍ତି। କେବେ ଏହି ପ୍ରାର୍ଥୀ ତାଲିକା ପ୍ରକାଶନ ହେବ ତାକୁ ନେଇ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ବ୍ଲକ ଫେଡେରେଶନ୍‌ର ସମ୍ପାଦିକା ରାଉତଙ୍କୁ ପଚାରିବାରୁ ଶୁକ୍ରବାର ବିଭାଗୀୟ ନିର୍ଦ୍ଦେଶନାମା ସମ୍ପର୍କରେ ଏକ ରିଜୋଲ୍ୟୁଶନ୍ ଲେଖା ସରିଛି। ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ସମସ୍ତ ପ୍ରମାଣପତ୍ରକୁ ଯାଞ୍ଚ କରାଯିବା ସହ ବିଭାଗୀୟ ନିର୍ଦ୍ଦେଶନାମାକୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯିବ। ଏଥିସହ ଶନିବାର ଅପରାହ୍ଣ ସୁଦ୍ଧା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜିଲା କାର୍ଯ୍ୟାଳୟକୁ ପଠାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ବିଡିଓ ଜେନାଙ୍କୁ ତାଲିକା ପ୍ରକାଶନର ବିଳମ୍ବ ସମ୍ପର୍କରେ ପଚାରିବାରେ ଯୋଗ୍ୟତା ଭିତ୍ତିରେ ଥିବା ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଥିବା ବେଳେ ଅଳ୍ପ କେତେଜଣ ପ୍ରାର୍ଥୀଙ୍କର ପ୍ରମାଣ ଅଭିଜ୍ଞତାକୁ ନେଇ ବିବାଦ ରହିଛି। ତେବେ ତାଲିକାରୁ ବାଦ ପଡ଼ିଥିବା କେତେଜଣ ପ୍ରାର୍ଥୀଙ୍କ ଆବେଦନପତ୍ରକୁ ଜିଲାପାଳଙ୍କ ବିଚାର ନିମନ୍ତେ ପଠାଯିବ।

ସୂଚନାଯୋଗ୍ୟ, ମାର୍ଚ୍ଚ ୧ ରୁ ଆରମ୍ଭ ହୋଇଥିବା ଏମ୍‌ବିକେ, ସିଆରପି ଓ ବ୍ୟାଙ୍କମିତ୍ର ଚୟନ କାର୍ଯ୍ୟ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଦାଖଲ ହେବାରେ ବିଳମ୍ବ ହୋଇଛି। ପ୍ରତିବନ୍ଧକ ସାଜିଛି ଆଇସିଆର୍‌ପିର ଅଭିଜ୍ଞତା ପ୍ରମାଣପତ୍ର। ମିଶନଶକ୍ତି ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଏହି ବିଭାଗ ପକ୍ଷରୁ କରାଯାଇଥିବା ପ୍ରଶିକ୍ଷଣ ଶିବିରରେ ଜଣେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ପ୍ରଶିକ୍ଷଣ ନେଇ ନିଜ ପଞ୍ଚାୟତ ସମେତ ୨ଟି ପଞ୍ଚାୟତରେ ୩୦ ଦିନ ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ୩୦ ଦିନ କାର୍ଯ୍ୟ କରିବେ। ଚୟନ ହେବାକୁ ଥିବା ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର ପଦ ପାଇଁ ତାଙ୍କର ଆଇସିଆର୍‌ପି ଅଭିଜ୍ଞତା ପ୍ରମାଣପତ୍ର ଦାଖଲ କରିବାକୁ ବିଭାଗୀୟ ନିର୍ଦ୍ଦେଶନାମା ରହିଛି।

# ଦ୍ୱିତୀୟ ଦିନରେ ମିଳିତ ଅମଲା ସଂଘର ଆନ୍ଦୋଳନ



କେନ୍ଦ୍ରାପଡ଼ାରେ ଅମଲାମାନେ ଧାରଣା ଦେଇଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୨।୬

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର କାର୍ଯ୍ୟରତ ୭୦୦ରୁ ଅଧିକ ଅମଲା ସମୂହଙ୍କ ଆନ୍ଦୋଳନ ଶୁକ୍ରବାରରେ ଦ୍ୱିତୀୟ ଦିନରେ ପହଞ୍ଚିଛି। ଫଳରେ କାର୍ଯ୍ୟାଳୟ ମଧ୍ୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଶିଥିଳତା ପ୍ରକାଶ ପାଇଛି। ଏ ସମ୍ପର୍କରେ ଆନ୍ଦୋଳନରତ ଅବିନାଶ ଲେଙ୍କା କହିଛନ୍ତି, ଜିଲାସ୍ତରରେ ଅମଲାଙ୍କର ମୂଳ ଦରମା ଲେବୁଲ ୯ ପ୍ରତି ସରକାରଙ୍କ ଉଦାସୀନତା ଚରମ ସୀମାରେ ପହଞ୍ଚିଛି। ଏ ନେଇ ଗତ ୩୧ ତାରିଖରେ ଅମଲାମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ ଜଣାଇଥିଲେ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ଗୁରୁବାରଠାରୁ ଅମଲାମାନେ ସମୂହ ଛୁଟି ନେଇଛନ୍ତି। ଏଥିରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଜିଲା ପରିଷଦ, ସମସ୍ତ ବ୍ଲକ ଓ ତହସିଲ ଅଫିସ, ଉପନିବନ୍ଧକ, ଟ୍ରେଜେରୀ, ଶିକ୍ଷା, ମେଡିକାଲ, ଆର୍‌ଟିଓ, ଯୋଗାଣ ବିଭାଗ ଆଦିର ଅମଲାମାନେ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ଲେଙ୍କା କହିଛନ୍ତି। ଏହି ଆନ୍ଦୋଳନକୁ ଶୈଳେନ୍ଦ୍ର ନାରାୟଣ ପରିଡ଼ା, ବିଶ୍ୱପ୍ରକାଶ ଲେଙ୍କା, ସୁକାନ୍ତ କୁମାର ଜେନା, ବସନ୍ତ କୁମାର ସାହୁ, ନୃସିଂହ ଚରଣ ପରିଡ଼ା, ରୀନା ନାଥ ପ୍ରମୁଖ ନେତୃତ୍ୱ ନେଇଛନ୍ତି।

# ଦଧିବାମନ ଜୀଉ ମନ୍ଦିରର ପୁନରୁଦ୍ଧାର ହେବ

ରାଜନଗର, ୨।୬(ଡି.ଏନ.ଏ.)

ରାଜନଗର ବ୍ଲକର ଶ୍ରୀଦଧିବାମନଜୀଉ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ମହାପ୍ରଭୁଙ୍କ ମନ୍ଦିର ଓ ପରିସରର ବିକାଶ କରିବା ପାଇଁ ଗ୍ରାମବାସୀ ଏକଠି ହୋଇଛନ୍ତି। ଗ୍ରାମବାସୀ ମିଳିତ ଭାବେ ବୈଠକ କରି ମନ୍ଦିର ପରିସରରେ ନୂତନ ମନ୍ଦିର, ବେଢା, ଭୋଗ ମଣ୍ଡପ, ରୋଷଘର, ସ୍ନାନ ମଣ୍ଡପ ଆଦି ନିର୍ମାଣ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଓ ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ସଂଯୋଜନାରେ ମନ୍ଦିର ପରିସରରେ ଗ୍ରାମବାସୀଙ୍କୁ ନେଇ ବୈଠକ ବସିଥିଲା। ଏଥିରେ ଶତାଧିକ ଗ୍ରାମବାସୀ ଏକାଠି ହୋଇଥିଲେ। ପଣ୍ଡିତ ମିଶ୍ର ନୂତନ ଭବ୍ୟ ମନ୍ଦିର ନିର୍ମାଣର ଆବଶ୍ୟକତା ଓ ଉଦ୍ୟମ ସମ୍ପର୍କରେ ମତ ରଖିବା ପରେ ପ୍ରଫେସର ସତ୍ୟବାଦୀ ଜେନା, ରାଜନଗର ମୁରବୀ ବନମାଳି ମିଶ୍ର, ଦାଶରଥି ଲେଙ୍କା, ପଣ୍ଡିତ ବିଜୟ କୁମାର ନନ୍ଦ, ହେମନ୍ତ କୁମାର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ରମଣୀ ରଞ୍ଜନ ମହାପାତ୍ର ପ୍ରମୁଖ ନିଜର ମତ ରଖିଥିଲେ। ୫-ଟି ସଚିବଙ୍କ ରାଜନଗର ଗସ୍ତ ସମୟରେ


ବୈଠକରେ ଉପସ୍ଥିତ ମନ୍ଦିରର ସଦସ୍ୟମାନେ।

### ଗ୍ରାମବାସୀ ଏକାଠି ହେଲେ

ଶ୍ରୀଦଧିବାମନଜୀଉ ମନ୍ଦିରର ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ଦିରର ଉନ୍ନତୀକରଣ ପାଇଁ ୮ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି। ଏଥିସହ ନୂତନ ମନ୍ଦିର ନିର୍ମାଣ ପାଇଁ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆବଶ୍ୟକତା ରହିଛି। ଗ୍ରାମବାସୀଙ୍କ ସହଯୋଗରେ ନୂତନ ମନ୍ଦିର ନିର୍ମାଣ ପାଇଁ ସ୍ଥପତିଙ୍କୁ ଆଣି ଡିଜାଇନ ପ୍ରସ୍ତୁତ କରାଯିବ। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କୁ ଏକ ପ୍ରତିନିଧି ଦଳ ଯାଇ ଭେଟି ଏ ସମ୍ପର୍କରେ ଆଲୋଚନା କରିବେ। ବୈଠକରେ କନିକା ରାଜାଙ୍କ ମ୍ୟାନେଜର ଲମ୍ବୋଦର ବାବୁ ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଉପଦେଷ୍ଟା ମଣ୍ଡଳୀ ଓ କାର୍ଯ୍ୟକାରୀ କମିଟି ପ୍ରଥମ ପର୍ଯ୍ୟାୟରେ ଗଠନ କରାଯାଇଛି। ପରବର୍ତ୍ତୀ ଅବସ୍ଥାରେ ପରିଚାଳନା କମିଟି ଗଠନ କରାଯିବ। ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ହେବା ପରେ ରାଜନଗରର ଅବସରପ୍ରାପ୍ତ ଶିକ୍ଷକ ରବି ନାରାୟଣ ଲେଙ୍କା ମାସକର ପେନସନ ଟଙ୍କା କମିଟିକୁ ପ୍ରଦାନ କରିଛନ୍ତି।

# ରାଜନଗର, ପଟ୍ଟାମୁଣ୍ଡାଇ କଲେଜ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ରାଜନଗର, ୨।୬(ଡି.ଏନ.ଏ.)

ଯୁକ୍ତ ୨ ବାଣିଜ୍ୟରେ ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀ ଶଙ୍ଖପୁର ଗାଁର ସୁଜାତା ବାରିକ ୫୨୨ ନମ୍ବର ରଖି ମହାବିଦ୍ୟାଳୟ ଓ ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଛାତ୍ରୀ ରାଜନଗର ବ୍ଲକର ଖଣ୍ଡାମରା ଗାଁର ମୌସୁମୀ ସ୍ୱାଇଁ ୫୨୩ ନମ୍ବର ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଉଭୟ ଛାତ୍ରୀଙ୍କୁ ଶୁକ୍ରବାର ରାଜନଗର ବିଜେଡି ସୋସିଆଲ ମିଡିଆ କର୍ମକର୍ତ୍ତାମାନେ ସମ୍ବର୍ଦ୍ଧିତ କରିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ସୋସିଆଲ ମିଡିଆ ସଂଯୋଜକ ବିଜୟ କୁମାର ନାୟକ, ରାଜନଗର ବ୍ଲକ ସୋସିଆଲ ମିଡିଆ ସଂଯୋଜକ ଗୋବର୍ଦ୍ଧନ ପ୍ରଧାନ, ୩୦ନଂ. ଜୋନ ସୋସିଆଲ ମିଡିଆ ସଂଯୋଜକ ବିଜୟ କୁମାର ଗୁପ୍ତା ପ୍ରମୁଖ ଛାତ୍ରୀଙ୍କ ଘରେ ପହଞ୍ଚି ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ଭଲ କର୍ମ ମଣିଷର ନିଜସ୍ୱ ପରିଚୟ ସୃଷ୍ଟି କରେ



ଜିଲା ଓମ୍‌ଫେଡ୍ ପରିଚାଳକ ଚିତ୍ତରଞ୍ଜନ ପଣ୍ଡାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୨।୬

ଭଲ ଲୋକ ସବୁବେଳେ ପୂଜା ପାଏ। ତାଙ୍କର ଭଲ କର୍ମ ନିଜସ୍ୱ ପରିଚୟ ସୃଷ୍ଟି କରେ। କେନ୍ଦ୍ରାପଡ଼ା ଜିଲା ଓମଫେଡ ପରିଚାଳିତ ୟୁନିଟର ପରିଚାଳକ ଚିତ୍ତରଞ୍ଜନ ପଣ୍ଡାଙ୍କ ବିଦାୟକାଳୀନ ସଭାରେ ଅତିଥିମାନେ ଏପରି କହିଥିଲେ। ଦୁହୁରିଆସ୍ଥିତ କାର୍ଯ୍ୟାଳୟ ପରିସରରେ ଏହି ସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଶାଖା ପରିଚାଳକ ପଣ୍ଡା ନିଜ ପଦବୀର କାର୍ଯ୍ୟଭାର ଲଳିତ କୁମାର ବିଶୋୟୀଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ବିଶୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଲିଙ୍ଗରାଜ ପରିଡ଼ା, ଅକ୍ଷୟ ମନ୍ତ୍ରୀ, କିଶୋର ସ୍ୱାଇଁ, କେଶବ ଚନ୍ଦ୍ର ଦାସ, କବି ପରିଡ଼ା, ରୀନାରାଣୀ ରାଉତ, ସର୍ବେଶ୍ୱର ରାଉତ, ରାଜେନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ ଯେ, ପରିଚାଳକ ପଣ୍ଡାଙ୍କ ପରିଚାଳନାରେ ସମବାୟ କ୍ଷେତ୍ରରେ ଜିଲାରେ ବହୁ ଉନ୍ନତି ଆସିଛି। ନିଜ କର୍ତ୍ତବ୍ୟନିଷ୍ଠା ଫଳରେ ସାଧାରଣ ଚାଷୀ ବ୍ୟାଙ୍କ ଋଣ ପାଇବାଠାରୁ ଦୁଗ୍ଧ ବିତରଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଏବେ ଦୈନିକ ପ୍ରାୟ ୫୨ ହଜାର ଲିଟର ଓମ୍‌ଫେଡକୁ ଦିଆଯାଉଛି। ଏସବୁ ପରିଚାଳକ ପଣ୍ଡାଙ୍କ ଉଦ୍ୟମରୁ ସମ୍ଭବ ହୋଇଛି। ପରିଚାଳକ ପଣ୍ଡା କହିଥିଲେ, ସମସ୍ତଙ୍କ ସହଯୋଗ ଦ୍ୱାରା ଏପରି ସମ୍ଭବ ହୋଇ ପାରିଛି। ଏହି ସଭାରେ ବିଭିନ୍ନ ଦୁଗ୍ଧ ଉତ୍ପାଦନ ସମବାୟ ସମିତିର କାର୍ଯ୍ୟକର୍ତ୍ତା ଓ କାର୍ଯ୍ୟାଳୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୪୨ ଘଣ୍ଟା ବିତିଲା, ଖୋଜଖବର ମିଳୁନାହିଁ

**ଗ୍ୟାଙ୍ଗଷ୍ଟର ବିଭୁଙ୍କ ଅପହରଣ ଘଟଣା**
- ଜିଲା ପୋଲିସ ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଜେରା କରୁଛି

କେନ୍ଦ୍ରାପଡା ଅଫିସ,୨।୬

ଗ୍ୟାଙ୍ଗଷ୍ଟର ପ୍ରତାପ ସାହୁ ଓରଫ ବିଭୁ ମେ ୩୧ ସନ୍ଧ୍ୟାରେ ଅପହରଣ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଭଗବାନପୁରସ୍ଥ ନିଜ ଗ୍ରାମର ନିର୍ମାଣାଧୀନ ପାଣିଟାଙ୍କି ନିକଟରୁ ତାଙ୍କୁ ଅପହରଣ କରାଯାଇଛି। କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ନେଇ ଯାଇଥିବା ନେଇ ସ୍ତ୍ରୀ ସନ୍ଧ୍ୟାରାଣୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଇତିମଧ୍ୟରେ ୪୨ ଘଣ୍ଟା ବିତିଥିଲେ ମଧ୍ୟ ଜିଲା ପୋଲିସ ବିଭୁଙ୍କର କୌଣସି ଖୋଜ ଖବର ପାଉନାହିଁ। ଇତିମଧ୍ୟରେ ଜିଲାର ୨୦ରୁ ଅଧିକ ଲୋକଙ୍କୁ ଥାନାକୁ ଡାକି ପୋଲିସ ଜେରା କରୁଛି। ସେହିପରି ଏଏସ୍‌ପି ହରିଶ ପାଣ୍ଡେଙ୍କ ନେତୃତ୍ୱରେ ଏକ ଟିମ୍ ଯାଜପୁର ଜିଲା ଟମକାର କାଙ୍କୁ ଜଙ୍ଗଲରେ ପଡ଼ିଥିବା ଅର୍ଦ୍ଧଦଗ୍ଧ ମୃତଦେହକୁ ତଦନ୍ତ ପରିସରକୁ ନେଇଛନ୍ତି। ସେହିପରି ଜିଲା ପୋଲିସ ସ୍ପେଶାଲ ସ୍କ୍ୱାଡ ଓ ଅନ୍ୟ ଥାନାଧିକାରୀମାନେ ଏ ନେଇ ଚଳଚଞ୍ଚଳ ହୋଇଛନ୍ତି। ଏହା ଏକ ଗ୍ୟାଙ୍ଗୱାର ବୋଲି ଜିଲାରେ ଆଲୋଚନା ଚାଲିଛି। ୨୦୨୧ ଅକ୍ଟୋବରରେ ଆପରାଧିକ କାର୍ଯ୍ୟରେ ଲିପ୍ତ ଅଭିଯୁକ୍ତ ପ୍ରଶାନ୍ତ ଦାସ ଓରଫ ପଶା ଗୋଷ୍ଠୀଙ୍କ ସହ ବିଭୁ ମୁହାଁମୁହିଁ ହୋଇଥିଲେ। ଏହାବ୍ୟତୀତ ବିଭିନ୍ନ ହତ୍ୟା, ବାଲିଘାଟ ନିଲାମ ଆଦି ମାମଲା ବିଭୁଙ୍କ ବିରୋଧୀ ଗୋଷ୍ଠୀ ପାଇଁ ଚ୍ୟାଲେଞ୍ଜ ସଦୃଶ ଥିଲା। ୨୦୧୩ରେ ଜିଲା ପୋଲିସ ତାଙ୍କୁ ପ୍ରଥମ ଏନକାଉଣ୍ଟର କରିଥିବା ବେଳେ ଦ୍ୱିତୀୟ ଏନକାଉଣ୍ଟର ୨୦୧୮ ମେ ୩୧ରେ ହୋଇଥିଲା। ବିଭୁଙ୍କ ଅପହରଣ ଓ ଦୀର୍ଘ ସମୟ ଧରି ଖୋଜଖବର ନ ଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ସନ୍ଦେହ ଏବେ ଦୃଢ଼ୀଭୂତ ହେଉଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଜିଲାର ମାର୍ଶାଘାଇ ଥାନାରେ ୧୫ଟି, ପାଟକୁରା ଥାନାରେ ୬ଟି, ସଦର ଥାନା ଓ ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନାରେ ଗୋଟିଏ ଲେଖାଏ ବିଭୁଙ୍କ ନାମରେ ମାମଲା ରହିଛି।

# 'ଭାଇଚାରା ବଢ଼ାଇ ସୁସ୍ଥ ସମାଜ ଗଠନ କରେ ମହୋତ୍ସବ'

ଏରସମା,୨।୬(ସ୍ୱ.ପ୍ର.)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଦେବୀ ପଡ଼ିଆରେ ଶୁକ୍ରବାର ରାତିରେ ରଜ ମହୋତ୍ସବକୁ ପଦ୍ମଶ୍ରୀ ବାବା ବଳିଆ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ପାରିବାରିକ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ମହୋତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗ କରି ସମସ୍ତେ ମହୋତ୍ସବରେ ଯୋଗ ଦିଅନ୍ତୁ। ଏହା ଭାଇଚାରା ବଢ଼ାଇବା ସହ ସୁସ୍ଥ ସମାଜ ଗଠନ କରେ। ଏଥିରେ ଡା. ତନ୍ମୟ କୁମାର ସେଠୀଙ୍କ କବିତା ସଙ୍କଳନ 'ତଥାପି ଯନ୍ତ୍ରଣା'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। କଳାକାର ଜଗନ୍ନାଥ ବେହେରା, ଶିକ୍ଷାବିତ୍ ଶକ୍ତି ପ୍ରସନ୍ନ ସାମନ୍ତରାୟ, ସୁମନ ଖଟୁଆ, ନାରଦିଆ ସରପଞ୍ଚ ସୀମାଇ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ୩୬ ଗୋଷ୍ଠୀ ସହାୟକ କର୍ମଚାରୀଙ୍କୁ ନିଯୁକ୍ତି

ରାଜନଗର, ୨।୬(ଡି.ଏନ.ଏ.)

ରାଜନଗର ବ୍ଲକ ସଭାଗୃହରେ ୩୬ଜଣ ଗୋଷ୍ଠୀ ସହାୟକ କର୍ମଚାରୀଙ୍କୁ ଶୁକ୍ରବାର ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮ ଜଣ ଏମ୍‌ବିକେ, ୨୭ଜଣ ସିଆର୍‌ପି ଓ ୨ଜଣ ବ୍ୟାଙ୍କମିତ୍ରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ରାଜନଗର ମହିଳାମାନେ କିପରି ସ୍ୱାବଲମ୍ବୀ ହେବେ ସେ ନେଇ ବିଧାୟକ ରାଜ୍ୟ ସରକାର ଯୋଗାଇ ଦେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବିଡିଓ ସମୀର କୁମାର ବେହେରା, ଓଡ଼ିଶା ଜୀବିକା ମିଶନର ସଂଯୋଜକ ରଶ୍ମୀ ରଞ୍ଜନ ଦାଶ, ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର ସାଗରିକା ମଲ୍ଲିକ, ଅଜିତ କୁମାର ପଣ୍ଡା, ବ୍ଲକ ଲେବୁଲ ଫେଡେରେଶନର ସଭାନେତ୍ରୀ ମିନତି ନାୟକ, ସମ୍ପାଦିକା ପ୍ରେମ ମଞ୍ଜୁଳା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀଗୁଣ୍ଡିଚା ମନ୍ଦିରର ଭୂମି ପୂଜନ

କୁଜଙ୍ଗ,୨।୬ (ଡି.ଏନ୍.ଏ.)

ଓଡ଼ିଶାର ସୁଭଦ୍ରା କ୍ଷେତ୍ରଭାବେ ପରିଚିତ ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗରେ ଶୁକ୍ରବାର ଶ୍ରୀ ଗୁଣ୍ଡିଚା ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଓ ଶୁଭଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏନେଇ କୁଞ୍ଜବିହାରୀ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ରାଜେନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଗଡ଼ କୁଜଙ୍ଗର କୁଞ୍ଜ ବିହାରୀ ମନ୍ଦିରରୁ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞାମାଳ ପହଞ୍ଚି ଥିଲା। ଏହାପରେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଗୋବିନ୍ଦ ମିଶ୍ର, ପଣ୍ଡିତ ଶରତ ଦାସ ଓ ମାଗା ନନା ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଟାଙ୍ଗି ଭଟିମୁଣ୍ଡାର ବିଶ୍ୱକର୍ମା ନୟନ କିଶୋର ସାହୁ ଓ ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଡା. ରାଉତ ଯୋଗଦେଇ କହିଥିଲେ ଗଡ଼ କୁଜଙ୍ଗ ଏକ ଧର୍ମ କ୍ଷେତ୍ର ଓ ପୁଣ୍ୟ କ୍ଷେତ୍ର। ଦୀର୍ଘଦିନ ପରେ ଏଠାରେ ଗୁଣ୍ଡିଚା ଦେବୀଙ୍କ ମନ୍ଦିର ନିର୍ମାଣ ହେବାକୁ ଯାଉଛି। ଏନେଇ ସମସ୍ତ ଅଞ୍ଚଳବାସୀ ମନ୍ଦିର ନିର୍ମାଣ କାର୍ଯ୍ୟରେ ସହଯୋଗ କରିବାକୁ ରାଉତ ନିବେଦନ କରିଥିଲେ। ଗଡ଼କୁଜଙ୍ଗ ଗାଁ ମୁରବୀ ବିଷ୍ଣୁ ଚରଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଏରସମା ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ମନ୍ତ୍ରୀ, ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗଡ଼ କୁଜଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ, ସମିତି ସଭ୍ୟ ତପନ ସାମଲ, ପୂର୍ବତନ ସରପଞ୍ଚ ସମ୍ପଦ ବାରିକ, ସଞ୍ଜୟ ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।


ଭୂମି ପୂଜନା ଲାଗି ଚାଲିଥିବା ପୂଜା।

# ୬ ଦିନ ପାଣି ନ ମିଳିବାରୁ ମହିଳାଙ୍କ ରାସ୍ତାରୋକୋ

**ରାସ୍ତା ସମ୍ପ୍ରସାରଣ କାର୍ଯ୍ୟବେଳେ ପାଇପ୍ ଫାଟିଥିଲା**

କୁଜଙ୍ଗ,୨।୬ (ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ କୁଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ନବାଡ଼ିଆ ଗ୍ରାମରେ ବିଭାଗୀୟ ଅବହେଳା ଓ ଖାମଖିଆଲ ନୀତି ଯୋଗୁ ୬ ଦିନ ୫ ଶହ ଅଧିବାସୀ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପ୍ରତିବାଦରେ ଶୁକ୍ରବାର ମହିଳାମାନେ ଗରା ଓ ବାଲଟି ଧରି ରାସ୍ତା ଅବରୋଧ କରିଥିଲେ।
ସେମାନଙ୍କ ଅଭିଯୋଗ ଅନୁଯାୟୀ, ନବାଡ଼ିଆ ଗ୍ରାମରେ ମଧୁର ଜଳସ୍ତର ନାହିଁ। ଅତୀତରେ ସେମାନେ ବିଭିନ୍ନ କାର୍ଯ୍ୟରେ ପୋଖରୀ ଜଳ ବ୍ୟବହାର କରୁଥିଲେ। ସେହିପରି ପାନୀୟ ଜଳ ପାଇଁ ନିକଟସ୍ଥ ବାଗୋଇ ଗ୍ରାମ ସୀମା ଏକ କୂଅକୁ ବ୍ୟବହାର କରୁଥିଲେ। ସମୟ କ୍ରମେ ସମସ୍ତ ଜଳସ୍ତର ଲୌହଯୁକ୍ତ ଓ ଲବଣାକ୍ତ ହୋଇଗଲା। ପରବର୍ତ୍ତୀ ସମୟରେ ସରକାର ଉକ୍ତ ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେଇଆସୁଛନ୍ତି। ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କୁଜଙ୍ଗ ଚଟୁଆ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଛି। ରାସ୍ତା ପାର୍ଶ୍ୱରୁ ମାଟି ଖୋଳା ଯାଉଥିବା ସମୟରେ ଗତ ରବିବାର ଜେସିବି ଦ୍ୱାରା ପାଇପ୍ ଫାଟିଯିବାରୁ ଜଳ ଯୋଗାଣ ବ୍ୟାହତ ହୋଇଥିଲା। ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀ ରାସ୍ତା କାମ ନେଇଥିବା ଠିକାଦାରଙ୍କୁ ମରାମତି କରିବାକୁ କହିଥିଲେ। ମାତ୍ର ଏପର୍ଯ୍ୟନ୍ତ ମରାମତି ହୋଇନାହିଁ। ପ୍ରତିବାଦରେ ଶୁକ୍ରବାର ସକାଳୁ ଗ୍ରାମର ମହିଳାମାନେ କୁଜଙ୍ଗ-ଚଟୁଆ ରାସ୍ତା ଅବରୋଧ କରିଥିଲେ। ଖବରପାଇ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଅବରୋଧ ସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଛି। ସେ ତୁରନ୍ତ ପାଇପ୍ ମରାମତି ଲାଗି ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ। ଏଥିସହ ତତ୍‌କ୍ଷଣାତ୍ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାପାଇଁ ଅନୁରୋଧ କରିଥିଲେ। ଏହାପରେ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ଫାଟିଯାଇଥିବା ପାଇପ୍ ମରାମତି ହୋଇଯାଇଛି।


ପାଣି ପାଇ ଗରା ବାଲଟି ଧୋଇ ମହିଳାପୁରୁଷ ଧାରଣା ଦେଇଛନ୍ତି।

## ସଂକ୍ଷେପରେ

### ଶଙ୍କର ଦାଶ ଜିଲା ବିଜେଡି ଉପସଭାପତି



ଛତ୍ରପୁର,୨।୬(ଡି.ଏନ.ଏ): ଶ୍ରମିକ ନେତା ଶଙ୍କର ଦାଶ ଗଞ୍ଜାମ ଜିଲା ବିଜେଡି ଉପ ସଭାପତି ହୋଇଛନ୍ତି। ରାଜ୍ୟ ସଂଗଠନ ପକ୍ଷରୁ ଜାରି ନୂତନ କର୍ମକର୍ତ୍ତା ତାଲିକାରୁ ଏହି ସୂଚନା ମିଳିଛି। ସେ ଏବେ ଜିଲା ବିଜୁ ଶ୍ରମିକ ସାମ୍ମୁଖ୍ୟର ଉପସଭାପତି ଅଛନ୍ତି। ଏଥିସହ ସେ ଗୋପାଳପୁର ପୋର୍ଟ ଲୋଡିଂ, ଅନଲୋଡିଂ ସୁପରଭାଇଜର ୟୁନିୟନର ସଭାପତି, ଜୟଶ୍ରୀ କେମିକାଲ୍ସ ୱାର୍କସ ୟୁନିୟନର କାର୍ଯ୍ୟକାରୀ ସଭାପତି, ଗୋପାଳପୁର ପୋର୍ଟ କର୍ମଚାରୀ ସଂଘ ଓ ଟ୍ରକ୍ ମାଲିକ ଆସୋସିଏଶନର ଆଡଭାଇଜର ଭାବେ ଦାୟିତ୍ୱ ତୁଲାଉଛନ୍ତି। ଜିଲା ବିଜେଡି ଉପସଭାପତି ଭାବେ ମନୋନୀତ କରାଯାଇଥିବାରୁ ସେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ପ୍ରଦୀପ ଅମାତ, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମନ୍ତ୍ରୀ, ଜିଲାର ଏମପି ଓ ବିଧାୟକମାନଙ୍କୁ ସାଧୁବାଦ ସହ କୃତଜ୍ଞତା ଜଣାଇଛନ୍ତି।

### ମଧୁପଲ୍ଲୀରେ ପରଳ ଚକ୍ଷୁ ପରୀକ୍ଷା ଶିବିର

ପୋଲସରା,୨।୬(ଡି.ଏନ.ଏ.): ପୋଲସରା ବ୍ଲକ ମଧୁପଲ୍ଲୀ ଗ୍ରାମରେ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁଙ୍କ ମିଳିତ ଆନୁକୂଲ୍ୟରେ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ସରପଞ୍ଚ ବସନ୍ତ କୁମାର କରଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ୬୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ମୋଟ ୧୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ମୋଟ ୧୫ ଜଣଙ୍କ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଗଲା ଏବଂ ସେହି ମଧ୍ୟରୁ ଶୁକ୍ରବାର ୧୫ ଜଣଙ୍କ ଅସ୍ତ୍ରୋପଚାର ଲାଗି ହସ୍ପିଟାଲ୍‌କୁ ନିଆଯାଇଥିଲା। ମୋଟ ୧୪ ଜଣଙ୍କ ରେଟିନା ଚେକଅପ ଓ ୧୫ ଜଣଙ୍କୁ ଗ୍ଲୁକୋମା ଚେକଅପ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡା, ସଞ୍ଜୟ କୁମାର ନାୟକ (ପିଇଓ) ଓ ହାଡୁବନ୍ଧୁ ପ୍ରଧାନ ଏବଂ ମଧୁପଲ୍ଲୀ ଗ୍ରାମପଞ୍ଚାୟତର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ହୋଇଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର ଷ୍ଟାଫ୍ ନଳିନୀ କାନ୍ତ ରାଉତ (କ୍ୟାମ୍ପ ମ୍ୟାନେଜର), ଭଗବାନ ପଣ୍ଡା (ଚିଫ ଅପଟୋମେଟ୍ରିଷ୍ଟ), ଅଙ୍କିତା ପ୍ରଧାନ,ପାୟଲ ଗୌଡ଼ (ଚକ୍ଷୁ ଟେକ୍ନିସିଆନ) ଓ ରଘୁନାଥ ପାଢ଼ି ଶିବିର ପରିଚାଳନା କରିଥିଲେ।

### ସାମ୍ବାଦିକ ଓ ଶିକ୍ଷକ ଏକାଦଶ କ୍ରିକେଟ୍ ମ୍ୟାଚ

ପାତ୍ରପୁର,୨।୬(ଡି.ଏନ୍.ଏ): ପାତ୍ରପୁର ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଠାରୁ ଅନୁଷ୍ଠିତ ରଘୁନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ସାମ୍ବାଦିକ ଏକାଦଶ ଓ ଶିକ୍ଷକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଏକାଦଶର ଅଧିନାୟକ ରବିନ୍ଦ୍ର ମିଶ୍ର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ନିର୍ଦ୍ଧାରିତ ୧୦ ଓଭରରେ ୩ ୱିକେଟ ହରାଇ ୧୦୩ ରନ କରିଥିଲେ। ସାମ୍ବାଦିକ ଏକାଦଶ ପକ୍ଷରୁ ବଦ୍ରିନାରାୟଣ ରଣା ସର୍ବାଧିକ ୪୧ ରନ କରିଥିଲେ। ୧୦୪ରନ ବିଜୟ ଲକ୍ଷ୍ୟ ପିଛାକରି ଶିକ୍ଷକ ଏକାଦଶ ୯ ୱିକେଟରେ ବିଜୟ ହାସଲ କରିଥିଲେ। ଶିକ୍ଷକ ଏକାଦଶ ପକ୍ଷରୁ କରୁଣାକର ସର୍ବାଧିକ ୫୬ରନ କରିଥିବା ବେଳେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

### ଆନ୍ଧ୍ରକୁ ବିଦେଶୀ ମଦ ଚାଲାଣ, ଜଣେ ଗିରଫ

ପାରଳାଖେମୁଣ୍ଡି,୨।୬(ଡି.ଏନ.ଏ.)- ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଗୁରୁବାର ମଧ ରାତିରେ ଆନ୍ଧ୍ରକୁ ଚୋରା ଚାଲାଣ ହେଉଥିବା ବିଦେଶୀ ମଦ ଜବତ କରିଛି। ମଦ ନେଉଥିବା ଅଟୋ (ଏପି୩୦ ୬୭୭୧)କୁ ମଧ ଜବତ କରାଯାଇଛି। ଅଟୋ ଚାଳକ ବି. ରଙ୍ଗାରାଓଙ୍କୁ ପୋଲିସ ଗିରଫ କରିଛି। ଗଜପତି ଏସ୍‌ପି ସ୍ୱାତୀ ଏସ. କୁମାରଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡି ସହରରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଗୁରୁବାର ପାରଳାଖେମୁଣ୍ଡିରେ ରାତ୍ରକାଳୀନ ପାଟ୍ରୋଲିଂ ଚାଲିଥିବାବେଳେ ଦ୍ରୁତ ଗତିରେ ଆସୁଥିବା ଅଟୋକୁ ପୋଲିସ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୨୨ ପେଟିବିଦେଶୀ ମଦ ଥିବା ଦେଖାଯାଇଥିଲା। ଅଟୋ ସହ ଚାଳକଙ୍କୁ ପୋଲିସ ଥାନାକୁ ନେଇ ତଦନ୍ତ କରିବାରେ ଉକ୍ତ ବିଦେଶୀ ମଦ ଆନ୍ଧ୍ରକୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଆନ୍ଧ୍ରରେ ବିଦେଶୀ ମଦ ଦର ଓଡିଶା ଅପେକ୍ଷା ଅଧିକା ଥିବାରୁ କେତେଜଣ ଏହାକୁ ଚୋରାରେ ବ୍ୟବସାୟ କରୁଛନ୍ତି। ଏ ନେଇ ୧୬୪/୨୩ରେ ଏକ ମକଦ୍ଦମା ରୁଜୁକରାଯାଇ ତଦନ୍ତ ଜାରିରହିଥିବା ଆଇଆଇସି ବାବୁଲି ନାୟକ କହିଛନ୍ତି।

# ଅକ୍ଟୋବର ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ

**୧୩ ହସ୍ପିଟାଲର ରୂପାନ୍ତରଣ**

ଛତ୍ରପୁର,୨।୬(ଡି.ଏନ୍.ଏ.): ଗଞ୍ଜାମ ଜିଲାରେ ୫-ଟି ଅନ୍ତର୍ଗତ ମୋ ହସ୍ପିଟାଲ ଗୁଡିକର ରୂପାନ୍ତରଣ ଯଥାଶୀଘ୍ର ଶେଷ କରିବା ନେଇ ଆଭାସୀ ବୈଠକ ମାଧ୍ୟମରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଅକ୍ଟୋବର ମାସ ପ୍ରଥମ ସପ୍ତାହ ବେଳକୁ ଯେମିତି ସମସ୍ତ ୧୩ଟି ଚିକିତ୍ସାଳୟ ଉଦଘାଟନ ହେବ ସେହି ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ସମସ୍ତ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀ ପରିଡା ସମୀକ୍ଷା କରି କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟଗୁଡିକ ଶେଷ କରିବାକୁ ହେବ। ରାଜ୍ୟ ସରକାରଙ୍କୁ ଯେଉଁ ଅନୁଦାନ ମଗା ଯାଇଥିଲା ବିନା ଦ୍ୱିଧାରେ ସେହି ଅନୁସାରେ ୭୭ କୋଟି ଟଙ୍କା ଆସିଯାଇଛି। ବର୍ତ୍ତମାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି କ'ଣ ଅଛି ସେଗୁଡିକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ରିପୋର୍ଟ ପ୍ରଦାନ କରିବେ। ଉପ ଜିଲାପାଳ ଏବଂ ମୁଖ୍ୟ ଜିଲା ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସେଗୁଡିକ ଯାଞ୍ଚ ହେବ । ଚିକିତ୍ସାଳୟ ଗୁଡିକରେ ରୋଗୀଗଣ ଚିକିତ୍ସା ନିମନ୍ତେ ଆସିବା ସମୟରେ ସେମାନଙ୍କର ଯେମିତି କୌଣସି ଅସୁବିଧା ହେବ ନାହିଁ ତାହାକୁ ଦୃଷ୍ଟିରେ ରଖି ଯେମିତି ଉତ୍ତମ ସେବା ପାଇବେ ଏବଂ ସେମାନଙ୍କ ସର୍ମର୍ଥିୟ ଯେମିତି ସମସ୍ତ ସୁବିଧା ପାଇବେ ସେହି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟରେ ନିୟୋଜିତ କଣ୍ଟ୍ରାକ୍ଟର ଗଣ ଯେମିତି ସଠିକ ସମୟରେ ସେମାନଙ୍କ ପ୍ରାପ୍ୟ ପାଇପାରିବେ ସେଥି ନିମନ୍ତେ ସ୍ୱତନ୍ତ୍ର ଆକାଉଣ୍ଟ ଖୋଲାଯାଇ ପ୍ରାପ୍ୟ ପ୍ରଦାନ କରିବାକୁ କୁହାଯାଇଛି। ସମସ୍ତ କାର୍ଯ୍ୟରେ ଯେମିତି ସ୍ୱଚ୍ଛତା ବଜାୟ ରହିବ ସେଥିପ୍ରତି ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବ୍ରହ୍ମପୁରସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ, ବୋମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ, କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ, ଆସ୍କା ଉପଖଣ୍ଡ ଚିକିତ୍ସାଳୟ, ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ନୂତନ ଓପିଡି କୋଠା ନିର୍ମାଣ, ସୋରଡାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ମରାମତି, ସୌନ୍ଦର୍ଯ୍ୟୀକରଣ ଏବଂ ଆନୁସଙ୍ଗୀକ ସମସ୍ତ ବ୍ୟବସ୍ଥା ସଜାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ୧୩ଟି ଚିକିତ୍ସାଳୟ ଗୁଡିକର ମରାମତି, କୋଠାର ଭିତରପାର୍ଶ୍ୱ ରୂପରେଖ ପରିବର୍ତ୍ତନ, ନୂତନ କୋଠା ନିର୍ମାଣ, ଡ୍ରେନେଜ ବ୍ୟବସ୍ଥା, ମୁଖ୍ୟ ଫାଟକ, ଚତୁଃପାର୍ଶ୍ୱ ପାଚେରି ନିର୍ମାଣ, ସର୍ବସାଧାରଣ ନିମନ୍ତେ ଶୌଚାଳୟ, ଭିତର ଓ ବାହାର ପାର୍ଶ୍ୱ ଜଳ ବ୍ୟବସ୍ଥା, ଡାକବାଜି ଯନ୍ତ୍ର ବ୍ୟବସ୍ଥା, ସିସି ଟିଭି ବ୍ୟବସ୍ଥା, ଅଗ୍ନିଶମ ବ୍ୟବସ୍ଥା, ଆସବାବ, ଏଲଇଡି ବୋର୍ଡ, ନାମ ଫଳକ, ପାର୍କିଂ ବ୍ୟବସ୍ଥା, ବର୍ଷାଜଳ ସଂରକ୍ଷଣ ଇତ୍ୟାଦି ସମସ୍ତ ବ୍ୟବସ୍ଥା ରହିତ ଚିକିତ୍ସାଳୟ ଯେପରି ହେବ ସେହି ଦିଗରେ ଧ୍ୟାନ ଦେବାକୁ କୁହାଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କିର୍ତ୍ତି ଭାସନ ଭି, ସମସ୍ତ ଉପଜିଲାପାଳ, ବଡିଓ, ତହସିଲଦାର, ସଂପୃକ୍ତ ବିଭାଗୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉମାଶଙ୍କର ମିଶ୍ର, ଏନଆର୍‌ଏଚଏମ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସମୁଦ୍ରରେ ବୁଡ଼ି ମୃତ୍ୟୁ ଘଟଣା
# ଛାତ୍ରୀଙ୍କ ପରିବାରକୁ ୩୫ ହଜାର ଟଙ୍କା ସହାୟତା



ସମୁଦ୍ରରେ ବୁଡ଼ିଯାଇଥିବା ଛାତ୍ରୀଙ୍କ ପରିବାରକୁ ସହାୟତା ଦିଆଯାଉଛି।

ଶେରଗଡ,୨।୬(ଡି.ଏନ.ଏ.): ଶେରଗଡ ବ୍ଲକ ହରିକୃଷ୍ଣପୁର ଗ୍ରାମର ପବିତ୍ର ମୋହନ ତ୍ରିପାଠୀଙ୍କ ଝିଅ ପ୍ରଜ୍ଞାରାଣୀ ତ୍ରିପାଠୀ ଆର୍ଯ୍ୟପଲ୍ଲୀ ନିକଟ ସମୁଦ୍ରରେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ଶୁକ୍ରବାର ସକାଳେ ତାଙ୍କର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ପରିବାରକୁ ରେଡକ୍ରସରୁ ୩୦ହଜାର ଓ ବ୍ଲକ ତରଫରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ତହସିଲଦାର ତ୍ରିଦେବ ରଥ, ସୁପରଭାଇଜେର ପି ପଞ୍ଚମା,ଶେରଗଡ ରାଜସ୍ୱ ନିରୀକ୍ଷକ ବାବୁଲା କୁମାର ବେହେରା, ହରିକୃଷ୍ଣପୁର ଗ୍ରାମରେ ପହଞ୍ଚି ପିତା ପବିତ୍ର ମୋହନ ତ୍ରିପାଠୀଙ୍କୁ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ତାଙ୍କର ପାଣ୍ଠିରୁ ୪ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି।

# ଗୋପାଳ ସମାଜର ଗୃହ ପ୍ରବେଶ ସମାରୋହ


ସମାରୋହ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ସୋରଡା, ୨।୬ (ଡି.ଏନ୍.ଏ): ଷୋହଳ ଖଣ୍ଡ ଗୋପାଳ ସମାଜ ବଡଗଡ ତାଲୁକା ତରଫରୁ ୩ ଦିନିଆ ଗୃହ ପ୍ରବେଶ ଓ ସମାଜ ସମାରୋହ କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି । ବୁଧବାର ଶୁଭାରମ୍ଭରେ ପ୍ରଥମେ ମଣ୍ଡଳକରଣ, ଅଙ୍କୁର ରୋପଣ, ଗୁରୁବାର କର୍ମଆରମ୍ଭ, ସୂର୍ଯ୍ୟ ପୂଜା, ଅଧିବାସ, ହୋମ ଓ ଶୁକ୍ରବାର ସାମୂହିକ ସମାବେଶ ହୋଇଥିଲା। ଏଥିରେ ଗଞ୍ଜାମ ଜିଲାର ସମସ୍ତ ଅଞ୍ଚଳରୁ ସମାଜ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସମାଜର ବିକାଶ ପାଇଁ, ଶାନ୍ତି ସହାବସ୍ଥାନ ପାଇଁ, ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ପାଇଁ ଗୋପାଳ ସମାଜ ସଦା ସର୍ବଦା ଜାଗ୍ରତ ରହିଆସିଛି। ଏହାକୁ ବଜାୟ ରଖିବାକୁ ସବୁ ପିଢି ଚେଷ୍ଟା ଜାରି ରଖିବାକୁ କୁହାଯାଇଥିଲା। ଯୁବସମାଜର ଭୂମିକା ତଥା ପରିବାରରେ ଉତ୍ତମ ପରିଚାଳନା ସମାଜକୁ ଋଦ୍ଧିମନ୍ତ କରାଇବ ବୋଲି ମତ ପ୍ରକାଶ ପାଇଥିଲା। ସଭାପତି ବିଜୟ ଗଉଡ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ଫୁଲବାଣୀ ଅଫିସ, ୨।୬: ଫୁଲବାଣୀ ବ୍ଲକ ଗୁଗୁଡା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସେ ବଇଡା ପୋଖରୀ ପାଣିରେ ବୁଡି ମରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହାର କାରଣ ଏବେ ବି ଅସ୍ପଷ୍ଟ ରହିଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତ ଯୁବକ ହେଲେ ଗଞ୍ଜୁଗୁଡା ଗ୍ରାମର ସନତ ବେହେରା। ସୂଚନା ଅନୁସାରେ, ସନତ ଦୁଇଦିନ ହେଲା ଘରୁ ବାହାରି ଯାଇ ଆଉ ଫେରି ନ ଥିଲେ। ସକାଳେ ସନତଙ୍କ ମୃତଦେହ ବଇଡା ହାଇସ୍କୁଲ ନିକଟସ୍ଥ ଉପର ପାଖ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ଖରପାଇ ସଦର ଥାନାଧିକାରୀ ସମୀର କୁମାର ରାଉତ ଓ ତାଙ୍କ ଟିମ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନାଧିକାରୀ ରାଉତ ସୂଚନା ଦେଇଛନ୍ତି।

# ପୋଲସରାର ସୁରଭି ରାଜ୍ୟରେ ଦ୍ୱିତୀୟ

**ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ**


ସୁରଭି ପୃଷ୍ଟି

ପୋଲସରା,୨।୬: ପୋଲସରା ସହର ଜଗନ୍ନାଥ ସାହିର ସୁରଭି ପୃଷ୍ଟି ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୫୬୮ ନମ୍ବର ରଖି ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସୁରଭି ବ୍ରହ୍ମପୁରସ୍ଥିତ ଏକ ଘରୋଇ କଲେଜରେ ଛାତ୍ରୀ ଥିଲେ। ବାପା ଅରୁଣ କୁମାର ପୃଷ୍ଟି ଜଣେ ବ୍ୟବସାୟୀ ଓ ମା' ସୁଜାତା ପୃଷ୍ଟି ଜଣେ ଗୃହିଣୀ। ସୁରଭି ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଅନ୍ୟପକ୍ଷରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ଛାତ୍ର ସୋମନାଥ ପାତ୍ର ଯୁକ୍ତ ୨ ବିଜ୍ଞାନରେ ସର୍ବାଧିକ ୫୨୮ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ମଧୁପଲ୍ଲି ପଞ୍ଚାୟତ ଜିଲୁଣ୍ଡା ଗ୍ରାମର ସୋମନାଥଙ୍କ ବାପା ସଞ୍ଜୟ କୁମାର ପାତ୍ର ଜଣେ ଦରଜୀ ଓ ମା' ଲକ୍ଷ୍ମୀ ପାତ୍ର ଜଣେ ଗୃହିଣୀ। ଗୁରୁଜନଙ୍କ ଆଶୀର୍ବାଦ, ଅଧ୍ୟାପିକା ଅଧ୍ୟାପକଙ୍କ ମାର୍ଗ ଦର୍ଶନ ସହ ଘରୋଇ ଶିକ୍ଷା ପ୍ରତିଷ୍ଠାନର ସାରମାନଙ୍କ ପ୍ରେରଣାରେ ସେ ସଫଳତା ପାଇଥିବା କହିଛନ୍ତି। ମହାବିଦ୍ୟାଳୟର ମୋଟ ୧୯୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୮୯ ଜଣ ପ୍ରଥମ, ୭୫ ଜଣ ଦ୍ୱିତୀୟ, ୨୩ ତୃତୀୟ ସ୍ଥାନ ହାସଲ କରିଥିବା ଅଧ୍ୟକ୍ଷ ଡ. ଦିବାକର ମିଶ୍ର ସୂଚନା ଦେଇଛନ୍ତି। ସେହିପରି ପୋଲସରା ଆଞ୍ଚଳିକ ମହିଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ଜେନା ୫୦୫ ମାର୍କ ରଖି ଅନୁଷ୍ଠାନର ପ୍ରଥମ ସ୍ଥାନ ହାସଲ କରିଛନ୍ତି।

## ଶହୀଦ ଉମାକାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି

ଆସିକା,୨।୬(ଡି.ଏନ.ଏ):ଆସିକା ଏନ୍‌ଏସିର ତାଲୁକା ଛକଠାରେ ଥିବା ଶହୀଦ ଉମାକାନ୍ତ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ବୁଧବାର ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାମାଜିକ କର୍ମୀ ବଂଶୀଧର ନାହାକଙ୍କ ନେତୃତ୍ୱରେ ରାଜେନ୍ଦ୍ର ବିଶ୍ୱାଳ, ବିନୋଦ ଗୌଡ଼, ଅଜୟ ଜେନା, ଅର୍ଜୁନ ସିଅ, ଅମୂଲ୍ୟ ବେର୍ଯାଙ୍କ ସମେତ ବହୁ ଯୁବକ ଦିବଂଗତ ଶହୀଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ସହ ସ୍ମୃତିଚାରଣ କରିଥିଲେ । ସୂଚନାଯୋଗ୍ୟ ଆସିକା ଏନଏସି ଶାସ୍ତ୍ରୀନଗର ବାସିନ୍ଦା ରାଜକିଶୋର ପଟ୍ଟନାୟକଙ୍କ ବଡପୁଅ ଉମାକାନ୍ତ କାର୍ଗିଲ ଦ୍ରାସ ସେକ୍ଟରରେ ଶହୀଦ ହୋଇଥିଲେ।

# ଶ୍ରୀରାମ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ ପ୍ରସ୍ତୁତି


ଶ୍ରୀରାମ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ ।

ଜି.ଉଦୟଗିରି,୨।୬(ଡି.ଏନ.ଏ.) ଜି.ଉଦୟଗିରି ନିକଟସ୍ଥ ପଦାସାହିଠାରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଭିତ୍ତିପ୍ରସ୍ତର ସ୍ଥାନରେ ୨୪ ପ୍ରହର ନାମ ଯଜ୍ଞ ଆରମ୍ଭ ହୋଇଥିବାବେଳେ ଗୁରୁବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ସେଠାକୁ ଯାଇଥିଲେ। ବିଧାୟକଙ୍କୁ ପରଚାଳନା କମିଟି ତରଫରୁ ସ୍ୱାଗତ କରାଯିବା ସହିତ ପ୍ରସ୍ତାବିତ ମନ୍ଦିର ଅଞ୍ଚଳକୁ ପରିଚାଳନା କମିଟିର ସଦସ୍ୟମାନେ ବୁଲି ଦେଖାଇଥିଲେ। ବିଧାୟକ ସେଠାକୁ ରାସ୍ତା ଘାଟ ଓ ସମସ୍ତ ଅଞ୍ଚଳ କିଭଳି ବିକାଶ ହୋଇପାରିବ ସେହି ଯୋଜନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ଗସ୍ତ ବେଳେ ବିଜେଡି ନଗର ସଭାପତି ଗୋପାଳ ମହାପାତ୍ର, ବ୍ଲକ ସଭାପତି ଲିଙ୍ଗରାଜ କହଁର, କାର୍ଯ୍ୟକରୀ ବ୍ଲକ ସଭାପତି ଉଦୟନାଥ ନାୟକ, ଏନଏସି ଉପାଧ୍ୟକ୍ଷ ସନ୍ତୋସ ବାଘ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ରାଇକିଆ ସଭାପତି ରାଜ ମୋହନ ଦିଗାଳ, କାଉନସିଲର ସିଦ୍ଧେଶ୍ୱରୀ ନାୟକ, ବ୍ଲକ ଉପାଧ୍ୟକ୍ଷ ଏନ ଲୁକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ସରକାରୀ କୋଠା ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକ

ମୋହନା,୨।୬: ଶିଶୁ ସୁରକ୍ଷା ଏବଂ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତଥାପି ଶିଶୁ ତା'ର ଅଧିକାର ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ଗଜପତି ଜିଲା ମୋହନା ବ୍ଲକ ପରିସରରେ ଏକ କୋଠା ନିର୍ମାଣ ଚାଲିଥିବା ବେଳେ ସେଥିରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଦେଖାଯାଇଛି। ସେମାନଙ୍କ ମଧ୍ୟରେ ମାଟ୍ରିକ୍ ପାସ୍ କରିଥିବା ୩ ଜଣ ନାବାଳିକା ଏବଂ ଅଷ୍ଟମ ଶ୍ରେଣୀର ଜଣେ ନାବାଳକ ଛାତ୍ର ଅଛନ୍ତି। ୩ ନାବାଳିକା ମଧ୍ୟରୁ ଜଣଙ୍କ ବାପା ନ ଥିବା ବେଳେ ଆଉ ଜଣଙ୍କ ମା' ନାହାନ୍ତି। ମାଟ୍ରିକ୍ ପାସ୍ ହେବା ପରେ କଲେଜରେ ପଢ଼ିବା ଲାଗି ଟଙ୍କା ନ ଥିବା ଯୋଗୁ ସେମାନେ ଶ୍ରମିକ କାର୍ଯ୍ୟ କରୁଥିବା କହିଥିଲେ। ତେବେ ପରିତାପର ବିଷୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଏବଂ ବିଡ଼ିଓଙ୍କ କାର୍ଯ୍ୟାଳୟର ଅତି ନିକଟରେ ଏବଂ ବ୍ଲକ ସହକାରୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ନାବାଳିକା, ନାବାଳକମାନେ ଶ୍ରମିକ କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ କାହାରି ଦରଦ ନ ଥିବା ଦେଖାଯାଇଥିଲା। ଏ ନେଇ ମୋହନା ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସମୀକ୍ଷା


ସମୀକ୍ଷା ବୈଠକ।

ଆର.ଉଦୟଗିରି,୨।୬(ଡି.ଏନ.ଏ.) ଆର.ଉଦୟଗିରି ବ୍ଲକ୍ ଅନ୍ତର୍ଗତ ଛେଲାଗଡ଼ ଗ୍ରାମ ପଞ୍ଚାୟତ ଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟର ସମୀକ୍ଷା କରାଯାଇଛି। ଏଥିଲାଗି ମେଟ୍ ସଭାପତି ଚରଣ ରଇତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ଡାଳିମ୍ବ ଗମାଙ୍ଗ, ଡ଼ାବରାଗୁଡ଼ା ସରପଞ୍ଚ ଯିଖରୀୟ ରଇତ, ସମିତିସଭ୍ୟ ସାମୁଏଲ ଗମାଙ୍ଗ, ଶିବାନୀ ବେହରଦଳାଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଶାଙ୍କ ଶେଖର ସୁବୁଦ୍ଧି, ଏପିଓ ଅକ୍ଷୟ କୁମାର ବିଶୋଇରତ୍ନ, ଏଇଇ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ଗ୍ରାମ ରୋଜଗାର ସେବକ ନାରାୟଣ ଗୌଡ଼, ଦୁଇ ପଞ୍ଚାୟତର ସମସ୍ତ ମେଟ୍ ଉପସ୍ଥିତ ଥିଲେ। ବୈଠକରେ ଆଗାମୀ ଦିନରେ କିଭଳି ଭାବରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ତ୍ୱରାନ୍ୱିତ ହୋଇପାରିବ ସେ ଉପରେ ଏପିଓ ମେଟ୍‌ମାନଙ୍କୁ ବୁଝାଇଥିଲେ। ଶେଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସମସ୍ତ ମେଟ୍ ତଥା ସମସ୍ତ ପିଆର୍‌ଆଇ ମେମ୍ବରଙ୍କୁ ଧନ୍ୟବାଦ ଦେଇଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘର ବିକ୍ଷୋଭ



ସଂଘ କର୍ମକର୍ତ୍ତା ରାଲିରେ ଯାଉଛନ୍ତି ।

ଫୁଲବାଣୀ ଅଫିସ, ୨।୬: କନ୍ଧମାଳ ଜିଲା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ବୋନସ ଏବଂ ଦୈନିକ ମଜୁରୀ ବୃଦ୍ଧି ଦାବିରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନ କ୍ରମେ ଫୁଲବାଣୀ ଡିଭିଜନ ଶାଖା ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା କୋର୍ଟ ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ପ୍ରତିବାଦ ସଭା ହୋଇଥିଲା । ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଜିଲା ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଥିଲା।

କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକମାନେ ପୂର୍ବରୁ ପ୍ରୋତ୍ସାହନ ଏବଂ ସାମାଜିକ ନିରାପତ୍ତା ଆଦି ବିଭିନ୍ନ ସହାୟତା ପାଇଆସୁଥିଲେ । ଚଳିତ ବର୍ଷ ଲାଭାଂଶ ବଣ୍ଟନ ବେଳେ ବୋନସ ଦିଆଗଲା ନାହିଁ । ଦୀର୍ଘ ୫ ବର୍ଷ ହେଲା ସିଜିନାଲ କର୍ମଚାରୀମାନଙ୍କ ମାସିକ ମଜୁରୀ ବୃଦ୍ଧି କରାଯାଇ ନାହିଁ । ଫଳରେ ହଜାର ହଜାର କର୍ମଚାରୀ ଆର୍ଥିକ ସଙ୍କଟରେ ଗତି କରୁଛନ୍ତି। ଏଣୁ ସର୍ବନିମ୍ନ ମଜୁରୀ ଘୋଷଣା କରାଯିବା ଦରକାର। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଛାତ୍ର ବୃତି ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଅତିଶୀଘ୍ର ବୃତାନ୍ତ କରିବା, କେନ୍ଦୁପତ୍ର ଉପରେ ଲଗାଯାଇଥିବା ଜିଏସ୍‌ଟି ଉଚ୍ଛେଦ ସହ କେନ୍ଦୁପତ୍ର ସଂସ୍ଥାର ଘରୋଇକରଣ କରିବାରୁ ସରକାର ନିବୃତ ରହିବା ଏବଂ କନ୍ୟା ବିବାହ ପାଇଁ ୫୦ ହଜାର ଟଙ୍କା ଦେବାକୁ ସଂଘ କର୍ମକର୍ତ୍ତା ଦାବି କରିଥିଲେ । ସଂଘ ସମ୍ପାଦକ ତଥା କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଂଜିତ ମହାନ୍ତି ତୋଳାଳି ଏବଂ କର୍ମଚାରୀଙ୍କ ଦାବିକୁ ସରକାରଙ୍କଠାରେ ଦୃଢତାର ସହିତ ଉପସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଏକ ପ୍ରତିନିଧି ଦଳ କେନ୍ଦୁପତ୍ର ବିଭାଗ ଡିଏଫଓଙ୍କ ସହ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଫୁଲବାଣୀ ଡିଭିଜନ ସମ୍ପାଦକ ସରୋଜ କର୍ଣ୍ଣଙ୍କ ନେତୃତ୍ୱରେ ରାଜ୍ୟ ଉପ ସଭାପତି ଗୋକୁଳ ମେହେର, ରାଜ୍ଯ ସମ୍ପାଦକ ଶିବା ନନ୍ଦ ପରିଚ୍ଛା, ପ୍ରତାପ ଶର୍ମା, ଦେବ ଜ୍ୟୋତି ପଟ୍ଟନାୟକ, ଲକ୍ଷ୍ମଣ ସାହୁ, କୀର୍ତନ ବେହେରା, ଦଶମୂଳ ମିଶ୍ର, ଅକ୍ଷୟ ପ୍ରଧାନ, ସଦାନନ୍ଦ କୁଆଁର, ସରୋଜିନୀ କହଁର, ସଂଯୁକ୍ତା ରଣା, ଭାମା ଖମାରୀ, ମାମିନା ବର୍ଗତୀ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

# ଅଧ୍ୟାଦେଶ ବିରୋଧରେ ଏଏପିକୁ ଜେଏମ୍‌ଏମ୍‌ର ସମର୍ଥନ

**ନୂଆଦିଲ୍ଲୀ, ୨।୬**

ଦିଲ୍ଲୀ ସରକାରଙ୍କ ପ୍ରଶାସନିକ ସେବା ଉପରେ ନିୟନ୍ତ୍ରଣ ପାଇଁ କେନ୍ଦ୍ର ଆଣିଥିବା ଅଧ୍ୟାଦେଶ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଚଳାଇଥିବା ଲଢ଼େଇରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ସମର୍ଥନ ଯୋଗାଇଦେବ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଶୁକ୍ରବାର ଏହା କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ରାଞ୍ଚିରେ ସୋରେନ୍‌ଙ୍କୁ ଭେଟି କେନ୍ଦ୍ରର ଅଧ୍ୟାଦେଶକୁ ରାଜ୍ୟ ସଭାରେ ଖାରଜ କରିବା ପାଇଁ ସମର୍ଥନ ଲୋଡ଼ିଥିଲେ। ଗଣତନ୍ତ୍ର ଉପରେ କେନ୍ଦ୍ରର ଆକ୍ରମଣ ଗମ୍ଭୀର ଚିନ୍ତାର ବିଷୟ। କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥା କଥା କହୁଥିବାବେଳେ ସମ୍ପୂର୍ଣ୍ଣ ବିପରୀତ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସରକାରଙ୍କ ସହ ମେଣ୍ଟରେ ନ ଥିବା ଦଳଗୁଡ଼ିକ ସମାନ ସ୍ଥିତିର ସମ୍ମୁଖୀନ ହେଉଥିବା କେଜ୍‌ରିୱାଲଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ସୋରେନ କହିଛନ୍ତି।



ରାଞ୍ଚିଠାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ସିଂ ମାନ ଓ ଏଏପି ନେତା ସଞ୍ଜୟ ସିଂ।

# ବର୍ଷକ ମଧ୍ୟରେ ୫ ନିର୍ବାଚନ ଗ୍ୟାରେଣ୍ଟି କାର୍ଯ୍ୟକାରୀ ହେବ: ସିଦ୍ଧାରାମାୟା

**ବେଙ୍ଗାଲୁରୁ, ୨।୬**

କର୍ନାଟକରେ କ୍ଷମତାକୁ ଆସିଥିବା କଂଗ୍ରେସ ସରକାର ସମସ୍ତ ୫ ଗ୍ୟାରେଣ୍ଟିକୁ ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରିବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ନିର୍ବାଚନୀ ଇସ୍ତାହାରରେ ଦଳ ପକ୍ଷରୁ ୫ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ୱତନ୍ତ୍ର କ୍ୟାବିନେଟ ବୈଠକ ପରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ବିଧାନ ସୌଧରେ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ଘୋଷଣା କରିଛନ୍ତି। ଗୃହଲକ୍ଷ୍ମୀ ଯୋଜନାରେ ପ୍ରତି ପରିବାରର ମହିଳା ମୁଖ୍ୟମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨,୦୦୦ ଟଙ୍କା ଲେଖାଏ ପଠାଯିବ। ଏଥିପାଇଁ ଜୁନ୍ ୧୫ରୁ ଜୁଲାଇ ୧୫ ମଧ୍ୟରେ ଆବେଦନ କରିବାକୁ କୁହାଯାଇଛି। ଅଗଷ୍ଟ ୧୫ରୁ ଏହି ଯୋଜନା କାର୍ଯ୍ୟକାରୀ ହେବ ଏବଂ ୨,୦୦୦ ଟଙ୍କା ଲେଖାଏଁ ମହିଳା ମୁଖ୍ୟଙ୍କ ଆକାଉଣ୍ଟକୁ ଛଡ଼ାଯିବ। ବାର୍ଦ୍ଧକ୍ୟ ଭତ୍ତା, ସାମାଜିକ ସୁରକ୍ଷା ପେନ୍‌ସନ ପାଉଥିବା ମହିଳା ଓ ଭିନ୍ନକ୍ଷମ ମହିଳା ମଧ୍ୟ ଏହି ଯୋଜନାରେ ସାମିଲ ହେବେ ବୋଲି ସିଦ୍ଧାରାମାୟା କହିଛନ୍ତି। ଅନ୍ନ ଭାଗ୍ୟ ଯୋଜନାରେ ଜୁଲାଇ ୧ରୁ ୧୦ କିଲୋଗ୍ରାମ ଲେଖାଏ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ଜୁନ୍ ୧୧ରୁ କର୍ନାଟକର ମହିଳାମାନଙ୍କୁ ବସ୍‌ରେ ମାଗଣା ଯାତ୍ରା କରିବାର ସୁଯୋଗ ମିଳିବ ବୋଲି ସରକାର ଘୋଷଣା କରିଛନ୍ତି। ତେବେ ଏହି ସୁବିଧା ଏସି ବସ୍, ଏସି ସ୍ଲିପର ବସ୍ କିମ୍ବା ଲକ୍ସୁରୀ ବସ୍‌ରେ ଲାଗୁ ହେବ ନାହିଁ। କିନ୍ନରମାନଙ୍କୁ ମଧ୍ୟ ମାଗଣା ବସ୍‌ଯାତ୍ରା ସୁବିଧା ଯୋଗାଇ ଦିଆଯିବ।

ସ୍ନାତକ ଡିଗ୍ରୀ ହାସଲର ୬ ମାସ ମଧ୍ୟରେ ନିଯୁକ୍ତି ପାଇବାରେ ବିଫଳ ହେଲେ ଯୁବନିଧି ଯୋଜନାରେ ମାସିକ ୩,୦୦୦ ଟଙ୍କା ଲେଖାଏ ୨୪ ମାସ ପାଇଁ ଯୋଗାଇ ଦିଆଯିବ। ଡିପ୍ଲୋମାଧାରୀ ଛାତ୍ରଛାତ୍ରୀଙ୍କୁ ମାସିକ ୧,୫୦୦ ଟଙ୍କା ମିଳିବ। ସେହିପରି ଗୃହଜ୍ୟୋତି ଯୋଜନାରେ ଯେଉଁମାନେ ବାର୍ଷିକ ହାରାହାରି ୨୦୦ ୟୁନିଟ୍‌ରୁ କମ୍ ବିଦ୍ୟୁତ ବ୍ୟବହାର କରୁଥିବେ, ସେମାନଙ୍କୁ ବିଲ୍ ପୈଠ କରିବାକୁ ପଡ଼ିବ ନାହିଁ। ତେବେ ବର୍ତ୍ତମାନ ସୁଦ୍ଧା ବକେୟା ବିଦ୍ୟୁତ୍ ବିଲ୍ ଗ୍ରାହକଙ୍କୁ ଭରିବାକୁ ପଡ଼ିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ୧୭ରେ ଶାହା, ୨୨ରେ ନଡ୍ଡା ଓଡ଼ିଶା ଆସିବେ



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା



ଜେ.ପି ନଡ୍ଡା

## ଭାଜପାର ମହା ଜନସମ୍ପର୍କ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨।୬(ବ୍ୟୁରୋ):** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶା ଗସ୍ତରେ ଆସିବେ। ଭାଜପାର ମହାଜନସମ୍ପର୍କ କାର୍ଯ୍ୟକ୍ରମରେ ସେମାନେ ଯୋଗଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ମନମୋହନ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଜୁନ୍ ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ଜୁନ୍ ୨୨ ତାରିଖରେ ରାଜ୍ୟ ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବେ ଓଡ଼ିଶା ଆସିବେ ସେନେଇ ତାରିଖ ସ୍ଥିର ହୋଇ ନ ଥିବା ଜଣାପଡ଼ିଛି। ରାଜ୍ୟ ସଭାପତି ଆହୁରି କହିଛନ୍ତି, ଦଳର ମହାଜନସମ୍ପର୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ କେନ୍ଦ୍ରମନ୍ତ୍ରୀମାନେ ୬ ତାରିଖରୁ ଓଡ଼ିଶା ଆସିବା ଆରମ୍ଭ କରିବେ। ୬ ତାରିଖରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଆସିବେ। ଭାଜପାର ମହାଜନସମ୍ପର୍କ କାର୍ଯ୍ୟକ୍ରମ କେଉଁ ସ୍ଥାନରେ ହେବ ତାହା ସ୍ଥିର କରାଯାଇ ନାହିଁ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣର ଗତ ୯ ବର୍ଷର ସଫଳତାକୁ ପ୍ରତ୍ୟେକ ଘରେ ଘରେ ପହଞ୍ଚାଇବା ପାଇଁ ଭାଜପା ମହାଜନସମ୍ପର୍କ ଯାତ୍ରା ରାଜସ୍ଥାନରୁ ଆରମ୍ଭ କରିଛି। ଓଡ଼ିଶାରେ ମାସେ ଧରି ଏହି ଜନସମ୍ପର୍କ ଯାତ୍ରା କରାଯିବ। ଏହି ଯାତ୍ରାରେ ୪ଟି ବଡ଼ ରାଲି କରାଯିବାକୁ ଥିବାବେଳେ କେନ୍ଦ୍ରମନ୍ତ୍ରୀମାନେ ଆସି ୮ ଦିନ ଓ ରାତି ଓଡ଼ିଶାରେ କଟାଇବେ। ସବୁ ବୁଥ୍‌ରେ ୫ ଲକ୍ଷ କର୍ମୀ କେନ୍ଦ୍ରର ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ କହିବେ। ରାଜ୍ୟର ୨୧ ଲୋକ ସଭା ନିର୍ବାଚନମଣ୍ଡଳୀକୁ ୬ଟି କ୍ଲଷ୍ଟରରେ ଭାଗ କରାଯାଇଛି। ଏହି ୬ କ୍ଲଷ୍ଟରରେ କେନ୍ଦ୍ରମନ୍ତ୍ରୀମାନେ ରହି କେନ୍ଦ୍ର ସଫଳତା କଥା ପ୍ରଚାର କରିବେ ବୋଲି ସୂଚନା ମିଳିଛି।


**ଦୂରଦର୍ଶନରେ ସ୍ନାନଯାତ୍ରାର ସିଧା ପ୍ରସାରଣ**

No. Z-07: ଆସନ୍ତା ୪ ତାରିଖ ରବିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପରେ ଶ୍ରୀବିଗ୍ରହମାନଙ୍କୁ ସୁବାସିତ ଜଳଲାଗି ସହ ହାତୀବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ ଦାରୁଦିଅଁ। ସ୍ନାନପୂର୍ଣ୍ଣିମା ଅବସରରେ ରତ୍ନ ସିଂହାସନଠାରୁ ସ୍ନାନମଣ୍ଡପ ପର୍ଯ୍ୟନ୍ତ ସମ୍ପନ୍ନ ହେବ ବିଭିନ୍ନ ନୀତିକାନ୍ତି। ଶ୍ରୀଜୀଉଙ୍କର ସ୍ୱତନ୍ତ୍ର ରୀତିନୀତି ଓ ଦୁର୍ଲଭ ବେଶ ଦେଖିବା ପାଇଁ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଛି। ଡି.ଡି. ଓଡ଼ିଆ ସମେତ ଅନ୍ୟ ଚ୍ୟାନେଲଗୁଡ଼ିକରେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ମାଧ୍ୟମରେ ସ୍ନାନଯାତ୍ରାର ପ୍ରସାରଣ ବନ୍ଦୋବସ୍ତ କରାଯାଇଛି। ସେଦିନ ପ୍ରଭାତରେ ନୀତି ଆରମ୍ଭରୁ ରାତ୍ରରେ ନୀତି ସମ୍ପନ୍ନ ହେବା ପର୍ଯ୍ୟନ୍ତ ସ୍ନାନଯାତ୍ରାର ସିଧାପ୍ରସାରଣ କରାଯିବ ବୋଲି ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଉପମହାନିର୍ଦ୍ଦେଶକ ରିଜୱାନା ଅଖତାର ପ୍ରେସ୍‌ନୋଟ୍‌ରେ ଜଣାଇଛନ୍ତି।

ସ୍ନାନଯାତ୍ରା ସହ ଆସନ୍ତା ୨୦ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରା, ୨୧ ତାରିଖରେ ଆଡ଼ପ ମଣ୍ଡପ ବିଜେ, ୨୮ ତାରିଖରେ ବାହୁଡ଼ା ଯାତ୍ରା, ପରେ ପରେ ଜୁନ୍ ୨୯, ୩୦ ଓ ଜୁଲାଇ ୧ ତାରିଖରେ କ୍ରମାନ୍ୱୟରେ ସୁନାବେଶ, ଅଧରପଣା, ନୀଳାଦ୍ରିବିଜେର ସିଧା ପ୍ରସାରଣ ପାଇଁ ମଧ୍ୟ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

OIPR-15020/11/0002/2324



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-818 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2926/OSIC/MKT Dt.01.06.2023

The OSIC Ltd., Cuttack invites sealed bids from experienced MSMEs empanelled with OSIC for supply of G.I welded wire mesh made out of 12 SWG G.I. Wire, Gap size: 4"x4", 5"x5" & 6"x6" having width 1.5 meter of each size. The weight of the each roll will be around 40 Kg. (Approx.). The detail schedules, terms and conditions of the tender document can be downloaded from www.osicltd.in . Any corrigendum/changes/modifications will appear in OSIC Ltd. website: www.osicltd.in only and the responsibility lies with the bidders to download the same before the last date of submission of bids. The authority reserve the right to accept or reject the bids in toto for supply of the item without any reason thereof.

By order of MD
Sd/-Manager(Mktg)

OIPR-14073/11/0029/2324



GOVERNMENT OF ODISHA

**OFFICE OF THE SUPERINTENDING ENGINEER, KANTABANJI (R&B) DIVISION**

e-mail ID: eerbkbj@rediffmail.com, Tel/Fax No.- 06657-220216

**Bid Identification No. 02/KBJ/2023-2024**

No. B-278: The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites item rate bid in Single Cover System in ONLINE MODE for the construction of works detailed in the table below from the contractor registered with the State Government ELBO and contractors of equivalent Grade/Class registered with ELBO for execution of Electrical Works. The proof of registration from the approprite authority shall be enclosed along with the bid.

1. No. of work : 02 Nos. (Single Cover)
2. Nature of work : Electrical work
3. Class of Contractor : HT & Specialized agency with associate electrical contractor having valid license from ELBO
4. Approximate value of work : Between 49.71 lakh & Rs.24.11 lakh
5. Tender Cost : Rs.6,000/- (for Single Cover)
6. Date and time of availability of Bid documents in online : From Dt.05.06.2023, 11.00 A.M. to Dt.18.06.2023 upto 05.00 P.M.
7. Date of Opening of Technical Bid (Cover-I) in Online : Dt.19.06.2023 at 11.30 A.M.
8. Other details can be seen in the bidding documents from the e-procurement portal "www.tendersodisha.gov.in".
9. The bidders have to participate in ONLINE bidding only. Further details can be seen from the website: "www.tendersodisha.gov.in". All future corrigendum will be available on ONLINE MODE only.

Sd./- Arjuna Behera, Superintending Engineer
Kantabanji (R&B) Division

OIPR-34099/11/0005/2324



GOVERNMENT OF ODISHA No.O-187:

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA**

Ph:06670-235504, Email:serwbpt@yahoo.com
Bid Identification No.:-BPT/Online-04/2023-24, Date:29.05.2023

**NOTICE INVITING TENDERS FOR ROAD WORKS IN ODISHA NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction & maintenance of Road Works under Improvement to Existing RD Roads & CUVDA in the District of Nuapada.
2. No. of Works : 03 Nos.
3. Location details : Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set.
7. Other details:

| Availability of tender for online bidding | | Last date & time for seeking tender clarification | Date and Time of opening of technical bid |
|---|---|---|---|
| From | To | | |
| 07.06.2023 11.00 A.M. | 27.06.2023 5.00 P.M. | 26.06.2023 | 28.06.2023 at 11.00 A.M. |

Further details can be seen from the website: www.tendersorissa.gov.in.

Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0006/2324



GOVERNMENT OF ODISHA
E-Procurement Notice

**OFFICE OF THE SUPERINTENDING ENGINEER SONEPUR (R&B) DIVISION, SONEPUR**

E-mail:eepwdsnpr@gmail.com, Phone:06654-221081

**BID IDENTIFICATION No. SE/R&B/SNPR/04/2023-24**
No.2625 // Dt.25.5.23

**No.B-281:** 1. The Superintending Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Single & Double Cover System in Online Mode for Building works detailed in the DTCN from the eligible Class of Contractors.

2. No. of Work : 05 (Five)
3. Tender Cost : Rs.10,000/- for Serial No. 1 & 2; Rs.6,000/- for Serial No. 3 to 5
4. Class of Contractor : "B" Class Contractor for Serial No. 1 & 2; "C & B" Class Contractor for Serial No.3; "D & C" Class Contractor for Serial No. 4 and 5
5. Date and Time available in website & receipt of Bids : From 10.00 AM of 06.06.2023 to 5.00PM of 21.06.2023.
6. Date of Opening of Tender: 22.06.2023 at 11.30 AM
7. The Bidders have to participate in Online bidding only further details can be seen from the website.
8. Any Corrigendum/Addendum will be displayed in the website www.tendersodisha.gov.in only.

Sd./- Superintending Engineer
Sonepur (R&B) Division, Sonepur
OIPR-34081/11/0006/2324



**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**

Nayapalli, Bhubaneswar - 751012

No. E-143

**Advertisement Reference No.2463, dated 24.05.2023**

**TRAINING OF GOVERNMENT DOCTORS**

Applications are invited as per the following criteria from interested and committed regular in service State Govt. MBBS doctors for 1 Year course of Post Graduate Diploma in Public Health Management for the year 2023-24. The candidates applying for the above courses must not have completed/undergone any PG degree, Diploma course in any subject or any such similar course viz LSAS /EmOC / USG Training / Chemotherapy / Mental Health / ICU / CPS Diploma etc.

| Name of the Training | Duration | Training Organizing Institute. | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 3 (Three) years of service completed and five years to retire as on 31st May'2023. |

All interested MBBS Doctors (OPSC confirmed) are requested to apply to the Director, SIHFW, Odisha, Nayapalli, Unit-8, Bhubaneswar-751012, through proper channel (CDM&PHO of the districts / Superintendent of Medical Colleges or respective authorities) in the prescribed format available on website www.sihfwodisha.nic.in / www.nhmodisha.gov.in / www.health.odisha.gov.in / www.odisha.gov.in through registered post, courier or in person. The application form can also be obtained from respective CDM&PHO office / Superintendent Govt. Medical Colleges. Last date for receipt of application is 26th June 2023. No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, phone no - 0674-2394336.

Sd/-
Director, SIH&FW (Odisha),
Bhubaneswar.

OIPR-10003/11/0034/2324



**कार्यपालक अभियंता का कार्यालय**
पथ निर्माण विभाग, पथ प्रमण्डल मनोहरपुर

**नेशनल कम्पीटिटिभ बिडींग (संशोधित ई०-निविदा आमंत्रण सूचना)**
पी० आर० सं०– 298692 West Singhbhum (23-24)D
संशोधित ई– निविदा आमंत्रण सूचना संख्या – RCD/MANOHARPUR/01/2023-24 दिनांक: 30.05.2023

| | | |
|---|---|---|
| 1. | कार्य का नाम :– | Construction of High Level RCC Bridge over local nala in 37th k.m. of Majhgaon-Jaintgarh-Noamundi road (MDR-184) |
| 2. | प्राक्कलित राशि (रूपये में) | रू० 3,47,19,411.86 (तीन करोड़ सैंतालीस लाख उन्नीस हजार चार सौ ग्यारह रूपये और छियासी पैसे) |
| 3. | कार्य समाप्ति की अवधि | 18 (अठारह) माह । |
| 4. | वेबसाईट पर निविदा प्रकाशन की तिथि एवं समय | 14.06.2023, 10.30 बजे पूर्वाह्न से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 21.06.2023, 3.00 बजे अपराह्न तक। |
| 6. | निविदा खुलने की तिथि एवं समय | 23.06.2023, 12.30 बजे अपराह्न। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर। |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर | 8809665333 |
| 9. | ई–निविदा आमंत्रण कोषांग का हेल्प लाईन नम्बर | 0651-2403007 |

नोट :– यूकैन निबंधित निविदाकार ही निविदा डाल सकते हैं। निविदा की राशि घट–बढ़ सकती है।
विस्तृत जानकारी हेतु वेवसाईट http://jharkhandtenders.gov.in पर देखें।

कार्यपालक अभियंता,
प०नि०वि०, पथ प्रमण्डल, मनोहरपुर

PR 298926 West Singhbhum (23-24)_D



**Bhubaneswar Development Authority**
Akash Shova Building, Pandit Jawaharlal Nehru Marg, Bhubaneswar-751001, Odisha
Telephone:(0674) 2396437, 2390998, 2392801, Fax:0674-2390633

No.18145 BDA, Bhubaneswar Date:31.05.2023
ALMT-V-(Rev)-190/2021

**NOTICE**

**No.CAD-815:** The Bhubaneswar Development Authority invites online applications in the prescribed format for allotment of 128 (One hundred twenty eight) flats in DAYA ENCLAVE (K9B), Plot No.1046 (pt), Khata No.683/1, Mouza:Bhagabanpur, Bhubaneswar (ORERA Registration Number-RP/19/2021/00456) through lottery. The basic descriptions of the flats are as follows:

| Type of Flat | Total Flats available | Carpet Area | Area of Balcony | Price (in Rs.) |
|---|---|---|---|---|
| Type -A | 80 | 638 Sq.ft | 47.23 Sq.ft | Rs.51,60,000/- |
| Type-B | 48 | 638 Sq.ft | 26.37 Sq.ft | Rs.49, 60,000/- |

**The allotment will be made through lottery only.**

- Receipt of Online application starts at 11.00 A.M. on 07.06.2023
- Receipt of Online application closes at 11.59 P.M. on 06.07.2023

For participation in the lottery, the applicants must obtain a Unique Account Number (UAN) by registering in the BDA website (www.bda.gov.in) and use this UAN for reference and future communication.

Applicants interested for participation in the lottery must submit duly filled in online applications latest by 06.07.2023, 11.59 P.M with all the required documents and proof of remittance of requisite Security Money for participation.

For any clarification in the matters of UAN and online application, the applicant may contact the help desk telephone No-0674-2396437. The intending applicant may also avail assistance from the e-Commerce Cell, BDA (Telephone No-0674-2392801) from 10.00 A.M to 5.30 P.M on working days.

Sd./- Secretary
Bhubaneswar Development Authority

OIPR-13033/11/0106/2324



**कार्यपालक अभियंता का कार्यालय, ग्रामीण विकास विशेष प्रमंडल, खूँटी**

**अति अल्पकालीन ई-पुनर्निविदा आमंत्रण सूचना**
ई० टेन्डर रिफरेन्स नम्बर– RDD/SD/KHUNTI/02/2023-24 (2ND Call)
P.R. No.-297188 RURAL DEVELOPMENT (2023-24).D

1. कार्य की विस्तृत विवरणी :– समेकित जनजाति विकास

| ग्रप सं0 | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | खूँटी | खूँटी जिला अन्तर्गत प्रखण्ड खूँटी के ग्राम टकरा में मिनी स्टेडियम का निर्माण। | 1,12,98,600/– | 2,26,000/– | 10,000/– | 12 माह |

1. वेबसाईट में निविदा प्रकाशन की तिथि :–05.06.2023 के अपराहण 2.00 बजे तक।
2. वेबसाईट में निविदा डालने की अंतिम तिथि :–12.06.2023 के अपराहृण 5.00 बजे तक ।
3. निविदा शुल्क, अग्रधन की राशि, शपथ पत्र की मूल प्रति जमा करने की अंतिम तिथि, स्थान एवं समय:–13.06.2023 अपराहृण 2.00 बजे तक। कार्यपालक अभियंता का कार्यालय, ग्रामीण विकास विशेष प्रमंडल, खूँटी।
4. निविदा खोलने की तिथि, स्थान एवं समय:–14.06.2023 अपराहृण 3.00 बजे। कार्यपालक अभियंता, ग्रामीण विकास विशेष प्रमंडल, खूँटी।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, खूँटी।
6. ई–निविदा प्रकोष्ठ का दूरभाष सं0– 6201188328
7. निविदा शुल्क राष्ट्रीयकृत बैंक द्वारा निर्गत बैंक ड्राफ्ट/बैकर्स चेक के रूप में कार्यपालक अभियंता, ग्रामीण विकास विशेष प्रमंडल, खूँटी के पक्ष जो खूँटी शाखा में भुगतेय होगा जो लौटाया नहीं जायेगा।
8. निविदादाता को यू–केन रजिस्ट्रेशन की फोटोकॉपी अपलोड करना अनिवार्य है।
9. प्राक्कलित राशि घट–बढ़ सकती है, तदनुसार अग्रधन की राशि देय होगी।

विस्तृत जानकारी के लिए वेबसाईट jharkhandtenders gov.in में देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल, खूँटी

PR 299049 Rural Development (23-24)_D







# ଦୁର୍ଘଟଣାସ୍ଥଳରେ ପଶ୍ଚିମବଙ୍ଗ ଟିମ୍

**କୋଲକାତା,୨।୬**

ବାଲେଶ୍ୱର ଜିଲା ବାହାନଗା ବଜାର ନିକଟରେ ଶୁକ୍ରବାର ଶାଲିମାର-କରମଣ୍ଡଳ ଏକ୍ସପ୍ରେସ୍ ଏକ ମାଲବାହୀ ଟ୍ରେନ୍ ସହ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାହାରେ ରହୁଥିବା ପଶ୍ଚିମବଙ୍ଗର ଅନେକ ଲୋକ ଆହତ ହୋଇଛନ୍ତି। ଆହତଙ୍କୁ ସହାୟତା ପାଇଁ ପଶ୍ଚିମବଙ୍ଗ ସରକାର ଏକ ଟିମ୍‌କୁ ଦୁର୍ଘଟଣାସ୍ଥଳକୁ ପଠାଇଛନ୍ତି। ମନ୍ତ୍ରୀ ମାନସ ଭୁନାଙ୍କ ନେତୃତ୍ୱରେ ଉକ୍ତ ଟିମ୍ ସେଠାରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ କରିଛନ୍ତି। ପଶ୍ଚିମବଙ୍ଗ ସରକାର ଓଡ଼ିଶା ସରକାର ଏବଂ ସାଉଥ୍ ଇଷ୍ଟର୍ନ ରେଲୱେ ସହ ସମନ୍ୱୟ ରଖି କାର୍ଯ୍ୟ କରୁଛି। ସରକାରଙ୍କ ପକ୍ଷରୁ ଏମର୍ଜେନ୍ସି କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯାଇଛି, ଯାହାର ଯୋଗାଯୋଗ ନମ୍ବର ହେଉଛି ୦୩୩-୨୨୧୪୩୫୨୬/୨୨୫୩୫୧୮୫।

ଜଣେ ରେଲୱେ ଅଧିକାରୀ କହିଛନ୍ତି, ଜାତୀୟ ବିପର୍ଯ୍ୟ ପ୍ରସମନ ବଳ (ଏନ୍‌ଡିଆର୍‌ଏଫ୍)ର ୫୨ ସଦସ୍ୟ ବିଶିଷ୍ଟ ଏକ ଟିମ୍‌କୁ ଦୁର୍ଘଟଣାସ୍ଥଳକୁ ପଠାଯାଇଛି। ରେଲୱେ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ୦୩୩-୨୬୩୮୨୨୭(ହାଓଡା), ୮୯୭୨୦୭୩୯୨୫(ଖଡ଼ଗପୁର), ୮୨୪୯୫୯୧୫୫୯ ଜାରି କରାଯାଇଛି।

> ଓଡ଼ିଶାର ବାଲେଶ୍ୱର ଜିଲାରେ ଟ୍ରେନ୍ ଦୁର୍ଘଟଣା ଖବର ପାଇ ମର୍ମାହତ। ମୃତକଙ୍କ ପରିବାରକୁ ସମବେଦନା। ଆହତମାନଙ୍କ ତ୍ୱରିତ ଆରୋଗ୍ୟ କାମନା କରୁଛି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି।
>
> **- ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

> ଶାଲିମାର-କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣା ବ୍ୟଥିତ କରିଛି। ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛି। ପ୍ରଭାବିତଙ୍କୁ ସବୁ ପ୍ରକାର ସହାୟତା ଦିଆଯାଉଛି। ମୃତକଙ୍କ ପରିବାରକୁ ସମବେଦନା ଜଣାଉଛି। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି।
>
> **- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଘଟଣା ଚକିତ କରିଦେଇଛି: ମମତା

ପଶ୍ଚିମବଙ୍ଗରୁ ଯାତ୍ରୀମାନଙ୍କୁ ନେଇଯାଉଥିବା କରମଣ୍ଡଳ ଏକ୍ସପ୍ରେସ୍ ବାଲେଶ୍ୱର ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଚକିତ କରିଦେଇଛି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ ଯୋଗେ କହିଛନ୍ତି। ଏହି ଦୁର୍ଘଟଣାରେ ଆମର ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ଆମେ ଓଡ଼ିଶା ସରକାର ଏବଂ ପୂର୍ବତଟ ରେଳପଥ ଅଧିକାରୀଙ୍କ ସହ ଯୋଗାଯୋଗ ଜାରି ରଖି ଉଦ୍ଧାର ଓ ସହାୟତା ନିମନ୍ତେ ପଦକ୍ଷେପ ନେଉଛି। ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ୦୩୩-୨୨୧୪୩୫୨୬/୨୨୫୩୫୧୮୫ ଜାରି କରାଯାଇଛି। ୫-୬ ଜଣିଆ ଟିମ୍‌କୁ ଘଟଣାସ୍ଥଳକୁ ପଠାଯାଉଛି। ସେମାନେ ଓଡ଼ିଶା ସରକାର ଓ ରେଲୱେ କର୍ତ୍ତୃପକ୍ଷଙ୍କ ଦ୍ୱାରା ହେଉଥିବା ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବେ। ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସେ ନିଜେ ଅନୁଧ୍ୟାନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ବାନାର୍ଜୀ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

## ଅନ୍ଧାର ଭିତରେ ସ୍ଥିତି ଭୟଙ୍କର ଥିଲା

ମୁଁ କରମଣ୍ଡଳରେ ହାୱଡ଼ାରୁ ଘରକୁ ଫେରୁଥିଲି। ଟ୍ରେନ୍‌ଟି ବାହାନଗା ଷ୍ଟେଶନର କିଛି ବାଟ ଯିବାପରେ ହଠାତ୍ ଧକ୍କା ହେବା ଭଳି ଶବ୍ଦ ଶୁଭାଯାଇଥିଲା। ମୋ ସହ ଟ୍ରେନ୍ ଭିତରେ ଥିବା ସମସ୍ତ ଯାତ୍ରୀ ପରସ୍ପର ସହ ଧକ୍କା ହୋଇ ଛିଟିକି ପଡିଥିଲେ। କିଛି ଭାବିବା ପୂର୍ବରୁ ଟ୍ରେନ୍‌ଟି ଓଲଟି ପଡିଥିଲା। ଅଧିକାଂଶ ଯାତ୍ରୀ ବଗି ତଳେ ଚାପି ହୋଇଥିବାବେଳେ ମୁଁ ବଗି ପାଖରେ ପଡିଯାଇଥିଲି। ସେହି ସ୍ଥାନଟି ଅନ୍ଧାର ହୋଇଥିବାରୁ କିଛି ଜଣାପଡୁ ନ ଥିଲା। ଖାଲି କାନ୍ଦ ବୋବାଳି ଶୁଭୁଥିଲା। ମୋତେ ବଞ୍ଚେଇ ଦିଅ ବୋଲି ଚିତ୍କାର କରୁଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ମୁଁ ଉଦ୍ଧାର ହୋଇ ହସ୍ପିଟାଲରେ ପହଞ୍ଚିଛି। ମୋ ମୁଣ୍ଡରେ ଆଘାତ ଲାଗିଥିବାବେଳେ ଗୋଡ ମଧ୍ୟ ଭାଙ୍ଗି ଯାଇଛି।

**- ଯଜ୍ଞଦତ୍ତ ରାଉତ, ଭଦ୍ରକ (ଦୁର୍ଘଟଣାଗ୍ରସ୍ତ କରମଣ୍ଡଳ ଯାତ୍ରୀ)**














# ମେ'ରେ ସୋନାଲିକାର ୧୩,୭୦୨ ୟୁନିଟ୍ ବିକ୍ରି



**ନୂଆଦିଲ୍ଲୀ,୨।୬**

ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ ସୋନାଲିକା ଟ୍ରାକ୍ଟର ଚଳିତ ବର୍ଷ ମେ' ମାସରେ ୧୩,୭୦୨ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି। ଏପରିକି ୨୦୨୩ ମେ' ମାସରେ ବ୍ରାଣ୍ଡ୍ ୧୧.୪୨%ର ଘରୋଇ ଅଭିବୃଦ୍ଧି ହାସଲ କରିଥିବା ବେଳେ ଶିଳ୍ପ ଅଭିବୃଦ୍ଧିରେ ୪ ଗୁଣ (ହାରାହାରି ୨.୭%) ଅଧିକ । ଅପରପକ୍ଷରେ ବ୍ରାଣ୍ଡ୍ ୨୦୨୨ ମେ ମାସରେ ୧୨,୬୧୫ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଥିଲା। ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଚଳିତ ବର୍ଷ ମେ' ମାସରେ ଆମେ ସର୍ବାଧିକ ୧୩,୭୦୨ଟି ଟ୍ରାକର ବିକ୍ରି ସହ ଘରୋଇ ଶିଳ୍ପ ଅଭିବୃଦ୍ଧି ତୁଳନାରେ ୪ ଗୁଣ ଅଧିକ ବୃଦ୍ଧି ହାସଲକରି ଖୁସି ଅନୁଭବ କରୁଛୁ। ଏପରିକି ଏହି ସଫଳତା କୃଷକଙ୍କ ସମୃଦ୍ଧି ପାଇଁ ଭାରତରେ କୃଷି ଭିତ୍ତିଭୂମିକୁ ରୂପାନ୍ତର କରିବା ଓ ଆଗକୁ ବଢ଼ାଇବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ସୂଚିତ କରୁଛି। ସେହିଭଳି ବ୍ରାଣ୍ଡର ଉତ୍ପାଦ ଶୃଙ୍ଖଳା ଓ ସମ୍ବନ୍ଧିତ କୃଷି ଟେକ୍ନୋଲୋଜି କ୍ଷେତ୍ରରେ ଆମର ନିରନ୍ତର ଉନ୍ନତୀକରଣ କମ୍ପାନୀକୁ ପ୍ରଗତିଶୀଳ ଅଭିବୃଦ୍ଧି ହାସଲ କରିବା ପାଇଁ ସଶକ୍ତ କରୁଛି। ବିଶେଷକରି କୃଷକମାନେ ଯେପରି ଉତ୍ପାଦକତା ଓ ଲାଭର ନୂତନ ସ୍ତରରେ ପହଞ୍ଚିବେ ତାହା ସୁନିଶ୍ଚିତ କରିବା ଜାରି ରଖିବୁ। ଉଲ୍ଲେଖଯୋଗ୍ୟ, ସୋନାଲିକା କୃଷି ଯାନ୍ତ୍ରିକୀକରଣର ବିସ୍ତୃତ ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଉଛି। କାରଣ ବର୍ତ୍ତମାନ ସୁଦ୍ଧା ଭାରତରେ ପ୍ରାୟ ୪୫% କୃଷିର ଯାନ୍ତ୍ରିକୀକରଣ ହୋଇଛି।

# ଟିଏମ୍‌ସିକୁ ୧୨୦୦କୋଟିର ସହାୟତା

**ନୂଆଦିଲ୍ଲୀ,୨।୬**

ଆଇସିଆଇସିଆଇ ବ୍ୟାଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଟାଟା ମେମୋରିଆଲ ସେଣ୍ଟର(ଟିଏମ୍‌ସି)କୁ ୧୨୦୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ଲାଗି ଘୋଷଣା କରାଯାଇଛି। ବିଶେଷ କରି କ୍ୟାନ୍‌ସର ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ଉକ୍ତ ଅର୍ଥ ବିନିଯୋଗ ସହ ୭.୫ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ୩ଟି ନୂଆ କୋଠା ସ୍ଥାପନ କରାଯିବ। ସେହିଭଳି ମହାରାଷ୍ଟ୍ରର ନଭି ମୁମ୍ବାଇ, ପଞ୍ଜାବର ମୁଲାନପୁର ଓ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଥିବା ଟିଏମ୍‌ସିକୁ ଅତ୍ୟାଧୁନିକ ମେଶିନ ପ୍ରଦାନ କରିବା ଲାଗି ବ୍ୟାଙ୍କର ସିଏସ୍‌ଆର୍ ପାଣ୍ଠିରୁ ଉକ୍ତ ଅର୍ଥରାଶି ପ୍ରଦାନ ସହ ଆଇସିଆଇସିଆଇ ବ୍ୟାଙ୍କର ସିଏସ୍‌ଆର୍ ଶାଖା ଆଇସିଆଇସିଆଇ ଫାଉଣ୍ଡେଶନ ଫର୍ ଇନ୍‌କ୍ଲୁସିଭ୍ ଗ୍ରୋଥ୍ (ଆଇସିଆଇସିଆଇ ଫାଉଣ୍ଡେଶନ) ପକ୍ଷରୁ ଉକ୍ତ ଅଭିଯାନକୁ କାର୍ଯ୍ୟକାରୀ କରାଯିବ ଓ ୨୦୨୭ ସୁଦ୍ଧା ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ମିଳିତ




ଆଶା ପ୍ରକଟ କରାଯାଉଛି। ଏପରିକି ଉଭୟ ଆଇସିଆଇସିଆଇ ବ୍ୟାଙ୍କ ଓ ଟିଏମ୍‌ସି ମଧ୍ୟରେ ଏ ନେଇ ଏକ ରାଜିନାମା ହୋଇଥିବା ଜଣାପଡ଼ିଛି। ଆଇସିଆଇସିଆଇ ଫାଉଣ୍ଡେଶନର ସଭାପତି ସଞ୍ଜୟ ଦତ୍ତା ଏବଂ ଟିଏମ୍‌ସିର ନିର୍ଦ୍ଦେଶକ ଡା. ଆର୍.ଏ. ବଡ୍‌ୱେ ଉକ୍ତ ରାଜିନାମାରେ ସ୍ୱାକ୍ଷର କରିଥିବା ବେଳେ ଆଇସିଆଇସିଆଇ ବ୍ୟାଙ୍କର ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ଚତୁର୍ବେଦୀ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ବାତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ମୁମ୍ବାଇର ପରେଲ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଆଇସିଆଇସିଆଇ ଏମ୍‌ଆର୍‌ଆଇ ସେଣ୍ଟରକୁ ମଧ୍ୟ ଚତୁର୍ବେଦୀ ଉଦ୍‌ଘାଟନ କରିଥିଲେ।

ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର ଅଧ୍ୟକ୍ଷ ଚତୁର୍ବେଦୀ କହିଛନ୍ତି, ଦେଶର ସେବା ପାଇଁ ଆଇସିଆଇସିଆଇ ବ୍ୟାଙ୍କର ଏକ ସୁଦୀର୍ଘ ପରମ୍ପରା ରହିଛି। ସେହି ଦର୍ଶନ ଅନୁସାରେ ଆଇସିଆଇସିଆଇ ଫାଉଣ୍ଡେଶନ ପରିବେଶ ସଂରକ୍ଷଣ, ନିରନ୍ତର ଜୀବନଜୀବିକା ପାଇଁ ଦକ୍ଷତା ବିକାଶ, ସୁଲଭ ସ୍ୱାସ୍ଥ୍ୟସେବା ଓ ଗୋଷ୍ଠୀ ବିକାଶ ପ୍ରକଳ୍ପ ଜରିଆରେ ନାଗରିକମାନଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ନିରନ୍ତର ଭାବେ କାର୍ଯ୍ୟ କରୁଛି।

# ଏନ୍‌ଆର୍‌ଡିସି ସହ ସୋଆର ରାଜିନାମା

**ନୂଆଦିଲ୍ଲୀ,୧।୬**

ଭାରତ ସରକାରଙ୍କ ପ୍ରମୁଖ ଗବେଷଣା ସଂସ୍ଥା ନ୍ୟାଶନାଲ ରିସର୍ଚ୍ଚ ଡେଭଲପମେଣ୍ଟ କର୍ପୋରେଶନ(ଏନ୍‌ଆର୍‌ଡିସି) ସହ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଏକ ଦ୍ୱିପାକ୍ଷିକ ରାଜିନାମା ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସୋଆର ଗବେଷକମାନେ ଏକ ବିଶେଷ ଗବେଷଣା ଦ୍ୱାରା ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟାର ନିରାକରଣ ନିମନ୍ତେ ସରଳ, ବ୍ୟୟସାପେକ୍ଷ ଏବଂ ଅଭିନବ ଫାର୍ମାସ୍ୟୁଟିକାଲ ସୂତ୍ରର ଉଦ୍ଭାବନ କରିଛନ୍ତି। ଏପରିକି ଉକ୍ତ ଫର୍ମୁଲେଶନଗୁଡ଼ିକ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ବେଶ୍ ଉପଯୋଗୀ । ଏହି ପରିପ୍ରେକ୍ଷୀରେ ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନ୍‌ଆର୍‌ଡିସି ମଧ୍ୟରେ ଏକ ଟେକ୍ନୋଲୋଜି ଲାଇସେନ୍ସିଂ ଏଗ୍ରିମେଣ୍ଟ ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ସୋଆ ଗବେଷକଙ୍କ ଦ୍ୱାରା ବିକଶିତ କରାଯାଇଥିବା ସୂତ୍ରଗୁଡ଼ିକ ଦ୍ୱାରା ଶୁଷ୍କ ଆଖି ଓ ଗଳାରେ ସଂକ୍ରମଣ ଏବଂ ଦୀର୍ଘକାଳୀନ କ୍ୟାନ୍‌ସର ଚିକିତ୍ସାକୁ ସହଜ କରିବା ସମ୍ଭବ ହୋଇପାରିବ ବୋଲି ଉକ୍ତ ଗବେଷଣା ଟିମ୍‌ର ନେତୃତ୍ୱ ନେଇଥିବା ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍ (ଏସ୍‌ପିଏସ୍) ସୋଆର ପ୍ରଫେସର ଗୌତମ ରଥ ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଅପରପକ୍ଷରେ ଇ-କମର୍ସ ପ୍ଲାଟ୍‌ଫର୍ମ ଗ୍ରୀନ୍ ଜିଭା ସହିତ ନିକଟରେ ସୋଆ ସହଭାଗିତା ଆରମ୍ଭ କରିଛି। ଭାରତୀୟ ଉତ୍ପାଦନକୁ ଗୁରୁତ୍ୱ ଦେଇ ପ୍ରାକୃତିକ ପଦାର୍ଥକୁ ନେଇ ଗବେଷଣାକୁ ପ୍ରୋତ୍ସାହିତ କରୁଥିବା ଲକ୍ଷ୍ୟରେ ଉକ୍ତ ସଂସ୍ଥା କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସୋଆ ଟିମ୍ ନିରନ୍ତର ଭାବେ ସୁରକ୍ଷିତ, ପ୍ରଭାବୀ, ସ୍ଥିର ଏବଂ କମ୍ ଖର୍ଚ୍ଚରେ ଟେକ୍ନୋଲୋଜି ଯୋଗାଇଦେବା ନିମନ୍ତେ ଡ୍ରଗ୍ ଡେଲିଭରି, ପ୍ରୋବାୟୋଟିକ୍ସ, ପ୍ରାକୃତିକ ପଦାର୍ଥ, ନାନୋ ଟେକ୍ନୋଲୋଜି, ଫାର୍ମାସ୍ୟୁଟିକାଲ୍ ଏବଂ ଖାଦ୍ୟ ପଦାର୍ଥ ବିକାଶ ଦିଗରେ କାର୍ଯ୍ୟ କରୁଛି। ଉଲ୍ଲେଖଯୋଗ୍ୟ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରଫେସର ରଥ ଓ ତାଙ୍କ ଟିମ୍‌କୁ ଉକ୍ତ ଟେକ୍ନୋଲୋଜିର ବିକାଶ ଦିଗରେ କାର୍ଯ୍ୟ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି। ଟେକ୍ନୋଲୋଜିର ଆଦାନପ୍ରଦାନ, ଅଭିନବ ଓ ଇଣ୍ଟର ଡିସିପ୍ଲିନାରି ଗବେଷଣା ଦ୍ୱାରା ଟେକ୍ନୋଲୋଜିର ବିକାଶ ଏବଂ ଶିଳ୍ପକୁ ହସ୍ତାନ୍ତର ଦିଗରେ କାର୍ଯ୍ୟ କରିବା ଉପରେ ପ୍ରଫେସର ନନ୍ଦ ଗୁରୁତ୍ୱ ଦେଇଥିଲେ।

## ଫୁରସତ୍



# ପ୍ରଥମ ଫିଲ୍ମ ପାଇଁ ନିଜର ଓଜନ କମାଇଥିଲେ ସୋନାକ୍ଷୀ

**ମୁମ୍ବାଇ:** ବଲିଉଡର ଦବଙ୍ଗଗର୍ଲ ଭାବେ ପରିଚିତ ସୋନାକ୍ଷୀ ସିହ୍ନା ଶୁକ୍ରବାର ତାଙ୍କର ୩୬ ତମ ଜନ୍ମଦିନ ପାଳନ କରିଛନ୍ତି। ୨ ଜୁନ ୧୯୮୭ରେ ସୋନାକ୍ଷୀଙ୍କର ଜନ୍ମ ବିହାରର ପାଟନାରେ ହୋଇଥିଲା। ବଲିଉଡର ନାଁ କରା ଅଭିନେତା ଶତ୍ରୁଘ୍ନ ସିହ୍ନା ଓ ପୁନମ ସିହ୍ନାଙ୍କର ଝିଅ ହେଉଛନ୍ତି ସୋନାକ୍ଷୀ। ସେ ୨୦୦୫ରେ ଫିଲ୍ମ 'ମେରା ଦିଲ୍ ଲେକର ଦେଖୋ'ରେ କଷ୍ଟ୍ୟୁମ ଡିଜାଇନର ଭାବେ ବଲିଉଡରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ବହୁତ କମ୍ ଲୋକ ଜାଣନ୍ତି କି ସୋନାକ୍ଷୀ ଫିଲ୍ମରେ ଅଭିନୟ କରିବା ପୂର୍ବରୁ ମଡେଲ ଭାବେ କାମ କରୁଥିଲେ। ୨୦୦୮-୨୦୦୯ରେ ସୋନାକ୍ଷୀ ଲାକ୍‌ମେ ଫ୍ୟାଶନ ୱିକରେ ର୍‌ୟାମ୍ପରେ ଚାଲିଥିଲେ। ଏହା ପରେ ୨୦୧୦ରେ ସଲମାନ ଖାନ୍‌ଙ୍କ ସହ ମୁଭି 'ଦବଙ୍ଗ'ରୁ ବଲିଉଡରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ଏହା ସୁପରହିଟ୍ ହେବା ସହ ଏହି ମୁଭି ପାଇଁ ସୋନାକ୍ଷୀ ଫିଲ୍ମ ଫେୟାର ବେଷ୍ଟ ଡେବ୍ୟୁ ଆୱାର୍ଡ ହାତେଇଥିଲେ। ବହୁତ କମ୍ ଲୋକ ଜାଣନ୍ତି ଫିଲ୍ମ 'ଦବଙ୍ଗ' ପାଇଁ ସୋନାକ୍ଷୀ ୩୦ କିଲୋ ଓଜନ କମାଇଥିଲେ। ଆଉ ସେହି ବର୍ଷ ହିଁ ମ୍ୟାକ୍ସିମ ମାଗାଜିନର ଇଣ୍ଡିଆନ ଏଡିସନରେ କଭର ଗର୍ଲ ହୋଇଥିଲେ। ଏହା ପୂର୍ବରୁ ତାଙ୍କ ଓଜନ ୯୦ କିଲୋ ଥିଲା ଯାହା ସମସ୍ତଙ୍କୁ ଚମକାଇ ଦେଇଥିଲା।

# କାଠରୁ ପ୍ରସ୍ତୁତ ହେଉଛି ଆଲକହଲ





**ଟୋକିଓ:** ଅଙ୍ଗୁର, ଆଖୁ, ମକା, ଆଳୁ, ଚାଉଳ କିମ୍ବା ମହୁଲରୁ ପ୍ରସ୍ତୁତ ୱିସ୍କି, ମଦ, ଭୋଡକା କିମ୍ବା ବିଅର ସମ୍ପର୍କରେ ଜାଣିଥିବେ। କିନ୍ତୁ ବର୍ତ୍ତମାନ ଜାପାନ କାଠରୁ ଆଲକହଲ ପ୍ରସ୍ତୁତ କରିବାର ଉପାୟ ବାହାର କରିଛି। ଯଦି ଜାପାନ ବିଶେଷଜ୍ଞଙ୍କ ଏହି ଦାବି ଠିକ ହୁଏ ତେବେ ଆଲକହଲ ତିଆରି କରିବାର ଉପାୟ ସମଗ୍ର ବିଶ୍ୱରେ ପରିବର୍ତ୍ତନ ହେବ ତାହା ନୁହେଁ, ବରଂ ବୃକ୍ଷ ରୋପଣର ଗତି ମଧ୍ୟ ବୃଦ୍ଧି ପାଇବ। ଜାପାନର ତାହୋକାରେ ୧୬୦୦ ମସିହାରେ ଏକ ଗଛ ଲଗାଯାଇଥିଲା, ଯାହାର ନାମ ସିଦାର। ୧୯୧୬ରେ ଏହି ଗଛରୁ ଧଳା ତରଳ ପଦାର୍ଥ ବାହାରିବାକୁ ଲାଗିଲା। ଏହି ଗଛରୁ ୩୫ଲିଟରରୁ ଅଧିକ ଧଳା ତରଳ ପଦାର୍ଥ ବାହାରିଥିଲା। ତେବେ ଜାପାନର ବିଶେଷଜ୍ଞମାନେ ବର୍ତ୍ତମାନ ଏହି ତରଳ ପଦାର୍ଥରୁ ଆଲକହଲ ପ୍ରସ୍ତୁତ କରିବାର ଉପାୟ ବାହାର କରିଛନ୍ତି। ସେମାନେ କହିଛନ୍ତି, ସିଦାର ଏବଂ ଚେରି ଗଛର କାଠରୁ ମେଥାନଲ ମିଳିଥାଏ, ଯାହା ପିଇବା ଯୋଗ୍ୟ ନୁହେଁ। ଏହା ଶରୀର ପାଇଁ କ୍ଷତିକାରକ। ବିଶେଷଜ୍ଞଙ୍କ ଅନୁଯାୟୀ, ରଙ୍ଗ ଏବଂ ପ୍ଲାଷ୍ଟିକ ତିଆରି ପାଇଁ ମେଥାନଲ ବ୍ୟବହାର କରାଯାଏ। ଏଥିସହ ଇନ୍ଧନ ତିଆରିରେ ମଧ୍ୟ ଏହା ବ୍ୟବହୃତ ହୋଇଥାଏ। ଗଛର କାଠରୁ ମିଳୁଥିବା ମେଥାନଲ ବିଷାକ୍ତ ହୋଇଥାଏ ଯାହାକୁ ପିଇବା ଦ୍ୱାରା ବ୍ୟକ୍ତି ଦୃଷ୍ଟିହୀନ କିମ୍ବା ସଙ୍ଗେସଙ୍ଗେ ମୃତ୍ୟୁ ଘଟିଥାଏ। ମଦ ତିଆରିରେ ମେଥାନଲ ବ୍ୟବହାର କରାଯାଏ। ଜାପାନର ବିଶେଷଜ୍ଞମାନେ କାଠରୁ ମେଥାନଲ ବାହାର କରିବା ପାଇଁ ଏକ ସ୍ୱତନ୍ତ୍ର ପଦ୍ଧତି ଆପଣାଇଛନ୍ତି। ସେ ପ୍ରଥମେ କାଠର ପେଷ୍ଟ ତିଆରି କରିଛନ୍ତି। ପରେ ଏହି ପେଷ୍ଟରେ ଇଷ୍ଟ ଏବଂ ଏନ୍‌ଜାଇମ ମିଶାଇ ଏକ କମ୍ପୋଜିଶନ ପ୍ରସ୍ତୁତ କରନ୍ତି। ତେବେ ଏହି ତରଳ ପଦାର୍ଥରେ ୧୫ ପ୍ରତିଶତ ଆଲକହଲ ରହିଛି। ଅନୁସନ୍ଧାନକାରୀଙ୍କ ଏହି ଆବିଷ୍କାର ପରେ ଜାପାନର ବନ ବିଭାଗ ଏବଂ ବନଜାତ ଦ୍ରବ୍ୟ ଅନୁସନ୍ଧାନ ପ୍ରତିଷ୍ଠାନ ବର୍ତ୍ତମାନ କାଠରୁ ଆଲକହଲ ତିଆରି କରିବାର ସମ୍ପୂର୍ଣ୍ଣ କୌଶଳ ପ୍ରସ୍ତୁତ କରିସାରିଛନ୍ତି। ଏହି ଆଲକହଲ ଯେତେ ପୁରୁଣା ହେବ ସେତେ ଅଧିକ ନିଶା ଚଢ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ବିଶ୍ୱର ସବୁଠୁ ଶୀତଳ ସ୍ଥାନ

**ରୁଷିଆ:** ଗ୍ରୀଷ୍ମ ଋତୁରେ ଗରମରୁ ତ୍ରାହି ପାଇବା ପାଇଁ ସମସ୍ତେ ଥଣ୍ଡା ସ୍ଥାନକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତି। କିନ୍ତୁ ଜାଣନ୍ତି କି ଦୁନିଆର ସବୁଠାରୁ ଥଣ୍ଡା ସ୍ଥାନ କେଉଁଠି ? ଏପରିକି ଲୋକେ ବରଫ ତରଳାଇ ପାଣି ପିଇଥାନ୍ତି। ଓମୟାକନ ହେଉଛି ବିଶ୍ୱର ସବୁଠାରୁ ଥଣ୍ଡା ସ୍ଥାନ, ଯାହା ରୁଷିଆରେ ଅବସ୍ଥିତ। ଏଠାରେ ତାପମାତ୍ରା ମାଇନସ ୭୦ ଡିଗ୍ରୀକୁ ଖସିଆସେ। ଏହା ସତ୍ତ୍ୱେ ଏଠାରେ ପ୍ରାୟ ୫୫୦ ଲୋକ ବାସ କରନ୍ତି। ଏଠାରେ ଗରମ ଦିନରେ ତୁଷାରପାତ ହୋଇଥାଏ।

# ବାଂଲାଦେଶରେ ରିଲିଜ ହେବ ସଲମାନଙ୍କ ମୁଭି



**ମୁମ୍ବାଇ:** ବଲିଉଡ ଭାଇଜାନ ସଲମାନ ଖାନ୍‌ଙ୍କ ମୁଭି 'କିସି କା ଭାଇ କିସି କି ଜାନ' ଇଦ୍ ଅବସରରେ ୨୧ ଏପ୍ରିଲ ୨୦୨୩ରେ ରିଲିଜ ହୋଇଥିଲା। ମୁଭିକୁ ବକ୍ସ ଅଫିସରେ ଭଲ ରେସପନ୍ସ ବି ମିଳିଥିଲା। ଏବେ ଏହି ମୁଭି ବାଂଲାଦେଶରେ ରିଲିଜ ହେବାକୁ ପ୍ରସ୍ତୁତ ହେଉଛି। ଏହାକୁ ନେଇ ବାଂଲାଦେଶରେ ଥିବା ସଲମାନଙ୍କ ପ୍ରଶଂସକମାନେ ଖୁବ୍ ଉତ୍ସାହିତ ହୋଇ ପଡିଛନ୍ତି।

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-804: **Short Notice**
**(For Sale of unsold ore produced by ex-lessees in the auctioned mines in Odisha under Koira & Joda Mining Circle)**
The Odisha Mining Corporation Ltd. intends to Sale the unsold ore produced by ex-lessees in the auctioned mines in Odisha under Koira & Joda Mining Circle through National e-auction which will be conducted by MSTC Ltd. The e-auction shall be held from **11.00 AM to 2.00 PM on dt. 08.06.2023.**
For details, please visit the website of MSTC i.e www.mstcecommerce.com
**General Manager (S&M)**

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**Short Notice**
**(For Sale of Seized Material lying at different Mining Circle)**
The Odisha Mining Corporation Ltd. intends to sell the different grade of seized material lying at different Mining Circle through National e-auction which will be conducted by MSTC Ltd. The e-auction shall be held from **11.00 AM to 2.00 PM on dt. 08.06.2023.**
For details, please visit the website of MSTC i.e www.mstcecommerce.com
OIPR-30005/11/0044/2324 **General Manager (S&M)**

**ADVERTISEMENT FOR PROVIDING "SYSTEM INTIGRATOR FOR DEVELOPMENT AND IMPLEMENTATION OF SMART QUEUE MANAGEMENT SYSTEM [SQMS]" TO BHIMA BHOI MEDICAL COLLEGE & HOSPITAL, BALANGIR**
**No.E-159:**Sealed Tender is invited from organization/firms/ Agencies for "Providing System Integrator for Development and Implementation of Smart Queue Management System [SQMS]" to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt. 23.06.2023 upto11.00 A.M. in the office of the Superintendent, BBMC&H, Balangir. The details and terms & condition can be downloaded from https://bbmchbalangir.nic.in. www.dmetodisha.gov.in.
**Sd./- Superintendent**
**Bhima Bhoi Medical College & Hospital, Balangir**
OIPR-10141/11/0004/2324

**OFFICE OF THE NOTIFIED AREA COUNCIL, ASKA (GANJAM)**
(Email: askanac@gmail.com, Ph. No.: 06822-273068)
Letter No. 1773 Date: 01.06.2023
**CORRIGENDUM**
**Call Notice No. 1713 Dtd.26.05.2023 & 1744 Dtd.12.06.2023**
No. C-475: The time given for opening of quotations invited vide this office Letter No. 1713 Dtd.26.05.2023 for supply of one JCB 2DX Right backhoe Loader & vide office Letter No. 1744 Dtd.30.05.2023 for supply of 6 Seater Ecco Buggy are 11.30 A.M. on 08.06.2023 & 11.30 A.M. on 12.06.2023 instead of 11.30 P.M. on both the days. Other terms & conditions laid down in the said quotation call notice will remain same.
OIPR-13181/11/0008/2324 Sd./- Executive Officer, N.A.C., Aska

GOVERNMENT OF ODISHA "e"-PROCUREMENT NOTICE
**OFFICE OF THE BLOCK DEVELOPMENT OFFICER, NAYAGARH**
**P.R.& D.W DEPARTMENT**
**Tender Call Notice**
**E-mail- ori-bnayagarh@nic.in**
**Tender Call Notice No.online02/2023-24**
**Letter No. 1514, Dated:30.05.2023**
**Bid Identification No. B.D.O., Nayagarh-Online 02/2023-24**
**No.i-151:**The Block Development Officer, Nayagarh on behalf of Governor of Odisha inviting percentage rate bid in single cover system in ONLINE MODE form eligible contractors for construction of Building work as detailed in the table below:
1. Nature of Work : Building Works
2. No. of Work : 2 Nos.
3. Tender Cost & EMD : As mentioned in DTCN
4. Class of Contractor: As mentioned in DTCN
5. Available of Bid document in : From Dt.03.06.2023, 11.00 AM, Dt.15.06.2023 the Website upto 5.00 PM.
6. Date of Opening of Bid : Dt.16.06.2023 at 11.00 AM
7. The have to participate in ONLINE bidding only. Further details can be seen from the website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.
**Sd./- Block Development Officer, Nayagarh**
OIPR-19297/11/0003/2324

**OFFICE OF THE DISTRICT MANAGER** Annexure-II
**ODISHA STATE CIVIL SUPPLIES CORPORATION LIMITED, JAJPUR**
**Email id:-csojajpur013@gmail.com, M.No.:-9438200043**
**District Website : www.jajpur.nic.in**
**Tender No.2124 Dt.01.06.2023**
**No.2125 Dt.01.06.2023**
**No.CAD-801:District Manager, Odisha State Civil Supplies Corporation Ltd, Jajpur** invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of (i) Level-1 Transport Contractor for transportation of foodgrains from FSD, FCI to RRCs (ii) Handling Contractor (Labour Works) for Handling of Foodgrains (Rice, Wheat) at the RRCs (except in those PEG godowns where godown owner is undertaking handling work) in the district of the State of Odisha |
| 2 | Availability of bid document in the portal | From 02.06.2023 at 11:00 AM |
| 3 | Last Date & Time for receipt of bids in the portal | Dt. 17.06.2023 upto 05:00 PM |
| 4 | Date/Time of Opening of Technical Bid | Dt. 19.06.2023 at 11:30 AM |
| 5 | Name and address of the Officer Inviting Tender | District Manager, OSCSC Ltd, Jajpur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
**Sd./- District Manager**
**OSCSC Ltd., Jajpur**
OIPR-07016/11/0003/2324

**DIRECTORATE OF GROUND WATER DEVELOPMENT, ODISHA**
**OFFICE OF THE EXECUTIVE ENGINEER, GWD DIVISION - I**
HP Building, Unit - VIII, Delta Square, Bhubaneswar - 12
[e-mail: odishagwhp3@gmail.com]
**INVITATION FOR BIDS (IFB)**
**e-Procurement Notice: 3467 Date: 30.05.2023**
**Bid Identification No. 01/GWDHPD/CHHATA/2023-24**
**(Single - Envelope Bidding Process)**
No. A-194: Executive Engineer, GWD Division-I, Unit - VIII, Delta Square, Bhubaneswar on behalf of Governor of Odisha invites bids from bidders Class "C" & "D" (As per latest OPWD codal provisions) registered with the State Government and bidders of equivalent Grade/Class registered with Central Government/MES/Railways for the construction of works following work.
Bids must be submitted online on or before 16.06.2023 at 11.00 hrs. IST (System server time). Proposals will be opened online on 16.06.2023 at 12.00 hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the RFP will be viable in the procurement portal **'www.tendersodisha.gov.in'**.

| Sl. No. | Description | Details |
|---|---|---|
| | | Construction of 5 Nos RRHS under CHHATA Scheme in Bolagarh Block of Khurdha District Bid Id: 01/ GWDHPD/CHHATA/2023-24 |
| 2 | Start Date of availability of Bid document online (Bid download) | 03.06.2023 from 11.00 hrs. |
| 3 | Last date of availability of bid document online (Bid download/Sale end Date) | 16.06.2023 upto 11.00 hrs. |
| 4 | Last date and time for receipt of bid document (Bid submission End date & time) | 16.06.2023 upto 11.00 hrs. |
| 5 | Date & time of opening of Bid document (bid opening date) | 16.06.2023 upto 12.00 hrs. |

OIPR-32462/11/0004/2324 **Executive Engineer**
**GWD Division-I, Bhubaneswar**

**O/o THE DIVISIONAL FOREST OFFICER-CUM- DMU CHIEF**
**SUNDARGARH FOREST DIVISION, SUNDARGARH**
At/Po/Dist- Sundargarh, Pin-770001, Odisha
**HIRING OF FMU COORDINATOR FOR ODISHA FORESTRY SECTOR DEVELOPMENT PROJECT, PHASE-II (OFSDP-II)**
**No.MM-42:**Divisional Forest Officer-cum-DMU Chief, Sundargarh Forest Division invite application from suitable candidates for the following position under Sundargarh Forest Division, for working in the Odisha Forestry Sector Development Project, Phase-II.

| Forest Division | Name of the Post | Vacancy |
|---|---|---|
| Sundargarh | **FMU Coordinator** (Microplaning & Livelihood Support) | 2 |
| | **FMU-Coordinator** (Training & Process Documentation) | 1 |

Interested candidates may obtain Term of Reference and the Application Form from O/o the Divisional Forest Officer-cum-DMU Chief, Sundargarh Forest Division, during the office hours or may download from the website http://ofsds.in/. Filled in application complete in all respect along with Bank Draft for Rs.500/- (Five hundred) in favour of Divisional Forest Officer-cum-DMU Chief, Sundargarh, payable at Sundargarh, should reach O/o the Divisional Forest Officer-cum-DMU Chief, Sundargarh on or before 16.06.2023, 5.00 P.M by registry post/ speed post /courier only.
**Sd./- Divisional Forest Officer-cum-DMU Chief**
**Sundargarh Forest Division**
OIPR-08034/11/0001/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩ ଜୁନ୍, ୨୦୨୩




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଟିଢୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆହାନ ମିଶ୍ର ରନରଅପ୍


ପୁରସ୍କାର ସହ ଆହାନ ମିଶ୍ର (ବାମ)।

**ଭୁବନେଶ୍ୱର, ୨।୬ (କ୍ରୀଡ଼ା ପ୍ରତିନିଧି):** ପଞ୍ଜାବର ଜସୋୱାଲଠାରେ ୨୯ ମେ'ରୁ ୨ ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ଏଆଇଟିଏ ୧୪ ବର୍ଷରୁ କମ୍ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ଡବଲ୍ସରେ ରନରଅପ୍ ହୋଇଛନ୍ତି ଓଡ଼ିଶାର ଆହାନ ମିଶ୍ର। ଉକ୍ତ ପ୍ରତିଯୋଗିତାରେ ତାଙ୍କର ଡବଲ୍ସ ପାର୍ଟନର ଥିଲେ ପଞ୍ଜାବର ଆର୍ଯ୍ୟବୀର ଶର୍ମା। ଏହି ଓଡ଼ିଶା-ପଞ୍ଜାବ ଯୋଡ଼ି ଫାଇନାଲରେ ଉତ୍ତର ପ୍ରଦେଶର ଅନୁଜ ଶାରଦା ଓ ମହାରାଷ୍ଟ୍ରର ଅଥର୍ବ ଶୁକ୍ଳାଙ୍କଠାରୁ ୪-୬, ୪-୬ ସେଟ୍‌ରେ ହାରି ଯାଇଥିଲେ। ତେବେ ଟୁର୍ନାମେଣ୍ଟରୁ ଆହାନଙ୍କୁ ୪୦ ଏଆଇଟିଏ ଡବଲ୍ସ ର୍ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି।


ଜୁନିୟର ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ସୁଦୀପ ଚିରମାକୋ, ସୁନୀତ ଲାକ୍ରା ଓ ଅମନଦୀପ ଲାକ୍ରା ଟ୍ରଫି ଓ ପଦକ ସହ।

# ବେଲଜିୟମକୁ ହରାଇଲା ଭାରତ

## ପ୍ରୋ ଲିଗ୍ ହକି

**ଲଣ୍ଡନ, ୨।୬ (ପି.ଟି.)**

ୟୁରୋପ ପର୍ଯ୍ୟାୟ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ହକି ପ୍ରତିଯୋଗିତାରେ ଶୁକ୍ରବାର ବେଲଜିୟମକୁ ୫-୧ ଗୋଲ୍‌ରେ ପରାସ୍ତ କରିଛି ଭାରତ। ପ୍ରତିଯୋଗିତାରେ ପଛକୁ ପଛ ଦୁଇଟି ମ୍ୟାଚ ହାରିଯିବା ପରେ ଦଳର ଏହା ହେଉଛି ପ୍ରଥମ ବିଜୟ। ମିଡ୍‌ଫିଲ୍ଡର ବିବେକ ସାଗର ପ୍ରସାଦ ଖେଳର ପ୍ରଥମ ମିନିଟ୍‌ରେ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ପରେ ହରମନପ୍ରୀତ (୨୦ତମ ଓ ୨୯ତମ ମିନିଟ୍) ପେନାଲ୍ଟି କର୍ନରରୁ ଦୁଇଟି ଗୋଲ୍ ଦେଇଥିଲେ। ଭାରତ ଅନ୍ୟ ଦୁଇଟି ଗୋଲ୍ ଅମିତ ରୋହିଦାସ (୨୮ତମ) ଓ ଦିଲପ୍ରୀତ ସିଂ (୫୯ତମ) ଜରିଆରେ ସ୍କୋର କରିଥିଲା। ବେଲଜିୟମ ପକ୍ଷରୁ ଏକମାତ୍ର ଗୋଲ୍ ଚତୁର୍ଥ କ୍ୱାର୍ଟର ଖେଳର ପ୍ରଥମ ମିନିଟ୍‌ରେ ୱିଲିୟମ ଘିସ୍‌ଲେନ୍ (୪୫ତମ) ଦେଇଥିଲେ। ୟୁରୋପ ଗସ୍ତ ପୂର୍ବରୁ ଭାରତ ପ୍ରୋ-ଲିଗ୍ ଟେବୁଲ ଟପ୍ପର ରହିଥିଲା। ଦଳ ମେ ୨୬ରେ ବେଲଜିୟମ ବିପକ୍ଷ ଏହାର ଓପନିଂ ଗେମ୍ ୧-୨ ଏବଂ ପରଦିନ ଗ୍ରେଟ୍ ବ୍ରିଟେନଠାରୁ ୨-୪ ଗୋଲ୍‌ରେ ପରାସ୍ତ ହୋଇଥିଲା। ଭାରତ ଶନିବାର ପୁନର୍ବାର ଗ୍ରେଟ୍ ବ୍ରିଟେନକୁ ଭେଟିବ।


ପ୍ଲେୟର ଅଫ୍ ଦି ମ୍ୟାଚ ମନପ୍ରୀତ ସିଂ।


CLASSIFIED DISPLAY ALL EDITION - BW (Everyday)
MORE SPACE ' SAME PRICE

ATC ଟାୱାର
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ
(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ-
7625811050


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୨।୬ (କ୍ରୀଡ଼ା ପ୍ରତିନିଧି)**


ଚାମ୍ପିୟନ ପାରାମାଉଣ୍ଟ ସ୍ପୋର୍ଟିଂ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର (୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଏହାର ଫାଇନାଲରେ ପ୍ରଗତି ସ୍ପୋର୍ଟିଂକୁ ୨୮ ରନରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୫ ଓଭରରେ ୬ ଉଇକେଟ ହରାଇ ୧୩୪ ରନ କରିଥିଲା। ୧୩୫ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ପ୍ରଗତି ୩୫ ଓଭରରେ ୧୦୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଦୁର୍ଗା ପ୍ରସାଦ ମଲିକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରଗତିର ଅସିମ ବରଦଙ୍କୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ବିବିସିଏର ବିଶ୍ୱଜିତ ପ୍ରଧାନ ଶ୍ରେଷ୍ଠ ବ୍ୟାଟର, ପାରାମାଉଣ୍ଟର ସେକ୍ ନକିବ ସର୍ବର ଶ୍ରେଷ୍ଠ ବୋଲର, ବିବିସିଏର ଅସ୍ନିଲ ରାଉତରାୟ ଶ୍ରେଷ୍ଠ ଉଇକେଟ କିପର ଏବଂ ମୁକ୍ତେଶ୍ୱରର ଅଭିଳାଷ କାନୁନଗୋ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଥିଲେ। ଏହି ଅବସରରେ ଓସିଏ ପ୍ୟାନେଲ ଅମ୍ପାୟର ନିର୍ମଳ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଇନାଲ ଆରମ୍ଭ ପୂର୍ବରୁ ମେୟର ସୁଲୋଚନା ଦାଶ ଓ କର୍ପୋରେଟର କେ. ଶାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରିକେଟର ବସନ୍ତ ମହାନ୍ତି, ସଞ୍ଜୟ ଶତପଥୀ, ଗୋବିନ୍ଦ ପୋଦ୍ଦାର, ଗୁଜରଜିତ ସିଂ ଚୌହାନ, ପ୍ରଦୋଷ ମହାନ୍ତି, ପ୍ରକାଶ ଦାଶ, ଅସିତ ମଲିକ, ଅଜିତ ବିଶ୍ୱାଳ, ଗୌର ପ୍ରସାଦ ନନ୍ଦ, ଶରଣଜିତ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ଭିଲାସିରଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨।୬(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଓ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଖୋର୍ଦ୍ଧାର ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ୍ ପରିସରରେ ଅନୁଷ୍ଠିତ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଭାରତର ବିଭିନ୍ନ ସ୍ଥାନରୁ ୮୦ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ନାଗାଲାଣ୍ଡର ଖାତି ଭିଲାସିର ଏହି ଟୁର୍ନାମେଣ୍ଟର ଡବଲ ଟାଇଟଲ ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ ଭିଲାସିର ୬-୩, ୨-୬, ୭-୬ ସେଟ୍‌ରେ ନିଥଲାନ କିନ୍ନାତୁଭିଲାଇଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସ ଫାଇନାଲରେ ଭିଲାସିର ଓ ପଶ୍ଚିମବଙ୍ଗର ମହମ୍ମଦ ଫରଦିନ ଓଡ଼ିଶା ଯୋଡ଼ି ଅମୃତଜୟ ମହାନ୍ତି ଓ ଆଦିତ୍ୟ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି। ସୁପର ଟାଇବ୍ରେକରରେ ଶେଷ ହୋଇଥିବା ୩ ସେଟ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭିଲାସିର-ଫରଦିନ ଯୋଡ଼ି ୬-୧, ୨-୬, ୧୦-୬ରେ ବିଜୟୀ ହୋଇଛନ୍ତି। ଟୁର୍ନାମେଣ୍ଟର ମ୍ୟାଚ ରେଫରି ଥିଲେ ଜ୍ୟୋତି ଶଙ୍କର ନନ୍ଦ।


ପୁରସ୍କାର ସହ କୃତୀ ପ୍ରତିଯୋଗୀ।


# Classified Everyday
0674-2580101, 2549949

AUTOMOBILE
SALE

Old 2516 Tippers, Tankers (Water & Diesel) and JCB 430Z Loaders are available for Sale at REPL Complex Doliambo Simliguda, Orissa. Contact No. 6281867622, 7727016021. D-0496

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact- 9827516256. 7504690838. D-74869

REAL ESTATE
SALE

Plot for Sale-5200sqft. Mouza-Basuaghai infront of Sai Temple. Contact-Rakesh Jena. Mob-9337203932. D-0446

Gharabari land for sale near Barunei, Khurda. Only genuine buyer contact on 6371543787. D-0374

Ready to move duplex at Sahidnagar, Bhubaneswar and Damana Patia. 6371040313, +91 6370281072. D-0498

ଭୁବନେଶ୍ୱର ଫୁଲନଖରା ଛକରେ simplex/ duplex, ରସୁଲଗଡ଼ରେ 3BHK flat ମିଳୁଛି। 9658122456, 8327785834. D-74866

Land for sale at Sundarpada 12050sqft. private land. Contact: 9437075283. D-0463

1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891. D-0495

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

CONSTRUCTION

Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469. D-74862

Healthcare

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

Newly open health benefits Spa special offer @799 Jaydev Vihar. 8018429809. D-75113

Newly open SPA positively health benefits with expert therapist. 8114322659. D-75111

Herbal full body massage by smart / expert therapist. Contact: 7846923244. D-74691

Newly open health benefits SPA special offer @ 799, Master Centeen. 9124527173. D-75109

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74688

All types of professional body massage by professional therapy. Contact: 9556924059, 7077933109. D-0499

LOST

ମୁଁ ରାଜଶ୍ରୀ ନାୟକ ଗୋଟେ ଜାଗା କିଣିଥିଲି ପାଣ୍ଡରା ମୌଜାରେ । ମୁଁ ପଟ୍ଟା ହଜାଇ ଦେଇଛି, ଯାହାର ଖାତା ନଂ.- ୧୩୩୦/୫୩୯। ଧ-୦୪୯୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

AFFIDAVIT

Affidavit before Executive Magistrate, Chatrapur, Ganjam I Sri Amari Chiney, S/o Mari Appana, resident of P.Laxmipur, Po-Badaputti, Ps-Chamakhandi, Dist-Ganjam, Pin-761002 declare by this Affidavit No. 333 that now on- wards I shall be known as Mari Chineya for all future purposes. D-0501

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ସର୍ବେଶ୍ୱର ମହାନ୍ତି**
ଆବିର୍ଭାବ: ୨୯।୧୦।୧୯୩୩
ତିରୋଧାନ: ୨୪।୦୫।୨୦୨୩
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
::ଆପଣଙ୍କର ଶୋକସନ୍ତପ୍ତ::
ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୦୪୯୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୌଭାଗ୍ୟଲକ୍ଷ୍ମୀ ପାତ୍ର (ଡଲି)**
ବାଲିଅନ୍ତା (ଡାମରା)
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୨୮।୦୫।୨୦୧୮
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆଜି ତୁମର ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ: ଦଇତାରି ପାତ୍ର, ପୁଅ: ମୁନା, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୦୪୯୩

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସାରଦା ସାହୁ**
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଗୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୪୪
ତିରୋଧାନ: ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୩୭୬୯

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୋକୁଳାନନ୍ଦ ଦାଶ**
ଭାଲିଆବାଡ଼ି, ଖୋର୍ଦ୍ଧା
ଆବିର୍ଭାବ: ୧୫।୦୨।୧୯୪୧
ତିରୋଧାନ: ୨୫।୦୫।୨୦୨୩
ତୁମେ ଆମକୁ ଛାଡ଼ି ଚାଲିଗଲ। ତୁମର ନୀତି, ଆଦର୍ଶ, ପରୋପକାର, କର୍ତ୍ତବ୍ୟପରାୟଣତା, ନିଃସ୍ୱାର୍ଥପରତା ସବୁ ଦିନ ପାଇଁ ମନେପଡ଼ିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ପବିତ୍ର ଆତ୍ମାର ସଦ୍‌ଗତି କରନ୍ତୁ, ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନ।
ଧ-୦୫୦୦


## ଏସିସି ଏମର୍ଜିଂ ମହିଳା ଏସିଆ କପ୍

# ୧୪ ଜଣିଆ ଭାରତ 'ଏ' ଦଳ ଘୋଷଣା

**ନୂଆଦିଲ୍ଲୀ, ୨।୬ (ପି.ଟି.):** ହଂକଂରେ ଜୁନ୍ ୧୨ରୁ ଏସିସି (ଏସିଆନ କ୍ରିକେଟ କାଉନ୍‌ସିଲ) ଏମର୍ଜିଂ ମହିଳା ଏସିଆ କପ୍ ଖେଳାଯିବ। ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମହିଳା ସିଲେକ୍ସନ କମିଟି ତରଫରୁ ୧୪ ଜଣିଆ ଦଳ ଘୋଷଣା କରାଯାଇଛି। ବ୍ୟାଟିଂ ଅଲରାଉଣ୍ଡର ଶ୍ୱେତା ଶେରାୱତଙ୍କୁ ଦଳର ଅଧିନାୟିକା କରାଯାଇଛି। ଭାରତ 'ଏ' ଜୁନ୍ ୧୩ରେ ଆୟୋଜକ ହଂକଂ ବିପକ୍ଷରେ ଖେଳି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଇଭେଣ୍ଟରେ ଭାଗ ନେଇଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଭାରତ 'ଏ', ହଂକଂ, ଥାଇଲାଣ୍ଡ 'ଏ' ଓ ପାକିସ୍ତାନ 'ଏ' ଦଳ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ 'ବି'ରେ ବାଂଲାଦେଶ 'ଏ', ଶ୍ରୀଲଙ୍କା 'ଏ', ମାଲେସିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ ଦଳ ସ୍ଥାନ ପାଇଛନ୍ତି। ଫାଇନାଲ ଜୁନ୍ ୨୧ରେ ଖେଳାଯିବ।

**ଭାରତ 'ଏ' (ଏମର୍ଜିଂ) ଦଳ**

ଶ୍ୱେତା ଶେରାୱତ (ଅଧିନାୟିକା), ସୌମ୍ୟା ତିୱାରୀ (ଉପଅଧିନାୟିକା), ତ୍ରିସା ଗୋଙ୍ଗାଡ଼ି, ମୁସ୍‌କାନ ମଲିକ, ଶ୍ରେୟଙ୍କା ପାଟିଲ, କନିକା ଆହୁଜା, ଉମା ଛେତ୍ରୀ (ଉଇକେଟକିପର), ମମତା ମାଡିୱାଲା (ଉଇକେଟକିପର), ତିତାସ ସାଧୁ, ୟଶାଶ୍ରି ଏସ୍., କାଶଭି ଗୌତମ, ପାର୍ଶଭି ଚୋପ୍ରା, ମନ୍ନତ କାଶ୍ୟପ, ବି. ଅନୁଶା। ମୁଖ୍ୟ କୋଚ୍: ନୁଶିନ୍ ଅଲ୍ ଖାଦିର।

**ଭାରତ 'ଏ' ଦଳର କାର୍ଯ୍ୟସୂଚୀ**

ଜୁନ୍ ୧୩- ଭାରତ 'ଏ' ବନାମ ହଂକଂ, ଜୁନ୍ ୧୫- ଭାରତ 'ଏ' ବନାମ ଥାଇଲାଣ୍ଡ 'ଏ', ଜୁନ୍ ୧୭- ଭାରତ 'ଏ' ବନାମ ପାକିସ୍ତାନ 'ଏ'।

# ନନ୍ଦିନୀ: ବଜ୍ରପରି କଠିନ, ବର୍ଷା ପରି କୋମଳ



ନନ୍ଦିନୀ ଶତପଥୀ ଆଜି ଏକ କିମ୍ବଦନ୍ତୀ। ପିଲାଟି ଦିନରୁ ଅଭାବୀ ମଣିଷର ଦୁଃଖଯାତନା ତାଙ୍କୁ ଏପରି ବିଚଳିତ କରିଥିଲାଯେ ସମଗ୍ର ଜୀବନ ତାଙ୍କର ନିପୀଡ଼ିତ ମାନବ ସେବା ପ୍ରତି ଉନ୍ମୁଖ ହୋଇ ଉଠିଥିଲା। ଓଡ଼ିଶାର ରାଜନୀତିରେ ସେ ଥିଲେ ଅତି ବିଚକ୍ଷଣ ନେତ୍ରୀ, ଯିଏ ଭାରତୀୟ ରାଜନୀତିକୁ ନୂତନ ଦିଶାରେ ଆଲୋକିତ କରିଥିଲେ। ତାଙ୍କ ରକ୍ତରେ ଥିଲା ସୃଜନର ଉଦ୍ଦୀପିତ ପ୍ରେରଣା, ଯାହା ତାଙ୍କ ଗଳ୍ପ ଓ କବିତାରେ ମୂର୍ତ୍ତିମନ୍ତ ହୋଇ ଉଠିଥିଲା। ସମାଜର ତଳ ପାହାଚରେ ବଞ୍ଚୁଥିବା ଆଶାହରା ମଣିଷଙ୍କର ସେ ଥିଲେ ଆଶାର ଏକ ଜାଗ୍ରତ–ଦୀପିକା। ସୁଷମ ଏକ ସମାଜ ଗଠନ ପାଇଁ ଦୁର୍ବାର ସ୍ୱପ୍ନ ଥିଲା ତାଙ୍କ ସାହିତ୍ୟକୃତିର ଭିତ୍ତି ଓ ଏହି ସ୍ୱପ୍ନକୁ ସେ ତାଙ୍କର ରାଜନୈତିକ ଜୀବନରେ ସାକାର କରିବା ଦିଗରେ ନିରନ୍ତର ଉଦ୍ୟମ କରିଥିଲେ। ନନ୍ଦିନୀଙ୍କ ଜୀବନ ଥିଲା ରାଜନୈତିକ ନାନା ଝଡ଼ଝଞ୍ଜାରେ ଅନବରତ କ୍ଷୁବ୍ଧ, କିନ୍ତୁ ସେହି ଝଡ଼ଧ୍ୱସ୍ତ ପ୍ରତିକୂଳତା ଭିତରେ ସେ ଥିଲେ ଅସୀମ ଇଚ୍ଛାଶକ୍ତିର ଏକ ଉଡ଼ନ୍ତ ଇଗଲ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ବା କେନ୍ଦ୍ରରେ ତଥ୍ୟ ଓ ବେତାର ମନ୍ତ୍ରୀ ଥିବାବେଳେ ଯେଉଁ ସବୁ ନିଷ୍ପତ୍ତି ସେ ନେଇଥିଲେ, ତାହା ଥିଲା ଯୁଗାନ୍ତକାରୀ। ଗଣମାଧ୍ୟମ କ୍ଷେତ୍ରକୁ ତାଙ୍କର ଅବଦାନ ଯେପରିଥିଲା ଉଦାହରଣୀୟ, ଓଡ଼ିଶାର କୃଷି ଓ ଶିଳ୍ପ କ୍ଷେତ୍ରକୁ ତାଙ୍କର ଅବଦାନ ଥିଲା ସେହିପରି ଅବିସ୍ମରଣୀୟ। ମୌଳିକ ସାହିତ୍ୟ ସାଙ୍ଗକୁ ଅନୁବାଦ କ୍ଷେତ୍ରରେ ତାଙ୍କର ସିଦ୍ଧି ତାଙ୍କୁ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ପୁରସ୍କାର ଓ ଗଙ୍ଗାଧର ରଥ ଫାଉଣ୍ଡେଶନ ପ୍ରଦତ୍ତ 'ସାହିତ୍ୟ–ଭାରତୀ' ଭଳି ମର୍ଯ୍ୟାଦାଜନକ ପୁରସ୍କାରରେ ଶ୍ରୀମଣ୍ଡିତ କରିଥିଲା। ପ୍ରଶାସନିକ ସିଦ୍ଧାନ୍ତ ନେବାରେ ସେ ଯେପରି ଥିଲେ ବଜ୍ରପରି କଠିନ, ପୀଡ଼ିତ ମଣିଷର ଦୁଃଖମୋଚନରେ ସେପରି ଥିଲେ ବର୍ଷାପରି ସମ୍ବେଦନା–ସଜଳ। ଜୁନ୍ ୧୯୩୧ରେ ବାଣୀମୂର୍ତ୍ତି ଏହି ମହାନାୟିକାଙ୍କର ଆବିର୍ଭାବ ହୋଇଥିଲା କଟକ ସହରରେ। ତାଙ୍କରି ସ୍ମୃତି ପ୍ରତି ଗଭୀର ସଦିଚ୍ଛା ଜଣାଇ 'ସାହିତ୍ୟାୟନ'ରେ ସ୍ଥାନିତ ହେଲା ତାଙ୍କର ଏକ ଚର୍ଚ୍ଚିତ ଗଳ୍ପ **'ସୀତାନାନୀର ପୁଅ'**।

– ଉପସ୍ଥାପନା: **ଡ. ହୃଷୀକେଶ ମଲ୍ଲିକ**

## ସୀତାନାନୀର ପୁଅ

"ସଉରିଆ ଖବର କିଛି ଜାଣିଚୁ କି ବାପ!"

"ନାଇଁ ତ, ସେଦିନଠୁ ମୁଁ ଆଉ ତାକୁ ଦେଖିନି।" – ଉତ୍ତର ଦେବା ସାଙ୍ଗେ ସାଙ୍ଗେ ସୀତାନାନୀକୁ ନମସ୍କାରଟାଏ କଲି।

ଚାରିପଟଯାକ ମୋର ସେତେବେଳକୁ ଛୁଆଗୁଡ଼ା ଘେରିଗଲେଣି। କିଏ କେତେ ପ୍ରକାର ଉଦ୍ଦେଶ୍ୟ ନେଇ ଜମା। ସମସ୍ତଙ୍କୁ ଆଡ଼େଇ ଦେଇ ସୀତାନାନୀ କିନ୍ତୁ ଲାଗିଆସିଲା ମୋ' ପାଖକୁ। କ'ଣଟାଏ କହିବ ବୋଲି ପାଟି ଖୋଲିଲା ବେଳକୁ ଅସହିଷ୍ଣୁ ପିଲାଟାଏ କିଏ ପଛରୁ କହିଲା– "କେତେ ସଉରିଆ ସଉରିଆ ହଉଚୁ ମ! ଯାରି ପୁଅ ଏକା ବିଦେଶ ଯାଇଚି ନା ଆଉ କିଏ ?"

ଠିକ୍ ସେତିକିବେଳେ ତା' ବସାଇ ବରଡ଼ା କେରାକ ଚୁଲିମୁହଁକୁ ଠେଲି ଦଉ ଦଉ ମା' ବି ତେଣୁ ପାଟିକରି ଉଠିଲେ, "କ'ଣ ହଉଚନ୍ତି ଏଗୁଡ଼ାକ! ପୁଅଟା ଟିକେ ମୁହଁ ହାତ ଧୋଇ ଦମ୍ଭ ମାରୁ ଭଲା!"

ସୀତାନାନୀ ଚପିଗଲା। ଆଉ ପଦେ ବି କଥା ନ କହି ଆଖିରେ ଲୁହ ଡବଡବ କରି ସେ ପଛକୁ ଫେରିପଡ଼ିଲା। ମନଟା ଗୋଳେଇ ଘାଣ୍ଟି ହେଲା ସତ ; କିନ୍ତୁ ପ୍ରଶ୍ନରୁ ଅବ୍ୟାହତି ପାଇ ଟିକିଏ ଆଶ୍ୱସ୍ତ ହେଲି।

ସୀତାନାନୀ ମୋର ଦୂର–ସମ୍ପର୍କୀୟା ଭଉଣୀ। ପିଲାଛୁଆ ଗୁଡ଼ାଏ ତା'ର। ଘରେ ଚଳିବାକୁ ବଡ଼ ଅସୁବିଧା। ଘରପୋଡ଼ି ପଛେ ପଛେ ଦି' ବର୍ଷ ତଳେ ଗାଁରେ ଯେଉଁ କଲେରା ଲାଗିଲା, ସେଥିରେ ଗାଁରୁ ଅଧେ ପଦା ହୋଇଗଲା। ସୀତାନାନୀର ସ୍ୱାମୀଟି ବି ସେତିକିବେଳେ ଚାଲିଗଲା। ବଡ଼ପୁଅ ସଉରିଆ ଷୋହଳ ସତର ବର୍ଷର। ବାପ ମଲା ପରଠୁଁ ରୋଜଗାର କରିବାକୁ ଯାଇଛି ଯେ ଆଜିଯାଏଁ ଖବର ଅନ୍ତର ନାହିଁ।

କେତେ ମାସଯାଏଁ ସୀତାନାନୀ ପ୍ରତିଥର ଡାକବାଲାକୁ ପଚାରେ– "ମୋର କ'ଣ ମଣିଅର୍ଡର ଆସିଚି ?" ସେ ମନାକରେ। ସୀତାନାନୀ ଫେରିଯାଏ ସତ, ହେଲେ ତା' ମନରୁ ଆଶା ତୁଟେନି। ସୀତାନାନୀକୁ ଆସୁଥିବାର ଦେଖିଲେ ଗାଁର ଛତରା ଟୋକାଏ ପାଟି କରିବାକୁ ଆରମ୍ଭ କଲେ, "ମୋର କ'ଣ ମଣିଅର୍ଡର ଆସିଚି ?"

ସୀତାନାନୀ ସବୁ ଶୁଣେ, କାହାରି ଉପରେ ରାଗେନି, ମୁହଁ ଖୋଲି ପଦେ କଥା ବି କହେନି। ଟଙ୍କାର ଆଶା ତୁଟିଗଲା ପରେ ସୀତାନାନୀ କେତେ ବ୍ୟାକୁଳ ହେଇ ଚାହିଁରହେ ଖଣ୍ଡେ ଚିଠିକୁ। କିନ୍ତୁ ଚିଠି କାଇଁ!

ଯେତେଥର ଛୁଟିରେ ମୁଁ ଗାଁକୁ ଆସେ, ସେ ମୋତେ ପଚାରେ ସଉରିଆ କଥା। ଗାଁର କୌଣସି ବିଦେଶବାହୁଡ଼ା ତା'ର ଏଇ ପ୍ରଶ୍ନରୁ ତ୍ରାହି ପାଆନ୍ତିନି। କିଏ ଜବାବ ଦିଏ, କିଏ ବା ବିରକ୍ତ ହୋଇ ଗାଳିଦିଏ। ସୀତାନାନୀର କିନ୍ତୁ କାହାରି ପ୍ରତି କିଛି ରାଗ–ରୋଷ ନାହିଁ।

ସେଦିନ ଖାଇସାରି ବୁଲଚାଲ ହେଇ ତା'ରି ଘରଆଡ଼େ ଗଲି। ଏ ସାଲେ ଛପର ନ ହୋଇ ଘରଖଣ୍ଡକ ଭାଙ୍ଗିପଡ଼ିବାକୁ ବସିଲାଣି। 'ନାନୀ ନାନୀ' ଡାକି ଘରକୁ ପଶିଲି।

ମୋର ଆସିବାରେ ସୀତାନାନୀ ବେଶ୍ ଟିକିଏ ଖୁସି ହୋଇଗଲା। ପିଲାଛୁଆଙ୍କୁ ହାଉ ହାଉ ହୋଇ ଡାକ ପକାଇଲା– "ଆରେ ପଟିଖଣ୍ଡେ ଦିଅରେ, ବିନ ମାମୁ ଆସିଛି।"

"ଆଲୋ ନାନୀ ପଟି କ'ଣ ହେବ– ମୁଁ ଏଇଠି ବସୁଚି ମ!" କହୁ କହୁ ଭୂଇଁ ଉପରେ ବସିପଡ଼ିଲି।

ସୀତାନାନୀ ପୁଣି ତା'ର ପୁରୁଣା କଥାର ଖିଅ ଧରିଲା– "କ'ଣ କରିବି ବାପ, ଦି' ବର୍ଷ ହେଲା ପୁଅଟା ଗଲାଣି, ଖବର–ଅନ୍ତର କିଛି ନାହିଁ। ଏ ନିଆଁଲଗା ଗାଁଲୋକେ ପୁଣି ଏତିକି ଅସହଣିକ ଯେ ତା' କଥା ଟିକେ କାହାକୁ ପଚାରିଲେ ବାଘ ଭଳି ମିଶି ଆସୁଚନ୍ତି। ଦେଖିଲୁ ତ, ଆଜି ତୋ' ଘରେ କେମିତି ହେଲା ? ମନ ସିନା ଥୟ ହୁଏନି ବୋଲି..."– ସୀତାନାନୀ ସୁଁ ସୁଁ ହେଇ କାନ୍ଦିବାକୁ ଆରମ୍ଭ କରିଦେଲା।

ବଡ଼ ମୁସ୍କିଲ୍‌ରେ ପଡ଼ିଲି। କହିଲି, "କାନ୍ଦୁଛୁ କାଇଁକି ନାନୀ, ଲୋକଙ୍କ କଥାରୁ କ'ଣ ମିଳିବ ? ହଁ, ଆଉ କାହାଠୁ କିଛି ଖବର ଭଲା ପାଇଚୁ ?"

କାନ୍ଦ ବନ୍ଦ କରି ସେ ପୁଣି ଆରମ୍ଭ କରିଦେଲା, "ତୁ ତ ଜାଣିଚୁ, ସେଇ ପହିଲେ ଯେତେବେଳେ ଗଲା ମିଶ୍ରଘର ପୁଅ କହୁଥିଲା ତାକୁ କଟକରେ ଦେଖିଚି ବୋଲି। ସେ କୋଉଠି ମଟରରେ ବସି ସହରଯାକ ବୁଲୁଚି। ଯା'ହେଉ, ଟୋକାଟାର ଭାଗ୍ୟ ଖୋଲିଲା– କୋଉ ବଡ଼ଘରେ ଆଶ୍ରା ପାଇଯାଇଚି। ସେଇଠୁ ଆଉ କିଛି ତା' ଖବର ପାଇଲିନି। ଯେ କଟକ ଗଲା, ତା' ହାତରେ ଖବର ଦେଲି। ସମସ୍ତେ ଆସିଲେ– କେହି ତାକୁ ପାଇଲେନି।"

ଏଇ କଥା ଅନେକ ଥର ମୁଁ ତା' ମୁହଁରୁ ଶୁଣିଥିଲି– ତା' ପୁଅ କଟକରେ ଅଛି, ମଟରର ଚଢୁଚି ଇତ୍ୟାଦି। କହିଲି, "ସେ କଥା ତ ମୁଁ ଶୁଣିଚି– ଏବେ କୋଉଠି ଅଛି ଭଲା ଜାଣିଚୁ ?"

"ହଁ, ଶୁଣିଚି ତ କେତେ କଥା– ଉଡ଼ାଖବର– କେତେ ସତ କିଏ ଜାଣେ ? ସେ ପୁଣି ଖଣ୍ଡେ ଭାଷା ଦିଅନ୍ତାନି ? ଟଙ୍କା ନ ପଠାଇଲୁ ନାହିଁ– ମା'ଟା ମଲା କି ଗଲା ଟିକିଏ ଖବର ନିଅନ୍ତୁନି! ଅର୍ଜୁନି କହୁଥିଲା, ଥରେ ତାକୁ ଖଡ଼ଗପୁରରେ ଦେଖିଥିଲା। କୋଉ ଦୋକାନରେ ଚାକିରି କରୁଚି। କାଲା ଭୀମ ସାହୁ ପୁଅ କଲିକତାରୁ ଆସିଲା। ସେଇ କହୁଥିଲା, ସଉରିଆ କଲିକତାରେ କୋଉ ଗୋଟେ ରଙ୍ଗ କଳରେ କାମ କରୁଚି, ତା' ଦିହ ଭଲ ରହୁନି– ଗାଁକୁ ଆସିବ ବୋଲି କହୁଥିଲା। ସେଇଥିପାଇଁ ଯାଇଥିଲି ତତେ ପଚାରିବାକୁ।"

"ମୁଁ ତ କଲିକତାରେ ରହୁନି ନାନୀ, ସେଇଠି ପାଖରେ ଆଉ ଗୋଟାଏ



ଜାଗାରେ ଥାଏ। ମୁଁ କେମିତି ଜାଣିବି ? ହଉ, ସେ ଆସିବ ବୋଲି ଯେତେବେଳେ କହିଚି– ନିଶ୍ଚେ ଆସିବ ; ଆଉ ବ୍ୟସ୍ତ ହଉଚୁ କାଇଁକି ?"

"ନାଇଁ ପୁଅ, ଦିଅଁଙ୍କ ପାଖେ ଘିଅବଳିତା ବସେଇଚି, ଭୋଗ ଯାଚିଚି ପୁଅ ମୋର କେମିତି ଭଲରେ ଘରକୁ ଫେରିଆସୁ। ମୋର ପଛେ ପଇସା ନ ହେଲା ନାଇଁ।"

ପଇସା ନ ହେଲେ ସୀତାନାନୀ କେମିତି ଚଳିବ ବୋଲି ଭାବିଚି, ମୁଁ କିଛି ବୁଝିପାରିଲିନି। କିନ୍ତୁ ସେ ବିଷୟରେ ଆଉ କିଛି ନ ପକାଇ ପଦେ ଦି'ପଦ ସୁଖ–ଦୁଃଖ ହେଇ ଯିବାକୁ ଉଠିଲି। ହାତଟାକୁ ଟାଣି ସାଙ୍ଗେ ସାଙ୍ଗେ ସୀତାନାନୀ ମୋତେ ବସେଇଦେଲା– "ଏତେ ଦିନକେ ମୋ' ଘରକୁ ଆସିଚୁ, ମୁହଁ ନ ଧୋଇ ଚାଲିଯିବୁ ?"

ଯେତେ ମନା କଲେ ବି ସେ ଶୁଣିଲା ନାହିଁ। ତା' ଡାକ ଶୁଣି ସାନ ଝିଅଟି ଥାଳିରେ ଟିକିଏ ରାଶିଯାଉ ଆଣି ଥୋଇ ଦେଇ ଗଲା। ବୋଧହୁଏ ତାଙ୍କ ରାତିଖାଦ୍ୟରୁ କିଛି ସେତକ।

ଛୁଟି ସରିଆସିଲା। ଦଶହରାର ଝମେଲା ପରେ ଗାଁ ବି ଶାନ୍ତ ହେଇଆସିଲାଣି ଅନେକ। ଯେଉଁମାନେ ଛୁଟିରେ ଆସିଥିଲେ ସେମାନେ ଫେରିଗଲେଣି ନିଜ ନିଜ କର୍ମଭୂମିକୁ। ଶରତର ସ୍ୱଚ୍ଛ ଆକାଶ, ପଲ୍ଲୀର ଶ୍ୟାମଳିମା, ଆତ୍ମୀୟ ସ୍ୱଜନଙ୍କ ଆନ୍ତରିକତା ସବୁ ପଛରେ ରଖି ମୁଁ ବି ଫେରିଲି ଶେଷରେ।

ଷ୍ଟେସନରେ ପହଞ୍ଚି ଦେଖିଲି ଦଶ ପନ୍ଦର ମିନିଟ୍ ହେଲା ଗାଡ଼ି ଛାଡ଼ି ଦେଇଚି। ସାନ ଷ୍ଟେସନଟି, ରାତିରେ ଶୋଇବା ପାଇଁ ଜାଗା ନାହିଁ। ରାତିରେ ବି ଟ୍ରେନ୍ ନାହିଁ ଆଉ। ତେଣୁ ସେଇ ଖୋଲା ଉଏଟିଂ ରୁମ୍‌ର ଗୋଟାଏ ସିମେଣ୍ଟ ବେଞ୍ଚ ଉପରେ ବିଛଣାଟା ମେଲାଇ ଦେଇ ପଡ଼ିରହିଲି। ତଳେ ଆହୁରି ଅନେକ ଯାତ୍ରୀ ଶୋଇପଡ଼ିଛନ୍ତି ଧାଡ଼ି ଧାଡ଼ି ହୋଇ।

ହଠାତ୍ କ'ଣ ଗୋଟାଏ ଚିତ୍କାରରେ ନିଦ ଭାଙ୍ଗିଗଲା। ଦେଖିଲି ଦୁଇ ଚାରିଜଣ ଯାତ୍ରୀ ଉଠିପଡ଼ି ଗୋଟାଏ ଲୋକକୁ ପିଟୁଛନ୍ତି। ମୋତେ ଉଠିବାର ଦେଖି ଜଣେ ଆଗତୁରା କହିପକାଇଲା– "ବାବୁ, ପାଗଳା ବୁଢ଼ାଟା ଝୁନ୍ଦି ହୋଇ ଆସି ଏଇଠି ପଶୁଚି। ଘା' ଗୁଡ଼ାକ ଦେହଯାକ। ଗନ୍ଧରେ ଖାଲି ନାକ ଫାଟି ପଡୁଚି।" ମାଡ଼ ଖାଇ ବୁଢ଼ାଟା ନୀରବରେ ଚାଲିଗଲା। ଅନ୍ଧାରରେ ମିଶିଗଲା।

ସକାଳୁ ଦାନ୍ତ ଘଷିବା ପାଇଁ ବାହାରକୁ ଗଲି। ପୋଲଟା ପାଖରେ ଲୋକଗୁଡ଼ାଏ ଜମା ହୋଇଛନ୍ତି। ଯାଇ ଦେଖିଲି, ପୋଲ ତଳେ ଶୁଖିଲା ନାଳଟାରେ କାଲିର ସେଇ ପାଗଳ ବୁଢ଼ାଟା ପଡ଼ିଚି। କେତେଜଣ ଟେକି ଆଣି ତାକୁ ରାସ୍ତା ଉପରେ ଥୋଇଲେ। ହାତ ଗୋଡ଼ ତା'ର ଅବଶ ହେଇଯାଇଚି– ହିକ୍‌କା ଉଠୁଚି। କିଏ ଜଣେ କହିଲା, 'ବିଚାରା ପୋଲ ଉପରୁ ଗଡ଼ିପଡ଼ିଚି ରାତିରେ।'

ପାଟି କରି ତିନି ଚାରିଜଣ ଲୋକ ଦଉଡ଼ି ଦଉଡ଼ି ଆସୁଛନ୍ତି ଆଗରୁ। ସମସ୍ତେ ସେଇଆଡ଼େ ଚାହିଁଲୁ। ଆରେ ଏ କ'ଣ ? ସୀତାନାନୀ ଯେ! ସାଙ୍ଗରେ ତା'ର ଭୀମ ସାହୁ ପୁଅ ମଦନ। ଦିହେଁଯାକ ଲୋକଙ୍କୁ ଆଡ଼େଇ ଦେଇ ଆଗେଇ ଗଲେ। ମଦନ ଠିଆ ହେଇ ପଡ଼ିଲା। ହଠାତ୍ "ମୋ' ସଉରିଆରେ..." ଚିତ୍କାର କରି ସୀତାନାନୀ ସେଇ ପାଗଳାଟା ଉପରେ ପଡ଼ିଗଲା।

ଷ୍ଟେସନରୁ ବାଜିଉଠିଲା ଗାଡ଼ି ଆସିବାର ଶେଷ ଘଣ୍ଟି।

## ପୁସ୍ତକ ପରିଚୟ

### ଶିକ୍ଷା ଓ ସଂସ୍କୃତି



**ଲେଖକ:** ଅଲେଖ ନାୟକ
**ପ୍ରକାଶିକା:** ଗୀତାଞ୍ଜଳି ନାୟକ, କାନନ ବିହାର, ପଟିଆ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ନିଃଶୁଳ୍କ

ଆଲୋଚ୍ୟ ପୁସ୍ତକଟି ଲେଖକ ଶ୍ରୀ ନାୟକଙ୍କ ଆତ୍ମଜୀବନୀର ଦ୍ୱିତୀୟ ଭାଗ। ପୂର୍ବରୁ ପ୍ରଥମ ଭାଗ 'ସ୍ମୃତି: କୃତଜ୍ଞତା' ଶୀର୍ଷକରେ ପ୍ରକାଶ ପାଇଛି। ଦ୍ୱିତୀୟ ଭାଗର ନାମ 'ଶିକ୍ଷା ଓ ସଂସ୍କୃତି' ରଖାଯାଇଛି। 'ସମ୍ପାଦକୀୟ'ରେ ଲେଖକ ଲେଖିଛନ୍ତି: "କ୍ରମେ ଏହା ସ୍ପଷ୍ଟ ହୋଇ ଆସୁଛି ଯେ, ସଭ୍ୟତା ହେଉ ବା ପ୍ରୟୋଗାତ୍ମକ ବିଜ୍ଞାନର ଜୟଯାତ୍ରା ହେଉ, ଏହା ଆଧ୍ୟାତ୍ମିକତାର କାନ୍‌ଭାସ୍ ଉପରେ ଆଧାରିତ ହେବା ଆବଶ୍ୟକ। ମାନବତାବାଦ, ସାମାଜିକ ସଂପ୍ରୀତି, ସହନଶୀଳତା, ସତ୍ୟନିଷ୍ଠା ଓ ସମତା– ଏ ସମସ୍ତ ଆଧ୍ୟାତ୍ମିକତାର ବିଭୂତି।" ଅଲେଖଙ୍କ ଜୀବନର ଭିତ୍ତି ଓ ଲକ୍ଷ୍ୟ ଯେ ଆଧ୍ୟାତ୍ମିକତାକୁ ଆଶ୍ରୟକରି ଗତିଶୀଳ, ଏଥିରୁ ଏହା ଅବୁଝା ରହେନାହିଁ। ବହିଟିରେ ମୋଟ ୨୯ଟି ପରିଚ୍ଛେଦ ରହିଛି, ଯହିଁରେ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ତାଙ୍କ ସହଭାଗିତା ସ୍ପଷ୍ଟ ହୋଇଛି। 'ଅଭିମତ' ଦେଇ ଡ. ହରେକୃଷ୍ଣ ଶତପଥୀ କହିଛନ୍ତି: "କେନ୍ଦ୍ରାପଡ଼ା–ଯାଜପୁର ଜିଲ୍ଲା ନଦୀ ଖରସ୍ରୋତା ଅବବାହିକାର ଏକ ବିସ୍ତୃତ ଭୂଖଣ୍ଡର ଶିକ୍ଷା, ସମାଜ ଜୀବନ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ଜୀବନବ୍ୟାପୀ ସମର୍ପିତ ଏକ ନିରଳସ, ନିଃସ୍ୱାର୍ଥପର ଓ ପ୍ରଭାବୀ ବ୍ୟକ୍ତିତ୍ୱ ହେଉଛନ୍ତି ଶ୍ରୀ ଅଲେଖ ନାୟକ। x x ବାସ୍ତବରେ ସେ ହେଉଛନ୍ତି 'ଖରସ୍ରୋତା ଗାନ୍ଧୀ'।" ପୁସ୍ତକଟି ଯୁବପିଢ଼ିକୁ ପ୍ରଭାବିତ କରିବ ବୋଲି ଆଶା।

### ବିବିଧ ପ୍ରସଙ୍ଗ



**ଲେଖକ:** ଶରତ ଚନ୍ଦ୍ର ମିଶ୍ର
**ପ୍ରକାଶକ:** ସୁଧନ୍ୟା ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ. ୧୩୦/–

ଆଲୋଚ୍ୟ ପୁସ୍ତକରେ ମୋଟ ୩୯ଟି ଗଦ୍ୟଲେଖ ସ୍ଥାନିତ, ଯାହାକୁ ଲେଖକ ପ୍ରବନ୍ଧ ଶ୍ରେଣୀଭୁକ୍ତ କରିଛନ୍ତି। ଲେଖାଗୁଡ଼ିକ ମୁଖ୍ୟତଃ ଖବରକାଗଜରେ ପ୍ରକାଶ ପାଇଥିବା 'ସ୍ତମ୍ଭ' ରଚନା ଶ୍ରେଣୀର, ଯଦିଓ ଏସବୁ ଲେଖାରେ ଲେଖକଙ୍କର ପ୍ରସଙ୍ଗଭିତ୍ତିକ ମୌଳିକ ଚିନ୍ତନ ପ୍ରମୁଖତା ପାଇଛି। ଲେଖାଗୁଡ଼ିକୁ ପାଞ୍ଚଭାଗରେ ବର୍ଗୀକରଣ କରି ଲେଖକ 'ଆନ୍ତର୍ଜାତିକ', 'ଜାତୀୟ ସମସ୍ୟା', 'ଶିକ୍ଷା ଓ ଶିକ୍ଷାୟତନ', 'ଆମୋଦପ୍ରମୋଦ' ଓ 'ଓଡ଼ିଶା' ଶୀର୍ଷକରେ ସୂଚୀବଦ୍ଧ କରିଛନ୍ତି। ପରିବେଷଣଶୈଳୀ ସରଳ ତଥା ଲୋକମୁଖୀ ହୋଇଥିବାରୁ ପ୍ରତ୍ୟେକଟି ପାଠକଙ୍କ ପାଇଁ ଏସବୁ ଲେଖାରେ ପ୍ରବେଶଦ୍ୱାରଟିଏ ବରାବର ଖୋଲାଥାଏ। ସମକାଳୀନ ସମସ୍ୟା ଓ ତା'ର ସମ୍ଭାବ୍ୟ ସମାଧାନର ତରିକା ସମ୍ପର୍କରେ ଲେଖକଙ୍କ ତର୍ଜମା ନିରପେକ୍ଷ। ରାଜନୀତିଠୁଁ ଶିକ୍ଷାନୀତି, ଶିକ୍ଷାଠୁଁ କ୍ରୀଡ଼ା ଓ ଅତୀତରୁ ବର୍ତ୍ତମାନଯାଏଁ ସତର୍କ ଦୃଷ୍ଟିନିକ୍ଷେପପୂର୍ବକ ତାଙ୍କର ସଧୀର ପଦପାତ ସଚେତନ ପାଠକଙ୍କୁ ମୁଗ୍ଧ କରିଥାଏ। ଗ୍ରନ୍ଥସ୍ଥ 'ଟ୍ରମ୍ପ୍ ଓ ବିଶ୍ୱ ରାଜନୀତି', 'ଭାରତ ଲାଗି କିଏ ଭଲ', 'ଆଫଗାନିସ୍ଥାନ ପ୍ରହେଳିକା', 'କାବୁଲରେ ତାଲିବାନ ଓ ତା'ପରେ', 'ବଙ୍ଗଳାଦେଶରେ ସଂଖ୍ୟାଲଘୁ', 'ମାଓବାଦ ସମସ୍ୟା ଓ ସମାଧାନ', 'କାହାକୁ କହିବା ସୁଶାସନ', 'ଆମ ଦେଶରେ କ୍ଲବ୍ କଲ୍‌ଚର' ଆଦି ଲେଖାଗୁଡ଼ିକ ଲେଖକଙ୍କ ଅନ୍ତର୍ଦୃଷ୍ଟିର ପରିଚୟ ଦିଏ। ବହିଟିର ପ୍ରସାର ଆଶାନୁରୂପ ହେବ ବୋଲି ବିଶ୍ୱାସ।

## କାଳକାଳକୁ



**"ସୁଖୀ ହେବା ଅତି ସରଳ, କିନ୍ତୁ ସରଳ ହେବା ଅତି କଠିନ।"**

**– ରବୀନ୍ଦ୍ରନାଥ ଠାକୁର**

**ରବୀନ୍ଦ୍ରନାଥ ଠାକୁରଙ୍କ** ଜନ୍ମ ୭ ମେ ୧୮୬୧ରେ ଓ ପରଲୋକ ୭ ଅଗଷ୍ଟ ୧୯୪୧ରେ, କୋଲକାତା ଯୋଡ଼ାଶଙ୍କର ଠାକୁରବାଡ଼ିରେ। ତାଙ୍କର ପ୍ରସିଦ୍ଧ ରଚନାଗୁଡ଼ିକ ମଧ୍ୟରୁ କେତୋଟି ହେଉଛି– 'ଗୀତାଞ୍ଜଳି', 'ଘରେ ବାଇରେ', 'ଭାରତ ଭାଗ୍ୟବିଧାତା' ଓ 'ଗୋରା'। 'ଗୀତାଞ୍ଜଳି' ପାଇଁ ୧୯୧୩ରେ ତାଙ୍କୁ ମିଳେ ସାହିତ୍ୟ ନିମିତ୍ତ ନୋବେଲ ପୁରସ୍କାର। ପ୍ରସିଦ୍ଧ କାବ୍ୟଗ୍ରନ୍ଥ ମଧ୍ୟରେ 'ମାନସୀ', 'ସୋନାର ତରୀ' ଓ ନାଟକ ମଧ୍ୟରେ 'ଚିତ୍ରାଙ୍ଗଦା'କୁ ବାଦ୍ ଦେଲେ ପ୍ରାୟ ଦୁଇ ହଜାରରୁ ଅଧିକ ସଂଗୀତର ସେ ଗୀତିକାର, ଯାହା କେବଳ ବଙ୍ଗୀୟ ପାଠକ ନୁହନ୍ତି, ବିଶ୍ୱ–ପାଠକଙ୍କ ନିକଟରେ ଅତୀବ ପ୍ରିୟ।

## କବିତା

### ଅନୁଭବରେ

**ଡା. ମନୋରଞ୍ଜନ ଦାଶ**

ସବୁ କଥା କହି ହୁଏନି
କିଛି ରହିଯାଏ ମନ ଆଇନାର
ଫ୍ରେମ୍ ଭିତରେ।
ସବୁ ପାରିବାପଣ ଥାଇ ବି
ପ୍ରାପ୍ତି ହାତରୁ ଖସିଯାଏ।

ସବୁ ଇଚ୍ଛାମାନେ ପାଖକୁ ଆସନ୍ତିନି।
ଛାଏଁ ଛାଏଁ ଅକସ୍ମାତ୍
ଜୀବନ ଅଗଣାକୁ
କିଛି ଇଚ୍ଛା ଧସେଇ ପଶନ୍ତି।
ସବୁ ପ୍ରାପ୍ତିରେ ଶାନ୍ତି ନ ଥାଏ,
ଶାନ୍ତି ତ ସଫେଦ୍ ଗାଲିଚାରେ
ସ୍ଥିତପ୍ରଜ୍ଞଟିଏ।
ସାମର୍ଥ୍ୟ ଓ ଅସାମର୍ଥ୍ୟର
ଦୋଛକି ଖେଳରେ
ଜୀବନର ପାରାବାର।
ନିଜକୁ, ସମୟକୁ ଓ ଦୁନିଆକୁ
ବୁଝିବାପଣରେ
ବାଟ ଚାଲୁଚାଲୁ ଭୟ ଘାରେ...

ତଥାପି ନିଜେ ତ୍ୟାଗ, ନିଷ୍ଠା ଓ
ପ୍ରେମର ମହାର୍ଘ ରାସ୍ତାରେ
ଥକା ମାରି ବସିପଡୁଚି,
ଦିନ ଓ କାଳର ବୃକ୍ଷ ଛାଇ ତଳେ।

ମୋ: ୯୪୩୭୩୧୭୭୨୨

### କିଛି ଅପହଞ୍ଚ

**ମଞ୍ଜୁଲତା ସିଂହ**

କିଛି ଲୁହରେ...
ଓଦାହୁଏ ଗୋଲାପି ଗୋଧୂଳି
ଆଖିର ଏରୁଣ୍ଡି ଡେଇଁ
ମଧୁକ୍ଷରା କିଛି ମୁହୂର୍ତ୍ତମାନେ
ଝରିଯାଆନ୍ତି ଆବେଗରେ
ଅଦିନିଆ ବର୍ଷାଟୋପା ହୋଇ।

ଠିକ୍ ସେତିକି ବେଳେ
ତୁମେ ଦିଶିଯାଅ
ଝାପ୍ସା ଛାଇଟିଏ ହୋଇ...
ଅଦୂରରେ ନିମଗ୍ନ ସାଧକଟିଏ ପରି।

ତୁମକୁ ଚିହ୍ନିବାରେ କ'ଣ ଭୁଲ ହୁଏ ?
ଫେରେନା ମୋ ମେଘିଳ ଆଖିର
ଅସହାୟ ଅତୃପ୍ତ ଅପଲକ ଚାହାଣି।
କେତେ କେତେ ଦିନ, ମାସ, ବର୍ଷର
ଦୂରତାକୁ ଅତିକ୍ରମି
ତୁମେ କାହିଁକି ଚାଲିଆସ
କେଉଁ ଏକ ଦୁର୍ବାର ଆକାଂକ୍ଷାର
ମୋହରେ ଅନ୍ଧ ହୋଇ ?
କାହିଁକି ଖୋଜିବସ ସାତଜନ୍ମ ପାଇଁ
ହଜି ସାରିଥିବା ଠିକଣାକୁ ?
କେଉଁ ପ୍ରତ୍ୟାଶାରେ ଲେଉଟାଅ
ଲୁହଲହୁ ଭିଜା ପ୍ରତିଶ୍ରୁତିର ପୃଷ୍ଠା ?
ଏବେ ତ ଅଦିନ ବସନ୍ତଟିଏ ତୁମେ...
ନିଃଶବ୍ଦରେ ଆସ ଯାଅ
ନା ଥାଏ ବଉଳର ବାସ୍ନା...
ନା ମଳୟର ପ୍ରୀତିମୟ ସ୍ପର୍ଶ।

ତଥାପି ତୁମ ବିବଶପଣରେ ଥାଏ
କିଛି ବିଶ୍ୱାସର ମହମହ ବାସ୍ନା
ମାର୍ମିକତାର ଦଲକାଏ ଶୀତଳତା
ମୋତେ ବିବଶ କରେ ଅନୁଭବିବାକୁ...
ତ୍ୟାଗରେ ବି ଥାଏ କିଛି ମଧୁର
ଆବେଗ
କିଛି ବିଧୁରିତ ବିହ୍ୱଳତା...
ଅମ୍ଳାନ ଚିର ବସନ୍ତର ସ୍ମୃତି...।

ଏବେ ଆମ ଅବାସ୍ତବ ଦୁନିଆରେ
ଦୂରରେ ଥାଅ କଳ୍ପିତ ଛାଇଟିଏ
ହୋଇ...
ଅପ୍ରାପ୍ତ ବସ୍ତୁଟିଏ ଭଳି...
କାରଣ... ସବୁ ଦୂର ଜିନିଷ ହିଁ ସୁନ୍ଦର
ଯାହା ଆବୋରିଥାଏ
ଆତ୍ମା ଓ ହୃଦୟକୁ
ଏକ ଅଦୃଶ୍ୟ ଆବେଶରେ
ଚିରକାଳ।

ମୋ: ୮୮୪୭୮୫୨୯୧୭

ଗୀତି–କବିତା

### କୃଷ୍ଣଚୂଡ଼ା

**ସନ୍ୟାସୀ ନାୟକ**

କେମିତି କହିବି
କହ କୃଷ୍ଣଚୂଡ଼ା
ମୋ' ଛାତିର ଯନ୍ତ୍ରଣା ତୋତେ,
ତୋ' ଲାଗିରେ ଆଜି
ପ୍ରିୟା ମନେପଡ଼େ
ପରବାସେ ଆଜି କେତେ...

କେଜାଣି କାହିଁକି
ତୋ' ଫୁଲରେ ଦେଖେ
ମୋ' ପ୍ରିୟା ଓଠ ଖିଲିଖିଲି,
ତୋ' ନାଲି ମୁରୁଜର
ପାଖୁଡ଼ା ଉପରେ
ପ୍ରିୟା ଓଠ ମଖମଲି...

ତୋ' ଗଭାରେ ଗଭାରେ
ଶୋଭା ବିମଣ୍ଡିତ
ଫୁଲର ଭୂଷଣ ଦୋଳି,
ଫୁଲେଇ ପ୍ରିୟା ମୋ'
ଭୂଷଣ ପାଗଳୀ
କେତେ କରୁଥା'ନ୍ତା ଅଳି...

ନିଦାଘର ଏହି
ଦାରୁଣ ଅରୁଣେ
ତୁ ହସୁଛୁ କୁରୁଳି କୁରୁଳି,
ତୋ' ରୂପ ଲାବଣ୍ୟେ
ମୋ' ମନର ବନ,
ଈର୍ଷାରେ ଯାଉଛି ଜଳି...

ମୋ: ୯୪୩୭୩୫୨୫୬୦

## କ୍ଷୁଦ୍ରଗଳ୍ପ

### ବଦଳି

**ପ୍ରଦୀପ କୁମାର ମହାପାତ୍ର**

ସରକାରଙ୍କ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ସବୁ ଯେଉଁ ବିରାଟ ବହୁତଳ ବିଶିଷ୍ଟ ଅଟ୍ଟାଳିକାରେ ଅଛି ତା'ର ଚତୁର୍ଥ ମହଲାରେ ଶିକ୍ଷା ବିଭାଗର କାର୍ଯ୍ୟାଳୟ। ଘଟଣାକ୍ରମେ ସେଇଠି ଦିନେ ଅପରାହ୍ଣରେ ଦୁଇଜଣ ପରସ୍ପର ଚିହ୍ନାଜଣା ଅବସରପ୍ରାପ୍ତ ପ୍ରଫେସରଙ୍କର ଦେଖାସାକ୍ଷାତ ହେଲା। ଅର୍ଥନୀତିର ପ୍ରଫେସର ଡ. ନୀତିମୋହନ ଓ ଦର୍ଶନ ଶାସ୍ତ୍ରର ପ୍ରଫେସର ଡ. ବିଶ୍ୱରଞ୍ଜନ ତିରିଶବର୍ଷ ପୂର୍ବେ ରାଜଧାନୀଠାରୁ ଦୁଇଶହ କିମି ଦୂରରେ କୌଣସି ଏକ ସରକାରୀ ମହାବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଚାକିରି କରିବାର ଦୁଇବର୍ଷ ପରେ ନୀତିମୋହନ ବଦଳି ହୋଇଆସିଲେ ଭୁବନେଶ୍ୱରକୁ, କିନ୍ତୁ ବିଶ୍ୱରଞ୍ଜନ ସେଇ ଉପାନ୍ତ ଅଞ୍ଚଳରେ କର୍ମ ଆଦରି ଶିକ୍ଷାଦାନରେ ବ୍ୟସ୍ତ ରହିଲେ। ଶିକ୍ଷାଦାନ କରି ଆଦର୍ଶ ଶିକ୍ଷକ ରୂପେ ଚିହ୍ନିତ ହେଲେ ମଧ୍ୟ। ଦୀର୍ଘ ଏତେ ବର୍ଷର ବ୍ୟବଧାନ ପରେ ଏ ଦେଖାସାକ୍ଷାତ। ପରସ୍ପର କିଛି ସମୟ ଚାହାଁଚାହିଁ ହେବା ପରେ ଜଣେ ଆରଜଣକୁ ଆବିଷ୍କାର କରିବା ପାଇଁ ସ୍ୱଳ୍ପ ସମୟ ଲାଗିଥିଲା ନିଶ୍ଚୟ। ଉଭୟ ପ୍ରଥମେ ଆଶ୍ଚର୍ଯ୍ୟଚକିତ ହୋଇ ତତ୍‌ପରେ ମୃଦୁଆନନ୍ଦ ପ୍ରକାଶ କରି ପରସ୍ପରର କୁଶଳ ଜିଜ୍ଞାସା କଲେ।

ନୀତି ମୋହନ– ଓଃ, ତାହାହେଲେ ରଞ୍ଜନବାବୁ ଭୁବନେଶ୍ୱରରେ, ଆପଣ କୋଉଠି ରହୁଛନ୍ତି ? ନିଜ ଘର ନା ଆପାର୍ଟମେଣ୍ଟ ?

ବିଶ୍ୱରଞ୍ଜନ– ନା ଭୁବନେଶ୍ୱରରେ ନୁହେଁ ମ! ମୁଁ ଫୁଲବାଣୀରେ ରହୁଛି। ପେନ୍‌ସନ କାର୍ଯ୍ୟଟି ତଦାରଖ କରିବା ସକାଶେ ବସ୍‌ରେ ଆସିଥିଲି। ସନ୍ଧ୍ୟାକୁ ପୁଣି ଫେରିଯିବି।

ନୀତି ମୋହନ– ଆଶ୍ଚର୍ଯ୍ୟ! ଆପଣ ସେଇଠି ଏଯାଏଁ! ଆଉ ଆପଣଙ୍କର ବଦଳି କ'ଣ ହୋଇନଥିଲା ଅନ୍ୟ କୌଣସି ମହାବିଦ୍ୟାଳୟକୁ? ଏହା କହିବାବେଳକୁ ନୀତିମୋହନଙ୍କ ଆଖି ଦୁଇଟି ଢେର୍ ବଡ଼ ହୋଇଯାଇଥିଲା ଓ ଅପରପକ୍ଷରେ ବିଶ୍ୱରଞ୍ଜନଙ୍କର ଆଖି ଦିଓଟି ଢେର୍ କ୍ଷୁଦ୍ରାକୃତି ଧାରଣ କରିସାରିଥିଲା।

ଉଭୟଙ୍କ ବାର୍ତ୍ତାଳାପରୁ ଯାହା ଜଣାଗଲା ତା' ହେଲା– ପ୍ରତିବର୍ଷ ବିଶ୍ୱରଞ୍ଜନ ବଦଳି ପାଇଁ ବିଭାଗୀୟ ମୁଖ୍ୟଙ୍କୁ ଯଥାରୀତି ଆବେଦନ କରିଆସୁଥିଲେ। ତାଙ୍କ ଭଳି ଅନେକ ଆଶାୟୀ ଆବେଦନ କରି ଭିନ୍ନ ଭିନ୍ନ ସମୟରେ ବଦଳି ହୋଇଗଲେ ମଧ୍ୟ। କିନ୍ତୁ ସେ ନିରାଶ ନ ହୋଇ ନିଜ ପାଳିକୁ ଯାହା ଅପେକ୍ଷା କରି ରହିଥା'ନ୍ତି। ତା'ଛଡ଼ା ବଦଳି ହେବା କ'ଣ ଏତେ ସହଜ ବ୍ୟାପାର ? ତାଙ୍କର ଦୃଢ଼ ବିଶ୍ୱାସ ବିଭାଗୀୟ ଅଧିକାରୀମାନେ ମାମଲା ସବୁର ଗୁରୁତ୍ୱକୁ ପୁଙ୍ଖାନୁପୁଙ୍ଖ ବିଚାର ପୂର୍ବକ ବଦଳି ଆଦେଶ ନିର୍ଦ୍ଧାରଣ କରିବେ। ଯା' ଭିତରେ ବିଶ୍ୱରଞ୍ଜନଙ୍କ ପିଲାଛୁଆ ସେଇ ଛୋଟ ସହରରେ ବଡ଼ ହୋଇ ନିଜ ନିଜର ସାମର୍ଥ୍ୟ ମୁତାବକ କର୍ମସଂସ୍ଥାନରେ ନିୟୋଜିତ ହେଲେଣି। କିନ୍ତୁ ଚାକିରି ଶେଷ ଯାଏ ବିଶ୍ୱରଞ୍ଜନ ବଦଳି ପାଇଁ ଆବେଦନ କରିବାରେ କେବେ ହେଳା କରିନାହାନ୍ତି। ତାଙ୍କର ବିଶ୍ୱାସ ଯେ, ତାଙ୍କର ବଦଳି ବିଭାଗ ତରଫରୁ ନିଶ୍ଚୟ କାର୍ଯ୍ୟକାରୀ ହେବ। କେବଳ ବେଳକାଳକୁ ଅପେକ୍ଷା ଯାହା। ହେଲେ ସମୟାନ୍ତରରେ କାର୍ଯ୍ୟାଳୟ, ତା'ର ଅଧିକାରୀଗଣ ଓ ସରକାର ଯା'ଭିତରେ ପାଞ୍ଚ କି ଛ' ଥର ବଦଳି ସାରିଥିଲେ ବି ଏତେ ବଡ଼ ନାମକରା ପ୍ରଫେସରଙ୍କର ବଦଳି ହୋଇପାରିଲା ନାହିଁ।

ଘଟଣାଟି ସବୁ ଆମୂଳଚୂଳ ଶୁଣି ସାରି ସଂସାର ବିଦ୍ୟାରେ ପାରଙ୍ଗମ ନୀତିମୋହନ ହସିବେ, କାନ୍ଦିବେ ନା ଶୋକ ପ୍ରକାଶ କରିବେ ଅଥବା ଭୀଷଣ ଅଟ୍ଟହାସ୍ୟ କରି ପରିସ୍ଥିତିକୁ ହାଲୁକା କରିଦେବେ, ସହସା ତାଙ୍କ ମୁଣ୍ଡକୁ କିଛି ବୁଦ୍ଧି ଜୁଟିଲା ନାହିଁ। ଅଳ୍ପ ସମୟ ପରେ ସେ ଖୁବ୍ ଶାନ୍ତ ଅଥଚ ଗମ୍ଭୀର ହୋଇ କହିଲେ– ଭାଇ ରଞ୍ଜନ ବୁଝିଲ, ଏଠି କେହି କାହାର ବଦଳି କରନ୍ତି ନାହିଁ। ନିଜର ବଦଳି ନିଜକୁ କରିବାକୁ ହୋଇଥାଏ। ଅବଶ୍ୟ ଏଥିପାଇଁ ଅନ୍ୟ ଏକ ଦର୍ଶନର ଆବଶ୍ୟକତା ଥିଲା। ଏ ବିଦ୍ୟାର ଉଲ୍ଲେଖ ପାଠ ବହିରେ ତ ଆଦୌ ନାହିଁ। ଏହା କହିସାରି ସେ ସ୍ଥାନ ଛାଡ଼ି ଅବିଳମ୍ବେ ଚାଲିଗଲେ।

ପେନ୍‌ସନ କାର୍ଯ୍ୟସାରି ବିଶ୍ୱରଞ୍ଜନ ବସ୍‌ରେ ଫୁଲବାଣୀ କିପରି ଫେରିଲେ ସେ କଥା କହି କିଛି ଲାଭ ନାହିଁ। କିନ୍ତୁ ପଡ଼ିଶା ଲୋକଙ୍କ ଅଭିଯୋଗ, ସେ ଆଉ କାହା ସହିତ ପୂର୍ବ ଭଳି ମିଳାମିଶା କରୁନାହାନ୍ତି। ସ୍ତ୍ରୀ ବି ସେଇ କଥା ଠିକ୍ ଠଉରେଇ ପାରିଛନ୍ତି। କ'ଣ ଗୋଟିଏ ଜୀବନ ଦର୍ଶନର ସୁରାକ ପାଇଗଲେ ଯେ, ଦର୍ଶନବିଦ୍ୟାର ପ୍ରଫେସର ଏକବାର ଶାନ୍ତ ପଡ଼ିଯାଇଛନ୍ତି। ଅବଶ୍ୟ ଏପରି ହଠାତ୍ ଚଳଚଞ୍ଚଳ ଲୋକଟା ଶାନ୍ତ ପଡ଼ିଯିବାଟା ସଂସାର ଦୃଷ୍ଟିରୁ ଶୁଭଙ୍କର ନୁହେଁ।

ମୋ: ୮୨୮୦୪୫୫୪୮୦




ଫ୍ରେଞ୍ଚ୍ ଓପନ ଟେନିସ ତୃତୀୟ ରାଉଣ୍ଡ ଅବସରରେ ଆରିନା ସାବାଲେଙ୍କା।

# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା, ପାଭ୍‌ଲ୍ୟୁଚେଙ୍କୋଭା

**ଫ୍ରେଞ୍ଚ୍ ଓପନ ଟେନିସ**

ପ୍ୟାରିସ, ୨।୬

ଆରିନା ସାବାଲେଙ୍କା, ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା, ଏଲିସ ମେର୍ଟେନ୍ସ, ଡାରିଆ କାସାଟ୍‌କିନା ପ୍ରମୁଖ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ସାବାଲେଙ୍କା ୬-୨, ୬-୨ ସେଟ୍‌ରେ କାମିଲା ରାଖିମୋଭା, ପାଭ୍‌ଲ୍ୟୁଚେଙ୍କୋଭା ୪-୬, ୬-୩, ୬-୦ରେ ଆନାସ୍ତାସିଆ ପୋଟାପୋଭାଙ୍କୁ ପରାସ୍ତ କରିଛନ୍ତି। ସେହିପରି ମେର୍ଟେନ୍ସ ୬-୧, ୬-୩ରେ ଜେସିକା ପେଗୁଲା, କାସାଟ୍‌କିନା ୬-୦, ୬-୧ରେ ପେଟନ ଷ୍ଟିଅର୍ନ୍ସଙ୍କୁ ହରାଇ ଦେଇଛନ୍ତି। ଅନ୍ୟଏକ ମ୍ୟାଚରେ ଏଲିନା ସ୍ୱିତୋଲିନା ୨-୬, ୬-୨, ୭-୫ ସେଟ୍‌ରେ ଆନା ବ୍ଲିଙ୍କୋଭାଙ୍କୁ ପରାସ୍ତ କରିଛନ୍ତି। ପରାଜିତ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଆମେରିକାର ପେଗୁଲା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କୁ ହରାଇଥିବା ମେର୍ଟେନ୍ସ ୨୮ତମ ର୍‍ୟାଙ୍କ୍‌ରେ ଅଛନ୍ତି। ଗତ ୫ଟି ବଡ଼ ଟୁର୍ନାମେଣ୍ଟ ମଧ୍ୟରୁ ୪ଟିରେ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏହା ମଧ୍ୟରେ ଗତବର୍ଷର ଫ୍ରେଞ୍ଚ୍ ଓପନ ସାମିଲ। ଏହା ପୂର୍ବରୁ ୫ମ ସିଡ୍ କାରୋଲିନା ଗାର୍ସିଆ, ୮ମ ସିଡ୍ ମାରିଆ ସାକାରି ଓ ୧୦ମ ସିଡ୍ ପେଟ୍ରା କ୍ୱିଟୋଭା ମଧ୍ୟ ଶୀଘ୍ର ବିଦାୟ ନେଇଛନ୍ତି।


ଜେସିକା ପେଗୁଲା।

## ଜୋକୋଭିଚ୍ ବିଜୟୀ

ପୁରୁଷ ସିଙ୍ଗଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ନୋଭାକ୍ ଜୋକୋଭିଚ୍ ୭-୬ (୭/୪), ୭-୬ (୭/୫), ୬-୨ ସେଟ୍‌ରେ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କୁ ପରାସ୍ତ କରିଛନ୍ତି। ୭ମ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କୁ ବିଦାୟ ପଥ ଦେଖାଇଛନ୍ତି ଲୋରେଞ୍ଜୋ ସୋନେଗୋ। ୫ ସେଟ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସୋନେଗୋ ୫-୭, ୦-୬, ୬-୩, ୭-୬ (୭/୫), ୬-୩ ସେଟ୍‌ରେ ରୁବଲେଭଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ୧୧ତମ ସିଡ୍ କରେନ ଖାଚାନୋଭ ୬-୪, ୬-୧, ୩-୬, ୭-୬ (୭/୫) ସେଟ୍‌ରେ ଥାନାସି କୋକିନାକିସ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।




# କୁସ୍ତିଯୋଦ୍ଧାଙ୍କୁ ୧୯୮୩ ବିଶ୍ୱକପ୍ ବିଜୟୀଙ୍କ ସମର୍ଥନ

## ତରବରିଆ ନିଷ୍ପତ୍ତି ନ ନେବାକୁ ପରାମର୍ଶ

ନୂଆଦିଲ୍ଲୀ, ୨।୬(ପି.ଟି.)

ବିକ୍ଷୋଭ ପ୍ରଦର୍ଶନକାରୀ କୁସ୍ତିଯୋଦ୍ଧାମାନଙ୍କୁ ୧୯୮୩ କ୍ରିକେଟ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟମାନେ ସମର୍ଥନ ଜ୍ଞାପନ କରିଛନ୍ତି। ଖେଳାଳିମାନଙ୍କ ବିଷୟ ଶୁଣାଯିବ ଏବଂ ସମାଧାନ କରାଯିବ ବୋଲି ସେମାନେ ଆଶା କରିଛନ୍ତି। ତେଣୁ ତରବରିଆ ଭାବେ କୌଣସି ନିଷ୍ପତ୍ତି ନ ନେବା ଲାଗି ପରାମର୍ଶ ଦେଇଛନ୍ତି। ୧୯୮୩ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟମାନେ ଏକ ମିଳିତ ବିବୃତିରେ କହିଛନ୍ତି, କୁସ୍ତିଯୋଦ୍ଧାଙ୍କ ଉପରେ ପୋଲିସର ବଳ ପ୍ରୟୋଗ ଦୃଶ୍ୟ ସେମାନଙ୍କୁ ବ୍ୟଥିତ ଓ ବିବ୍ରତ କରିଛି। କିନ୍ତୁ ଦେଶର ଆଇନ ବ୍ୟବସ୍ଥା ଉପରେ ସେମାନଙ୍କର ଭରସା ରହିଛି। ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ମୁଖ୍ୟ ବ୍ରିଜ୍ ଭୂଷଣ ଶରଣ ସିଂଙ୍କୁ ଗିରଫ କରିବା ଲାଗି ଭିନେଶ ଫୋଗତ, ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ ସମେତ ବହୁ କୁସ୍ତିଯୋଦ୍ଧା ଦାବିକରି ଆସୁଛନ୍ତି। ଗତ ମେ’ ୩୦ରେ ସେମାନେ ସମର୍ଥକମାନଙ୍କ ସହ ହରିଦ୍ୱାରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ ଦାବି ପୂରଣ ନ ହେଲେ ସେମାନେ ପବିତ୍ର ଗଙ୍ଗା ନଦୀରେ ସେମାନଙ୍କ ପଦକକୁ ବିସର୍ଜନ କରିଦେବେ ବୋଲି ଧମକ ଦେଇଥିଲେ। ସୂଚନାଯୋଗ୍ୟ, ଗତ ମେ’ ୨୮ରେ ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାମାନେ ନୂଆ ପାର୍ଲାମେଣ୍ଟ ଭବନ ଆଡକୁ ଅଗ୍ରସର ହେଉଥିବା ବେଳେ ଆଇନ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ପୋଲିସ ସେମାନଙ୍କୁ ଗିରଫ କରି ଅଟକ ରଖିଥିଲା। କେବଳ ସେତିକି ନୁହେଁ ପୋଲିସ ଯନ୍ତରମନ୍ତରସ୍ଥିତ କୁସ୍ତିଯୋଦ୍ଧାଙ୍କ ଧାରଣାସ୍ଥଳକୁ ଯାଇ ସେମାନଙ୍କ ଜିନିଷପତ୍ରକୁ ହଟାଇ ଦେଇଥିଲା। କୁସ୍ତିଯୋଦ୍ଧାମାନଙ୍କୁ ଆଉ ଧାରଣାରେ ବସିବାକୁ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ ସୂଚାଇ ଦିଆଯାଇଥିଲା। କୁସ୍ତିଯୋଦ୍ଧାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବହୁବର୍ଷର କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ପଦକ ହାସଲ କରାଯାଇପାରିଛି। ଏହି ପଦକଗୁଡ଼ିକ କେବଳ ଆମର ବ୍ୟକ୍ତିଗତ ନୁହେଁ, ବରଂ ଦେଶ ପାଇଁ ଗର୍ବ ଓ ଖୁସିର ବିଷୟ ବୋଲି କୁହାଯାଇଛି। କପିଳ ଦେବଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ କ୍ଲାଇଭ୍ ଲୟଡଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଏହା ୧୯୮୩ ବିଶ୍ୱକପ୍ ବିଜୟୀ ଦଳର ସମସ୍ତ ସଦସ୍ୟଙ୍କ ମିଳିତ ବିବୃତି ବୋଲି କପିଳ କହିଛନ୍ତି।



୧୯୮୩ ବିଶ୍ୱକପ ବିଜୟୀ ଦଳର ସଦସ୍ୟ କପିଳ ଦେବ, ମହିନ୍ଦର ଅମରନାଥ ଓ ସୟଦ କିର୍ମାନୀ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ